# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଜାନୁୟାରୀ ୧୦/୨୦୨୩ (୧୮ ପୃଷ୍ଠା) | Bhubaneswar, Tuesday, January 10/2023 | Page 18 | ₹ 7.00

୪୯ଶ ଭାଗ ୪୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 48 | ମୂଲ୍ୟ ₹୭/-





ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୧୦ ଜାନୁୟାରୀ, ୨୦୨୩

## ଅଟୋ-ଟ୍ରକ୍ ଧକ୍କା: ୭ ମୃତ

ବିହାର କଟିହାରରେ ଟ୍ରକ୍ ସହିତ ଅଟୋ ଧକ୍କା ହେବା ଫଳରେ ୭ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ଜଣେ ଶିଶୁ ଓ ୨ ଜଣ ମହିଳା ସାମିଲ ଅଛନ୍ତି। ଅଟୋଟି ଖେରିଆରୁ କଟିହାର ଅଭିମୁଖେ ଯାଉଥିବାବେଳେ ନିୟନ୍ତ୍ରଣ ହରାଇ ସାମ୍ନାକୁ ଆସୁଥିବା ଟ୍ରକ୍ ସହ ପିଟି ହୋଇଥିଲା। ଟ୍ରକ୍ ଡ୍ରାଇଭର ଘଟଣାସ୍ଥଳରୁ ଫେରାର ଥିବାବେଳେ ସ୍ଥାନୀୟ ପୋଲିସ ଘଟଣାର ତଦନ୍ତ ଚଳାଇଛି।



## ସଂକ୍ଷେପରେ

### ମାଟିରେ ମିଶିଲା ୫ ମହଲା କୋଚିଂ ସେଣ୍ଟର

**ଜୟପୁର, ୯।୧:** ରାଜସ୍ଥାନ ଜୟପୁର ଉନ୍ନୟନ ପରିଷଦ (ଜେଡିଏ) ସୋମବାର ଏକ ୫ ମହଲା ବିଶିଷ୍ଟ କୋଚିଂ ସେଣ୍ଟର ବିଲ୍ଡିଂକୁ ଭାଙ୍ଗି ମାଟିରେ ମିଶାଇଦେଇଛି। କୋଚିଂ ସେଣ୍ଟରକୁ ବେଆଇନ୍ ଭାବେ ନିର୍ମାଣ କରାଯାଇଥିବାରୁ ଜେଡିଏ ପକ୍ଷରୁ ଏ ପ୍ରକାର କାର୍ଯ୍ୟାନୁଷ୍ଠାନ ଦିଆଯାଇଥିବା କୁହାଯାଇଛି। ପୂର୍ବରୁ ଏ ନେଇ ବିଲ୍ଡିଂ ମାଲିକ ଅନିଲ ଅଗ୍ରୱାଲ, କୋଚିଂ ସେଣ୍ଟର ଅପରେଟର ସୁରେଶ ଡାକା, ଭୂପେନ୍ଦ୍ର ସରନ, ଧର୍ମେନ୍ଦ୍ର ଚୌଧୁରୀଙ୍କୁ ନୋଟିସ କରାଯାଇଥିଲା। କିନ୍ତୁ ସେମାନଙ୍କଠାରୁ ସନ୍ତୁଷ୍ଟଜନକ ଉତ୍ତର ନ ମିଳିବା ଯୋଗୁ ପରିଷଦ ପକ୍ଷରୁ କୋଚିଂ ସେଣ୍ଟର ଭାଙ୍ଗିବା ନିଷ୍ପତ୍ତି ନିଆଯାଇଥିଲା। ଅନ୍ୟପକ୍ଷେ ରାଜ୍ୟରେ ଗ୍ରେଡ୍-୨ ଶିକ୍ଷକ ନିଯୁକ୍ତି ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ଘଟଣାରେ କୋଚିଂ ସେଣ୍ଟର ଅପରେଟର୍‌ଙ୍କ ସମ୍ପୃକ୍ତି ଥିବା ଜଣାପଡ଼ିଛି। ଏ ମାମଲାରେ ମୋଟ ୫୫ ଜଣଙ୍କୁ ଗିରଫ କରାଯାଇଥିବାବେଳେ ସେମାନଙ୍କ ମଧ୍ୟରୁ ୩୭ ଜଣ ପରୀକ୍ଷାର୍ଥୀ ରହିଛନ୍ତି।

### ସ୍ତ୍ରୀଙ୍କୁ ହତ୍ୟା ପରେ ଆତ୍ମହତ୍ୟା କଲେ ଯବାନ

**ଚଣ୍ଡିଗଡ଼, ୯।୧:** ପଞ୍ଜାବ ଫିରୋଜପୁରରେ ରହୁଥିବା ଆର୍ମି ଲ୍ୟୁଟନାଣ୍ଟ କୋଲୋନେଲ ନିଶାନ୍ତ ତାଙ୍କ ସ୍ତ୍ରୀ ଡିମ୍ପଲଙ୍କୁ ହତ୍ୟା କରିବା ପରେ ନିଜେ ଆତ୍ମହତ୍ୟା କରିଛନ୍ତି। ତାଙ୍କ ନିକଟରୁ ପୋଲିସ ଏକ ସୁଇସାଇଡ୍ ନୋଟ୍ ଜବତ କରିଛି। ସ୍ୱାମୀସ୍ତ୍ରୀଙ୍କ ମଧ୍ୟରେ ସବୁବେଳେ କଳିଗୋଳ ଲାଗି ରହିଥିବାବେଳେ ଏ ନେଇ ସେମାନଙ୍କର କାଉନ୍‌ସେଲିଂ ଚାଲିଥିଲା ବୋଲି ନିଶାନ୍ତ ନୋଟ୍‌ରେ ଉଲ୍ଲେଖ କରିଛନ୍ତି। ସ୍ଥାନୀୟ ପୋଲିସ ଓ ଆର୍ମି ପକ୍ଷରୁ ଘଟଣାର ତଦନ୍ତ ଚାଲିଛି।

### ଗୁଟ୍‌ଖା ପାଉଚ୍‌ରୁ ମିଳିଲା ୪୦ ହଜାର ଡଲାର

**କୋଲକାତା, ୯।୧:** କୋଲକାତା ବିମାନବନ୍ଦରରେ ସୀମାଶୁଳ୍କ ଅଧିକାରୀମାନେ ସିଲ୍ ହୋଇଥିବା ଶତାଧିକ ଗୁଟ୍‌ଖା ପାଉଚ୍‌ରୁ ୪୦ ହଜାର ଡଲାର (ପ୍ରାୟ ୩୨ ଲକ୍ଷ ଟଙ୍କା) ଜବତ କରିଛନ୍ତି। ଅଫିସରମାନେ ଗୁଟ୍‌ଖା ଜରି ଖୋଲୁଥିବାବେଳେ ସେଥିରୁ ୧୦ ଡଲାର ଲେଖାଏ ବାହାରୁଥିବାର ଭିଡିଓ ସାମ୍ନାକୁ ଆସିଛି। ସେଗୁଡ଼ିକୁ ଭାଙ୍ଗି ସ୍ୱଚ୍ଛ ପ୍ଲାଷ୍ଟିକ୍‌ରେ ଗୁଡ଼ାଯାଇ ପାନ ମସଲା ପାଉଚ୍‌ରେ ସିଲ୍ କରାଯାଇଥିଲା। ଏକ ବଡ଼ ଟ୍ରଲିବ୍ୟାଗରେ ଏହି ଗୁଟ୍‌ଖା ପ୍ୟାକେଟ ଆସିଥିଲା। ଏୟାର ଇଣ୍ଟେଲିଜେନ୍ସ ୟୁନିଟ୍ ଅଫିସରଙ୍କଠାରୁ ସୂଚନା ପାଇ କୋଲକାତା ସୀମାଶୁଳ୍କ ବିଭାଗ ଅଧିକାରୀମାନେ ଯାତ୍ରୀଜଣକୁ ପିଛା କରିଥିଲେ। ସେ ଏତେ ପରିମାଣରେ ଡଲାର ଲୁଚାଇ ବ୍ୟାଙ୍କକ୍ ନେବାକୁ ଉଦ୍ୟମ କରୁଥିଲେ।

### ଟ୍ରେନ୍‌ରେ କଟିଗଲା ମହିଳାଙ୍କ ଦୁଇ ଗୋଡ଼

**ସୁଲତାନପୁର, ୯।୧:** ଉତ୍ତର ପ୍ରଦେଶ କୋଟୱାଲିରେ ମହିଳାଙ୍କ ଉପରେ ଟ୍ରେନ୍ ଚଢ଼ିଯିବା କାରଣରୁ ତାଙ୍କ ଦୁଇଗୋଡ଼ କଟିଯାଇଛି। ୪୦ ବର୍ଷୀୟା ସତନା ନିଶାଦ ରେଳଧାରଣା ପାର୍ ହେଉଥିବାବେଳେ ଟ୍ରେନ୍ ତାଙ୍କ ଉପାର ଚଢ଼ିଯାଇଥିଲା। ଚିକିତ୍ସା ପାଇଁ ତାଙ୍କୁ ଜିଲା ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଘନ କୁହୁଡ଼ି ଯୋଗୁ ରେଳଧାରଣାରେ ଟ୍ରେନ୍ ଆସୁଥିବାର ସେ ଦେଖିପାରି ନ ଥିବା ପୋଲିସ କହିଛି।

# ସରକାରଙ୍କ ଉଦାସୀନତା ଦାୟୀ

## ୨୦୦୧ରେ ସତର୍କ କରାଯାଇଥିଲା: ବିଶେଷଜ୍ଞ


ଜୋଷୀମଠରେ ଫାଟ

ନୂଆଦିଲ୍ଲୀ, ୯।୧

ଜୋଷୀମଠ ଓ ଏହାର ଆଖପାଖ ଅଞ୍ଚଳ ବିପଦପୂର୍ଣ୍ଣ ଜୋନ୍‌ରେ ଥିବା ନେଇ ଉତ୍ତରାଖଣ୍ଡ ସରକାରଙ୍କୁ ୨୦୦୧ରେ ରିପୋର୍ଟ ଦିଆଯାଇଥିଲା ବୋଲି ପରିବେଶ ବିଜ୍ଞାନୀ ଚଣ୍ଡି ପ୍ରସାଦ ଭଟ୍ଟ କହିଛନ୍ତି। ରିମୋଟ୍ ସେନ୍ସିଂ ଏବଂ ଜିଓଗ୍ରାଫିକ୍ ଇନ୍‌ଫର୍ମେଶନ ସିଷ୍ଟମ୍ (ଜିଆଇଏସ୍) ବ୍ୟବହାର କରାଯାଇ ଏହି ଅଧ୍ୟୟନ ହୋଇଥିଲା। ଏଥିରେ ନ୍ୟାଶନାଲ ରିମୋଟ ସେନ୍ସିଂ ଏଜେନ୍ସି ସମେତ ୧୨ଟି ପ୍ରମୁଖ ବିଜ୍ଞାନ ସଂଗଠନ ସାମିଲ ହୋଇଥିଲେ। ଜୋଷୀମଠର ୧୨୪.୫୪ ବର୍ଗ କିଲୋମିଟର ଅଞ୍ଚଳକୁ ଜୋନ୍ ଅନୁଯାୟୀ ମ୍ୟାପିଙ୍ଗ୍ କରାଯାଇଥିଲା ଏବଂ ଏହାର ୯୯ ପ୍ରତିଶତ ଅଞ୍ଚଳ ଭୂସ୍ଖଳନ ପ୍ରବଣ ବୋଲି ସତର୍କ କରିଦିଆଯାଇଥିଲା। ସେଥିରୁ ୩୯ ପ୍ରତିଶତ ସବୁଠୁ ବିପଜ୍ଜନକ ଜୋନ୍‌ରେ ଥିବାବେଳେ ୨୮ ପ୍ରତିଶତ ମଧ୍ୟମ ଓ ୨୯ ପ୍ରତିଶତ କମ୍ ବିପଦପୂର୍ଣ୍ଣ ବୋଲି ଦର୍ଶାଯାଇଥିଲା। ତେବେ ସରକାରୀ ଉଦାସୀନତା ଯୋଗୁ ଉକ୍ତ ଅଞ୍ଚଳର ସୁରକ୍ଷା ଲାଗି କୌଣସି ପଦକ୍ଷେପ ନିଆଯାଇପାରି ନ ଥିଲା। ୨୦୧୩ରେ କେଦାରନାଥରେ ପ୍ରଳୟଙ୍କର ବର୍ଷାରେ ବହୁ ଲୋକଙ୍କ ଜୀବନ ଯିବା ପରେ ସରକାର ସମାଲୋଚିତ ହୋଇଥିଲେ। ସରକାର ଯଦି କାର୍ଯ୍ୟ ନ କରନ୍ତି, ତେବେ ଅଧ୍ୟୟନ ପରେ ଅଧ୍ୟୟନ କରାଗଲେ ମଧ୍ୟ କିଛି ଫଳ ହେବ ନାହିଁ ବୋଲି ଭଟ୍ଟ କହିଛନ୍ତି।

ବୃହତ୍ ଉନ୍ନୟନମୂଳକ ପ୍ରକଳ୍ପ ଯୋଗୁ ଉତ୍ତରାଖଣ୍ଡ ଜୋଷୀମଠ ଭୂମି ଦବୁଥିବା କୁହାଯାଉଛି। ତେବେ ସରକାର ପୂର୍ବ ରିପୋର୍ଟଗୁଡ଼ିକୁ ଅଣଦେଖା କରିଥିଲେ ବୋଲି ବିଶେଷଜ୍ଞମାନେ କହିଛନ୍ତି। ହିମାଳୟ ଅଞ୍ଚଳରେ ଅବସ୍ଥିତ ଏହି ସହରର ବିଭିନ୍ନ ଘରେ ଓ ରାସ୍ତାରେ ବିଶାଳ ଫାଟ ସୃଷ୍ଟି ହେବା ପରେ ବିଶେଷଜ୍ଞମାନେ ଏହାର କାରଣ ଖୋଜିବାରେ ଲାଗିପଡ଼ିଛନ୍ତି। ଜୋଷୀମଠ ଦବିବା ନେଇ ବହୁ ଦଶନ୍ଧି ପୂର୍ବରୁ ସତର୍କ କରାଯାଇଥିଲା। ଜଳରସାୟନ ଅଧ୍ୟୟନରୁ ସହର ଦବିବା ସମ୍ପର୍କରେ ମୂଳ ତଥ୍ୟ ଜାଣିବାରେ ସହାୟକ ହେବ ବୋଲି ବିଶେଷଜ୍ଞମାନେ କହିଛନ୍ତି। ଗତବର୍ଷଠାରୁ ଜୋଷୀମଠରେ ଫାଟ ଦେଖାଦେଲାଣି। ଡେରାଡୁନ୍‌ର ୱାଡିଆ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହିମାଳୟାନ ଜିଓଲୋଜିର ଭୂତତ୍ତ୍ୱବିଜ୍ଞାନୀ ଡ. ମନୀଷ ମେହେଟ୍ଟାଙ୍କ କହିବା ଅନୁଯାୟୀ ୧୯୭୬ରେ ପ୍ରକାଶିତ ଜୋଷୀମଠ ରିପୋର୍ଟରେ କୁହାଯାଇଥିଲା ପର୍ବତ ଉପରୁ ଖସିଥିବା ମାଟି ଓ ଶିଳାଖଣ୍ଡରେ ଜୋଷୀମଠ ଗଠିତ ହୋଇଛି। ସେହି ଅଞ୍ଚଳରେ ନିର୍ମାଣ କାର୍ଯ୍ୟ ନ କରିବାକୁ ମିଶ୍ର କମିଟି ରିପୋର୍ଟରେ କୁହାଯାଇଥିଲା। ଏକାଦଶ ଏବଂ ଦ୍ୱାଦଶ ଶତାବ୍ଦୀରେ ଜୋଷୀମଠ ପ୍ରତିଷ୍ଠା ହୋଇଥିଲା। ଏହା ଦୁଇଟି ଡ୍ରେନେଜ୍ ଏଟି କମ୍ପାନୀ ନାଲା ଏବଂ ସିଙ୍ଘଧର ନାଲା ମଧ୍ୟଭାଗରେ ଅବସ୍ଥିତ। ଏହା ତଳେ ଧୂଳି ଓ ଭଗ୍ନାବଶେଷ ରହିଛି। ଏଥିସହିତ ସେଠାରେ କାଦୁଅ ଥିବାରୁ ବହୁବର୍ଷ ପୂର୍ବେ ଏହାର ମାଟି ତଳେ ଗ୍ଲାସିୟର ଥିଲା ବୋଲି ବିଶେଷଜ୍ଞମାନେ କହିଛନ୍ତି। ଜୋଷୀମଠ ସହର ଉପଯୁକ୍ତ ଯୋଜନାରେ ନିର୍ମାଣ ହୋଇ ନ ଥିବାରୁ ସେଠାରେ ଡ୍ରେନେଜ୍ ବ୍ୟବସ୍ଥା ନାହିଁ। ଏନ୍‌ଟିପିସି ସୁଡଙ୍ଗ ମାଟି ଦବିବାର କାରଣ ହୋଇପାରେ ବୋଲି ଚର୍ଚ୍ଚା ହେଉଥିବାବେଳେ ଜିଏସ୍‌ଆଇ, ଆଇଆଇଟି ରୁର୍‌କୀ, ଡବ୍ଲ୍ୟୁଆଇଏଚ୍‌ଜିର ବିଶେଷଜ୍ଞମାନେ ଏନେଇ କୌଣସି ମନ୍ତବ୍ୟ ଦେଇନାହାନ୍ତି।

### ବିପଦସଙ୍କୁଳ ବିଲ୍ଡିଂ ଚିହ୍ନଟ କଲା ପ୍ରଶାସନ

ଉତ୍ତରାଖଣ୍ଡ ଚମୋଲି ଜିଲାର ଜୋଷୀମଠରେ ଜିଲା ପ୍ରଶାସନ ପକ୍ଷରୁ ବିଦପସଙ୍କୁଳ ବିଲ୍ଡିଂ ଚିହ୍ନଟ କରାଯାଇ ସେଗୁଡ଼ିରେ ନାଲିଛକି ଚିହ୍ନ ଦିଆଯାଇଛି। ଯେଉଁ କୋଠାରେ ରହିବା ବିପଜ୍ଜନକ ସେଠାକାର ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ସିନ୍ଧି ଗାନ୍ଧୀନଗର ଏବଂ ମନୋହର ବାଗର କିଛି ବିଲ୍ଡିଂକୁ ବିପଦସଙ୍କୁଳ ବୋଲି ଚିହ୍ନଟ କରାଯାଇଥିବା ଜିଲାପାଳ ହିମାଂଶୁ ଖୁରାନା କହିଛନ୍ତି। ଘର କାନ୍ଥ ଫାଟିବା ଏବଂ ରାସ୍ତା ମାଟି ତଳକୁ ଧସେଇ ହେବା ଯୋଗୁ ଜୋଷୀମଠକୁ ଭୂସ୍ଖଳନ ପ୍ରବଣ ଜୋନ୍ ଭାବେ ଘୋଷଣା କରାଯାଇଛି। ଜୋଷୀମଠ ସ୍ଥିତି ଉପରେ କେନ୍ଦ୍ର ସରକାରଙ୍କ ନଜର ରହିଛି। ଦେଶର ପ୍ରମୁଖ ୭ ଅର୍ଗାନାଇଜେଶନ୍‌ର ଏକ୍ସପର୍ଟମାନଙ୍କୁ ନେଇ ଏକ ଟିମ୍ ଗଠନ କରିଛି କେନ୍ଦ୍ର, ଯାହା ଜୋଷୀମଠର ସ୍ଥିତି ସମୀକ୍ଷା କରିବ।

**ସବୁ ପ୍ରୋଜେକ୍ଟ ବନ୍ଦ କରିବାକୁ କଂଗ୍ରେସର ଦାବି**

ଅନ୍ୟପକ୍ଷେ ଜୋଷୀମଠକୁ ଜାତୀୟ ବିପର୍ଯ୍ୟୟ ଘୋଷଣା କରିବା ସହ ସହରରେ ଚାଲିଥିବା ସମସ୍ତ ନିର୍ମାଣାଧୀନ ପ୍ରୋଜେକ୍ଟକୁ ତୁରନ୍ତ ବନ୍ଦ କରିବାକୁ ଦାବି କରିଛି ବିରୋଧୀ କଂଗ୍ରେସ। ଜୋଷୀମଠ ସ୍ଥିତିକୁ ନେଇ ସାରା ଦେଶ ଚିନ୍ତିତ ଥିବା କଂଗ୍ରେସ ସଭାପତି ମଲ୍ଲିକାର୍ଜ୍ଜୁନ ଖାର୍ଗେ କହିଛନ୍ତି।



### କୁଇନ୍ କନସର୍ଟ କାମିଲା ଜଣେ ଭିଲେନ: ହ୍ୟାରି


କାମିଲା

ମାଡ୍ରିଡ୍, ୯।୧

ବ୍ରିଟେନ୍ ରାଜକୁମାର ହ୍ୟାରି ନିଜର ଅଟୋବାୟୋଗ୍ରାଫି 'ସ୍ପେୟାର'ରେ ସାବତ ମା' ତଥା ବ୍ରିଟେନ୍‌ର କୁଇନ୍ କନସର୍ଟ କାମିଲାଙ୍କୁ ଭିଲେନ ବୋଲି କହିଛନ୍ତି। ହ୍ୟାରି ଓ ତାଙ୍କ ବଡ଼ଭାଇ ୱିଲିୟମ୍ ବର୍ତ୍ତମାନର ରାଜା ଚାର୍ଲ୍ସ ତୃତୀୟଙ୍କୁ କାମିଲାଙ୍କୁ ବିବାହ ନ କରିବାକୁ ଅନୁରୋଧ କରିଥିଲେ। ହ୍ୟାରିଙ୍କ ମା' ଡାଏନାଙ୍କ ମୃତ୍ୟୁ ପରେ କାମିଲା ଚାର୍ଲ୍ସଙ୍କୁ ବାହା ହେବା ଲାଗି ଷଡ଼ଯନ୍ତ୍ର କରିଥିଲେ। କିଙ୍ଗ୍ ଚାର୍ଲ୍ସ, ୱିଲିୟମ୍ ଓ ପରିବାରକୁ ଭଲପାଇବା ସହ ଭବିଷ୍ୟତରେ ସେମାନେ ଏକାଠି ହେବେ ବୋଲି ହ୍ୟାରି ଆଶା ରଖିଥିବା କହିଛନ୍ତି।

### ଇରାନ୍‌ରେ ଆଉ ୩ଙ୍କୁ ଫାଶୀ

ତେହରାନ, ୯।୧

ଇରାନ ହିଜାବ ବିରୋଧୀ ଆନ୍ଦୋଳନର ଆଉ ତିନି ସମର୍ଥକଙ୍କୁ ଫାଶୀଦଣ୍ଡ ଦିଆଯାଇଛି। ଆନ୍ଦୋଳନ ସମୟରେ ତିନି ସୁରକ୍ଷାକର୍ମୀଙ୍କୁ ହତ୍ୟା କରିଥିବା ଅଭିଯୋଗ ସେମାନଙ୍କ ବିରୋଧରେ ଥିଲା। ଇରାନର ମହସା ଅମିନି ଠିକ୍ ଭାବେ ହିଜାବ ପିନ୍ଧି ନ ଥିବାରୁ ତାଙ୍କୁ ଇରାନ୍‌ର ରକ୍ଷଣଶୀଳ ପୋଲିସ ଗିରଫ କରିଥିଲା। ପରେ ହାଜତରେ ଅମିନିଙ୍କ ମୃତ୍ୟୁ ଘଟିଥିଲା। ଏହାକୁ ବିରୋଧ କରି ଦେଶରେ ଜନ ଆନ୍ଦୋଳନ ଆରମ୍ଭ ହୋଇଥିଲା। ତିନିମାସ ଧରି ଏହି ଆନ୍ଦୋଳନ ଚାଲିଥିଲା। ହିଜାବ ବିରୋଧୀ ଆନ୍ଦୋଳନ ସମର୍ଥକଙ୍କୁ ଦିଆଯାଉଥିବା ମୃତ୍ୟୁଦଣ୍ଡକୁ ପୋପ୍ ଫ୍ରାନ୍ସିସ୍ ନିନ୍ଦା କରିଛନ୍ତି। ପୋପ୍ କହିଛନ୍ତି ଯେଉଁ ଦେଶରେ ଲୋକଙ୍କୁ ମୃତ୍ୟୁଦଣ୍ଡ ଦିଆଯାଉଛି, ସେଠାରେ ସାଧାରଣ ନାଗରିକଙ୍କ ଜୀବନ ବିପଦରେ।

## ଅଭିଭାଷଣ ଅଧାରୁ ରାଜ୍ୟପାଳଙ୍କ କକ୍ଷତ୍ୟାଗ

ଚେନ୍ନାଇ, ୯।୧

ତାମିଲନାଡୁ ବିଧାନସଭାରେ ସୋମବାର ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି। ରାଜ୍ୟପାଳ ଓ ସରକାରଙ୍କ ମଧ୍ୟରେ ବିବାଦ ତୀବ୍ରତର ହୋଇଥିଲା। ସରକାରଙ୍କ ପ୍ରସ୍ତୁତ ଅଭିଭାଷଣକୁ ସାଧାରଣତଃ ରାଜ୍ୟପାଳ ବିଧାନସଭାରେ ପଢ଼ିଥାନ୍ତି। କିନ୍ତୁ ରାଜ୍ୟପାଳ ଆର୍.ଏନ୍. ରବି ଉକ୍ତ ଅଭିଭାଷଣକୁ ବାଦ୍ ଦେଇ ନିଜ ମନରୁ ଭାଷଣ ଦେବାରୁ ଏହା ବିରୋଧରେ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ପ୍ରସ୍ତାବ ଆଣିଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ରାଜ୍ୟପାଳ ଅଭିଭାଷଣ ଅଧାରୁ କକ୍ଷତ୍ୟାଗ କରିଥିଲେ। ରାଜ୍ୟପାଳ ସରକାରୀ ପ୍ରସ୍ତୁତ ଭାଷଣରୁ ଯେତିକି ପଢ଼ିଛନ୍ତି, କେବଳ ସେତିକିକୁ ବିଧାନସଭାରେ ରେକର୍ଡ କରିବାକୁ ଓ ନିଜ ମନରୁ ଯାହା କହିଛନ୍ତି, ତାହାକୁ ବାଦ୍ ଦେବା ଲାଗି ମୁଖ୍ୟମନ୍ତ୍ରୀ ଷ୍ଟାଲିନ୍ ପ୍ରସ୍ତାବ ଆଣିଥିଲେ ଏବଂ ବିଧାନସଭାରେ ଏହା ଗୃହୀତ ହୋଇଥିଲା। ବିରୋଧୀ ଦଳ ଏଆଇଏଡିଏମ୍‌କେ, ଭାଜପାକୁ ବାଦ୍ ଦେଇ ଡିଏମ୍‌କେ ଏବଂ ଏହାର ସହଯୋଗୀ କଂଗ୍ରେସ, ଭିସିକେ, ଏମ୍‌ଡିଏମ୍‌କେ, ବାମଦଳ, ଏମ୍‌ଏମ୍‌କେ, ଟିଭିକେ ପ୍ରସ୍ତାବକୁ ସମର୍ଥନ କରିଥିଲେ।


ଆର୍.ଏନ୍. ରବି
ଏମ୍.କେ. ଷ୍ଟାଲିନ୍

- ତାମିଲନାଡୁ ବିଧାନସଭାରେ ଅଭାବନୀୟ ଦୃଶ୍ୟ
- ସରକାରଙ୍କ ପ୍ରସ୍ତୁତ ଭାଷଣକୁ ବାଦ୍ ଦେଇଥିଲେ ରାଜ୍ୟପାଳ
- ତାଙ୍କ ବିରୋଧରେ ପ୍ରସ୍ତାବ ଆଣିଥିଲେ ମୁଖ୍ୟମନ୍ତ୍ରୀ

ରାଜ୍ୟପାଳ ବିଧାନସଭାରେ ପାଖାପାଖି ୫୦ ମିନିଟ ଭାଷଣ ଦେଇଥିଲେ। ତାଙ୍କ ଭାଷଣର ତାମିଲ ଭର୍ସନକୁ ବାଚସ୍ପତି ପଢ଼ିଥିଲେ। ସରକାର ରାଜ୍ୟପାଳଙ୍କ ପାଖକୁ ଠିଠା ଅଭିଭାଷଣ ପଠାଇଥିଲେ ଏବଂ ଏହାକୁ ମୁଖ୍ୟମନ୍ତ୍ରୀ ଅନୁମୋଦନ କରିଥିଲେ। ଏହା ଛପାଯାଇ ସବୁ ସଦସ୍ୟଙ୍କ ଟାବ୍‌ରେ ରଖାଯାଇଥିଲା ଏବଂ ଯେଉଁମାନେ ହାର୍ଡକପି ଚାହିଁଥିଲେ, ସେମାନଙ୍କୁ ଯୋଗାଇ ଦିଆଯାଇଥିଲା। ସରକାରଙ୍କ ଦ୍ରାବିଡୀୟ ମଡେଲ୍ ନୀତିର ବିରୋଧୀ ରାଜ୍ୟପାଳଙ୍କ କାର୍ଯ୍ୟ ଗ୍ରହଣୀୟ ନୁହେଁ ବୋଲି ମୁଖ୍ୟମନ୍ତ୍ରୀ ଷ୍ଟାଲିନ୍ କହିଛନ୍ତି। ଆମେ ବିଧାନସଭାର ନୀତିନିୟମକୁ ଅନୁପାଳନ କରିଥିଲୁ ଏବଂ ରାଜ୍ୟପାଳଙ୍କ ଭାଷଣ ଆରମ୍ଭରୁ ବିରୋଧ କରି ନ ଥିଲୁ। ସାମ୍ବିଧାନିକ ନିୟମ ଅନୁଯାୟୀ ଗୃହକୁ ଉଦ୍‌ବୋଧନ ଦେବାକୁ ଆସୁଥିବା ରାଜ୍ୟପାଳଙ୍କ ପ୍ରତି ଶାସକ ଦଳର ପୂର୍ଣ୍ଣ ସମ୍ମାନ ରହିଛି। ତେବେ ରାଜ୍ୟପାଳ ସରକାର ପ୍ରସ୍ତୁତ ଭାଷଣକୁ ନ ପଢ଼ିବା ଦୁଃଖଦାୟକ ଓ ବିଧାନସଭା ପରମ୍ପରାର ଉଲ୍ଲଂଘନ ବୋଲି ଷ୍ଟାଲିନ୍ କହିଛନ୍ତି।

**ବ୍ୟାଙ୍କ ଋଣ ଜାଲିଆତି**

### କୋଚର ଦମ୍ପତିଙ୍କୁ ଜାମିନ ଦେଲେ ହାଇକୋର୍ଟ

ନୂଆଦିଲ୍ଲୀ, ୯।୧

ଭିଡିଓକନ୍ ଗ୍ରୁପ୍ ଅଫ୍ କମ୍ପାନୀକୁ ଋଣ ପ୍ରଦାନରେ ଜାଲିଆତି ନେଇ ଗିରଫ ହୋଇଥିବା ଆଇସିଆଇସିଆଇ ବ୍ୟାଙ୍କର ପୂର୍ବତନ ସିଇଓ ଚନ୍ଦା କୋଚର ଏବଂ ତାଙ୍କ ସ୍ୱାମୀ ଦୀପକ କୋଚରଙ୍କୁ ବମ୍ବେ ହାଇକୋର୍ଟ ସୋମବାର ଜାମିନ ମଞ୍ଜୁର କରିଛନ୍ତି। ବିଚାର ବିଭାଗୀୟ ହାଜତରେ ଥିବା କୋଚର ଦମ୍ପତି ସେମାନଙ୍କୁ ବେଆଇନ ଭାବେ ଗିରଫ କରାଯାଇଥିବା ଜାମିନ ଆବେଦନରେ ଦର୍ଶାଇଥିଲେ। ସେମାନଙ୍କୁ ଲକ୍ଷେ ଟଙ୍କା ଲେଖାଏ ଜାମିନ ଅର୍ଥ ଓ ସିଓରିଟି ଜମା କରିବାକୁ ଜଷ୍ଟିସ ରେବତୀ ମୋହିତେ ଡେରେ ଏବଂ ପି.କେ. ଚଭନଙ୍କ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ପାସ୍‌ପୋର୍ଟ ସମର୍ପଣ କରିବା ଏବଂ ତଦନ୍ତରେ ସହଯୋଗ କରିବା ଲାଗି ସେମାନଙ୍କୁ କୋର୍ଟ କହିଛନ୍ତି। ଆଇନ ଅନୁଯାୟୀ ଆବେଦନକାରୀଙ୍କୁ ଗିରଫ କରାଯାଇ ନ ଥିବାରୁ ସେମାନଙ୍କୁ ମୁକ୍ତ କରିବାକୁ ପଡ଼ିବ ବୋଲି ହାଇକୋର୍ଟ କହିଥିଲେ।

## ଜେଲ୍ ଗଲେ ୬ ଅଭିଯୁକ୍ତ

ନୂଆଦିଲ୍ଲୀ, ୯।୧

**ମହିଳାଙ୍କୁ କାର୍‌ରେ ଘୋଷାଡ଼ିବା ଘଟଣା**

ଦିଲ୍ଲୀ ମହିଳା ଅଞ୍ଜଳି ସିଂଙ୍କୁ କାର୍‌ରେ ଧକ୍କା ଦେଇ ୧୩ କିଲୋମିଟର ପର୍ଯ୍ୟନ୍ତ ଘୋଷାଡ଼ିନେବା ଘଟଣାର ୬ ଅଭିଯୁକ୍ତଙ୍କୁ ୧୪ ଦିନ ପାଇଁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସେମାନଙ୍କୁ ଜେଲ୍ ହାଜତକୁ ଅଣାଯାଇ ଭିଡିଓ କନ୍‌ଫରେନ୍ସ ଜରିଆରେ ରୋହିଣୀ କୋର୍ଟରେ ହାଜର କରାଯାଇଥିଲା। ଆଶୁତୋଷ ନାମକ ଅଭିଯୁକ୍ତ ଜାମିନ ପାଇଁ ଆବେଦନ କରିଛନ୍ତି। ପୋଲିସ ଘଟଣା ପଛରେ ଥିବା ଷଡ଼ଯନ୍ତ୍ରର ତଦନ୍ତ କରୁଛି। ୨୦ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିବା ପୋଲିସ କହିଛି। ଅଧିକ ରିମାଣ୍ଡର ଆବଶ୍ୟକ ନ ଥିବା ପୋଲିସ କହିବା ପରେ ଅଭିଯୁକ୍ତମାନଙ୍କୁ ଜେଲ ହାଜତକୁ ପଠାଯାଇଥିଲା। ଅଞ୍ଜଳିଙ୍କ ସ୍କୁଟରକୁ କାର ଧକ୍କାଦେବା ପରେ ସେ ଗାଡ଼ିରେ ଲାଖି ରହିଥିବା ସମ୍ପର୍କରେ ଅଭିଯୁକ୍ତମାନେ ଜାଣିଥିଲେ ବୋଲି ପୋଲିସ ନିକଟରେ ସ୍ୱୀକାର କରିଛନ୍ତି। ତେବେ ଭୟରେ ସେମାନେ କାର୍ ଅଟକାଇ ନ ଥିଲେ ବୋଲି କହିଛନ୍ତି। ଅଭିଯୁକ୍ତମାନେ ମହିଳାଙ୍କ ଚିତ୍କାର ଶୁଣିପାରି ନ ଥିଲେ ବୋଲି କହିଥିବାରୁ ସେମାନଙ୍କ ଶ୍ରବଣଶକ୍ତିର ପରୀକ୍ଷା ହେବ ବୋଲି ପୋଲିସ କହିଛି।

### ଅଞ୍ଜଳିଙ୍କ ଘରେ ଚୋରି

**ନୂଆଦିଲ୍ଲୀ, ୯।୧:** ଦିଲ୍ଲୀ କାଞ୍ଝୱାଲାରେ କାରରେ ଘୋଷାଡ଼ି ହୋଇ ପ୍ରାଣ ହରାଇଥିବା ଅଞ୍ଜଳି ସିଂଙ୍କ ଘରେ ଚୋରି ହୋଇଛି। କରନ ବିହାରରେ ଥିବା ତାଙ୍କ ଘରୁ ଏଲ୍‌ସିଡି ଟିଭି ସାଙ୍ଗକୁ ଅନେକ ଜିନିଷ ଚୋର ନେଇଥିବା ଅଞ୍ଜଳିଙ୍କ ଘରଲୋକେ କହିଛନ୍ତି। ଘରେ କେହି ନ ଥିବାବେଳେ ସୋମବାର ସକାଳୁ ତାଙ୍କର ଜଣେ ପଡ଼ୋଶୀ ଘର କବାଟ ଭଙ୍ଗାଯାଇଥିବା କଥା ଫୋନ୍ କରି କହିଥିଲେ। ଏହି ଚୋରିରେ ଅଞ୍ଜଳିଙ୍କ ସାଙ୍ଗ ନିଧିଙ୍କ ସମ୍ପୃକ୍ତି ଥିବା ଘର ଲୋକେ ଅଭିଯୋଗ କରିଛନ୍ତି। ଘଟଣା ଦିନ ରାତିରେ ନିଧି ଏବଂ ଅଞ୍ଜଳି ସ୍କୁଟିରେ ଆସୁଥିବାବେଳେ କାର୍ ଧକ୍କା ହୋଇଥିଲା। କାର୍‌ରେ ଅଞ୍ଜଳିଙ୍କ ଗୋଡ଼ ଫସିଯାଇଥିବାବେଳେ ଡରରେ ନିଧି ସେଠାରୁ ନିଜ ଘରକୁ ଚାଲିଆସିଥିଲେ।

## ୫୦ ଯାତ୍ରୀଙ୍କୁ ଛାଡ଼ି ଚାଲିଗଲା ବିମାନ

ବେଙ୍ଗାଲୁରୁ, ୯।୧

ମହିଳା ସହଯାତ୍ରୀଙ୍କ ଉପରେ ଯୁବକ ପରିସ୍ରା କରିବାର ଦୁଇ ଦୁଇଟି ଘଟଣା ଏବେ ଖବରର ଶିରୋନାମା ପାଲଟିଥିବାବେଳେ ଗୋ ଫାଷ୍ଟ ଫ୍ଲାଇଟ୍ ବିରୋଧରେ ଏକ ଅବହେଳାପୂର୍ଣ୍ଣ ଅଭିଯୋଗ ସାମ୍ନାକୁ ଆସିଛି। ସୋମବାର ଏହି ଘରୋଇ ବିମାନ ବେଙ୍ଗାଲୁରୁରୁ ଜାତୀୟ ରାଜଧାନୀ ଦିଲ୍ଲୀ ଅଭିମୁଖେ ଉଡ଼ାଣ ଭରିବାକୁ ଥିବାବେଳେ ୫୦ ଯାତ୍ରୀଙ୍କୁ ବିମାନ ବନ୍ଦରରେ ଛାଡ଼ି ଚାଲିଆସିଛି। ଏ ନେଇ କେତେଜଣ ଯାତ୍ରୀ ଟୁଇଟରରେ ପୋଷ୍ଟ ଶେୟାର କରିବା ପରେ ଘଟଣା ଲୋକଲୋଚନକୁ ଆସିଛି। ଉକ୍ତ ପୋଷ୍ଟରେ ସେମାନେ ବେସାମରିକ ଚଳାଚଳ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ସମ୍ପୃକ୍ତ ଏୟାର ଲାଇନ୍ସକୁ ଟ୍ୟାଗ୍ କରିଛନ୍ତି।

ଟୁଇଟର ପୋଷ୍ଟ ମୁତାବକ, ସୋମବାର ସକାଳ ୬ଟା ୩୦ ମିନିଟ୍‌ରେ ଫ୍ଲାଇଟ୍ ନଂ. ଜି୮ ୧୧୬ ବେଙ୍ଗାଲୁରୁ ବିମାନ ବନ୍ଦରରୁ ଦିଲ୍ଲୀ ପାଇଁ ଟେକ୍ ଅଫ୍ କରିଥିଲା। ବୋର୍ଡିଂ ପାଇଁ ୪ଟି ବସ୍‌ରେ ଯାତ୍ରୀ ବିମାନ ନିକଟକୁ ଯାଇଥିଲେ। ତିନି ନମ୍ବର ବସ୍‌ଟି ଗେଟ୍ ପାଖରେ ପହଞ୍ଚିଲାବେଳକୁ ବିମାନଟି ଟେକ୍ ଅଫ୍ କରିସାରିଥିଲା। ଏହାପରେ ସମ୍ପୃକ୍ତ ଲୋକେ ସକାଳ ୧୦ଟାରେ ଏୟାର ଇଣ୍ଡିଆ ଫ୍ଲାଇଟ୍‌ରେ ଦିଲ୍ଲୀ ଯାଇଥିଲେ। ସୂଚନାଯୋଗ୍ୟ, ଗତବର୍ଷ ନଭେମ୍ବର ୨୬ରେ ନ୍ୟୁୟର୍କରୁ ଦିଲ୍ଲୀ ଆସୁଥିବା ଏୟାର ଇଣ୍ଡିଆ ଫ୍ଲାଇଟ୍‌ରେ ଜଣେ ନିଶାସକ୍ତ ବ୍ୟକ୍ତି ବୃଦ୍ଧାଙ୍କ ଉପରେ ପରିସ୍ରା କରିଥିଲେ। ଏ ନେଇ ଅଭିଯୁକ୍ତଙ୍କୁ ଗିରଫ ପରେ ଏବେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସେହିପରି ଗତ ଡିସେମ୍ବରରେ ପ୍ୟାରିସ୍‌ରୁ ଦିଲ୍ଲୀ ଆସୁଥିବା ଫ୍ଲାଇଟ୍‌ରେ ଜଣେ ଯୁବକ ନିଶାରେ ଥାଇ ମହିଳାଙ୍କ ବ୍ଲାଙ୍କେଟ୍‌ରେ ପରିସ୍ରା କରିବା ପରେ ଏ ନେଇ ସେ ମହିଳାଙ୍କୁ କ୍ଷମା ମାଗିଥିଲେ।



## ୩,୭୦୦ ଡ୍ୟାମ୍ ୨୬% ଜଳଧାରଣ କ୍ଷମତା ହରାଇବେ

ନୂଆଦିଲ୍ଲୀ, ୯।୧

ନଦୀଶଯ୍ୟା ପୋତିହୋଇପଡୁଥିବାରୁ ୨୦୫୦ ସୁଦ୍ଧା ଭାରତର ପ୍ରାୟ ୩,୭୦୦ ନଦୀବନ୍ଧ ଜଳଧାରଣ କ୍ଷମତାର ୨୬ ପ୍ରତିଶତ ହରାଇବେ ବୋଲି ଜାତିସଂଘର ଏକ ଅଧ୍ୟୟନରେ କୁହାଯାଇଛି। ଫଳରେ ଆଗାମୀ ଦିନରେ ଜଳ ସୁରକ୍ଷା ଜନିତ ସମସ୍ୟା ସୃଷ୍ଟି ହେବା ସହ ଜଳସେଚନ, ଜଳବିଦ୍ୟୁତ୍ ଉତ୍ପାଦନ ବାଧାପ୍ରାପ୍ତ ହେବ ବୋଲି ସତର୍କ କରିଦିଆଯାଇଛି। ଦେଶରେ ୫୦ ବର୍ଷରୁ ଊର୍ଦ୍ଧ୍ୱ ପୁରୁଣା ୧୪୧ ବୃହତ୍ ଜଳଭଣ୍ଡାର ମଧ୍ୟରୁ ଏକଚତୁର୍ଥାଂଶ ସେମାନଙ୍କ ପ୍ରାଥମିକ ଜଳଧାରଣ କ୍ଷମତାର ୩୦ ପ୍ରତିଶତ ହରାଇ ସାରିଲେଣି ବୋଲି ୨୦୧୫ରେ କେନ୍ଦ୍ରୀୟ ଜଳ ଆୟୋଗ ରିପୋର୍ଟ ଦେଇଥିଲେ। ଅବବାହିକା ଏବଂ ଉପରମୁଣ୍ଡରୁ ବହିଆସୁଥିବା ବାଲି, ଶିଳାଖଣ୍ଡ ଓ ଅନ୍ୟାନ୍ୟ ବର୍ଜ୍ୟ ସାମଗ୍ରୀ ଯୋଗୁ ନଦୀଶଯ୍ୟା ପୋତିହେବାରେ ଲାଗିଛି। ସାରା ବିଶ୍ୱରେ ପ୍ରାୟ ୫୦ ହଜାର ବୃହତ୍ ଡ୍ୟାମ୍‌ରେ ଏଭଳି ସମସ୍ୟା ଦେଖାଦେଇଛି। ସେମାନେ ମୂଳ ଜଳଧାରଣ କ୍ଷମତାର ୧୩ରୁ ୧୯ ପ୍ରତିଶତ ହରାଇଥିବା କୁହାଯାଉଛି। ଜାତିସଂଘର ଜଳ ପରିବେଶ ଓ ସ୍ୱାସ୍ଥ୍ୟ ସମ୍ପର୍କିତ ୟୁନିଭର୍ସିଟି ଇନ୍‌ଷ୍ଟିଚ୍ୟୁଟ୍ (ୟୁଏନ୍‌ୟୁ-ଆଇଏନ୍‌ଡବ୍ଲ୍ୟୁଇଏଚ୍) ପକ୍ଷରୁ ଏହି ଅଧ୍ୟୟନ କରାଯାଇଛି। ସେଥିରେ କୁହାଯାଇଛି ୧୫୦ ଦେଶର ୪୭,୪୦୩ ବୃହତ୍ ଡ୍ୟାମ୍‌ର ମୂଳ ଜଳଧାରଣ କ୍ଷମତା ୬,୩୧୬ ବିଲିୟନ ଘନମିଟର ଥିଲା, ଯାହା ୨୦୫୦ ସୁଦ୍ଧା ୪,୬୬୫ ବିଲିୟନ ଘନମିଟରକୁ ହ୍ରାସ ପାଇବାକୁ ଯାଉଛି। ୧,୬୫୦ ବିଲିୟନ ଘନମିଟର ଜଳଧାରଣ କ୍ଷମତା ହ୍ରାସ ଅର୍ଥ ଏହା ଭାରତ, ଚାଇନା, ଇଣ୍ଡୋନେସିଆ, ଫ୍ରାନ୍ସ ଓ କାନାଡା ବାର୍ଷିକ ବ୍ୟବହାର କରୁଥିବା ମୋଟ ଜଳ ପରିମାଣ ସହ ସମାନ।



**ଜାତିସଂଘ ଅଧ୍ୟୟନ**

ବିଶ୍ୱର ସର୍ବାଧିକ ନଦୀବନ୍ଧ ଅଞ୍ଚଳ ଭାବେ ପରିଚିତ ଏସିଆ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଗତବର୍ଷ ମୂଳ ଜଳଧାରଣ କ୍ଷମତାର ୧୩ ପ୍ରତିଶତ ହ୍ରାସ ପାଇଥିବା ଆକଳନ କରାଯାଇଛି। ସେହି ଅନୁଯାୟୀ ହିସାବ କଲେ ଉକ୍ତ ନଦୀବନ୍ଧଗୁଡ଼ିକ ୨୦୫୦ ବେଳକୁ ମୂଳ ଜଳଧାରଣ କ୍ଷମତାର ଏକ-ଚତୁର୍ଥାଂଶ ହରାଇବେ। ଏହି ଅଞ୍ଚଳରେ ବିଶ୍ୱ ଜନସଂଖ୍ୟାର ୬୦ ପ୍ରତିଶତ ବସବାସ କରୁଛନ୍ତି। ଚାଇନାରେ ମଧ୍ୟ ୨୦୫୦ ବେଳକୁ ବୃହତ୍ ନଦୀବନ୍ଧଗୁଡ଼ିକର ଜଳଧାରଣ କ୍ଷମତା ୧୦ ପ୍ରତିଶତ ହ୍ରାସ ଘଟିବ ବୋଲି ଉକ୍ତ ଅଧ୍ୟୟନରେ ଆକଳନ କରାଯାଇଛି।

# ଧରିତ୍ରୀ
DHARITRI

ମଙ୍ଗଳବାର, ଜାନୁୟାରୀ ୧୦/୨୦୨୩ | Tuesday, January 10/2023 | ପୃଷ୍ଠା-୧




## ଦିନିକିଆ ସିରିଜରୁ ବାଦ୍ ପଡ଼ିଲେ ବୁମ୍ରା

ଭାରତୀୟ ପେସ୍ ବୋଲର ଯଶପ୍ରୀତ ବୁମ୍ରା ଶ୍ରୀଲଙ୍କା ବିପକ୍ଷ ଦିନିକିଆ କ୍ରିକେଟ ସିରିଜରୁ ବାଦ୍ ପଡିଛନ୍ତି।

୧୪

୧୦

## ଶଙ୍ଖ ଫୁଙ୍କି ଟ୍ରୋଲ ହେଲେ ସନ୍ନି

ବଲିଉଡ୍ ଅଭିନେତ୍ରୀ ସନ୍ନି ଲିଓନି ନିକଟରେ ଶଙ୍ଖ ଫୁଙ୍କିବାକୁ ଚେଷ୍ଟା କରି ବିଫଳ ହୋଇଥିବା ନେଇ ଏକ ଭିଡିଓ ଶେୟାର କରି ଟ୍ରୋଲ ହୋଇଛନ୍ତି।



# କ୍ଷମତା ଗଲାପରେ ବିଦ୍ରୋହ

ବ୍ରାଜିଲର ଅବସରପ୍ରାପ୍ତ ସେନା ଅଧିକାରୀରୁ ରାଜନେତା ଜୈର ବୋଲସୋନାରୋ ଦେଶର ୩୮ତମ ରାଷ୍ଟ୍ରପତି ଭାବେ ୨୦୧୯ରୁ ୨୦୨୨ କ୍ଷମତାରେ ରହିଥିଲେ। ଗତବର୍ଷ ଅକ୍ଟୋବରରେ ହୋଇଥିବା ସାଧାରଣ ନିର୍ବାଚନରେ ସେ ଲୁଇଜ୍ ଇନାସିଓ ଲୁଲା ଡା ସିଲ୍‌ଭାଙ୍କଠାରୁ ହାରିଯାଇଥିଲେ। ଦ୍ୱିତୀୟ ଥର ନିର୍ବାଚନ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରି ପରାଜିତ ହେବାରେ ବୋଲସୋନାରୋ ପ୍ରଥମ ରାଷ୍ଟ୍ରପତି। ପରାଜୟକୁ ସେ ସହଜେ ଗ୍ରହଣ କରିପାରି ନାହାନ୍ତି। କ୍ଷମତା ଯିବା ପରେ ବୋଲସୋନାରୋ ବିଦ୍ରୋହ କରିଛନ୍ତି। ତାଙ୍କ ସମର୍ଥକମାନେ ରବିବାର ଦେଶର ପାର୍ଲାମେଣ୍ଟ, ରାଷ୍ଟ୍ରପତି ଭବନ ଓ ସର୍ବୋଚ୍ଚ ଅଦାଲତରେ ଭଙ୍ଗାରୁଜା କରିଛନ୍ତି। ଏହା ଗଣତନ୍ତ୍ରରେ ଏକ ଖରାପ ପରମ୍ପରା ସୃଷ୍ଟି କରିଛି। ଦୁଇବର୍ଷ ପୂର୍ବେ ଆମେରିକା କ୍ୟାପିଟୋଲରେ ଅନୁରୂପ ବିଦ୍ରୋହ ହୋଇଥିଲା। ଡୋନାଲ୍ଡ ଟ୍ରମ୍ପ ନିର୍ବାଚନ ହାରିଯିବା ପରେ ୨୦୨୧ ଜାନୁୟାରୀ ୬ରେ ତାଙ୍କ ସମର୍ଥକମାନେ ଆମେରିକା କଂଗ୍ରେସରେ ଧସେଇ ପଶି ଆକ୍ରମଣ କରିଥିଲେ।



ବୋଲସୋନାରୋଙ୍କ ସମର୍ଥକମାନେ ରବିବାର ରାଜଧାନୀ ବ୍ରାସିଲିଆରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ବ୍ରାସିଲିଆ,୯।୧

- ବ୍ରାଜିଲ କଂଗ୍ରେସରେ ବୋଲସୋନାରୋ ସମର୍ଥକଙ୍କ ହଙ୍ଗାମା
- ରାଷ୍ଟ୍ରପତି ଭବନ, ସୁପ୍ରିମକୋର୍ଟରେ ଭଙ୍ଗାରୁଜା
- ଦଙ୍ଗାକାରୀଙ୍କୁ ଦଣ୍ଡିତ କରାଯିବ: ଲୁଲା

ବ୍ରାଜିଲର ପୂର୍ବତନ ରାଷ୍ଟ୍ରପତି ଜୈର ବୋଲସୋନାରୋଙ୍କ ସମର୍ଥକମାନେ ରବିବାର ରାଜଧାନୀ ବ୍ରାସିଲିଆରେ ଥିବା ଦେଶର ପାର୍ଲାମେଣ୍ଟ (କଂଗ୍ରେସ ଭବନ), ରାଷ୍ଟ୍ରପତି ଭବନ ଏବଂ ସୁପ୍ରିମକୋର୍ଟ ସମେତ ବିଭିନ୍ନ ସରକାରୀ ବିଲ୍ଡିଂରେ ଧସେଇ ପଶି ହଙ୍ଗାମା କରିଛନ୍ତି। ରାଷ୍ଟ୍ରପତି ଭବନ ପ୍ଲାନାଲ୍ଟୋ ପ୍ୟାଲେସ୍ ବାହାରେ ବୋଲସୋନାରୋଙ୍କ ସମର୍ଥକ ଏବଂ ପୋଲିସ ମଧ୍ୟରେ ସଂଘର୍ଷ ଘଟିଥିଲା। ଦଙ୍ଗାକାରୀମାନେ କଂଗ୍ରେସ ଭବନ ମଧ୍ୟକୁ ଧସେଇ ପଶିବାରୁ ସେମାନଙ୍କୁ ତଡ଼ିବା ଲାଗି ପୋଲିସ ଲୁହବୁହା ବାଷ୍ପ ପ୍ରୟୋଗ କରିଥିଲା। ଲୁଇସ୍ ଇନାସିଓ ଲୁଲା ଡା ସିଲ୍‌ଭା ବ୍ରାଜିଲ ରାଷ୍ଟ୍ରପତି ଭାବେ ଶପଥ ଗ୍ରହଣ କରିବାର ସପ୍ତାହେ ପରେ ପୂର୍ବତନ ରାଷ୍ଟ୍ରପତିଙ୍କ ସମର୍ଥକମାନେ ଏଭଳି ଦଙ୍ଗା ସୃଷ୍ଟି କରିଛନ୍ତି। ସେମାନେ ସରକାରୀ ବିଲ୍ଡିଂଗୁଡ଼ିକର କବାଟ ଝରକା ଭଙ୍ଗାରୁଜା କରିବା ସହ କେତେକ ଗାଡ଼ି ପୋଡ଼ିଦେଇଛନ୍ତି। ସୁରକ୍ଷା ବଳ ଯେପରି ବିଲ୍ଡିଂରେ ପ୍ରବେଶ କରି ନ ପାରିବେ, ସେଥିପାଇଁ ଦଙ୍ଗାକାରୀମାନେ ଆସବାବପତ୍ରଗୁଡ଼ିକୁ ବ୍ୟାରିକେଡ୍ ଭାବେ ବ୍ୟବହାର କରିଥିଲେ।

ପୂର୍ବତନ ରାଷ୍ଟ୍ରପତିଙ୍କ ସମର୍ଥକମାନଙ୍କୁ ଦଣ୍ଡିତ କରିବାକୁ ରାଷ୍ଟ୍ରପତି ଲୁଲା ପ୍ରତିଜ୍ଞା କରିଛନ୍ତି। ରାଜଧାନୀ ବ୍ରାସିଲିଆରେ ଯାହା ଘଟିଲା, ତାହା ଅତ୍ୟନ୍ତ ବର୍ବରୋଚିତ ଏବଂ ସୁରକ୍ଷାର ଅଭାବ ବୋଲି ଲୁଲା କହିଛନ୍ତି। ବୋଲସୋନାରୋଙ୍କ ଫାସିବାଦୀ ସମର୍ଥକମାନେ କଂଗ୍ରେସ ଭବନ, ସୁପ୍ରିମକୋର୍ଟ ଏବଂ ପ୍ଲାନାଲ୍ଟୋ ପ୍ରେସିଡେନ୍ସିଆଲ୍ ପ୍ୟାଲେସ୍ ବାହାରେ ସଶସ୍ତ୍ର ବଳର ବ୍ୟାରିକେଡ୍‌କୁ ଭାଙ୍ଗି ଧସେଇ ପଶିଥିଲେ। ରାଜନୀତିରେ ଏହି ଖଳ ଲୋକମାନଙ୍କୁ ଖୋଜି ବାହାର କରାଯାଇ ଦଣ୍ଡିତ କରାଯିବ ବୋଲି ଲୁଲା ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି।

ରବିବାର ସକାଳେ ବହୁସଂଖ୍ୟାରେ ଲୋକେ କଂଗ୍ରେସ ଭବନ ଅଭିମୁଖେ ଯାଉଥିବା ଦେଖାଯାଇଥିଲା। ସେମାନେ କଂଗ୍ରେସ ନିମ୍ନ ସଦନ ବାହାରେ ଥିବା ଗ୍ରୀନ୍ ରୁମ୍‌ରେ ପହଞ୍ଚିଥିଲେ ବୋଲି ଅନ୍ତରୀଣ ସିନେଟ ଅଧ୍ୟକ୍ଷ ଭେନେଜିଆନୋ ଭିଟଲ ଡୋ ରୋଗୋ କହିଛନ୍ତି। ବୋଲସୋନାରୋଙ୍କ ଅନ୍ୟ ସମର୍ଥକମାନେ ସୁପ୍ରିମକୋର୍ଟ ଓ ରାଷ୍ଟ୍ରପତି ଭବନରେ ପ୍ରବେଶ କରୁଥିବା ଦେଖାଯାଇଥିଲା। ସେତେବେଳକୁ ସେଠାରେ ଦଙ୍ଗାନିରୋଧୀ ପୋଲିସ ଓ ବ୍ରାଜିଲୀୟ ସଶସ୍ତ୍ର ବଳ ପହଞ୍ଚି ସାରିଥିଲେ। ବିକ୍ଷୋଭକାରୀମାନେ କଂଗ୍ରେସ ଭବନ କାର୍ପେଟରେ ନିଆଁ ଲଗାଇବାକୁ ଉଦ୍ୟମ କଲାବେଳେ ସ୍ପ୍ରିଙ୍କଲର ସିଷ୍ଟମ୍‌କୁ ଆକ୍ଟିଭେଟ୍ କରାଯିବାରୁ ଗୃହରେ ପାଣି ଭର୍ତ୍ତି ହୋଇଯାଇଥିଲା। ଦଙ୍ଗାକାରୀମାନେ ବିଲ୍ଡିଂରେ ଥିବା ଅନ୍ତର୍ଜାତୀୟ ପ୍ରତିନିଧିଙ୍କ ଉପହାର ଓ ଅନ୍ୟାନ୍ୟ କାରୁକାର୍ଯ୍ୟ ଭଙ୍ଗାରୁଜା କରୁଥିବା ଅନ୍ୟ ଭିଡିଓରୁ ଦେଖାଯାଇଛି। ବୋଲସୋନାରୋ ମଧ୍ୟ ତାଙ୍କ ସମର୍ଥକମାନଙ୍କ କାର୍ଯ୍ୟକୁ ନିନ୍ଦା କରିଛନ୍ତି। ଶାନ୍ତିପୂର୍ଣ୍ଣ ଓ ☞ପୃଷ୍ଠା-୨

## ଅର୍ଚ୍ଚନାଙ୍କ ଆଲିଶାନ୍ ଘର ଆଟାଚ୍ କଲା ଇଡି

### ବେଆଇନ ଅର୍ଥ କାରବାର ମାମଲା



ଭୁବନେଶ୍ୱର, ୯।୧(ବ୍ୟୁରୋ): ବେଆଇନ ଅର୍ଥ କାରବାର ମାମଲାରେ ଚର୍ଚ୍ଚିତ ବ୍ଲାକ୍‌ମେଲର ଅର୍ଚ୍ଚନା ନାଗ, ସ୍ୱାମୀ ଜଗବନ୍ଧୁ ଚାନ୍ଦ ଓ ବ୍ୟବସାୟିକ ସହଯୋଗୀ ଖଗେଶ୍ୱର ପାତ୍ର ଝାରପଡ଼ା ଜେଲରେ ଥିବାବେଳେ ଏହି ଘଟଣାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଭୁବନେଶ୍ୱର ସତ୍ୟବିହାରସ୍ଥିତ ଅର୍ଚ୍ଚନାଙ୍କ ଆଲିଶାନ୍ ଘରକୁ ଇଡି ସୋମବାର ଆଟାଚ୍ କରିଥିବା ସୂଚନା ମିଳିଛି। ଏହି ଘରର ମୂଲ୍ୟ ୩ କୋଟି ୪୦ ଲକ୍ଷ ହେବ ବୋଲି ଇଡି ଆକଳନ କରିଛି। ତେବେ ଘର ଆଟାଚ୍ ନେଇ ଇଡି ପକ୍ଷରୁ କୌଣସି ସୂଚନା ଦିଆଯାଇ ନ ଥିଲେ ମଧ୍ୟ ଆଗାମୀ ଦିନରେ ଏନେଇ ତଥ୍ୟ ରଖାଯିବ ବୋଲି ଜଣେ ଅଧିକାରୀ କହିଛନ୍ତି। ଗତ ଗୁରୁବାର ଇଡିର ଏକ ସ୍ୱତନ୍ତ୍ର ଟିମ୍ ଭୁବନେଶ୍ୱର ☞ପୃଷ୍ଠା-୨

## ଇଣ୍ଡୋନେସିଆରେ ଭୂକମ୍ପ, ସୁନାମି ସତର୍କ

ଜାକର୍ତ୍ତା,୯।୧: ଇଣ୍ଡୋନେସିଆରେ ସୋମବାର ବିଳମ୍ବିତ ରାତିରେ ବଡ଼ ଧରଣର ଭୂକମ୍ପ ଅନୁଭୂତ ହୋଇଛି। ରିକ୍ଟର ସ୍କେଲ୍‌ରେ ଏହାର ତୀବ୍ରତା ୭.୯ ରହିଛି। ଭୂକମ୍ପ ପରେ ଇଣ୍ଡୋନେସିଆ ସରକାର ଦେଶରେ ସୁନାମୀ ସତର୍କ ସୂଚନା ଜାରି କରିଛନ୍ତି। ତେବେ ଭୂକମ୍ପ ଜନିତ କ୍ଷୟକ୍ଷତି ସମ୍ପର୍କରେ ଜଣାପଡ଼ି ନାହିଁ। ରାତି ୧୨ଟା ୪୭ ମିନିଟରେ ଅନୁଭୂତ ହୋଇଥିବା ଭୂକମ୍ପର କେନ୍ଦ୍ରସ୍ଥଳ ପୂର୍ବ ତିମୋରଠାରୁ ଉତ୍ତରପୂର୍ବରେ ୨୨୯ ମାଇଲ ଦୂରରେ ଥିବା ବନ୍ଦା ସମୁଦ୍ରରେ ବୋଲି କୁହାଯାଇଛି। ସୁନାମୀ ଆସିବା ନେଇ ଇଣ୍ଡୋନେସିଆ ପ୍ରଶାସନ ଅନେକ ଅଞ୍ଚଳକୁ ସତର୍କ କରାଇଛି। ଏପରିକି ସୁନାମୀ ଭୟ ନ ଥିବା ଅଞ୍ଚଳର ଲୋକଙ୍କୁ ମଧ୍ୟ ବେଳାଭୂମି ଓ ଅନ୍ୟ ଜଳାଶୟଠାରୁ ଦୂରେଇ ରହିବାକୁ ପରାମର୍ଶ ଦିଆଯାଇଛି।

**ଆଜିର ସମ୍ପାଦକୀୟ**

**ହଁ ଆଜ୍ଞା**

## ସାଇକୋଲୋଜିକାଲ କାଉନ୍‌ସେଲିଂ ଆରମ୍ଭ

### ସିବିଏସ୍‌ଇ ଦଶମ, ଦ୍ୱାଦଶ ପରୀକ୍ଷା

ଭୁବନେଶ୍ୱର, ୯।୧(ବ୍ୟୁରୋ)

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ(ସିବିଏସ୍‌ଇ) ଦଶମ ଓ ଦ୍ୱାଦଶ ଛାତ୍ରୀଛାତ୍ରଙ୍କ ପାଇଁ ସାଇକୋଲୋଜିକାଲ କାଉନ୍‌ସେଲିଂ ସୋମବାରଠାରୁ ଆରମ୍ଭ ହୋଇଛି। ଦୁଇବର୍ଷ ପରେ ଛାତ୍ରୀଛାତ୍ରମାନେ ଚଳିତବର୍ଷ ଫିଜିକାଲ ମୋଡ୍‌ରେ ପରୀକ୍ଷା ଦେବେ। ତେଣୁ ଏହି କାଉନ୍‌ସେଲିଂ ଛାତ୍ରୀଛାତ୍ରଙ୍କୁ ବହୁ ସହାୟ ହେବ ବୋଲି ସିବିଏସ୍‌ଇ କହିଛି। ପିଲାଙ୍କ ମୁଣ୍ଡରୁ ଚିନ୍ତା ଦୂର କରିବା ପାଇଁ ସିବିଏସ୍‌ଇ ଏଭଳି ପଦକ୍ଷେପ ନେଇଛି। ପୂର୍ବରୁ ବୋର୍ଡ ପ୍ରଶ୍ନପତ୍ର ନମୁନା, ପରୀକ୍ଷା ନମୁନା, ମାର୍କ ଆଦି ସିବିଏସ୍‌ଇ ତା'ର ୱେବ୍‌ସାଇଟ୍‌ରେ ରିଲିଜ କରିସାରିଛି। ତେଣୁ ଛାତ୍ରୀଛାତ୍ରମାନେ ପରୀକ୍ଷା ପାଇଁ ନିଜକୁ ପ୍ରସ୍ତୁତ କରିବାରେ କୌଣସି ଅସୁବିଧା ହେବ ନାହିଁ।

ସୂଚନାଯୋଗ୍ୟ, ସିବିଏସ୍‌ଇ ଦଶମ ଓ ଦ୍ୱାଦଶ ପରୀକ୍ଷା ଫେବୃୟାରୀ ୧୫ରୁ ଆରମ୍ଭ ହେବ। ଦଶମ ପରୀକ୍ଷା ମାର୍ଚ୍ଚ ୨୧ରେ ଓ ଦ୍ୱାଦଶ ବୋର୍ଡ ପରୀକ୍ଷା ଏପ୍ରିଲ ୫ରେ ସରିବ। ଉଭୟ ଶ୍ରେଣୀର ପରୀକ୍ଷା ସକାଳ ସାଢ଼େ ୧୦ଟାରେ ଆରମ୍ଭ ହେବ। ତେବେ କିଛି ପରୀକ୍ଷା ଅପରାହ୍ଣ ସାଢ଼େ ୧୨ଟାରେ ସରିବାକୁ ଥିବାବେଳେ ଆଉକିଛି ବିଷୟର ପରୀକ୍ଷା ଅପରାହ୍ଣ ସାଢ଼େ ୧ଟାରେ ଶେଷ ହେବ। ପରୀକ୍ଷା ପ୍ରଶ୍ନପତ୍ର ପଢ଼ିବା ପାଇଁ ଉଭୟ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ୧୫ ମିନିଟ୍ ସମୟ ଦିଆଯିବ।

# ଧର୍ମାନ୍ତରୀକରଣ ପ୍ରସଙ୍ଗରେ ରାଜନୀତି ନ ହେଉ

ନୂଆଦିଲ୍ଲୀ,୯।୧



ଧର୍ମାନ୍ତରୀକରଣ ଏକ ଗମ୍ଭୀର ପ୍ରସଙ୍ଗ। ଏଥିରେ ରାଜନୈତିକ ରଙ୍ଗ ଦିଅ ନାହିଁ ବୋଲି ସୁପ୍ରିମ୍‌କୋର୍ଟ ସୋମବାର କହିଛନ୍ତି। ଡରାଇ, ଧମକାଇ, ପ୍ରଲୋଭନ ଦେଖାଇ କରାଯାଉଥିବା ଧର୍ମାନ୍ତରୀକରଣକୁ ରୋକିବା ନିମନ୍ତେ ଭାଜପା ନେତା ତଥା ଆଇନଜୀବୀ ଅଶ୍ୱିନୀ କୁମାର ଉପାଧ୍ୟାୟ ସୁପ୍ରିମକୋର୍ଟରେ ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ୍) ଦାଖଲ କରିଥିଲେ। ଏ ଦିଗରେ କଡ଼ା ପଦକ୍ଷେପ ନେବାକୁ କେନ୍ଦ୍ର ଓ ରାଜ୍ୟ ସରକାରମାନଙ୍କୁ ନିର୍ଦ୍ଦେଶ ଦେବାକୁ ପିଟିଶନରେ ନିବେଦନ କରାଯାଇଥିଲା। ଏହାର ଶୁଣାଣି କରୁଥିବା ସୁପ୍ରିମକୋର୍ଟ ଖଣ୍ଡପୀଠ ଜଷ୍ଟିସ ଏମ୍.ଆର. ଶାହା ଏବଂ ସି. ଟି. ରବିକୁମାର ଉପରୋକ୍ତ ମନ୍ତବ୍ୟ ଦେଇଛନ୍ତି। ଏହି ମାମଲାରେ ଆର୍ଟର୍ନି ଜେନେରାଲ ଆର. ଭେଙ୍କଟରମଣୀଙ୍କୁ ଆମିକସ୍ କ୍ୟୁରି ଭାବେ କିମ୍ବା ଅନ୍ୟ କୌଣସି ଉପାୟରେ ସହାୟତା କରିବାକୁ ଖଣ୍ଡପୀଠ ସୋମବାର କହିଛନ୍ତି। ☞ପୃଷ୍ଠା-୨

# ରାଜଧାନୀରେ ଧାନ ଢାଳି ପ୍ରତିବାଦ

## ନବୀନ ନିବାସ ଘେରାଉ ଉଦ୍ୟମ କଲା ନବ ନିର୍ମାଣ କୃଷକ ସଂଗଠନ

### ଚାଷୀଙ୍କୁ ହକ୍ ନ ମିଳିଲେ ୧୪୭ ନିର୍ବାଚନମଣ୍ଡଳୀରେ ହେବ ଆନ୍ଦୋଳନ

ଭୁବନେଶ୍ୱର,୯।୧(ବ୍ୟୁରୋ)



ନବନିର୍ମାଣ କୃଷକ ସଙ୍ଗଠନର ସଦସ୍ୟମାନେ ରାଜଧାନୀରେ ଧାନ ଢାଳୁଥିବାବେଳେ ପୋଲିସ ସେମାନଙ୍କୁ ଅଟକାଉଛି।

ଧାନମଣ୍ଡିରେ ହେଉଥିବା ଅବ୍ୟବସ୍ଥା ଓ କଟ୍‌ନି ଛଟ୍‌ନିକୁ ନେଇ ଚାଷୀ କ୍ଷୁବ୍ଧ। ଏ ନେଇ ଦୀର୍ଘଦିନ ହେବ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ କୁହୁଳୁଛି। ସରକାର ଚାଷୀଙ୍କ କଥା ଶୁଣୁନାହାନ୍ତି। ମିଲର, ସମବାୟ ସମିତି, ସରକାରୀ କର୍ମଚାରୀ ଚାଷୀଙ୍କୁ ଶୋଷଣ କରି ଚାଲିଛନ୍ତି। ନିଜର ହକ୍ ପାଇଁ ପ୍ରତିବାଦ କରିବାକୁ ଚାଷୀଙ୍କୁ ଭୁବନେଶ୍ୱର ମଧ୍ୟକୁ ପ୍ରବେଶ କରିବାକୁ ଦିଆଯାଉନାହିଁ। ଏଭଳି ଅଭିଯୋଗ ସମ୍ପର୍କରେ କୌଣସି ପ୍ରାକ୍ ସୂଚନା ନ ଦେଇ ସୋମବାର ସକାଳୁ ନବନିର୍ମାଣ କୃଷକ ସଙ୍ଗଠନ ନେତୃତ୍ୱରେ ଅତର୍କିତ ଭାବେ ଶତାଧିକ ଚାଷୀ ନବୀନ ନିବାସ ଆଡ଼କୁ ମାଡ଼ିଆସିଲେ। ପୋଲିସ କିଛି ବୁଝିବା ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ସମ୍ମୁଖରେ କୁଇଣ୍ଟାଇ କୁଇଣ୍ଟାଲ ଧାନ ଢାଳିବା ସହ ରାଜରାସ୍ତାରେ ଗଡ଼ି ଦାବି ପୂରଣ ଲାଗି ଅଡ଼ିବସିଲେ। ଚାଷୀଙ୍କ ଏପରି ଅତର୍କିତ ବିକ୍ଷୋଭ ଯୋଗୁ ସକାଳୁ ସକାଳୁ ରାଜଧାନୀ ରାଜରାସ୍ତା କିଛି ସମୟ ପାଇଁ ଅଚଳ ହୋଇଯାଇଥିଲା। ଆନ୍ଦୋଳନକାରୀ ଚାଷୀଙ୍କୁ ରାସ୍ତାରୁ ହଟାଇବାକୁ ପୋଲିସକୁ ନାକେଦମ୍ ହେବାକୁ ପଡ଼ିଥିଲା।

ନବନିର୍ମାଣ କୃଷକ ସଙ୍ଗଠନର ଶତାଧିକ ଚାଷୀ, କର୍ମୀ, ମହିଳା ହାତରେ ପ୍ଲା କାର୍ଡ ଧରି ସକାଳ ୮ଟାରେ ହଠାତ୍ ନବୀନ ନିବାସ ଆଡ଼କୁ ମାଡ଼ି ଚାଲିଥିଲେ। ସାଙ୍ଗରେ ଧାନବସ୍ତା ଲୋଡ୍ ହୋଇଥିବା ଟ୍ରାକ୍ଟର ମଧ୍ୟ ଆଣିଥିଲେ। ଚାଷୀ ଆନ୍ଦୋଳନ ସମ୍ପର୍କରେ ଗୋଇନ୍ଦା କି ନବୀନ ନିବାସ ସୁରକ୍ଷା ଦାୟିତ୍ୱରେ ଥିବା ପୋଲିସ ମଧ୍ୟ ସୁରାକ୍ ପାଇ ନ ଥିଲା।

ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଆଡ଼କୁ ବିକ୍ଷୋଭକାରୀମାନେ ଆସୁଥିବା ଦେଖି ସୁରକ୍ଷା କର୍ମୀ ଆବାକ୍ ହୋଇଯାଇଥିଲେ। ସେଠାରେ ଚାଷୀଙ୍କୁ ଅଟକାଇବାକୁ ଉଦ୍ୟମ କରିଥିଲେ। ମାତ୍ର ବିକ୍ଷୋଭକାରୀଙ୍କ ସଂଖ୍ୟା ଅଧିକ ଥିବାରୁ ସେମାନଙ୍କୁ କାବୁ କରିବାକୁ ପୋଲିସକୁ ନାକେଦମ୍ ହେବାକୁ ପଡ଼ିଥିଲା। କିଛି ସମୟ ପାଇଁ ନବୀନ ନିବାସ ସମ୍ମୁଖ ଏକପ୍ରକାର ରଣକ୍ଷେତ୍ରରେ ପରିଣତ ହୋଇଥିଲା। ଆନ୍ଦୋଳନକାରୀଙ୍କୁ କାବୁ କରିବା ଲାଗି ପୋଲିସକୁ ବେଶ୍ କସରତ କରିବାକୁ ପଡ଼ିଥିଲା। ☞ପୃଷ୍ଠା-୨

# ମହିଳାଙ୍କ ନିଷ୍ପତ୍ତି ନେବାର କ୍ଷମତା ହେଉଛି ପ୍ରକୃତ ରୂପାନ୍ତର




ଭୁବନେଶ୍ୱର,୯।୧(ବ୍ୟୁରୋ)

## ୧୨୫ କୋଟି ଟଙ୍କାର ସୁଧ ରିହାତି ମିଳିଲା

- ୨୦୨୨ ଏପ୍ରିଲ-ସେପ୍ଟେମ୍ବର ଋଣର ସୁଧ ଛାଡ଼
- ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣର ସୁଧ ନାହିଁ

ମିଶନ ଶକ୍ତି କାର୍ଯ୍ୟକ୍ରମ ଜରିଆରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି)ଙ୍କୁ ଅଧିକ ସଶକ୍ତ ଓ ସ୍ୱାବଲମ୍ବୀ କରିବା ଉଦ୍ଦେଶ୍ୟରେ ସୋମବାର ରାଜ୍ୟ ସରକାର ଅଢ଼େଇ ଲକ୍ଷ ମିଶନ ଶକ୍ତି ଗ୍ରୁପର ବ୍ୟାଙ୍କ ଖାତାକୁ ୧୨୫ କୋଟି ଟଙ୍କାର ସୁଧ ରିହାତି ପ୍ରଦାନ କରିଛନ୍ତି। ୨୦୨୨ ଏପ୍ରିଲରୁ ସେପ୍ଟେମ୍ବର ମଧ୍ୟରେ ମହିଳାମାନେ ଯେଉଁ ଋଣ ନେଇଥିଲେ ତାହାର ସୁଧ ସେମାନଙ୍କୁ ଫେରସ୍ତ କରାଯାଇଛି। ମାତ୍ର ୬ ମାସରେ ଏହି ସୁଧ ରିହାତି ଫେରସ୍ତ କରାଯାଇଛି। ଲୋକସେବା ଭବନ କନ୍‌ଭେନଶନ ସେଣ୍ଟରରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୫ଟି ମିଶନ ଶକ୍ତି ଗ୍ରୁପକୁ ଚେକ୍ ପ୍ରଦାନ କରି ଏହି କାର୍ଯ୍ୟକ୍ରମର ☞ପୃଷ୍ଠା-୨

# ବିନା ଏନ୍‌ଇଇଟିରେ ପଢୁଛନ୍ତି ଆୟୁର୍ବେଦ ପାଠ

ଖୋର୍ଦ୍ଧା ଅଫିସ,୯।୧

- ଉତ୍ତରପ୍ରଦେଶ ପରେ ଓଡ଼ିଶାରେ ଧରାପଡ଼ିଲା ରାକେଟ
- ମୋଟା ଅଙ୍କ ନେଇ ବାହାର ପିଲାଙ୍କୁ ଦିଆଯାଉଛି ନାମଲେଖା ସୁଯୋଗ
- ଆୟୁଷ ମନ୍ତ୍ରଣାଳୟ, ସ୍ୱାସ୍ଥ୍ୟ ସଚିବଙ୍କ ନିକଟରେ ଅଭିଯୋଗ
- ନାମଲେଖା ଯାଞ୍ଚ ସହ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

ଡାକ୍ତରୀ ପାଠ ପଢ଼ିବାକୁ ହେଲେ ସର୍ବଭାରତୀୟ ସ୍ତରରେ ଏନ୍‌ଇଇଟି ଏବଂ ଓଜେଇଇ ଦେବାକୁ ପଡ଼ିଥାଏ। ପରେ ନମ୍ବର ଏବଂ କ୍ୟାରିୟର ମାର୍କ ଆଧାରରେ ଛାତ୍ରୀଛାତ୍ରଙ୍କୁ ଡାକ୍ତରୀ ପଢ଼ିବା ଲାଗି ସୁଯୋଗ ମିଳିଥାଏ। ତେବେ ବହୁ ମେଧାବୀଙ୍କୁ ସରକାରୀ କଲେଜରେ ସ୍ଥାନ ମିଳିପାରୁ ନ ଥିବାବେଳେ ଓଜେଇଇ ଓ ଏନ୍‌ଇଇଟି ପାସ୍ କରି ନ ଥିବା କେତେଜଣ ଛାତ୍ରୀଛାତ୍ର ଆୟୁଷ ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ଆୟୁର୍ବେଦ ଡାକ୍ତରୀ ପାଠ ଅଧ୍ୟୟନ କରୁଥିବା ଜଣାପଡ଼ିଛି। କୋଟି କୋଟି ଟଙ୍କା ଲାଞ୍ଚ ନେଇ ନକଲି ସାର୍ଟିଫିକେଟରେ ପିଲାଙ୍କୁ ପ୍ରତିଷ୍ଠିତ ସରକାରୀ ମେଡିକାଲ କଲେଜରେ ବ୍ୟାଚ୍‌ଲର ଅଫ୍ ଆୟୁର୍ବେଦ ମେଡିସିନ୍ ଆଣ୍ଡ ସର୍ଜରି(ବିଏଏମ୍‌ଏସ୍)ରେ ସୁଯୋଗ ଦିଆଯାଉଛି। ଆୟୁଷ ମନ୍ତ୍ରଣାଳୟ ଅଧୀନ ପୁରୀସ୍ଥିତ ଗୋପବନ୍ଧୁ ଆୟୁର୍ବେଦ କଲେଜ ବିରୋଧରେ ଆସିଛି ଏଭଳି ସାଂଘାତିକ ଅଭିଯୋଗ।

ଏହି ବେଆଇନ ନାମଲେଖା ସମ୍ପର୍କରେ ବିହାର ନାଳନ୍ଦା ଅଞ୍ଚଳର ଜଣେ ଛାତ୍ରଙ୍କ ସମେତ ନିଟ୍‌ରେ ଯୋଗ୍ୟତା ହାସଲ ସତ୍ତ୍ୱେ ବିଏଏମ୍‌ଏସ୍ ପଢ଼ାରୁ ବଞ୍ଚିତ କିଛି ଛାତ୍ରୀଛାତ୍ର ଭାରତ ସରକାରଙ୍କ ଆୟୁଷ ମନ୍ତ୍ରଣାଳୟ ଏବଂ ଓଡ଼ିଶା ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଶାସନ ସଚିବ ତଥା କମିଶନରଙ୍କ ନିକଟରେ ଗତ ନଭେମ୍ବର ୨୧ରେ ଅଭିଯୋଗ କରିଛନ୍ତି। ଏହି ଘଟଣାର ଯାଞ୍ଚ ସହ ଏଥିରେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଗତ କିଛିବର୍ଷ ଧରି କଲେଜ କର୍ତ୍ତୃପକ୍ଷ ଏଭଳି ବେଆଇନ କାର୍ଯ୍ୟ ଚଳାଇ ଆସୁଛନ୍ତି। ଏଥିରେ ଏକ ରାକେଟ କାମ କରୁଛି। କଲେଜଠାରୁ ଆୟୁଷ ବିଭାଗ ପର୍ଯ୍ୟନ୍ତ କେତେଜଣ ଅସାଧୁ ଅଧିକାରୀ ଏଥିରେ ସାମିଲ ରହିଛନ୍ତି। ଗତ ୫ବର୍ଷର ନାମଲେଖା ରେଜିଷ୍ଟର ଯାଞ୍ଚ କରାଗଲେ ବହୁ ଗୁମର ତଥ୍ୟ ପଦାକୁ ଆସିବ। ଏପରି କି ବାହାର କଲେଜ ଛାତ୍ରୀଛାତ୍ରଙ୍କଠାରୁ ପ୍ରାୟ ୫୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଲାଞ୍ଚ ନେଇ ନକଲି ନିଟ୍ ଆପ୍ଲିକେଶନ ନମ୍ବର ଓ ର୍ୟାଙ୍କ କାର୍ଡ, ଓଜେଇଇ ଆଲଟମେଣ୍ଟ ଲେଟର, କଲେଜ ଟ୍ରାନ୍ସଫର ସାର୍ଟିଫିକେଟ (ସିଏଲ୍‌ସି) ଓ ମାଇଗ୍ରେଶନ ସାର୍ଟିଫିକେଟ, ଆୟୁଷ ନିର୍ଦ୍ଦେଶକଙ୍କ ବିନା ଅନୁମୋଦିତ କଲେଜ ଟ୍ରାନ୍ସଫର ସାର୍ଟିଫିକେଟ ବ୍ୟବସ୍ଥା କରାଯାଇ ନାମ ଲେଖାଯାଉଛି ବୋଲି ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ, ୨୦୨୦-୨୧ରେ ସୌମ୍ୟ ରଞ୍ଜନ ସାହୁ ଓ ଆଦ୍ୟାଶା ଦାସଙ୍କଠାରୁ ବିଏଏମ୍‌ଏସ୍ ପଢ଼ିବା ଲାଗି ମୋଟା ଅଙ୍କ ☞ପୃଷ୍ଠା-୨




# ରାୟଗଡ଼ା ସହକାରୀ ମୃତ୍ତିକା ସଂରକ୍ଷଣ ଅଧିକାରୀ ଗିରଫ

■ ବୁଲେଟରେ ଲକ୍ଷାଧିକ ଟଙ୍କା ନେଉଥିବାବେଳେ ଧରାପଡ଼ିଲେ

■ ୧୧, ୮୪, ୫୬୦ ଟଙ୍କା ଜବତ

ରାୟଗଡ଼ା(ସ୍ୱ.ପ୍ର.)/ନବରଙ୍ଗପୁର(ବି.ପ୍ର.),୯।୧

ବେଆଇନ ଭାବେ ରାତିରେ ଲକ୍ଷାଧିକ ଟଙ୍କା ନେଇ ଯାଉଥିବା ରାୟଗଡ଼ା ଜିଲା ମୃତ୍ତିକା ସଂରକ୍ଷଣ ବିଭାଗର ସହକାରୀ ଅଧିକାରୀ କିଶୋର ଚନ୍ଦ୍ର ନାୟକ ଭିଜିଲାନ୍ସ ଦ୍ୱାରା ରବିବାର ରାତିରେ ଗିରଫ ହୋଇଛନ୍ତି। ନାୟକ ନିଜ ବୁଲେଟ୍(ଓଡି ୧୦ ଏମ୍-୩୦୦୧)ରେ ୫ଲକ୍ଷ ୫୪ ହଜାର ୫୬୦ ଟଙ୍କା ନେଇ ଯାଉଥିଲେ। ଭିଜିଲାନ୍ସ ଟିମ୍ ସୂଚନା ପାଇ ତାଙ୍କୁ ସ୍ଥାନୀୟ ଅରବିନ୍ଦ ନଗରଠାରେ ଧରିଥିଲା। ତେବେ ନାୟକ ଉକ୍ତ ଟଙ୍କା କେଉଁଠାରୁ ଆଣିଲେ ତାହାର ହିସାବ ସେ ଦେଇପାରି ନ ଥିଲେ। ରାତିରେ ଡିଏସ୍‌ପି ସୁରେନ୍ଦ୍ରନାଥ ରାୟଗୁରୁଙ୍କ ନେତୃତ୍ୱରେ ନାୟକଙ୍କ ରାୟଗଡ଼ା ମଙ୍ଗଳା ନଗର ନିକଟସ୍ଥ ଭଡ଼ାଘରେ ମଧ୍ୟ ଚଢ଼ାଉ କରାଯାଇଥିଲା। ସେଠାରୁ ୬ ଲକ୍ଷ ୩୦ ହଜାର ଟଙ୍କା ଜବତ କରାଯାଇଥିଲା। ମୋଟ ୧୧ ଲକ୍ଷ ୮୪ ହଜାର ୫୬୦ ଟଙ୍କା ନଗଦ ଆକାରରେ ଜବତ କରାଯାଇଥିବାବେଳେ ନାୟକଙ୍କ ନିକଟରେ ତାହାର ହିସାବ ନ ଥିଲା। ସୋମବାର ତାଙ୍କୁ ଜୟପୁର କୋର୍ଟ ଚାଲାଣ କରାଯାଇଛି।

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ମନ୍ତ୍ରୀଗୁଡ଼ାସ୍ଥିତ ପୈତୃକ ବାସଭବନ ଏବଂ ଭୁବନେଶ୍ୱର ପାତ୍ରପଡ଼ାଠାରେ ସ୍ତ୍ରୀ ରହୁଥିବା ବାସଭବନରେ ମଧ୍ୟ ସୋମବାର ଏକକାଳୀନ ଚଢ଼ାଉ କରାଯାଇ ଯାଞ୍ଚ ଜାରି ରହିଛି। ଜଣେ ଅଧିକାରୀଙ୍କ ପାଖକୁ ଏତେ ଟଙ୍କା କେଉଁଠୁ ଆସିଲା ତାହାକୁ ନେଇ ଏବେ ବିରାଟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗିରଫ ସହକାରୀ ମୃତ୍ତିକା ସଂରକ୍ଷଣ ଅଧିକାରୀ ଜଳଛାୟା ମିଶନ ପିଆଇଓ ଦାୟିତ୍ୱ ମଧ୍ୟ ତୁଲାଉଥିଲେ। ସେ କୋଲନରା ଓ କଲ୍ୟାଣସିଂହପୁର ବ୍ଲକ ଦାୟିତ୍ୱରେ ରହିଥିଲେ। ଜଳଛାୟା ମିଶନ ବିଭାଗରେ ଦୁର୍ନୀତି ଓ ଅନିୟମିତତା ନେଇ ବାରମ୍ବାର ଅଭିଯୋଗ ହେଉଛି।


ଜବତ ଟଙ୍କା ଓ ଗିରଫ ସହକାରୀ ମୃତ୍ତିକା ସଂରକ୍ଷଣ ଅଧିକାରୀ।

# ପୋଲିସ ଲୋକଙ୍କ ମିତ୍ର ହୋଇ କାର୍ଯ୍ୟ କରୁ: ମୁଖ୍ୟମନ୍ତ୍ରୀ

**କମିଶନରେଟ୍ ପୋଲିସର ୧୫ ତମ ପ୍ରତିଷ୍ଠା ଦିବସ**

■ ଶ୍ରେଷ୍ଠ ଏସିପି ପ୍ରଦୀପ, ତାପସ

ଭୁବନେଶ୍ୱର, ୯।୧(ବ୍ୟୁରୋ)

ରାଜ୍ୟ ପୋଲିସ ବିଭାଗ ୫-ଟିରେ ସାମିଲ ହେବାପରେ ଅନେକ ପରିବର୍ତ୍ତନ ଆସିଛି। ପୋଲିସ ଉପରେ ଲୋକଙ୍କ ଆସ୍ଥା ବଢ଼ିଛି। ଯଦି ଲୋକମାନଙ୍କର ଆସ୍ଥା ଆହୁରି ବଢ଼ିବ ବହୁତ ଖୁସି ହେବି। ଥାନାରେ ଲୋକଙ୍କୁ ଉପଯୁକ୍ତ ସମ୍ମାନ ମିଳୁଥିବା ଖବର ମିଳୁଛି। ପୋଲିସ ସବୁବେଳେ ଲୋକଙ୍କ ମିତ୍ର ଓ ବରିଷ୍ଠ ନାଗରିକଙ୍କ ବନ୍ଧୁ ହୋଇ କାର୍ଯ୍ୟ କରୁ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ଭୁବନେଶ୍ୱର-କଟକ କମିଶନରେଟ୍ ପୋଲିସ ବ୍ୟବସ୍ଥା ୧୬ ବର୍ଷରେ ପଦାର୍ପଣ କରିଛି। ଏହି ଅବସରରେ ସପ୍ତମ ବାଟାଲିୟନରେ ଆୟୋଜିତ ୧୫ ତମ ପ୍ରତିଷ୍ଠା ଦିବସ ପରେଡ୍ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଏବେ ସାଇବର ଅପରାଧ ଏକ ବଡ଼ ଚ୍ୟାଲେଞ୍ଜ ହୋଇଛି। ଏଭଳି ଅପରାଧ ରୋକିବାରେ କମିଶନରେଟ୍ ପୋଲିସ ନିଜର ଦକ୍ଷତାରେ ଉନ୍ନତି ଆଣିବା ସହ ଦେଶରେ ଏକ ମଡେଲ ଭାବେ ଉଭାହେବା ଦିଗରେ କାର୍ଯ୍ୟ କରିବା ଦରକାର। 'ଉଇ କେୟାର ଉଇ ଡେୟାର' ଭାବନା ନେଇ କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, କୋଭିଡ୍ ମହାମାରୀ ସମୟରେ ପୋଲିସ କର୍ମଚାରୀମାନଙ୍କ ଉତ୍ସର୍ଗୀକୃତ କାର୍ଯ୍ୟ ପ୍ରଶଂସନୀୟ। ମହାମାରୀ ବେଳେ ବଳିଦାନ ଦେଇଥିବା ପୋଲିସ କର୍ମଚାରୀଙ୍କ ପରିବାର ପ୍ରତି ମୁଖ୍ୟମନ୍ତ୍ରୀ ଗଭୀର ସମବେଦନା ଜଣାଇଛନ୍ତି। ବରିଷ୍ଠ ନାଗରିକମାନଙ୍କୁ ସହାୟତା କରିବା ସକାଶେ କମିଶନରେଟ୍ ପୋଲିସ ସୁରକ୍ଷା ସେଲ୍ କାର୍ଯ୍ୟ କରୁଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ବରିଷ୍ଠ ନାଗରିକମାନଙ୍କ ଅଭିଯୋଗ ଗ୍ରହଣ କରିବା ଲାଗି ଏକ ମୋବାଇଲ ଆପ୍ ଉନ୍ମୋଚନ କରିଛନ୍ତି। ଗତବର୍ଷ ଅନେକ ଥାନା ଶିଶୁକୈନ୍ଦ୍ରିକ ହୋଇଛି। ଆଗାମୀ ଦିନରେ କମିଶନରେଟ୍ ପୋଲିସ ଅଧୀନରେ ଥିବା ଥାନାଗୁଡ଼ିକୁ ଶିଶୁକୈନ୍ଦ୍ରିକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ବିପର୍ଯ୍ୟୟ ପରିଚାଳନା, ଅପରାଧ ନିୟନ୍ତ୍ରଣ, ଟ୍ରାଫିକ୍ ପରିଚାଳନା, ଅବକାରୀ ନିରୋଧୀ ଏବଂ ଅନ୍ୟାନ୍ୟ ସୁରକ୍ଷା ମାମଲାରେ କମିଶନରେଟ ପୋଲିସ ଆହୁରି ସତର୍କ ଓ ଦକ୍ଷ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକଟ କରିଛନ୍ତି। ଏଥିସହିତ ମେକ୍ ଇନ୍ ଓଡିଶା, ଫିପା ୧୭ ବର୍ଷରୁ କମ୍ ବିଶ୍ୱକପ୍ ଏବଂ କଟକ ଓ ଭୁବନେଶ୍ୱରରେ ହେଉଥିବା ବିଭିନ୍ନ ପର୍ବପର୍ବାଣିରେ କମିଶନରେଟ ପୋଲିସର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ମୁଖ୍ୟମନ୍ତ୍ରୀ ସ୍ୱୀକୃତି ଦେବା ସହ ପ୍ରଶଂସା କରିଛନ୍ତି। ଆସନ୍ତା ପୁରୁଷ ହକି ବିଶ୍ୱକପ୍ ବେଳେ ମଧ୍ୟ କମିଶନରେଟ ପୋଲିସ ସେହିପରି ସେବା ଯୋଗାଇବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଡିଜିପି ସୁନୀଲ ବଂଶଲ କହିଛନ୍ତି, ଓଡ଼ିଶା ପୋଲିସର ମୁଖଶାଳା କମିଶନରେଟ ପୋଲିସ। ପୋଲିସର ସମସ୍ତ ଆବଶ୍ୟକତାକୁ ରାଜ୍ୟ ସରକାର ପୂରଣ କରୁଛନ୍ତି। ୫-ଟି ଜରିଆରେ ଜନସାଧାରଣଙ୍କୁ ନ୍ୟାୟ ପ୍ରଦାନ କରାଯାଉଛି। ଆଗକୁ ଶୃଙ୍ଖଳିତ ଭାବେ ହକି ବିଶ୍ୱକପ୍ ଆୟୋଜନ ପାଇଁ ପ୍ରସ୍ତୁତି କରାଯାଇଛି। ଦେଶର ସର୍ବଶ୍ରେଷ୍ଠ କମିଶନରେଟ୍ ପୋଲିସ ପାଇଁ ଉଦ୍ୟମ କରାଯାଉଛି ବୋଲି ଡିଜିପି କହିଛନ୍ତି।

ଏହି ଅବସରରେ ୨୦୨୨ରେ କଟକ-ଭୁବନେଶ୍ୱରର ବିଭିନ୍ନ ଥାନାରେ ଉତ୍ତମ କାର୍ଯ୍ୟ କରିଥିବା ପୋଲିସ ଅଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ପୁରସ୍କୃତ କରିଥିଲେ। ସେମାନେ ହେଲେ ଭୁବନେଶ୍ୱରର ଶ୍ରେଷ୍ଠ ଏସିପି ପ୍ରଦୀପ କୁମାର ରାଉତ, କଟକର ଶ୍ରେଷ୍ଠ ଏସିପି ତାପସ ଚନ୍ଦ୍ର ପ୍ରଧାନ, ସପ୍ତମ ବାଟାଲିୟନ ଏସିପି ଶ୍ରଦ୍ଧାକାର ଧାରୁଆ, ଖଣ୍ଡଗିରି ଥାନାଧିକାରୀ ଦୟାନିଧି ନାୟକ, କଟକ ମଙ୍ଗଳାବାଗ ଥାନା ଅଧିକାରୀ ସୁଧାଂଶୁ ଭୂଷଣ ଜେନା, ଭୁବନେଶ୍ୱର ହାବିଲ୍‌ଦାର ଜାମ୍ବୁ ପ୍ରଧାନ, ସପ୍ତମ ବାଟାଲିୟନର ହାବିଲଦାର ସଞ୍ଜିତ କୁମାର ରାଜ, ଭୁବନେଶ୍ୱର ଟ୍ରାଫିକ୍ ଥାନା-୨ର କନଷ୍ଟେବଲ ଗଗନ କୁମାର ନାୟକ ଓ ମହିଳା ଟ୍ରାଫିକ୍ କନଷ୍ଟେବଲ ସନ୍ତୋଷିନୀ ମଲ୍ଲିକ।

ଏହି କାର୍ଯ୍ୟକ୍ରମରେ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ, ଅଗ୍ନିଶମ ଡିଜି ସନ୍ତୋଷ ଉପାଧ୍ୟାୟ, ବିଜୁପଟ୍ଟନାୟକ ପୋଲିସ ଏକାଡେମୀର ନିର୍ଦ୍ଦେଶକ ଅରୁଣ ଷଡଙ୍ଗୀ, ଗୁଇନ୍ଦା ନିର୍ଦ୍ଦେଶକ ସଞ୍ଜୀବ ପଣ୍ଡା, ଏଡିଜି ଅମିତାଭ ଠାକୁରଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଯୋଗ ଦେଇଥିଲେ।


ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ମେମେଣ୍ଟୋ ପ୍ରଦାନ କରୁଛନ୍ତି। ନିକଟରେ ଅଛନ୍ତି ପୋଲିସ ଡିଜି ସୁନୀଲ ବଂଶଲ।

# ୩୧ ସୁଦ୍ଧା ସମ୍ପତ୍ତି ତାଲିକା ଦାଖଲ ନ କଲେ କାର୍ଯ୍ୟାନୁଷ୍ଠାନ

**କୃଷି ବିଭାଗ କର୍ମଚାରୀଙ୍କୁ ତାଗିଦ୍**

ଭୁବନେଶ୍ୱର,୯।୧(ବ୍ୟୁରୋ)

ଜାନୁୟାରୀ ୩୧ ସୁଦ୍ଧା ଅନ୍‌ଲାଇନ୍‌ରେ ଏଚ୍‌ଆରଏମ୍‌ଏସ୍(ମାନବ ସମ୍ବଳ ପରିଚାଳନା ବ୍ୟବସ୍ଥା) ପୋର୍ଟାଲରେ ନିଜର ବାର୍ଷିକ ସମ୍ପତ୍ତି ତାଲିକା ଦାଖଲ କରିବାକୁ କୃଷି ବିଭାଗ ପ୍ରମୁଖ ସଚିବ ଅରବିନ୍ଦ ପାଢ଼ୀ ବିଭାଗର ସମସ୍ତ କର୍ମଚାରୀଙ୍କୁ କଡ଼ା ଚେତାବନୀ ଜାରି କରିଛନ୍ତି। ଏ ନେଇ ସେ ବିଭାଗୀୟ ସମସ୍ତ ଅଧିକାରୀଙ୍କୁ ଚିଠି ଲେଖି ଜଣାଇଛନ୍ତି ଯେ, ଓଡ଼ିଶା ଗଭର୍ନମେଣ୍ଟ ସର୍ଭିସ୍ କଣ୍ଡକ୍ଟ(ସଂଶୋଧନ)ରୁଲ୍‌ସ-୨୦୨୧ର ବ୍ୟବସ୍ଥା ଅନୁସାରେ ପ୍ରତ୍ୟେକ ସରକାରୀ କର୍ମଚାରୀ ନିଜର ବାର୍ଷିକ ସମ୍ପତ୍ତି ବିବରଣୀ ଦାଖଲ କରିବାକୁ ବାଧ୍ୟ। ଏ ନେଇ ସାଧାରଣ ପ୍ରଶାସନ ବିଭାଗ ମଧ୍ୟ ୨୦୨୨ ଡିସେମ୍ବର ୩୧ରେ ଏକ ନିର୍ଦ୍ଦେଶନାମା ଜାରି କରି ସମସ୍ତ କର୍ମଚାରୀଙ୍କୁ ୨୦୨୩ ଜାନୁୟାରୀ ୩୧ ସୁଦ୍ଧା ନିଜର ବାର୍ଷିକ ସମ୍ପତ୍ତି ବିବରଣୀ(୨୦୨୨ ଡିସେମ୍ବର ୩୧ ପର୍ଯ୍ୟନ୍ତ) ଏଚ୍‌ଆରଏମ୍‌ଏସ୍ ପୋର୍ଟାଲରେ ଅନ୍‌ଲାଇନରେ ଦାଖଲ କରିବାକୁ ପରାମର୍ଶ ଦେଇଛି। ଏହି ବାର୍ଷିକ ସମ୍ପତ୍ତି ବିବରଣୀ ପ୍ରତ୍ୟେକ କର୍ମଚାରୀଙ୍କ ପାଇଁ ଉପର ପାହ୍ୟାକୁ ପଦୋନ୍ନତି ନିମନ୍ତେ ଜରୁରୀ। ଏଥିଯୋଗୁ ବିଭାଗର ସମସ୍ତ କର୍ମଚାରୀ ଓ ଅଫିସରମାନଙ୍କୁ ଜାନୁୟାରୀ ୩୧ ସୁଦ୍ଧା ଅନ୍‌ଲାଇନରେ ଏଚ୍‌ଆରଏମ୍‌ଏସ୍ ପୋର୍ଟାଲରେ ନିଜର ବାର୍ଷିକ ସମ୍ପତ୍ତି ବିବରଣୀ ଦାଖଲ କରିବାକୁ ପାଢ଼ୀ ନିର୍ଦ୍ଦେଶ ଦେଇଛନ୍ତି। ଏହି ନିର୍ଦ୍ଦେଶନାମା ସଚିବଙ୍କ ସମେତ ବିଭାଗରେ କାର୍ଯ୍ୟରତ ସମସ୍ତ ସର୍ବଭାରତୀୟ ସେବା ଅଫିସରଙ୍କ ପାଇଁ ମଧ୍ୟ ଲାଗୁ ବୋଲି ପାଢ଼ୀ ସ୍ପଷ୍ଟ କରିଛନ୍ତି। ଯଦି କେହି ଏହାର ଉଲ୍ଲଂଘନ କରିବେ ତେବେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି।




# ପ୍ରକାଶ ପାଇଲା ଓଟିଇଟି ପରୀକ୍ଷା ଫଳ

**୧୬, ୧୭୧ ପରୀକ୍ଷାର୍ଥୀ କୃତକାର୍ଯ୍ୟ, ପାସ୍ ହାର ୪୯.୮୪%**

କଟକ ଅଫିସ,୯।୧

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଟିଇଟି) ଫଳ ସୋମବାର ପ୍ରକାଶ ପାଇଛି। ଏହି ପରୀକ୍ଷାରେ ୨ଟି ପେପରରେ ମୋଟ ପାସ୍ ହାର ୪୯. ୮୪ ପ୍ରତିଶତ ହୋଇଛି। ଓଟିଇଟି ପରୀକ୍ଷା ଦେବାକୁ ୩୨ହଜାର ୪୪୮ଜଣ ପରୀକ୍ଷାର୍ଥୀ ଫର୍ମପୂରଣ କରିଥିଲେ। ସେମାନଙ୍କ ମଧ୍ୟରୁ ୩୧ ହଜାର ୪୯୨ଜଣ ପରୀକ୍ଷା ଦେଇଥିବାବେଳେ ୯୫୬ଜଣ ଅନୁପସ୍ଥିତ ଥିଲେ। ୧୬ ହଜାର ୧୭୧ଜଣ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଥିବା ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି।

ବୋର୍ଡ ପକ୍ଷରୁ ଓଟିଇଟିର ୨ଟି ପେପରରେ ପରୀକ୍ଷା ହୋଇଥିଲା। ପେପର-୧ରେ ପରୀକ୍ଷା ଦେବାକୁ ୨୪ ହଜାର ୯୨୦ଜଣ ଆବେଦନ କରିଥିଲେ। ସେମାନଙ୍କ ମଧ୍ୟରୁ ୨୪ ହଜାର ୨୩୬ଜଣ ପରୀକ୍ଷା ଦେଇଥିଲେ ଏବଂ ୬୮୪ ଜଣ ଅନୁପସ୍ଥିତ ଥିଲେ। ୧୧ ହଜାର ୯୫୫ ଜଣ ଉତ୍ତୀର୍ଣ୍ଣ ହୋଇଥିବାବେଳେ ପାସ୍ ହାର ୪୭.୯୭ ପ୍ରତିଶତ ହୋଇଛି। ସେହିପରି ପେପର-୨ରେ ୭ହଜାର ୫୨୮ଜଣ ପରୀକ୍ଷା ଦେବାକୁ ଫର୍ମପୂରଣ କରିଥିଲେ। ୭ହଜାର ୨୫୬ଜଣ ପରୀକ୍ଷାରେ ଉପସ୍ଥିତ ଥିବାବେଳେ ୨୭୨ଜଣ ଅନୁପସ୍ଥିତ ଥିଲେ। ସେମାନଙ୍କ ମଧ୍ୟରୁ ୪ ହଜାର ୨୧୬ଜଣ କୃତକାର୍ଯ୍ୟ ହୋଇଛନ୍ତି। ପାସ୍ ହାର ୫୬ ପ୍ରତିଶତ ହୋଇଥିବା ବୋର୍ଡ ଉପସଭାପତି ଡ. ନୀହାର ରଞ୍ଜନ ମହାନ୍ତି ସୂଚନା ଦେଇଛନ୍ତି।

# ୨୯ ନୂଆ ଥାନା ଉଦ୍‌ଘାଟିତ

**ଭୁବନେଶ୍ୱର,୯।୨(ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ୨୯ ନୂତନ ଥାନାର ଉଦ୍‌ଘାଟନ କରିଛନ୍ତି। ସେଥିରୁ ଅଧିକାଂଶ ଫାଣ୍ଡିକୁ ଅପ୍‌ଗ୍ରେଡ୍ କରାଯାଇ ଥାନାରେ ପରିଣତ କରାଯାଇଛି। ଜଗତ୍‌ସିଂହପୁର ଜିଲାର କୃଷ୍ଣନନ୍ଦନପୁର ଫାଣ୍ଡିକୁ ଥାନାରେ ପରିଣତ କରାଯାଇଥିବା ବେଳେ ରାୟଗଡ଼ା ଜିଲାର ରାମନାଗଡ଼, ଯାଜପୁର ଜିଲାର ଅଳକୁଣ୍ଡା ଓ ବ୍ରହ୍ମବରଦା, ଖୋର୍ଦ୍ଧାର ନାରୁଣୀ, ସୁବର୍ଣ୍ଣପୁରର ଲଛିପୁର, ପୁରୀର ଚାରିଛକ ଫାଣ୍ଡିକୁ ଥାନାରେ ପରିଣତ କରାଯାଇଛି। ସେହିପରି ଅନୁଗୋଳ ଜିଲାର ବାଗଡିଆ ବିଏଚ୍ ଓ ଗୋପାଳପ୍ରସାଦ ଫାଣ୍ଡି, ଢେଙ୍କାନାଳ ଜିଲାର ମହାବୀ ରୋଡ୍ ଫାଣ୍ଡି, ଝାରସୁଗୁଡ଼ାର ତଳପଟିଆ ଫାଣ୍ଡିକୁ ବିମାନବନ୍ଦର ଥାନାରେ ପରିଣତ କରାଯାଇଛି। ମୟୂରଭଞ୍ଜ ଜିଲାର ଭଜନପୁର ଥାନା, କେନ୍ଦ୍ରାପଡ଼ା ଜିଲାର ଚଉଦକୁଲାଟ ଫାଣ୍ଡି ଓ କୁଦାନଗରୀ ଫାଣ୍ଡି, ଦେଓଗଡ଼ ଜିଲାର ଲଇମୁରା, ନବରଙ୍ଗପୁର ଜିଲାର ମଇଦଲପୁର, କଟକ ଜିଲାର ମାଣିଆବନ୍ଧ, ଜୁଡ୍ଡୁମ ଏବଂ ଭଦ୍ରେଶ୍ୱର, କୋରାପୁଟ ଜିଲାର ସୁଙ୍କି, ବଲାଙ୍ଗୀର ଜିଲାର ଆଗଲପୁର, ବାଲେଶ୍ୱର ଜିଲାର ଗୋପାଳପୁର, କଳାହାଣ୍ଡି ଜିଲାର କଲମପୁର, ଗଞ୍ଜାମ ଜିଲାର ବେଗୁନିଆପଡ଼ା ଓ କୋଟିନନ୍ଦା, ସମ୍ବଲପୁର ଜିଲାର ବରେଇପାଲି, ବ୍ରହ୍ମପୁରର ନିମଖଣ୍ଡି, ବୌଦ୍ଧର ଘଣ୍ଟପଡ଼ା ଏବଂ ଭୁବନେଶ୍ୱରର ସାଲିଆସାହି ଫାଣ୍ଡିକୁ ମୈତ୍ରୀବିହାର ଥାନାରେ ପରିଣତ କରାଯାଇଛି।

# କୋଟିପତି ଅଧୀକ୍ଷଣ ଯନ୍ତ୍ରୀ ଗିରଫ

**୩.୧୩ କୋଟିର ଆୟ ବହିର୍ଭୂତ ସମ୍ପତ୍ତି ଠାବ**

■ ୬ ସ୍ଥାନରେ ଚଢ଼ାଉ କରିଥିଲା ଭିଜିଲାନ୍ସ ଟିମ୍

■ ପ୍ରକୃତ ଆୟଠାରୁ ଆୟ ବହିର୍ଭୂତ ସମ୍ପତ୍ତି ୨୨୧% ଅଧିକ

■ ସ୍ତ୍ରୀଙ୍କ ନାମରେ ମଧ୍ୟ ମାମଲା ରୁଜୁ

ଭୁବନେଶ୍ୱର, ୯।୧ (ବ୍ୟୁରୋ)

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଗ୍ରାମୀଣ ଜଳ ଯୋଗାଣ ଓ ପରିମଳ ବିଭାଗ (ଆର୍‌ଡବ୍ଲ୍ୟୁଏସ୍‌ଏସ୍) ଭୁବନେଶ୍ୱର ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀ ବିଜୟାନନ୍ଦ ସାହୁଙ୍କୁ ସୋମବାର ଭିଜିଲାନ୍ସ ଗିରଫ କରିଛି। ଶନିବାରଠାରୁ ହୋଇଥିବା ଚଢ଼ାଉ ଓ ଯାଞ୍ଚରେ ବିଜୟାନନ୍ଦ ଏବଂ ତାଙ୍କ ପରିବାର ସଦସ୍ୟଙ୍କଠାରୁ ୩ କୋଟି ୧୩ ଲକ୍ଷ ୭୬ ହଜାର ୫୯୯ ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଠାବ କରାଯାଇଛି। ଏହା ବିଜୟାନନ୍ଦଙ୍କ ପ୍ରକୃତ ଆୟଠାରୁ ୨୨୧ ଶତକଡ଼ା ଅଧିକ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ଏଥିସହ ବିଜୟାନନ୍ଦ ଓ ତାଙ୍କ ସ୍ତ୍ରୀଙ୍କ ନାମରେ କଟକ ଭିଜିଲାନ୍ସ ଥାନାରେ ଏକ ମାମଲା (ନଂ.୧/୨୦୨୩) ରୁଜୁ କରାଯାଇଛି। ଗିରଫ ପରେ କୋଟିପତି ଅଧିକାରୀ ବିଜୟାନନ୍ଦଙ୍କୁ ଢେଙ୍କାନାଳ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନାଯୋଗ୍ୟ, ବିଜୟାନନ୍ଦଙ୍କ ନାଁରେ କିଛିଦିନ ହେଲା ମାଳମାଳ ଦୁର୍ନୀତି ଅଭିଯୋଗ ଆସିଥିଲା। ଢେଙ୍କାନାଳ ଭିଜିଲାନ୍ସ କୋର୍ଟଙ୍କ ୱାରେଣ୍ଟ ବଳରେ ଶନିବାର ବିଜୟାନନ୍ଦଙ୍କ ଭୁବନେଶ୍ୱରସ୍ଥିତ ବାସଭବନ ସମେତ ଅନୁଗୋଳ ଓ ଢେଙ୍କାନାଳର ୬ଟି ସ୍ଥାନରେ ଭିଜିଲାନ୍ସ ଟିମ୍ ଏକକାଳୀନ ଚଢ଼ାଉ କରିଥିଲା। ଏଥିରେ ଭିଜିଲାନ୍ସର ୫ ଡିଏସ୍‌ପି, ୧୪ ଇନ୍ସପେକ୍ଟର ଓ ୨୮ ଜଣ କର୍ମଚାରୀ ସାମିଲ ଥିଲେ। ଯାଞ୍ଚବେଳେ ବିଜୟାନନ୍ଦଙ୍କ ୩ଟି କୋଠା, ୧୪ ପ୍ଲଟ୍ ସହ ନଗଦ ୧.୮୧ ଲକ୍ଷ ଟଙ୍କା, ୪୪ ଲକ୍ଷ ୮୪ ହଜାର ୪୮୫ ଟଙ୍କାର ବ୍ୟାଙ୍କ, ପୋଷ୍ଟାଲ ଓ ଇନ୍‌ସ୍ୟୁରାନ୍ସ ଜମା, ୨୩୭ ଗ୍ରାମ୍ ସୁନା, ଘରୋଇ ସାମଗ୍ରୀ, ଗୋଟିଏ କାର ଠାବ ହୋଇଥିଲା। ତେବେ ଏହି ମାମଲାରେ ଭିଜିଲାନ୍ସ ପକ୍ଷରୁ ଅଧିକ ତଦନ୍ତ କରାଯାଉଥିବା ସୂଚନା ଦିଆଯାଇଛି।



ହେ ଈଶ୍ୱରଙ୍କର ବୀର ସୈନିକ ! ତୁମ ପାଇଁ ଦୁଃଖ, ଲଜ୍ଜା ବା ଯନ୍ତ୍ରଣା କାହିଁ ?
କାରଣ ତୁମ ଜୀବନ ହିଁ ଏକ ମହାନ୍ ବିଜୟ– ତୁମର କର୍ମ ଏକ ଉତ୍ସର୍ଗ–ବିଜୟ ହିଁ
ତୁମର ଭଗବାନ୍ ଏବଂ ପରାଜୟ ମଧ୍ୟ ତୁମର ବିଜୟ। –ଶ୍ରୀଅରବିନ୍ଦ



# ହଁ ଆଜ୍ଞା

ତାମିଲନାଡୁ ବିଧାନସଭାରେ ୯ ଜାନୁୟାରୀ ୨୦୨୩ରେ ଏକ ଅସାମ୍ବିଧାନିକ ଘଟଣା ଘଟିଯାଇଛି। ବିଧାନସଭା ଆରମ୍ଭ ହେବା ମାତ୍ରେ ରାଜ୍ୟପାଳ ଆର୍. ଏନ୍. ରବି ଅଭିଭାଷଣ ଦେଇଥିଲେ। ସରକାରଙ୍କ ଦ୍ୱାରା ପ୍ରସ୍ତୁତ ଭାଷଣକୁ ସେ ପଢୁଥିବା ବେଳେ କିଛି ଅଂଶକୁ ଡେଇଁଯାଇଥିଲେ। ଏହା ପରିବର୍ତ୍ତେ ସେ ନିଜ ମନରୁ ଯୋଡ଼ି କିଛି କହିଥିଲେ। ଫଳରେ ସରକାରୀ ସ୍ତରରେ ପ୍ରବଳ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ମୁଖ୍ୟମନ୍ତ୍ରୀ ଏମ୍. କେ. ଷ୍ଟାଲିନ୍ ଗୃହରେ ଏକ ସଂକଳ୍ପ ଆଣିଥିଲେ ଓ ସେଥିରେ ସରକାରୀ ପ୍ରସ୍ତୁତ ଭାଷଣକୁ କେବଳ ରେକର୍ଡ କରାଯିବ ଏବଂ ରାଜ୍ୟପାଳ ମନରୁ ଦେଇଥିବା ଭାଷଣକୁ ବାଦ୍ ପକାଇବାକୁ କହିଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ରାଜ୍ୟପାଳ କକ୍ଷ ତ୍ୟାଗ କରିଥିବା ଦେଖାଯାଇଛି। ଭାରତୀୟ ଗଣତାନ୍ତ୍ରିକ ଇତିହାସରେ ଏଭଳି ଅସ୍ୱାଭାବିକ ସ୍ଥିତି ଉପୁଜିବା ପରେ ଦୀର୍ଘବର୍ଷ ଧରି କେତେକ ରାଜ୍ୟପାଳ–ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ଦେଖାଦେଇ ଆସୁଥିବା ଦ୍ୱନ୍ଦ୍ୱ ସର୍ବୋଚ୍ଚରେ ପହଞ୍ଚିଛି।

ନିକଟ ଅତୀତକୁ ଦେଖିଲେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କ ସରକାରରେ ଯେକୌଣସି ରାଜ୍ୟପାଳ ନିଯୁକ୍ତି ପାଇଛନ୍ତି ସେମାନେ ବିନା କାରଣରେ କଣ୍ଟାବାଡ଼ରେ ଲୁଗା ପକାଇଛନ୍ତି। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଓ ତତ୍କାଳୀନ ରାଜ୍ୟପାଳ ତଥା ଏବର ଉପରାଷ୍ଟ୍ରପତି ଜଗଦୀପ ଧନକରଙ୍କ ଦ୍ୱାରା ରଚାଯାଇଥିବା ନାଟକ ମନେପଡ଼େ। କେରଳ ରାଜ୍ୟପାଳ ଅରିଫ୍ ମହମ୍ମଦ ଖାନ୍ ସେଠାକାର ସରକାରଙ୍କ ବିଭିନ୍ନ କାର୍ଯ୍ୟକୁ ବିରୋଧ କରିଚାଲିଛନ୍ତି। ଦୁଇ ସାମ୍ବିଧାନିକ ପଦବୀ ମଧ୍ୟରେ କଳହ ତାଲିକାକୁ ପ୍ରସ୍ତୁତ କଲେ ତାହା ଲମ୍ବି ଚାଲିବ। ରାଜ୍ୟପାଳମାନେ କେନ୍ଦ୍ର ଦ୍ୱାରା ରାଜ୍ୟଗୁଡ଼ିକରେ ଅବସ୍ଥାପିତ ହୋଇଥାଆନ୍ତି। କେନ୍ଦ୍ରରେ ଯେଉଁ ସରକାର ଚାଲିଥାଏ, ତାହାର ବିପରୀତ ଦଳ କୌଣସି ରାଜ୍ୟରେ ଶାସନ କରୁଥିଲେ ସେଠାରେ ଅନେକ କ୍ଷେତ୍ରରେ ବିବାଦୀୟ ସ୍ଥିତି ଉପୁଜୁଥିବା ଦେଖାଯାଉଛି। ତାମିଲନାଡୁ ରାଜ୍ୟପାଳ ଆର୍. ଏନ୍. ରବି ଭାରତୀୟ ପୋଲିସ ସେବା (ଆଇପିଏସ୍) ଅଧିକାରୀ ଭାବେ କାର୍ଯ୍ୟ କରିଛନ୍ତି। ସେ ୫ ଅକ୍ଟୋବର ୨୦୧୮ରେ ଭାରତର ଉପ–ସୁରକ୍ଷା ପରାମର୍ଶଦାତା ଭାବେ କାର୍ଯ୍ୟ କରିଥିଲେ। ୨୦୧୯ରେ ସେ ନାଗାଲାଣ୍ଡର ରାଜ୍ୟପାଳ ମଧ୍ୟ ରହିଥିଲେ। ୯ ସେପ୍ଟେମ୍ବର ୨୦୨୧ରେ ରବି ତାମିଲନାଡୁର ରାଜ୍ୟପାଳ ହୋଇଥିଲେ। ରାଜ୍ୟପାଳ ଭାବେ କେନ୍ଦ୍ର ସରକାରଙ୍କ ଦ୍ୱାରା ନିଯୁକ୍ତ ରବି ତାଙ୍କର ପୋଲିସ ମନୋଭାବ ଛାଡ଼ି ନ ଥିବା ଭଳି ମନେହେଉଛି। ସେ ସମ୍ଭବତଃ ନିଜର କାଟ୍‌ତି ଦେଖାଇବାକୁ ଯାଇ ତାମିଲନାଡୁ ସରକାରଙ୍କୁ ପ୍ରଶଂସା କରାଯିବାର କିଛି ଅଂଶ ଜାଣିଶୁଣି ପଢ଼ି ନ ଥିଲେ। ଦେଖିବାକୁ ଗଲେ ପ୍ରଥା ରହିଛି ଯେ ସରକାରଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ଭାଷଣକୁ ରାଜ୍ୟପାଳମାନେ ପଢ଼ିଥାଆନ୍ତି। ୨୦୨୧ରୁ ସେ ତାମିଲନାଡୁ ରାଜ୍ୟପାଳ ନିଯୁକ୍ତ ହୋଇଥିବାରୁ ନିଶ୍ଚିତ ଭାବେ ପୂର୍ବରୁ ସରକାରଙ୍କ ଅମଲାଙ୍କ ଦ୍ୱାରା ଲେଖାଯାଇଥିବା କାଗଜକୁ ପଢ଼ିଥିବେ। କୁହାଯାଉଛି ସରକାରଙ୍କୁ ପ୍ରଶଂସା କରାଯାଇ ଉଲ୍ଲେଖ କରାଯାଇଥିବା ଶବ୍ଦ ରବିଙ୍କୁ ଭଲ ନ ଲାଗିବାରୁ ସେ ମନରୁ ଯୋଡ଼ି ଭାଷଣ ଦେଇଥିଲେ। କିନ୍ତୁ ଜଣେ ରାଜ୍ୟପାଳ ସେଭଳି କରିବା ଅନୁଚିତ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ରବି ତାଙ୍କ ପୂର୍ବପ୍ରସ୍ତୁତ ଭାଷଣରେ ଥିବା କେତୋଟି ବିନ୍ଦୁକୁ ନ ପଢ଼ି ଛାଡ଼ିଦେଇଥିଲେ। ତନ୍ମଧ୍ୟରୁ ଗୁରୁତ୍ୱପୂର୍ଣ୍ଣ ଥିଲା ରାଜ୍ୟ ସରକାରଙ୍କ ଆଇନଶୃଙ୍ଖଳା ପରିସ୍ଥିତି ସମ୍ପର୍କରେ ଟିପ୍ପଣୀ, ଯେଉଁଥିରେ କୁହାଯାଇଥିଲା ଯେ ରାଜ୍ୟରେ ଶାନ୍ତି ବଜାୟ ରଖାଯାଇପାରିଛି। ତତ୍‌ସହିତ ମହିଳା ସଶକ୍ତୀକରଣ, ସାମାଜିକ ନ୍ୟାୟ ଦିଗରେ ଅଗ୍ରଗତି ଘଟିଛି। ତେବେ ସବୁଠାରୁ ଅଧିକ ବିରକ୍ତି ସୃଷ୍ଟି ହୋଇଥିଲା ଯେତେବେଳେ ରାଜ୍ୟପାଳ ତାଙ୍କ ଭାଷଣରେ 'ତାମିଲନାଡୁ' ଶବ୍ଦକୁ ବାରମ୍ବାର ଡେଇଁ ଯାଇଥିଲେ। ଏଥିସହିତ ଦ୍ରାବିଡ଼ ନେତାମାନଙ୍କର ନାମ ପଢ଼ି ନ ଥିଲେ କିମ୍ବା ଦ୍ରାବିଡ଼ ପ୍ରଶାସନିକ ବ୍ୟବସ୍ଥାକୁ ପ୍ରଶଂସା କରି ନ ଥିଲେ। ଏହାବ୍ୟତୀତ ଗୃହରେ ସବୁ ଦଳ ତରଫରୁ ରାଜ୍ୟପାଳଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରାଯାଇଥିଲା। କାରଣ ରବିଙ୍କ କହିବା ଅନୁଯାୟୀ ତାମିଲନାଡୁର ନାମକୁ ପରିବର୍ତ୍ତନ କରାଯିବା ଉଚିତ।

> **ରାଜ୍ୟପାଳ ରବି ତାଙ୍କ ବ୍ୟବହାର ଦ୍ୱାରା ପ୍ରମାଣ କରିଦେଲେ ଯେ, ଉତ୍ତରଭାରତର ମାନସିକତାକୁ ନେଇ ତାମିଲନାଡୁରେ ଅଶାନ୍ତ ବାତାବରଣ ସୃଷ୍ଟି କରିବା ପାଇଁ ନିର୍ଦ୍ଦେଶ ପାଇଛନ୍ତି।**

ରାଜ୍ୟପାଳ ରବି ତାଙ୍କ ବ୍ୟବହାର ଦ୍ୱାରା ପ୍ରମାଣ କରିଦେଲେ ଯେ, ଉତ୍ତରଭାରତର ମାନସିକତାକୁ ନେଇ ତାମିଲନାଡୁରେ ଅଶାନ୍ତ ବାତାବରଣ ସୃଷ୍ଟି କରିବା ପାଇଁ ନିର୍ଦ୍ଦେଶ ପାଇଛନ୍ତି। ପୋଲିସ ଚାକିରି ସମୟରେ ଏହିଭଳି ବ୍ୟକ୍ତିବିଶେଷ ନିଜର ଚାକର ମାନସିକତା ପୋଷଣ କରିଆସିଥାଆନ୍ତି। ସେଥିପାଇଁ ଅବସର ପରେ ସେମାନେ କେବଳ 'ହଁ ଆଜ୍ଞା' କରୁଥିବାରୁ ସେମାନଙ୍କୁ ରାଜ୍ୟପାଳ ପଦବୀ ମିଳିଥାଏ। ଅର୍ଥାତ ତାଙ୍କ ଯୋଗ୍ୟତା ସେହି ଦୁଇଟି ଶବ୍ଦରେ ସୀମିତ। ନିଜ ବୁଦ୍ଧି କିମ୍ବା ବିବେକ ବ୍ୟବହାର କରି ଦେଶର ମଙ୍ଗଳ ପାଞ୍ଚିବା ପାଇଁ ରବିଙ୍କ ଭଳି ନାଗରିକ ଅସମର୍ଥ। ଯେତେ ଅଯୋଗ୍ୟ ହେବ ସେତେ ବଡ଼ ଆସନ ପାଇବା ପାଇଁ ଯୋଗ୍ୟ ହେବେ ରବିଙ୍କ ଭଳି ଲୋକ।



# ବିମୁଦ୍ରୀକରଣ ନିଷ୍ପତ୍ତି ବୈଧ, କିନ୍ତୁ ଜନବିରୋଧୀ

ଭାଲଚନ୍ଦ୍ର ଷଡ଼ଙ୍ଗୀ

କେନ୍ଦ୍ରର ମୋଦି ସରକାରଙ୍କ ବହୁଚର୍ଚ୍ଚିତ ବିମୁଦ୍ରୀକରଣକୁ ନେଇ ଇତିମଧ୍ୟରେ ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ବିମୁଦ୍ରୀକରଣ ନିଷ୍ପତ୍ତିକୁ ବିରୋଧକରି ଦେଶର ବିଭିନ୍ନ କୋର୍ଟରେ ଦାୟର ୫୮ଟି ପିଟିଶନକୁ ବିଚାରକରି ସୁପ୍ରିମକୋର୍ଟଙ୍କ ଏକ ୫ଜଣିଆ ସାମ୍ବିଧାନିକ ପୀଠ ସଂଖ୍ୟାଗରିଷ୍ଠ ମତରେ ଏହାର ପ୍ରକ୍ରିୟାକୁ ବୈଧ ବା ନିୟମ ସମ୍ମତ ବୋଲି କହିଛନ୍ତି। କିନ୍ତୁ ଖଣ୍ଡପୀଠର ଅନ୍ୟତମ ସଦସ୍ୟା ବିଚାରପତି ବି.ବି. ନାଗରତ୍ନା ନିଜର ଅସହମତି ପ୍ରକାଶ କରି ସରକାରଙ୍କ ନିଷ୍ପତ୍ତିକୁ ବେଆଇନ ବୋଲି କହିଛନ୍ତି। ସେ କହିଛନ୍ତି, ବିମୁଦ୍ରୀକରଣ କେନ୍ଦ୍ର ସରକାରଙ୍କ ଏକତରଫା ନିଷ୍ପତ୍ତି। ତେବେ ଦୀର୍ଘ ୬ବର୍ଷ ପରେ ଆସିଥିବା କୋର୍ଟଙ୍କ ଏହି ରାୟ ସରକାରଙ୍କ ବିମୁଦ୍ରୀକରଣ ନିଷ୍ପତ୍ତି ପ୍ରକ୍ରିୟାର ପରିଣାମ ତଥା ଦେଶର ଅର୍ଥନୀତି ଓ ସାଧାରଣ ଜନତାଙ୍କ ଉପରେ ତା'ର ପ୍ରଭାବକୁ ନେଇ ଏକଦମ୍ ଚୁପ୍ ରହିଛି।

୮ ନଭେମ୍ବର ୨୦୧୬ ରାତି ୮ଟା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତରବରିଆ ଭାବେ ବିମୁଦ୍ରୀକରଣ ଘୋଷଣା କରିଥିଲେ। ଫଳରେ ମାତ୍ର ୪ଘଣ୍ଟା ମଧ୍ୟରେ ଦେଶର ମୁଦ୍ରା ବଜାରରେ ପ୍ରଚଳିତ ୫ ଶହ ଓ ୧୦୦୦ ଟଙ୍କିଆ ନୋଟ୍‌ର ବିମୁଦ୍ରୀକରଣ ବା ମୂଲ୍ୟ ପ୍ରତ୍ୟାହାର କରାଯାଇଥିଲା। ଦେଶର ମୋଟ ନଗଦ ନୋଟ୍‌ର ୮୬%କୁ ବୁଝାଉଥିବା ଏହି ୨ଟି ନୋଟ୍‌କୁ ଅଚଳ କରିବାକୁ ସରକାରଙ୍କ ଅପ୍ରତ୍ୟାଶିତ ନିଷ୍ପତ୍ତି ଫଳରେ ଦେଶବ୍ୟାପୀ ନଗଦ ଟଙ୍କାର ଘୋର ସଙ୍କଟ ଦେଖାଦେଇଥିଲା। ସାଧାରଣ ଲୋକେ ମାସ ମାସ ଧରି ନାହିଁନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ।

ବିମୁଦ୍ରୀକରଣ ଘୋଷଣା ସମୟରେ ପ୍ରଧାନମନ୍ତ୍ରୀ କହିଥିଲେ, ଦେଶରୁ ଜାଲ୍‌ନୋଟ୍‌କୁ ସମାପ୍ତ କରିବା, ଦେଶରେ ଥିବା ସବୁ କଳାଧନ ଜବତ କରିବା ଏବଂ ଆତଙ୍କବାଦୀଙ୍କ ଆର୍ଥିକ ସ୍ରୋତକୁ ଧ୍ୱଂସକରିବା ହେଉଛି ଏହାର ଏକମାତ୍ର ଉଦ୍ଦେଶ୍ୟ। କିନ୍ତୁ ପରେ ସରକାର ନିଜର ଲକ୍ଷ୍ୟବିନ୍ଦୁ ବା ଗୋଲପୋଷ୍ଟକୁ ବଦଳାଇ ସୁପ୍ରିମକୋର୍ଟରେ ଦେଇଥିବା ସତ୍ୟପାଠରେ ବିମୁଦ୍ରୀକରଣର ଉଦ୍ଦେଶ୍ୟଟି ଦେଶରେ ନଗଦବିହୀନ ଦେଣନେଣ (Cashless Transaction) ବ୍ୟବସ୍ଥା ଲାଗୁ କରିବା ବୋଲି କହିଥିଲେ। ପରେ ତତ୍କାଳୀନ ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ଏକ ସାକ୍ଷାତ୍‌କାରରେ କମ୍ ନଗଦ ଅର୍ଥନୀତି କରିବା ବିମୁଦ୍ରୀକରଣର ଉଦ୍ଦେଶ୍ୟ ଥିଲା ବୋଲି କହିଥିଲେ। ତେବେ ସରକାର ନିଜର ଅବିବେକିତାପୂର୍ଣ୍ଣ ନିଷ୍ପତ୍ତିକୁ ନ୍ୟାୟସଙ୍ଗତ ପ୍ରମାଣିତ କରିବା ପାଇଁ ଏପରି ବାରମ୍ବାର ଗୋଲପୋଷ୍ଟ ବଦଳାଇବା ସତ୍ତ୍ୱେ ଗତ ଏକ ବର୍ଷ ମଧ୍ୟରେ କୌଣସି ଉଦ୍ଦେଶ୍ୟରେ ସଫଳ ହୋଇନାହାନ୍ତି। ବିମୁଦ୍ରୀକରଣ ଫଳରେ ଦେଶରେ ଜାଲ୍‌ନୋଟ୍‌ର କାରବାର ସମ୍ପୂର୍ଣ୍ଣ ବନ୍ଦ ହୋଇଯିବ ବୋଲି ଦାବି କରାଯାଇଥିବା ବେଳେ ତାହା କିନ୍ତୁ ଓଲଟା ପ୍ରମାଣିତ ହୋଇଛି।



ପ୍ରଧାନମନ୍ତ୍ରୀ କହିଥିଲେ, ବିମୁଦ୍ରୀକରଣ ଘୋଷଣା ପରେ କଳାଟଙ୍କା ରଖିଥିବା ଲୋକଙ୍କ ପାଖରେ ରହିଥିବା ନୋଟ୍ ସବୁ ରଦ୍ଦି କାଗଜରେ ପରିଣତ ହୋଇଯିବ। ସେମାନେ ନିଜର କଳାଧନକୁ ବ୍ୟାଙ୍କରେ ଜମା ନ କରିପାରିବା ଫଳରେ ଅର୍ଥ ବ୍ୟବସ୍ଥାରୁ କଳାଟଙ୍କା ବାହାରିଯିବ। କିନ୍ତୁ ବିମୁଦ୍ରୀକରଣର ୬ମାସ ପରେ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ)ଦେଇଥିବା ତଥ୍ୟ ସରକାରଙ୍କ ଏହି ଯୁକ୍ତିକୁ ନିରାଧାର ପ୍ରମାଣିତ କରିଛି। ଆର୍‌ବିଆଇ ତା'ର ୨୦୧୬–୧୭ ବାର୍ଷିକ ରିପୋର୍ଟରେ କହିଛି ଯେ ଅଚଳ ହୋଇଥିବା ମୋଟ ୧୫.୪୪ ଲକ୍ଷ କୋଟି ଟଙ୍କାର ନୋଟ୍ ମଧ୍ୟରୁ ୯୮.୯୬% ବ୍ୟାଙ୍କକୁ ଫେରିଆସିଛି। ଯଦି କେନ୍ଦ୍ରୀୟ ବ୍ୟାଙ୍କ ପାଖରେ ଜମା ଅଚଳ ନୋଟ୍‌କୁ ହିସାବ କରାଯିବ ତା'ହେଲେ ଏହାର ପରିମାଣ ଆହୁରି ଅଧିକ ହେବ। କହିବାକୁ ଗଲେ ବିମୁଦ୍ରୀକରଣ ଫଳରେ କଳାଟଙ୍କା ଅଚଳ ହେବା ପରିବର୍ତ୍ତେ ତାହା ବ୍ୟାଙ୍କ୍‌କୁ ଯାଇ ଧଳା ହୋଇଯାଇଛି।

ଦେଶରେ ନଗଦବିହୀନ ଦେଣନେଣ ଅଥବା କମ୍ ନଗଦ ଦେଣନେଣକୁ ଲାଗୁ କରିବାରେ ଆର୍‌ବିଆଇ ନିଷ୍ପତ୍ତି ସମ୍ପୂର୍ଣ୍ଣ ବିଫଳ ହୋଇଛି। ନୋଟ୍ ଅଚଳର ମାତ୍ର କିଛି ମାସ ନଗଦ ଟଙ୍କାର ଅଭାବ ଯୋଗୁ ଦେଶରେ ନଗଦବିହୀନ ଦେଣନେଣର ପରିମାଣରେ ହୋଇଥିବା ସାମାନ୍ୟ ବୃଦ୍ଧି ପରେ ବଜାରରେ ନଗଦ ଟଙ୍କା ଉପଲବ୍ଧ ହେବାରୁ ପୂର୍ବାବସ୍ଥାକୁ ଫେରିଛି। ଖୋଦ୍ ରିଜର୍ଭ ବ୍ୟାଙ୍କର ତଥ୍ୟ ଅନୁଯାୟୀ ୨୦୧୮ ସୁଦ୍ଧା ବଜାରରେ ଉପଲବ୍ଧ ନଗଦର ପରିମାଣ ବିମୁଦ୍ରୀକରଣ ସମୟଠାରୁ ଅଧିକ ହୋଇଥିବା ବେଳେ ୨୦୨୧ ବେଳକୁ ତାହା ପୂର୍ବାପେକ୍ଷା ୬୪% ଅଧିକ ହୋଇଥିବା ଜଣାପଡ଼ିଛି। ନୋଟ୍ ଅଚଳ ହେଲେ ଦେଶରେ ଆତଙ୍କବାଦୀ ଓ ମାଓବାଦୀ କାର୍ଯ୍ୟକଳାପ ବନ୍ଦ ହୋଇଯିବ ବୋଲି ସରକାରଙ୍କ ପ୍ରଚାର ମଧ୍ୟ ମିଥ୍ୟା ପ୍ରମାଣିତ ହୋଇଛି।

ଦେଶରେ କଳାଧନ ଉପରେ ମୋଦି ସରକାରଙ୍କ ଏହି ତଥାକଥିତ ସର୍ଜିକାଲ ଷ୍ଟ୍ରାଇକ୍‌ର ଇତିମଧ୍ୟରେ ୬ବର୍ଷ ପୂରଣ ହୋଇଛି। ମାତ୍ର ୫୦ ଦିନରେ ସୁଫଳ ଆଣିଦେବାକୁ ମୋଦିଙ୍କ ଦୃଢ଼ ପ୍ରତିଶ୍ରୁତି ଶେଷରେ ପାଣିରେ ଗାର ସଦୃଶ ପ୍ରମାଣିତ ହୋଇଛି। ତେବେ ଗୋଟିଏ କଥା ସ୍ପଷ୍ଟ ଯେ ସରକାରଙ୍କ ଏହି ଅଦୂରଦର୍ଶୀ ପଦକ୍ଷେପ କେବଳ ତା'ର ଘୋଷିତ ଲକ୍ଷ୍ୟକୁ ହାସଲ କରିବାରେ ବିଫଳ ହୋଇନାହିଁ ବରଂ ଦେଶର ଅର୍ଥନୀତି ପାଇଁ ସମ୍ପୂର୍ଣ୍ଣ ରୂପେ ବିଧ୍ୱଂସକାରୀ ପ୍ରମାଣିତ ହୋଇଛି। ନଗଦ ଟଙ୍କା ଅଭାବରୁ ମାସ ମାସ ଧରି ଦେଶରେ ବଜାର ଓ କାରବାର ମାନ୍ଦା ହୋଇଯିବା ସହ କୃଷି ଓ ଶିଳ୍ପ କ୍ଷେତ୍ର ଭୟଙ୍କର ମାନ୍ଦାବସ୍ଥାର ଶିକାର ହୋଇଛି। ଦେଶର ଶ୍ରମଶକ୍ତିର ୯୪%କୁ ବୁଝାଉଥିବା ଅସଙ୍ଗଠିତ କ୍ଷେତ୍ରର ଶ୍ରମିକମାନେ ଏଥିରେ ସବୁଠାରୁ ବେଶି କ୍ଷତିଗ୍ରସ୍ତ ହୋଇଥିଲେ। ମାସ ମାସ ଧରି ଛୋଟ ଛୋଟ ଶିଳ୍ପ ଓ ବ୍ୟବସାୟ ବନ୍ଦହେବା ଫଳରେ ସେମାନେ ରୋଜଗାର ହରାଇଥିଲେ। ବୋଧହୁଏ ଏହିସବୁ କାରଣରୁ ହିଁ ବିମୁଦ୍ରୀକରଣକୁ ନେଇ ଆରମ୍ଭରେ ବଡ଼ ବଡ଼ ଦାବି କରିଥିବା ସରକାର ପରବର୍ତ୍ତୀ ସମୟରେ ଏନେଇ ଚୁପ୍ ରହିବା ଦେଖିବାକୁ ମିଳିଥିଲା। ବିମୁଦ୍ରୀକରଣର ପ୍ରଥମ ବାର୍ଷିକୀକୁ କଳାଧନ ବିରୋଧୀ ଦିବସ ରୂପେ ପାଳନ କରିଥିବା ମୋଦି ସରକାର ପରବର୍ତ୍ତୀ ବର୍ଷଗୁଡ଼ିକରେ ତାକୁ ଭୁଲିଯିବାକୁ ବାଧହୋଇଥିଲେ।

ବିମୁଦ୍ରୀକରଣ ସମ୍ପର୍କରେ ଦେଶର ସର୍ବୋଚ୍ଚ ନ୍ୟାୟାଳୟର ସଦ୍ୟତମ ରାୟ ଏନେଇ ପୁଣି ଥରେ ବିତର୍କକୁ ଜନ୍ମ ଦେଇଛି। ଶାସକ ଭାଜପାର ନେତାମାନେ ଏହାକୁ ନିଜ ନିଷ୍ପତ୍ତିର ବିଜୟ ବୋଲି ଦାବି କରିଛନ୍ତି। କିନ୍ତୁ ସୁପ୍ରିମକୋର୍ଟ ରାୟ କେବଳ ବିମୁଦ୍ରୀକରଣ ପାଇଁ ସରକାର ନେଇଥିବା ପ୍ରକ୍ରିୟାକୁ ହିଁ ବୈଧ ବୋଲି କହିଛି। ଅର୍ଥାତ୍ ଭାରତୀୟ ରିଜର୍ଭ ବ୍ୟାଙ୍କ ଆଇନ ମୁତାବକ ସରକାର ଦେଶରେ ବିମୁଦ୍ରୀକରଣ କରିବାରେ କୌଣସି ଆଇନଗତ ପ୍ରତିବନ୍ଧକ ନାହିଁ ବୋଲି କହିଛନ୍ତି। ତେବେ ବିମୁଦ୍ରୀକରଣ ପାଇଁ ସରକାର ନେଇଥିବା ପ୍ରକ୍ରିୟାଟି କେତେ ଠିକ୍ ଥିଲା, ତାହା ସରକାରଙ୍କ ଦଲିଲରୁ ସ୍ପଷ୍ଟ ହୋଇଛି। କେନ୍ଦ୍ର ସରକାର ଏ ସମ୍ପର୍କରେ ସୁପ୍ରିମକୋର୍ଟରେ ଦାଖଲ କରିଥିବା ଦଲିଲରେ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିକୁ ମାତ୍ର ୨୪ଘଣ୍ଟା ମଧ୍ୟରେ ନେଇଥିବା ଜଣାପଡ଼ିଛି। ତେବେ ମୁଖ୍ୟ ପ୍ରଶ୍ନଟି ସରକାର ଆପଣେଇଥିବା ପ୍ରକ୍ରିୟା ନୁହେଁ, ବରଂ ଏହାର ପରିଣାମ ବା ନିଷ୍ପତ୍ତିର ଯଥାର୍ଥତାକୁ ନେଇ ରହିଛି। ସରକାର ଯେଉଁ ଉଦ୍ଦେଶ୍ୟ ନେଇ ଏଭଳି ଏକ ତରବରିଆ ଘୋଷଣା କଲେ, ତାହା କେତେଦୂର ସଫଳ ହେଲା, ସେନେଇ କୋର୍ଟ କୌଣସି ମନ୍ତବ୍ୟ ଦେଇନାହାନ୍ତି। ଏପରିକି ସରକାର କୋର୍ଟରେ ବିମୁଦ୍ରୀକରଣ ପ୍ରକ୍ରିୟାକୁ ନେଇ ଅନେକ ଯୁକ୍ତି ରଖିଥିବା ବେଳେ ଏହାଦ୍ୱାରା ଦେଶର ଅର୍ଥନୀତିର ଓ ସାଧାରଣ ଜନତାଙ୍କ କେତେ କ୍ଷତି ହୋଇଥିଲା, ନିଜର ଘୋଷିତ ତଥାକଥିତ ଲକ୍ଷ୍ୟଗୁଡ଼ିକୁ ହାସଲ କରିବାରେ ସରକାର କେତେଦୂର ସଫଳ ହେଲେ, ସେନେଇ ଚୁପ୍ ରହିବା ଦେଖିବାକୁ ମିଳିଛି।

ମୋ: ୯୪୩୭୧୬୬୩୯୧



# ଅର୍ଥ କବଳିତ ଗଣତନ୍ତ୍ର

ରବିନାରାୟଣ ସାମଲ

ଭାରତର ନିର୍ବାଚନୀ ଇତିହାସରେ ରେକର୍ଡ! ଗତବର୍ଷ ନଭେମ୍ବରରେ ଅନୁଷ୍ଠିତ ତେଲଙ୍ଗାନାର ମୁନୁଗୁଡୁ ବିଧାନସଭା ଆସନର ଉପନିର୍ବାଚନ। ମୋଟ ପ୍ରାର୍ଥୀଙ୍କ ସଂଖ୍ୟା ଥିଲା ୪୭। ବିଭିନ୍ନ ରାଜନୈତିକ ଦଳ ମିଶି ଖର୍ଚ୍ଚ କରିଥିଲେ ପ୍ରାୟ ୬୨୭ କୋଟି ଟଙ୍କା। ସଭାରେ ଯୋଗ ଦେବାକୁ ଯାଇଥିବା ଲୋକମାନେ ପାଉଥିଲେ ଜଣକା ୩୦୦ ଟଙ୍କା ସହିତ ବିରିୟାନୀ ଆଉ ମଦ। ବଣ୍ଟା ଯାଇଥିବା ମଦର ଦାମ ହେବ ୩୦୦ କୋଟି ଟଙ୍କା। 'ଟଙ୍କା ନାହିଁ ତ ଭୋଟ ନାହିଁ' ଲେଖାଥିବା ପ୍ଲାକାର୍ଡ ଧରି ଲୋକମାନେ ବସି ରହୁଥିଲେ ଗାଁ ରାସ୍ତାରେ। ଶତକଡ଼ା ୭୫ ଭାଗ ଭୋଟର ଜଣକା ୯ ହଜାର ଲେଖାଏଁ ଟଙ୍କା ନେଇ ଭୋଟ ଦାନ କରିଥିଲେ। ଫୋରମ୍ ଅଫ୍ ଗୁଡ୍ ଗଭର୍ନାନ୍ସ ନାମକ ଏକ ସଂସ୍ଥା ନିର୍ବାଚନ କମିଶନଙ୍କ ନିକଟରେ ଉକ୍ତ ତଥ୍ୟ ସମ୍ବଳିତ ଅଭିଯୋଗପତ୍ର ଦାଖଲ କରିଛି।

ବିଧାନସଭା ନିର୍ବାଚନରେ ଜଣେ ପ୍ରାର୍ଥୀ ସର୍ବାଧିକ ୨୮ ଲକ୍ଷ ଟଙ୍କା ଖର୍ଚ୍ଚ କରିପାରିବେ ବୋଲି ନିର୍ବାଚନ କମିଶନ ଆର୍ଥିକ ସୀମା ଧାର୍ଯ୍ୟ କରିଛନ୍ତି। ମୁନୁଗୁଡୁର ନିର୍ବାଚନରେ ଲଢ଼ିଥିବା ୪୭ଜଣ ପ୍ରାର୍ଥୀ ଜଣକା ଯଦି୨୮ଲକ୍ଷ ଟଙ୍କା ଖର୍ଚ୍ଚ କରନ୍ତି, ତେବେ ମୋଟ ଖର୍ଚ୍ଚ ହେବ ଅତି ବେଶିରେ୧୩ କୋଟି ଟଙ୍କା। ମାତ୍ର ଖର୍ଚ୍ଚ ହୋଇଛି ୬୨୭ କୋଟି ଟଙ୍କା। ପ୍ରାୟ ୫୦ ଗୁଣ ଅଧିକ। ଆମ ନିର୍ବାଚନ କମିଶନଙ୍କ ଆଖିରେ ତ ଅନ୍ଧପୁଟୁଳି ବନ୍ଧାଯାଇଛି। ଖର୍ଚ୍ଚ ୫୦ ଗୁଣ ଛାଡ଼ି ୧୦୦ ଗୁଣ ହେଲେ ବି ସେ କିଛି କରିପାରିବେ ନାହିଁ।

ସେଣ୍ଟର ଫର୍ ମିଡିଆ ଷ୍ଟଡିଜ୍‌ର ଆକଳନ ଅନୁଯାୟୀ ୨୦୧୯ ଲୋକ ସଭା ନିର୍ବାଚନରେ ବିଭିନ୍ନ ରାଜନୈତିକ ଦଳ ଓ ପ୍ରାର୍ଥୀଙ୍କ ଦ୍ୱାରା ଖର୍ଚ୍ଚ ହୋଇଥିଲା ୬୦ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କା। ପ୍ରାର୍ଥୀମାନେ ଏହାର ଶତକଡ଼ା ୪୦ ଭାଗ ଖର୍ଚ୍ଚ କରିଥିଲା ବେଳେ ରାଜନୈତିକ ଦଳମାନେ ଖର୍ଚ୍ଚ କରିଥିଲେ ଶତକଡ଼ା ୩୫ ଭାଗ। ବିପୁଳ ପରିମାଣର ଅର୍ଥ! ୧୯୫୨ ପ୍ରଥମ ସାଧାରଣ ନିର୍ବାଚନରେ ଭାଗ ନେଇଥିବା ରାଜନୈତିକ ଦଳଗୁଡ଼ିକ ଆଦୌ ଅର୍ଥ ଖର୍ଚ୍ଚ କରି ନ ଥିବା ସ୍ଥଳେ ୨୦୧୯ ସାଧାରଣ ନିର୍ବାଚନରେ ଖର୍ଚ୍ଚ କରିଛନ୍ତି ୬୦ ହଜାର କୋଟି ଟଙ୍କା! ବିଶ୍ୱର ନିର୍ବାଚନୀ ଇତିହାସରେ ସର୍ବାଧିକ! ନିର୍ବାଚନର ଅବ୍ୟବହିତ ପୂର୍ବରୁ ଶାସକ ଦଳ ପର୍ଯ୍ୟାପ୍ତ ପରିମାଣରେ ଫ୍ରିବିଜ୍ ପ୍ରଦାନ କରିଥାଏ। ମତଦାନର ପୂର୍ବ ଦିନ ଭୋଟରଙ୍କ ଆକାଉଣ୍ଟକୁ ସିଧାସଳଖ ଟଙ୍କା ଆସିଯାଏ। ଏହି ଟଙ୍କା କିଏ ଦେଲା, କାହିଁକି ଦେଲା ତାହା ଭୋଟରମାନେ ଜାଣିବାର ସୁଯୋଗ ମଧ୍ୟ ନଥାଏ। ଭୋଟ ହାତେଇବାକୁ ଭୋଟରମାନଙ୍କୁ ଏପରି ଉତ୍କୋଚ ଦେବା ପ୍ରଥା ପୂର୍ବରୁ ନଥିଲା। ଏବେ ତାହା ଉତ୍କଟ ରୂପ ଧାରଣ କରିଛି।




ଏହିସବୁ ଘଟଣାକୁ ଲକ୍ଷ୍ୟ କଲେ ଜଣାଯାଏ ଯେ 'ଅବାଧ ଓ ନିରପେକ୍ଷ' ନିର୍ବାଚନ ବର୍ତ୍ତମାନ ପୋଥି ବାଇଗଣ ହୋଇ ରହିଯାଇଛି। ଅଧିକାଂଶ ଭୋଟର ସେମାନଙ୍କ ବୁଦ୍ଧି ବିଚାରକୁ ହରାଇ ଲାଞ୍ଚୁଆ ହୋଇଯାଇଛନ୍ତି। ଆଉ ଏମାନଙ୍କୁ ଲାଞ୍ଚ ଦେବାକୁ କୋଟିପତି ପ୍ରାର୍ଥୀଙ୍କ ଆବିର୍ଭାବ ଘଟିଛି। ସେମାନଙ୍କ ସଂଖ୍ୟା ମଧ୍ୟ ବଢ଼ିବାରେ ଲାଗିଛି। ଏବେ ଉଭୟ ଲୋକ ସଭା ଓ ରାଜ୍ୟ ସଭାରେ ଶତକଡ଼ା ୮୭ ଭାଗ ପ୍ରତିନିଧି କୋଟିପତି ଥିବା କଥା ଏଡିଆର୍ ରିପୋର୍ଟରୁ ଜଣାପଡ଼ିଛି। କୋଟିପତି ନ ହେଲେ ଏ ଖର୍ଚ୍ଚବହୁଳ ନିର୍ବାଚନରେ କେହି ଜିତିବା କଷ୍ଟକର। ସମ୍ଭବତଃ ଏହାକୁ ଦୃଷ୍ଟିରେ ରଖି ନରେନ୍ଦ୍ର ମୋଦିଙ୍କ ସରକାର ନିର୍ବାଚନୀ ବଣ୍ଡ୍ ପ୍ରଚଳନ କରିଛନ୍ତି। ଏହି ବଣ୍ଡ ବିକ୍ରି ମାଧ୍ୟମରେ ରାଜନୈତିକ ଦଳଗୁଡ଼ିକ କର୍ପୋରେଟ୍ ସେକ୍ଟର୍‌ରୁ ମନଇଚ୍ଛା ଅର୍ଥ ଲାଭ କରିପାରିବେ। ଏହି ଅର୍ଥ କେଉଁଠୁ ଆସୁଛି, କିଏ ଦେଉଛି ତାହା ପ୍ରକାଶ କରା ନଯାଇ ଗୋପନ ରଖାଯିବ। ଦେଶରେ ଗଚ୍ଛିତ କଳାଧନ ରଙ୍ଗ ବଦଳାଇ ଏହି ବାଟରେ ଆସି ଭୋଟ କିଣାରେ ବିନିଯୋଗ ହୋଇ ପାରିବ। ଏପଟେ ଅର୍ଥଲାଭର ପନ୍ଥା ଅସ୍ୱଚ୍ଛ ହୋଇଥିବା ସ୍ଥଳେ ସେପଟେ ନିର୍ବାଚନଟା ସ୍ୱଚ୍ଛ ହେଉଛି ବୋଲି ନିର୍ବାଚନ କମିଶନ ଡିଣ୍ଡିମ ପିଟୁଛନ୍ତି।

କେବଳ ଭୋଟରମାନଙ୍କୁ ଆକୃଷ୍ଟ କରିବାକୁ ପ୍ରାର୍ଥୀମାନେ ଯେ ବିପୁଳ ପରିମାଣରେ ଅର୍ଥ ବ୍ୟୟ କରୁଛନ୍ତି ତାହା ନୁହେଁ, ଦଳୀୟ ଟିକେଟ ହାସଲ କରିବାକୁ ଆଶାୟୀମାନେ ମଧ୍ୟ ଦଳର କର୍ମକର୍ତ୍ତା ଓ ହାଇକମାଣ୍ଡ୍‌ଙ୍କ ପାଖରେ କୋଟି କୋଟି ଟଙ୍କା ଦାଖଲ କରୁଛନ୍ତି। ଏହି ବ୍ୟାଧି ଏବେ ଉପର ସ୍ତରରୁ ଗଡ଼ି ଗଡ଼ି ଆସି ପଞ୍ଚାୟତ ସ୍ତରରେ ପହଞ୍ଚିସାରିଛି। ଗତ ପଞ୍ଚାୟତ ନିର୍ବାଚନରେ ଏହି ଧାରା ହାଟରେ ପଡ଼ି ଦାଣ୍ଡରେ ଗଡ଼ିଛି।

ବିଶ୍ୱର ଶାସନତନ୍ତ୍ରରେ ଗଣତାନ୍ତ୍ରିକ ବ୍ୟବସ୍ଥାଟି ସର୍ବୋତ୍ତମ ବୋଲି କୁହାଯାଏ। ମାତ୍ର ଗଣତନ୍ତ୍ର ଭିତରେ ଏହି ଧନତନ୍ତ୍ରର ଅନୁପ୍ରବେଶ ସମଗ୍ର ବ୍ୟବସ୍ଥାଟିକୁ କଳୁଷିତ କରି ପକାଇଛି। ପରିଣାମସ୍ୱରୂପ ପଇସା ଯାହାର ଭୋଟ ତାହାର ବ୍ୟବସ୍ଥାଟି ପ୍ରାଧାନ୍ୟ ଲାଭ କରିଛି। ଏହାସହିତ କଳ–ବଳ–କୌଶଳ ଶାସକ ଦଳକୁ ନିର୍ବାଚନ ଜିଣିବାରେ ସାହାଯ୍ୟ କରୁଛି। ଏହାଦ୍ୱାରା ସାଧୁ ଓ ସଚ୍ଚୋଟ ବ୍ୟକ୍ତିମାନେ ନିର୍ବାଚନ ମଇଦାନରେ ହାର ମାନି ଯାଉଛନ୍ତି।

ଏଥିପାଇଁ ଆମେ ମୁଖ୍ୟତଃ ଦୁଇଟି କାରକକୁ ଦାୟୀ କରିପାରିବା। ଗୋଟିଏ ହେଉଛି ସାଧାରଣ ଭୋଟରଙ୍କ ରାଜନୈତିକ ସଚେତନତା, ଅନ୍ୟଟି ଦେଶର ଲୋକପ୍ରତିନିଧି ଆଇନ। ଯେ ପର୍ଯ୍ୟନ୍ତ ସାଧାରଣ ଜନତା ରାଜନୈତିକ ଭାବେ ସଚେତନ ନ ହୋଇଛନ୍ତି ସେ ପର୍ଯ୍ୟନ୍ତ ଦେଶର ଗଣତନ୍ତ୍ର ଅର୍ଥ କବଳିତ ହୋଇ ରହିଥିବ। ଅନ୍ୟପକ୍ଷରେ ଆନୁପାତିକ ପ୍ରତିନିଧିତ୍ୱ ବ୍ୟବସ୍ଥାର ପ୍ରବର୍ତ୍ତନ ହିଁ ବିପନ୍ନ ଗଣତନ୍ତ୍ରର ପୁନରୁଦ୍ଧାର କରିବାରେ ସକ୍ଷମ ହୋଇପାରିବ।

ମୋ–୭୯୭୫୦୪୬୪୮୬

## ଏଇ ଭାରତରେ

ମାଟି ଦରକାର ପଡୁନାହିଁ, କେବଳ ପାଣିରେ ଚାଷ (ହାଇଡ୍ରୋପୋନିକ୍ସ) କରି ବର୍ଷକୁ ୫ କୋଟି ଟଙ୍କା ରୋଜଗାର କରୁଛନ୍ତି ତୁଷାର ଅଗ୍ରୱାଲ, ମିତ୍ ପଟେଲ ଏବଂ ବିବେକ ଶୁକ୍ଳା। ଅହମ୍ମଦାବାଦର ଏହି ୩ ବନ୍ଧୁ ଉକ୍ତ ଚାଷ ସମ୍ପର୍କରେ ଏବେ ସୁଦ୍ଧା ୩୫,୦୦୦ ଲୋକଙ୍କୁ ପ୍ରଶିକ୍ଷଣ ଦେଇସାରିଲେଣି। ବାହାରେ ଓ ଘର ଭିତରେ କିଭଳି ବିନା ମାଟିରେ ଚାଷ କରାଯିବ ତାହା ହିଁ ତାଙ୍କ ପ୍ରଶିକ୍ଷଣର ଲକ୍ଷ୍ୟ। ସେମାନେ ୨୦୨୦ରେ ଏଗ୍ରିଟେକ୍ ଷ୍ଟାର୍ଟଅପ୍ ଗଠନକରି ଏହି କାର୍ଯ୍ୟ କରୁଛନ୍ତି। କେବଳ ଏତିକି ନୁହେଁ, ୩ ବନ୍ଧୁ କୃଷି ଉତ୍ପାଦର ପ୍ୟାକେଜିଂ ଓ ମାର୍କେଟିଂରେ ମଧ୍ୟ ଚାଷୀମାନଙ୍କୁ ସହଯୋଗ କରୁଛନ୍ତି। ଏବେ ଉକ୍ତ ଷ୍ଟାର୍ଟଅପ୍ ମାଧ୍ୟମରେ ୫୦କିସମର ଫସଲ କରାଯାଉଛି। ଏଥିରେ ପାରମ୍ପରିକ ଚାଷ ତୁଳନାରେ ହାଇଡ୍ରୋପୋନିକ୍ସରେ ୮୦% ପାଣି ବଞ୍ଚାଯାଇପାରୁଛି ଓ ୮୫% କମ୍ ଜମି ଆବଶ୍ୟକ ହେବା ସହ ୩୦ରୁ ୭୦% ଅଧିକ ଉତ୍ପାଦନ ହେଉଛି। ତୁଷାର, ମିତ୍ ଓ ବିବେକ ଦେଶର ୨୭ଟି ସହରରେ୨୫ ଲକ୍ଷ ବର୍ଗଫୁଟ୍ ହାଇଡ୍ରୋପୋନିକ୍ସ ଫାର୍ମ ଗଠନକରି କୃଷକଙ୍କ ସମେତ ବ୍ୟବସାୟୀ, ଛାତ୍ର, କର୍ମଜୀବୀ, ଗୃହିଣୀଙ୍କୁ କୃଷିରେ ସାମିଲ କରିପାରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୦ ଜାନୁୟାରୀ ୧୯୯୮

- ବିଶ୍ୱ ବାଣିଜ୍ୟ କେନ୍ଦ୍ରରେ ସଂଘଟିତ ବୋମା ବିସ୍ଫୋରଣ ଘଟଣାର ମୁଖ୍ୟ ନାୟକ ପାକିସ୍ତାନୀ ନାଗରିକ ରାମଜୀ ଅହମ୍ମଦ ୟୁସୁଫଙ୍କୁ ୨୪୦ ବର୍ଷ କାରାଦଣ୍ଡ।
- ଇନ୍ଦର କୁମାର ଗୁଜରାଲଙ୍କ ନେତୃତ୍ୱରେ ପରିଚାଳିତ ମିଳିତ ସାମ୍ମୁଖ୍ୟ ମନ୍ତ୍ରିମଣ୍ଡଳରେ ରାଷ୍ଟ୍ରମନ୍ତ୍ରୀ ଭାବେ ରହିଆସିଥିବା ରାଷ୍ଟ୍ରୀୟ ଜନତା ଦଳର ତିନିଜଣ ସଦସ୍ୟଙ୍କ କେନ୍ଦ୍ର ମନ୍ତ୍ରିମଣ୍ଡଳରୁ ଇସ୍ତଫା ପ୍ରଦାନ।
- ଚାନ୍ଦିପୁର କ୍ଷେପଣାସ୍ତ୍ର ପରୀକ୍ଷା ଘାଟିରୁ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ବି.ଏମ୍. ୨୧ ଗ୍ରୀଡ ରକେଟର ସଫଳ ପରୀକ୍ଷଣ।

## ପାଠକ ଶ୍ରେଷ୍ଠ ବିଚାରକ

### ଫାଇନାନ୍ସ ସଂସ୍ଥା ପ୍ରତି ସାବଧାନ

ମହାଶୟ,

ଗତ କିଛିଦିନ ତଳେ ଏକ ଦୈନିକ ଖବରକାଗଜରୁ ଗୋଟିଏ ଅର୍ଥଲଗାଣକାରୀ ସଂସ୍ଥାର ବିଜ୍ଞାପନ ମାଧ୍ୟମରେ ବାର୍ଷିକ ଖୁବ୍ କମ୍ ଡକ୍ୟୁମେଣ୍ଟରେ ୩ଲକ୍ଷ ଟଙ୍କାରୁ ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବ୍ୟକ୍ତିଗତ ଋଣ ଦିଆଯାଇଥିବା କଥା ଜାଣିଲି। ଲେଖିଥିବା ମୋବାଇଲ ନଂ.ରେ ଯୋଗାଯୋଗ କରିବାରୁ ସେମାନେ କହିଲେ ଯେ ହ୍ୱାଟ୍ସଆପ୍ ମାଧ୍ୟମରେ ଆପଣଙ୍କର ଆଧାର କାର୍ଡ, ପ୍ୟାନ୍‌କାର୍ଡ, ଦରମା ପାଉଥିବା ପ୍ରମାଣପତ୍ର, କେତେ ଋଣ କରିବେ ତାହା ଦର୍ଶାଇବା ସହିତ ବ୍ୟାଙ୍କ ଷ୍ଟେଟ୍‌ମେଣ୍ଟ ଦେବା ପାଇଁ ପଡ଼ିବ। ମୁଁ ମଧ୍ୟ ସମସ୍ତ କାଗଜପତ୍ର ପଠାଇଦେଲି। ତା' ପରେ ମୋ ପାଖକୁ ଫୋନ୍ କଲ୍ ଆସିଲା ଯେ ଆପଣଙ୍କ ଡକ୍ୟୁମେଣ୍ଟ ତଦାରଖ କଲାପରେ ଆପଣ ଖୁବ୍ ଶୀଘ୍ର ୩ ଲକ୍ଷ ଟଙ୍କା ପାଇବେ। ସେଥିପାଇଁ ପ୍ରଥମେ ପ୍ରୋସେସିଂ ପାଇଁ ୧୦,୦୦୦ ଟଙ୍କା ପଠାନ୍ତୁ। ମୁଁ ଫୋନ୍ ପେ ମାଧ୍ୟମରେ ସେହି ଟଙ୍କା ପଠାଇଦେଲି। ତା' ପରେ ମୋତେ ବିଶ୍ୱାସ ଜନ୍ମାଇବା ପାଇଁ ଡାକ ମାଧ୍ୟମରେ ଏକ ସାଙ୍କ୍ସନ ଅର୍ଡରରେ ଲେଖାଥିବା ୩,୦୦,୦୦୦ ଟଙ୍କା ହୋଇଛି ବୋଲି ପଠାଇଲେ ଓ ଫୋନ୍ କରି କହିଲେ, ପାଖକୁ ଯାଇ ଭେରିଫିକେଶନ କରିବା ଅସମ୍ଭବ ହେଉଥିବାରୁ ଆଉ ୭୦୦୦ ଟଙ୍କା ପଠାଇଲେ ଆମେ ଭେରିଫିକେଶନ କରି ଆକାଉଣ୍ଟକୁ ଟଙ୍କା ପଠାଇଦେବୁ। ମୁଁ ଟଙ୍କା ପଠାଇଲି ଓ ଟଙ୍କା କେବେ କ୍ରେଡିଟ୍ ହେବ ବୋଲି ଜଣାଇବା ପରେ ଗୋଟେ ଫୋନ୍ ନମ୍ବର ଦେଇ କହିଲେ, ଆମର ଏହି ନମ୍ବରକୁ ଫୋନ୍ କଲେ ମ୍ୟାନେଜର କେବେ ଟଙ୍କା ପଠାଇ ଜଣାଇଦେବେ। ପରେ ଯେତେ ଫୋନ୍ କଲେ କେହି ଉଠାଇଲେ ନାହିଁ। ତେଣୁ ଅନୁରୋଧ ମୋ ପରି ଆପଣ ଠକାମିର ଶିକାର ନ ହୁଅନ୍ତୁ।

–ରମାକାନ୍ତ ଜେନା, ଅବସରପ୍ରାପ୍ତ ଶିକ୍ଷକ,
ଲକ୍ଷ୍ମୀନାରାୟଣପୁର, ପୁରୀ

## ଚିରନ୍ତନୀ

ଅନ୍ତରେ ଲହୁ ବାହାରେ ରକ୍ତରାଶି,
ରକତର ଶିଶୁ କାହିଁ ଯିବି ମୁଁ ଗୋ ଭାସି!
କି ବାରତା ଆସେ କାହିଁ ସେ ଉଚ୍ଚରେ,
କ୍ଷୀଣତର ହୋଇ ମରମେ ସଞ୍ଚରେ,
କି ପୁଲକ ବ୍ୟଥା ପରାଣେ ଲାଗେ ପରାସି
ରଙ୍ଗାଏ ମୋର ସଞ୍ଚିତ ବ୍ୟଥାରାଶି।
–(ଲୋହିତ ବ୍ୟଥା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 3 | | | | 5 | 7 | | 4 | 9 |
| | | 6 | | | | | | |
| | 7 | | | | | | | |
| | | 9 | 4 | | | | 6 | |
| | 2 | 4 | 5 | | | | | |
| | | | | | 8 | | 3 | |
| 9 | 5 | | | | | | 7 | |
| | | 2 | 7 | | 1 | 3 | | |
| | | 1 | | | | | | 2 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 2 | 8 | 7 | 1 | 3 | 5 | 6 | 9 |
| 9 | 5 | 6 | 4 | 8 | 2 | 1 | 3 | 7 |
| 7 | 1 | 3 | 6 | 9 | 5 | 2 | 4 | 8 |
| 1 | 9 | 7 | 8 | 2 | 6 | 3 | 5 | 4 |
| 3 | 6 | 4 | 5 | 7 | 9 | 8 | 1 | 2 |
| 5 | 8 | 2 | 1 | 3 | 4 | 9 | 7 | 6 |
| 8 | 7 | 5 | 9 | 6 | 1 | 4 | 2 | 3 |
| 6 | 3 | 1 | 2 | 4 | 8 | 7 | 9 | 5 |
| 2 | 4 | 9 | 3 | 5 | 7 | 6 | 8 | 1 |

ଗତକାଲିର ଉତ୍ତର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com
:miku11@yahoo.com (Use only for advertisements,commercial queries)

# ସାକ୍ଷୀଗୋପାଳ ମନ୍ଦିର ନିକଟରେ ଜଳିଗଲା ତୀର୍ଥଯାତ୍ରୀ ବସ୍

ସାକ୍ଷୀଗୋପାଳ,୯।୧ (ସ୍ୱ.ପ୍ର./ଡି.ଏନ୍.ଏ.)

## ମଧ୍ୟପ୍ରଦେଶରୁ ଆସିଥିଲେ ୧୨୦ ଯାତ୍ରୀ

ପୁରୀ ଜିଲା ସାକ୍ଷୀଗୋପାଳ ମନ୍ଦିର ପଛପାର୍ଶ୍ୱରେ ପାର୍କିଂ କରିଥିବା ଏକ ତୀର୍ଥଯାତ୍ରୀ ବସ୍‌ରେ ସୋମବାର ମଧ୍ୟାହ୍ନରେ ନିଆଁ ଲାଗିଯାଇଛି। ବସ୍‌ର ଯାତ୍ରୀମାନେ ସ୍ନାନ,ଶୌଚ ଓ ମନ୍ଦିର ବୁଲିବାକୁ ଯାଇଥିବା ବେଳେ ଏଭଳି ଅଘଟଣ ଘଟିଥିଲା। ଫଳରେ ଯାତ୍ରୀମାନେ ବର୍ତ୍ତିଯାଇଛନ୍ତି। ହେଲେ ବସ୍‌ରେ ନିଆଁ ବ୍ୟାପୀ ଯିବାରୁ କିଛି ସମୟ ମଧ୍ୟରେ ସମ୍ପୂର୍ଣ୍ଣ ଜଳିଯାଇଥିଲା। କିନ୍ତୁ ବସ୍‌ରେ ଥିବା ଯାତ୍ରୀମାନଙ୍କର ଆସବାବପତ୍ର, ଟଙ୍କା, ଜରୁରୀ କାଗଜପତ୍ର ଜଳିଯାଇଛି।

ସୂଚନା ଅନୁଯାୟୀ, ମଧ୍ୟପ୍ରଦେଶ ଗ୍ୱାଲିୟର ଅଞ୍ଚଳରୁ ୩ଟି ବସ୍‌ରେ ପ୍ରାୟ ୧୨୦ଜଣ ତୀର୍ଥଯାତ୍ରୀ ଗଙ୍ଗାସାଗର ଓ ଚାରିଧାମ ଯାତ୍ରାରେ ବାହାରିଥିଲେ। ପୁରୀରେ ଶ୍ରୀଜଗନ୍ନାଥଙ୍କ ଦର୍ଶନ ପରେ ତୀର୍ଥଯାତ୍ରାର ସାକ୍ଷୀଦେବାକୁ ଶ୍ରୀସାକ୍ଷୀଗୋପାଳ ଠାକୁରଙ୍କ ଦର୍ଶନ ପାଇଁ ସେମାନେ ସାକ୍ଷୀଗୋପାଳରେ ପହଞ୍ଚିଥିଲେ। ଏଠାରେ ଦର୍ଶନ ସାରି ସେମାନେ ଅପରାହ୍ନରେ ରାମେଶ୍ୱର ତୀର୍ଥ ଭ୍ରମଣ କରିବାକୁ ଲକ୍ଷ୍ୟ ରଖିଥିଲେ। ୩ଟି ବସ୍ ସତ୍ୟବାଦୀ ହାଇସ୍କୁଲ ସମ୍ମୁଖ ଓ ସାକ୍ଷୀଗୋପାଳ ମନ୍ଦିର ନିକଟରେ ପାର୍କିଂ କରିବା ସହ କେତେଜଣ ଯାତ୍ରୀ ମନ୍ଦିର ଯାଇଥିବା ବେଳେ ଅନ୍ୟ କେତେଜଣ ସ୍ନାନ ପାଇଁ ଯାଇଥିଲେ। ଏହି ସମୟରେ ମନ୍ଦିର ପଛ ପାର୍ଶ୍ୱରେ ଥିବା ନଂ. ୟୁପି ୭୫ ଏଟି ୧୭୭୬ ବିଶିଷ୍ଟ ବସ୍‌ର ପଛରୁ ଧୂଆଁ ବାହାରିଥିଲା। ସେଠାରେ ଥିବା ଉପସ୍ଥିତ ବସ୍ କର୍ମଚାରୀ ଏହା ଦେଖି ପାଣି ପକାଇଥିଲେ। କିନ୍ତୁ ବସ୍‌ର ସିଟ ଓ ଆଗପାର୍ଶ୍ୱ ପ୍ଲାଷ୍ଟିକ ସାମଗ୍ରୀରେ ନିଆଁ ଲାଗି ବ୍ୟାପିଯାଇ ନିମିଷକ ମଧ୍ୟରେ ସମ୍ପୂର୍ଣ୍ଣ ବସ୍‌କୁ ଲାଗିଯାଇଥିଲା। ଫଳରେ



ପ୍ରବଳ ଧୂଆଁ ବାହାରି ଆକାଶରେ ଏକ କଳା ବାଦଲ ଛାଇଯାଇଥିଲା। ଏହା ଦେଖି ସ୍ଥାନୀୟ ଲୋକେ ଓ ଯାତ୍ରୀମାନେ ଭୟଭୀତ ହୋଇଯାଇଥିଲେ। ଖବରପାଇ ସାକ୍ଷୀଗୋପାଳ ଦମକଳ କେନ୍ଦ୍ର ଅଧିକାରୀ ମନୋଜ କୁମାର ପାତ୍ର ଓ ତାଙ୍କ ଟିମ୍ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭାଇଥିଲେ। ପରେ ବିଧାୟକ ଉମାକାନ୍ତ ସାମନ୍ତରାୟ, ବିଡିଓ, ତହସିଲଦାର, ସତ୍ୟବାଦୀ ଥାନାଧିକାରୀ ଓ ପ୍ରଶାସନିକ ଅଧିକାରୀମାନେ ପହଞ୍ଚି ଯାତ୍ରୀମାନଙ୍କୁ ସାକ୍ଷୀଗୋପାଳ ମନ୍ଦିର ପାନ୍ଥଶାଳାରେ ରହିବା ସହିତ ଖାଦ୍ୟ ଯୋଗାଇଥିଲେ। ସମସ୍ତ ବ୍ୟବସ୍ଥା ସହିତ ଖୁବ ଶୀଘ୍ର ତୀର୍ଥ ଯାତ୍ରୀମାନଙ୍କୁ ସେମାନଙ୍କ ରାଜ୍ୟକୁ ପଠାଇ ଦିଆଯିବାର ବନ୍ଦୋବସ୍ତ କରାଯିବ ବୋଲି ବିଧାୟକ କହିଛନ୍ତି। ଅନ୍ୟପଟେ ସତ୍ୟବାଦୀରେ ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ ପାତ୍ର ଏକ କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ଆସିଥିବା ବେଳେ ଦୁର୍ଘଟଣା ଖବରପାଇ ଘଟଣାସ୍ଥଳକୁ ଯାଇଥିଲେ। ତେବେ ନିଆଁ ଲାଗିବାର ପ୍ରକୃତ କାରଣ ଜଣାପଡ଼ି ନ ଥିବାବେଳେ ଶର୍ଟସର୍କିଟରୁ ନିଆଁ ଲାଗିଥାଇପାରେ ବୋଲି ଅନୁମାନ କରାଯାଉଛି।

# ୧.୧୯୦ କେଜି ବ୍ରାଉନ୍‌ସୁଗାର ଜବତ, ଜଣେ ଗିରଫ

ନୟାଗଡ଼ ଅଫିସ/ଭାପୁର, ୯।୧(ଡି.ଏନ୍.ଏ.)

ନୟାଗଡ଼ ଜିଲା ଫତେଗଡ ଥାନା ପଥରଚକଡ଼ା ନିକଟସ୍ଥ ନାରାୟଣୀ ମନ୍ଦିର ନିକଟରୁ କ୍ରାଇମବ୍ରାଞ୍ଚର ଏସ୍‌ଟିଏଫ୍ ୧ କେଜି ୧୯୦ ଗ୍ରାମ ବ୍ରାଉନସୁଗାର ରବିବାର ସନ୍ଧ୍ୟାରେ ଜବତ କରିଥିଲା। ଜବତ ବ୍ରାଉନସୁଗାରର ଦାମ ୧ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ହେବ। ବେଆଇନ ବ୍ରାଉନସୁଗାର ଜବତ ଘଟଣାରେ ଏସ୍‌ଟିଏଫ୍ ଖଣ୍ଡପଡ଼ା ଥାନା କଣ୍ଟିଲୋ ଛାମୁସାହିପାଟଣା ଗାଁର ହର ପ୍ରସାଦ ପୃଷ୍ଟି (୩୫)ଙ୍କୁ ଗିରଫ କରି ସୋମବାର ନୟାଗଡ଼ ଜିଲା ଜଜ୍ କୋର୍ଟକୁ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ହରପ୍ରସାଦଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି। ତେବେ ଅବକାରୀ ବିଭାଗ ଓ ପୋଲିସ ଏ ନେଇ ଟେର ନ ପାଇବା ସେମାନଙ୍କର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନ ଉଠାଇଛି। ଜବତ ବ୍ରାଉନସୁଗାର କେଉଁଠୁ ଆସିଛି ଜଣାପଡିନି। ପ୍ରାପ୍ତ

## ଏସ୍‌ଟିଏଫ୍ ଗ୍ରାହକ ସାଜି ଧରିଲା



ଗିରଫ ଅଭିଯୁକ୍ତ।

ସୂଚନା ଅନୁସାରେ, ଫତେଗଡ ଥାନା ଅଞ୍ଚଳରେ ବ୍ରାଉନସୁଗାର କାରବାର ବଢୁଥିବା ଖବରପାଇ ଏସ୍‌ଟିଏଫ୍ ଚଢ଼ାଉ କରିଥିଲା। ନାରାୟଣୀ ମନ୍ଦିର ପାଖରେ ହରପ୍ରସାଦ ବ୍ରାଉନସୁଗାର ବିକ୍ରି କରୁଥିବାବେଳେ ରବିବାର ସନ୍ଧ୍ୟାରେ ଏସ୍‌ଟିଏଫ୍ ଗ୍ରାହକ ସାଜି ଯାଇଥିଲେ। ହରପ୍ରସାଦଙ୍କଠାରୁ ବ୍ରାଉନସୁଗାର କିଣି ତାଙ୍କୁ ଅଟକ ରଖିଥିଲା।

# ସମସ୍ୟା ଉପରେ ଦୃଷ୍ଟି ଦେବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ

କଟକ ଅଫିସ,୯।୧

## ଗୁଡ଼ିରେ ମାଞ୍ଜାସୂତା ବ୍ୟବହାର ନିଷିଦ୍ଧ ମାମଲା

ହକି ବିଶ୍ୱକପ୍ ଉଦ୍‌ଘାଟନୀ ଉତ୍ସବ ସମୟରେ ଗୁଡ଼ି ଉଡ଼ାରେ ପ୍ଲାଷ୍ଟିକ ସୂତା ବ୍ୟବହାରଜନିତ ସମସ୍ୟା ଉପରେ ନଜର ଦେବାକୁ କଟକ ଜିଲାପାଳଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ବିଚାରପତି ଡ. ଏସ୍. ମୁରଲୀଧର ଏବଂ ବିଚାରପତି ମୁରାହରି ଶ୍ରୀରମଣଙ୍କ ଖଣ୍ଡପୀଠ ସୋମବାର ଏହି ମାମଲାର ଶୁଣାଣି କରିଥିଲେ। ପ୍ଲାଷ୍ଟିକ ସୂତା ବ୍ୟବହାର କଟକଣା କଡ଼ାକଡ଼ି ପାଳନ ନେଇ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ ହୋଇଥିଲା। ବିଶ୍ୱକପ୍ ଉଦ୍‌ଘାଟନୀ ଉତ୍ସବ ବେଳେ କଟକ ସହରରେ ଭିଡ଼ ବଢ଼ିବ, ତେଣୁ ଗୁଡ଼ିରେ ପ୍ଲାଷ୍ଟିକ ସୂତା ବ୍ୟବହାର ଦୁର୍ଘଟଣା ଘଟାଇପାରେ। ଏହାକୁ ଦୃଷ୍ଟିରେ ରଖି ପ୍ଲାଷ୍ଟିକ ସୂତା ବ୍ୟବହାର କଟକଣା କଡ଼ାକଡ଼ି ପାଳନ ନେଇ ଆବେଦନକାରୀ ପ୍ରାର୍ଥନା କରିଥିଲେ।

ମେରିଆବଜାର ବାସିନ୍ଦା ପୁଷ୍ପାଞ୍ଜଳି ମହାପାତ୍ର ଗତ ୩ ତାରିଖରେ ହାଇକୋର୍ଟରେ ଏ ନେଇ ଏକ ଜନସ୍ୱାର୍ଥ ମାମଲା ଦାଏର କରିଥିଲେ। ମାଞ୍ଜାସୂତା ବ୍ୟବହାର ରୋକିବାକୁ ଯେତେପ୍ରକାର ଚେଷ୍ଟା କରାଯାଉଥିଲେ ବି ତାହା ଫଳପ୍ରଦ ହୋଇ ପାରିନାହିଁ। ପ୍ରତିବର୍ଷ ଗୁଡ଼ିର ମାଞ୍ଜାସୂତା ବେକରେ ଲାଗି ବାଇକ ଆରୋହୀ, ସାଇକେଲ ଆରୋହୀଙ୍କ ସମେତ ପଶୁ ପକ୍ଷୀଙ୍କ ପ୍ରାଣହାନି ଭଳି ଅଘଟଣ ଘଟୁଛି। ଏତେ ଅଘଟଣ ପରେ ମଧ୍ୟ ପ୍ରଶାସନ କିମ୍ବା ଲୋକେ ଚେତୁ ନାହାନ୍ତି। ତେଣୁ ଏନେଇ ସରକାର ଓ ପ୍ରଶାସନ କଟକଣା ଲଗାଇବା ଉଚିତ ବୋଲି ସେ ଦର୍ଶାଇଥିଲେ। ଏହି ପିଟିଶନରେ ମୁଖ୍ୟ ଶାସନ ସଚିବ, ଜଙ୍ଗଲ ଓ ପରିବେଶ ବିଭାଗ ସଚିବ, ଡିଜିପି, କଟକ ଡିସିପି, କଟକ ଜିଲାପାଳ, ସିଏମ୍‌ସି ଏବଂ ବିଏମ୍‌ସିର କମିଶନରଙ୍କୁ ପକ୍ଷଭୁକ୍ତ କରିଥିଲେ। ଆଇନଜୀବୀ ପଦ୍ମାଳୟା ମହାପାତ୍ର ଉକ୍ତ ମାମଲା ପରିଚାଳନା କରୁଥିଲେ।

# ଏକସଙ୍ଗେ ଜେଲ ସହ ପାଚେରି ନିର୍ମାଣ ନିର୍ଦ୍ଦେଶ

କଟକ ଅଫିସ,୯।୧

## ହାଇକୋର୍ଟରେ ଜେଲ ସଂସ୍କାର ମାମଲା

ଜେଲ ଓ ପାଚେରି ଏକସଙ୍ଗେ ନିର୍ମାଣ ହେବା ନେଇ ରାଜ୍ୟ ସରକାର ପଦକ୍ଷେପ ନେବେ। ମୁଖ୍ୟ ବିଚାରପତି ଡ. ଏସ୍. ମୁରଲୀଧର ଓ ବିଚାରପତି ମୁରାହରି ଶ୍ରୀରମଣଙ୍କ ଖଣ୍ଡପୀଠ ସୋମବାର ଜେଲ ସଂସ୍କାର ସମ୍ପର୍କିତ ମାମଲାର ଶୁଣାଣି କରି ରାଜ୍ୟ ସରକାରଙ୍କୁ ଏହି ନିର୍ଦ୍ଦେଶ ଦେଇଛନ୍ତି।

ପ୍ରକାଶ ଯେ, ମାଲକାନଗିରିରେ ୨୦୦ କଏଦୀ ରହିବା ବ୍ୟବସ୍ଥା ଥିବା ଜେଲ ନିର୍ମାଣ ହୋଇଥିବାବେଳେ ପାଚେରି ନିର୍ମାଣ ହୋଇ ନ ଥିଲା ବୋଲି ହାଇକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏହାକୁ ନେଇ ହାଇକୋର୍ଟ ଅସନ୍ତୋଷ ବ୍ୟକ୍ତ କରିଥିଲେ। ରାଜ୍ୟରେ ଯେତେ ଜେଲ ନିର୍ମାଣ ହେଉଛି ବା ନିର୍ମାଣ ହେବାକୁ ଅଛି ସେଗୁଡ଼ିକର ନିର୍ମାଣ କାର୍ଯ୍ୟ ସରିବାର ୨ସପ୍ତାହ ମଧ୍ୟରେ ପାଚେରି ନିର୍ମାଣ ସଂକ୍ରାନ୍ତ ଏକ ପ୍ରସ୍ତାବ ଗୃହ ବିଭାଗକୁ ଦେବେ। ଗୃହ ବିଭାଗ ପ୍ରସ୍ତାବକୁ ୪ସପ୍ତାହ ମଧ୍ୟରେ ଅନୁମୋଦନ ଦେବେ ବୋଲି ହାଇକୋର୍ଟ କହିଛନ୍ତି। ଏଥିସହ ରାଜ୍ୟର ବିଭିନ୍ନ ଜେଲରେ ରହୁଥିବା ମାନସିକ ବିକାରଗ୍ରସ୍ତ କଏଦୀଙ୍କ ଚିକିତ୍ସା ପାଇଁ ବେଙ୍ଗାଲୁରୁସ୍ଥିତ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଣ୍ଟାଲ



## ମାନସିକ ବିକାରଗ୍ରସ୍ତ କଏଦୀଙ୍କ ଚିକିତ୍ସା କରିବେ ତାଲିମପ୍ରାପ୍ତ ଡାକ୍ତର

ହେଲ୍‌ଥ ଆଣ୍ଡ୍ ନ୍ୟୁରୋସାଇନ୍ସେସ୍ (ଏନ୍‌ଆଇଏମ୍‌ଏଚ୍‌ଏମ୍‌ଏସ୍) ହସ୍ପିଟାଲରେ ଏମ୍‌ବିବିଏସ୍ ଡାକ୍ତରମାନଙ୍କୁ ତାଲିମ ଦିଆଯିବ। ସେମାନେ ତାଲିମପ୍ରାପ୍ତ ହେବା ପରେ ଓଡ଼ିଶାକୁ ଆସି ଜେଲ୍‌ର ମାନସିକ ବିକାରଗ୍ରସ୍ତ କଏଦୀଙ୍କୁ ଚିକିତ୍ସା ସେବା ଯୋଗାଇ ଦେବେ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଅଦାଲତଙ୍କୁ ଅବଗତ କରାଯାଇଥିଲା। ଏହା ଉପରେ ୪ ସପ୍ତାହ ମଧ୍ୟରେ ପଦକ୍ଷେପ ନେବାକୁ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମାର୍ଚ୍ଚ ୯ରେ ପରବର୍ତ୍ତୀ ଶୁଣାଣି ହେବ ବୋଲି ଧାର୍ଯ୍ୟ ହୋଇଛି।

# ବସ୍ ଧକ୍କାରେ ଯୁକ୍ତ ୨ ଛାତ୍ରୀ ମୃତ, ଉତ୍ତେଜନା



କ୍ଷତିପୂରଣ ଦାବିରେ ରାସ୍ତାରୋକୋ।

ଢେଙ୍କାନାଳ ଅଫିସ,୯।୧

ଢେଙ୍କାନାଳ ଜିଲା ମୋଟଙ୍ଗା ଥାନା ୫୫ନଂ. ଜାତୀୟ ରାଜପଥର ଉପର ବାଘଲୁଣ୍ଡା ଗ୍ରାମ ଛକଠାରେ ସୋମବାର ପୂର୍ବାହ୍ନରେ ଏକ କମ୍ପାନୀ ବସ୍ ଧକ୍କାରେ ସ୍କୁଟିରେ ଯାଉଥିବା ଯୁକ୍ତ ୨ ପ୍ରଥମବର୍ଷ ବିଜ୍ଞାନ ଛାତ୍ରୀ ଇପ୍‌ସିତା ବରାଳଙ୍କ ମୃତ୍ୟୁ ଘଟିଛି। ତାଙ୍କ ସହ ସ୍କୁଟିରେ ଥିବା ଜଣେ ସମ୍ପର୍କୀୟ ଗୁରୁତର ହୋଇଛନ୍ତି। ମୃତା ଛାତ୍ରୀଙ୍କ ଘର ବେଲପଡା ଗ୍ରାମରେ ହୋଇଥିବାବେଳେ ସେ ସ୍ଥାନୀୟ ସତ୍ୟମ୍ ଶିବମ୍ ସୁନ୍ଦରମ୍ କଲେଜରେ ପଢୁଥିଲେ। ଦୁର୍ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ସୃଷ୍ଟି ହୋଇଥିଲା।

ଘଟଣାରୁ ଜଣାପଡିଛି, ମୋଟଙ୍ଗା ଥାନା ବେଲପଡା ଗ୍ରାମର ଇପ୍‌ସିତା ବରାଳ କଲେଜ କ୍ରୀଡ଼ା ଉତ୍ସବରେ ଯୋଗଦେବା ପାଇଁ ପୂର୍ବାହ୍ନ ସାଢ଼େ ୮ଟାରେ ଜଣେ ସମ୍ପର୍କୀୟଙ୍କ ସହ ଏକ ସ୍କୁଟିରେ କଲେଜ ଯାଉଥିଲେ। ସେମାନେ ୫୫ନଂ ଜାତୀୟ ରାଜପଥର ଉପର ବାଘଲୁଣ୍ଡାଠାରେ ହୋଇଥିବା ବେଳେ ପଛପଟୁ ଆସୁଥିବା ରୁଙ୍ଗଟା କମ୍ପାନୀରେ ଭଡ଼ାରେ ଲାଗିଥିବା ଏକ ବସ୍ ସ୍କୁଟିକୁ ଧକ୍କା ଦେଇଥିଲା। ଫଳରେ ଇପ୍‌ସିତା ଏବଂ ତାଙ୍କ ସମ୍ପର୍କୀୟ ଛିଟିକି ପଡିଥିଲେ। ଇପସିତା ରାସ୍ତା ଉପରେ ପଡିଯିବାରୁ ବସ୍‌ଟି ତାଙ୍କ ଉପରେ ଚଢ଼ି ଯାଇଥିଲା। ଇପସିତା ଏବଂ ତାଙ୍କ ସମ୍ପର୍କୀୟଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ସେଠାରେ ଡାକ୍ତରମାନେ ଇପସିତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣା ଜଣାପଡ଼ିବା ପରେ ଗଡଡ଼କାଟେଣୀ ଛକଠାରେ କଲେଜ ଛାତ୍ରୀଛାତ୍ର ଓ ଅଞ୍ଚଳବାସୀ ୨୫ ଲକ୍ଷ ଟଙ୍କା କ୍ଷତିପୂରଣ ଏବଂ ମୃତ ଛାତ୍ରୀଙ୍କ ପରିବାରର ଜଣେ ସଦସ୍ୟଙ୍କୁ ରୁଙ୍ଗଟା କମ୍ପାନୀରେ ନିଯୁକ୍ତି ଦାବିରେ ରାଜପଥ ଅବରୋଧ କରିଥିଲେ। ଫଳରେ ୨ ଘଣ୍ଟା ଧରି ଜାତୀୟ ରାଜପଥରେ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଖବରପାଇ ଓଡ଼ାପଡ଼ା ଅତିରିକ୍ତ ତହସିଲଦାର ସୁମନ୍ତ ବେହେରା, ସଦର ଏସ୍‌ଡିପିଓ ସୂର୍ଯ୍ୟମଣି ପ୍ରଧାନ, ମୋଟଙ୍ଗା ଥାନା ଅଧିକାରୀ ନିରଞ୍ଜନ ସେଠୀ ବୁଝାଶୁଝା କରିଥିଲେ। ଏହାପରେ ରାଜପଥ ଅବରୋଧ ପ୍ରତ୍ୟାହୃତ ହୋଇଥିଲା। ଏହି ଘଟଣାକୁ ନେଇ କଲେଜ ପରିସରରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଛାତ୍ରୀଛାତ୍ର, ଅଧ୍ୟାପିକା ଅଧ୍ୟାପକ ଶୋକବ୍ୟକ୍ତ କରିଥିଲେ। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଦେବା ସହିତ ଦୁର୍ଘଟଣା ଘଟାଇଥିବା ବସ୍‌ଟିକୁ ଜବତ କରିଥିଲା। ତେବେ ବସ୍ ଚାଳକ ଫେରାର ହୋଇଯାଇଥିବା ଜଣାପଡିଛି। ଏ ସଂକ୍ରାନ୍ତରେ ଥାନାରେ ନଂ. ୯।୨୩ରେ ଏକ ମାମଲା ରୁଜୁ କରାଯାଇଛି।

# ଅଙ୍ଗନୱାଡି ସୁପରଭାଇଜରଙ୍କ ଗାଲଟିପି ଧକ୍କା

## ସହାୟିକା ନିଯୁକ୍ତି ନେଇ ପଟ୍ଟାମୁଣ୍ଡାଇ ବ୍ଲକରେ ତୁମୁଳକାଣ୍ଡ

ପଟ୍ଟାମୁଣ୍ଡାଇ ୯।୧(ସ୍ୱ.ପ୍ର.)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ସମନ୍ୱିତ ଶିଶୁ ବିକାଶ ଯୋଜନାରେ ଜିଗରଣ ଗାଁର ଅଙ୍ଗନୱାଡି ସହାୟିକା ଚୟନରେ ସିଡିପିଓଙ୍କ ମନମାନୀର ପ୍ରତିବାଦରେ ସୋମବାର କାର୍ଯ୍ୟାଳୟ ସମ୍ମୁଖରେ ଶତାଧିକ ମହିଳାପୁରୁଷ ଆନ୍ଦୋଳନ କରିଥିଲେ। ଗ୍ରାମର ଶତାଧିକ ମହିଳାପୁରୁଷ ସିଡିପିଓ ଅଫିସ ଭିତରେ ପଶି ପାଟିତୁଣ୍ଡ କରିବା ସହ ଖରାପ ଭାଷାରେ ଗାଳିଗୁଲଜ କରିଥିଲେ। ଆନ୍ଦୋଳନକାରୀଙ୍କୁ ଚନ୍ଦନନଗର ସୁପରଭାଇଜର ତୁଳସୀ ଦାସ ବୁଝାଶୁଝା କରୁଥିବାବେଳେ ଜଣେ ଉତ୍ତ୍ୟକ୍ତ ମହିଳା ତାଙ୍କ ଗାଲ ଟିପି ଧକ୍କା ମାରିବା ଭିଡିଓ ଭାଇରାଲରୁ ଜଣାପଡିଛି।

ଜିଗରଣ ଗାଁ ଅଙ୍ଗନୱାଡି କେନ୍ଦ୍ରରେ ସହାୟିକା ନିଯୁକ୍ତି ନେଇ ୪ ଜଣ ଆବେଦନ କରିଥିଲେ। ତନ୍ମଧ୍ୟରୁ ୨ ଜଣ ବିଭିନ୍ନ କାରଣ ନେଇ ଓହରି ଯାଇଥିଲେ। ଅନ୍ୟ ୨ଜଣ ବିନୁପ୍ରଭା ମଲ୍ଲିକ ଓ ଜ୍ୟୋତ୍ସ୍ନାରାଣୀ ମଲ୍ଲିକ ରହିଥିଲେ। ୨ ଜଣ ଆବେଦନକାରୀ ଥିବାରୁ ପଟ୍ଟାମୁଣ୍ଡାଇ



ଉତ୍ତ୍ୟକ୍ତ ମହିଳା ସୁପରଭାଇଜରଙ୍କ ଗାଲକୁ ଚିପୁ ଥିବାର ଦୃଶ୍ୟ।

ସିଡିପିଓ ମୁକ୍ତରି ବେଗମ୍ ଗାଁର ମହିଳାଙ୍କୁ ନେଇ ଭୋଟ ଗ୍ରହଣ ପାଇଁ ନିଷ୍ପତ୍ତି ନେଇଥିଲେ। ଏହି ଭୋଟଗ୍ରହଣରେ ବିନୁପ୍ରଭା ସପକ୍ଷରେ ୧୨୫ ଜଣ ମତ ରଖିଥିବା ବେଳେ ଜ୍ୟୋତ୍ସ୍ନାରାଣୀଙ୍କୁ ମାତ୍ର ୨୭ ଜଣ ମତ ରଖିଥିଲେ। ପରବର୍ତ୍ତୀ ସମୟରେ ଗାଁର କେତେଜଣ ପ୍ରଭାବଶାଳୀ ବ୍ୟକ୍ତି ଏହି ନିଷ୍ପତ୍ତିରେ ବାଧା ସୃଷ୍ଟି କରିବା ସହ ବିନୁପ୍ରଭାଙ୍କୁ ଓହରି ଯିବାକୁ ବାଧ୍ୟ ଦେଇ ସାଦା କାଗଜରେ ଦସ୍ତଖତ କରାଇଥିଲେ ବୋଲି ସେ ଗଣମାଧ୍ୟମକୁ କହିଛନ୍ତି। ସିଡିପିଓଙ୍କ ଅନୁପସ୍ଥିତିରେ ଆନ୍ଦୋଳନକାରୀ ଅଫିସ ଭିତରକୁ ପଶିବା ଖବରପାଇ ପଟ୍ଟାମୁଣ୍ଡାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ପୋଲିସକୁ ଦେଖି ଆନ୍ଦୋଳନକାରୀମାନେ ଛତ୍ରଭଙ୍ଗ ଦେଇଥିଲେ। ଅନ୍ୟପକ୍ଷରେ ବିନୁପ୍ରଭା ସପକ୍ଷରେ ଗାଁର ମହିଳାମାନେ ମତ ଦେଇଥିବା ବେଳେ କାହିଁକି ସିଡିପିଓ ପ୍ରତ୍ୟାଖ୍ୟାନ କଲେ ତାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ସିଡିପିଓ ବେଗମ୍‌ଙ୍କୁ ପଚାରିବାରୁ ବିନୁପ୍ରଭା ଦେଇଥିବା ରେସିଡେଣ୍ଟ ସାର୍ଟିଫିକେଟ ଜାଲ୍ ବୋଲି ତହସିଲଦାରଙ୍କଠାରୁ ଜାଣିବାକୁ ପାଇଲୁ। ସେଥିପାଇଁ ତାଙ୍କ ଚୟନ ରଦ୍ଦ କରାଯାଇଛି। ସେ ଦେଇଥିବା ସାର୍ଟିଫିକେଟ ଜାଲ ବୋଲି ସେ କହିଥିଲେ।

DIRECTORATE OF TOWN PLANNING
GOVERNMENT OF ODISHA, BHUBANESWAR

No. MP-103/22-62/DTP Date: 06.01.2023

REQUEST FOR PROPOSAL (RFP) FOR CONSULTANCY SERVICES FOR PREPARATION OF GIS/RS BASED COMPREHENSIVE DEVELOPMENT PLAN/MASTER PLAN FOR 62 TOWNS OF ODISHA UNDER 10 PACKAGES

No. C-2245: Directorate of Town Planning, Government of Odisha invites **"REQUEST FOR PROPOSAL (RFP) FOR CONSULTANCY SERVICES FOR PREPARATION OF GIS/RS BASED COMPREHENSIVE DEVELOPMENT PLAN/MASTER PLAN FOR 62 TOWNS OF ODISHA UNDER 10 PACKAGES".** The RFP Documents will be available from Dt.10.01.2023 to Dt.15.02.2023. The RFP documents can be downloaded from **www.urbanodisha.gov.in**. The last date of submission of proposals is Dt.15.02.2023 by 4.00 P.M. The pre-bid meeting will be held on Dt.24.01.2023 at 11.30 A.M. in the Office Chamber of the Director of Town Planning, Odisha, Power House Square, Unit - V, Bhubaneswar - 751001.
Please refer the RFP documents for further details.

**Sd./- Director**
OIPR-13038/11/0002/2223

ODISHA JOINT ENTRANCE EXAMINATION - 2022 (OJEE - 2022)

No. OJEE/015 Date: 09.01.2023

**Notice regarding Medical Board for Physically Challenged (PC) Candidates Seeking Admission to B.Pharm and M.Pharm Courses through OJEE under 2022**

No. h-19: The **Physically Challenged (PC)** Category Candidates having due eligibility, who are interested to take admission under PC category in B.Pharm and M.Pharm Courses through OJEE counselling are required to attend the **Medical Board at LT-II, SCB Medical College, Cuttack on 11.01.2023 at 10.00 A.M. positively**.

Candidates are required to bring their **Rank Card, Photo Identity Card and UDID Card and must report at the Board by 9.30 A.M.**

**Decision of the Medical Board is final and binding. Admission under PC category will be made only as per the recommendations of this Board.**

**Sd./- Chairman, OJEE, Odisha**
OIPR-14020/11/0029/2223

IN THE DEBTS RECOVERY TRIBUNAL: CUTTACK
C-71, SECTOR-7, CDA, CUTTACK- 753014
O.A.No. 398/21

**Utkal Grameen Bank** .... Applicant
Vs.
**Sri Kalindra Bhainsal** & Ors .... Defendants

1: **Sri Kalindra Bhainsal**, aged about 69 years, S/o. Madan Mohan Bhainsal
2: **Sri Fulindra Bhainsal,** age not known but major, S/o. Madan Mohan Bhainsal
3: **Sri Iswar Bhainsal,** age not known but major, S/o. Jaga Mohan Bhainsal
4: **Sri Khetrabasi Sandha,** age not known but major, S/o. Mohan Sandha
5: **Sri Amulya Bhainsal,** age not known but major, S/o. Balabhadra Bhainsal
Nos. 1 to 5 residing at: Udarama, PO: Pamra, Dist: Sundargarh-770016
6: **Sri Ramesh Podh,** aged about 47 yrs., S/o. Kalakar Podh and Late Kalabati Bhainsal
7: **Lalit Podh,** aged about 50 yrs., S/o. Kalakar Podh and Late Kalabati Bhainsal
Nos. 6 & 7 residing at and PO: Garposh, Dist: Sambalpur- 768224
8: **Bande Rout,** aged about 42 yrs., D/o. Kalakar Podh and Kalabati Bhainsal, residing at Raikakakachhar, Dist: Sundargarh- 770017
*Defendants*

**Summons by Paper Publication for Showing Cause as to Why Reliefs Prayed for should not be granted**

Take notice that the Applicant has instituted OA No.398/21 in the Debts Recovery Tribunal, Cuttack for recovery of **Rs. 25,74,441.33** only pendentiliete and future interest thereon at the agreement rate till recover from the defendants with costs and for other reliefs. The above named defendants are hereby directed to appear before this tribunal in person or through advocates or authorized agents and show cause on 10.02.2023 at 10.30 A.M. positively as to why the reliefs prayed for should not be granted.

Take notice that in case of your default the original Application shall be heard and disposed off exparte in your absence.

Given under hand and seal of this Tribunal, on this 05th day of month January of 2023

By orders of this Tribunal
**Sd./- Registrar**
**Debts Recovery Tribunal**

UTKAL UNIVERSITY OF CULTURE
Sardar Patel Hall Complex, Unit - II, Bhubaneswar - 751 009
E-mail: mailboxuuc@gmail.com, www.uuc.ac.in
No. 2496/UUC Dt.27.12.2022

ADMISSION NOTIFICATION - 2023

No. CAD-4316: Utkal University of Culture invites applications for admission to the following courses.
**Six Months Certificate Course in Jain Religion and Philosophy and in Tamil Language (January - June 2023)**

**Eligibility:**
**For Jain Religion** : Any Graduate or equivalent from recognised University
**For Tamil Language** : HSC or equivalent Degree from any recognised Board/ Institution.

**Admission Schedule**
**Commencement of application form** - **30.12.2022**
**Last date of Sale of application form and Admission** - **20.01.2023**
**Procedure of Selection** - Subject to fulfilment of eligibility criteria
**No. of Seats** - 32 in each course
**Cost of application form** - Rs.100.00
**Admission Fees** - For Jain Religion - Rs.500.00; For Tamil Language - Nil

Application form can be procured from the above office address or can be downloaded from the University website **www.uuc.ac.in** (Form Downloads). **All fees are to be deposited online.** For further querries, Contact: **8093982496**.

**Sd./- Head, P.G. Teaching Departments**
OIPR-03005/11/0016/2223

## ଟ୍ରକ୍ ସହ ଧକ୍କା ହୋଇ ବାଇକ୍ ଆରୋହୀ ମୃତ

**ଖୁଣ୍ଟୁଣୀ, (ଡି.ଏନ୍.ଏ.):** ଖୁଣ୍ଟୁଣୀ ଥାନା ଅଧୀନ ରାଧାରମଣପୁର ଗ୍ରାମ ସାମ୍ନା ଜାତୀୟ ରାଜପଥ ଉପରେ ସୋମବାର ରାତି ସାଢେ ୭ରେ ଏକ ଆଇଚର ଟ୍ରକ ସହିତ ବାଇକର ମୁହାଁମୁହିଁ ଧକ୍କା ହେବାରୁ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଢେଙ୍କାନାଳ ଟାଉନ ଥାନା ମହିଷାପାଟ ଗ୍ରାମର ଧ୍ରୁବଚରଣ ନାୟକ (୩୦)। ଏଏସ୍ଆଇ ଅମ୍ବିକା ପ୍ରସାଦ ଦାସ ଘଟଣାସ୍ଥଳରେ ପହଞ୍ଚି ମୃତ ଯୁବକର ବ୍ୟବଚ୍ଛେଦ ପାଇଁ ଆଠଗଡ଼ ଡାକ୍ତରଖାନାକୁ ପଠାଇବା ସହ ଟ୍ରକ ଓ ବାଇକକୁ ଜବତ କରିଛନ୍ତି। ଧ୍ରୁବ ନିଜ ବାଇକ୍ ଓଡି ୦୪ ଏନ୍ ୮୫୬୩ ଯୋଗେ କଟକରୁ ଘରକୁ ଫେରୁଥିଲେ। ଢେଙ୍କାନାଳ ପଟୁ ଦ୍ରୁତ ଗତିରେ ଆସୁଥିବା ଓଡି ୦୨ ବିଜେଡ୍ ୫୦୮୪ ଆଇଚର ଟ୍ରକ ସହ ମୁହାଁମୁହିଁ ଧକ୍କା ହୋଇଥିଲା।

## ଆଜି କ'ଣ କେଉଁଠି

ଭୁବନେଶ୍ୱର
- ପୁରୁଷ ହକି ବିଶ୍ୱକପ୍ ଉପଲକ୍ଷେ ଖାଦ୍ୟମେଳା ଓ ସାଂସ୍କୃତିକ କାର୍ଯ୍ୟକ୍ରମ, କଳିଙ୍ଗ ଷ୍ଟାଡିୟମ୍, ଅପରାହ୍ନ ୩ଟା।
- ଆର୍ଡିଏମ୍ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ 'ଉଡାନ୍', ସ୍କୁଲ ପରିସର, ଅପରାହ୍ନ ୪ଟା।
- ଫ୍ୟାଶନ ଆଣ୍ଡ ଲାଇଫଷ୍ଟାଇଲ ମେଳାର ଉଦ୍‌ଘାଟନୀ ଉତ୍ସବ, ପାଲ୍‌ଟ୍ରୋନିକ୍ ଗ୍ରାଉଣ୍ଡ, ପଟିଆ, ଅପରାହ୍ନ ୪ଟା ୩୦।
- କଳିଙ୍ଗ ପ୍ରତିଭା ସମ୍ମାନ ଉତ୍ସବ, ବୁଦ୍ଧମନ୍ଦିର, ସନ୍ଧ୍ୟା ୬ଟା।
- ଏକାମ୍ର ନାଟ୍ୟ ସଙ୍ଗଠନର ନାଟ୍ୟ ଉତ୍ସବ, ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ମନନ ନୃତ୍ୟସଂସ୍ଥାର ୪୪ତମ ପ୍ରତିଷ୍ଠା ଦିବସ ଅବସରରେ ଡ୍ରାମା ଉତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ଡେଲିଭରି ବଏ୍ ଅଡିଓ ରିଲିଜ୍, ଉତ୍କଳ କନିକା ଗ୍ୟାଲେରିଆ, ସନ୍ଧ୍ୟା୬ଟା ୩୦।

କଟକ
- ସଂଗ୍ରାମୀ ରାଜକିଶୋର ନାୟକଙ୍କ ସ୍ମୃତି ଉତ୍ସବ, ଶାରଳା ଭବନ, ବିଜୁ ପଟ୍ଟନାୟକ ଛକ, ସନ୍ଧ୍ୟା ୬ଟା।

ତିଗିରିଆ
- ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ, ନୂଆପାଟଣା ଶିକ୍ଷାକେନ୍ଦ୍ର ପରିସର, ଅପରାହ୍ନ ୩ଟା।

ପୁରୀ
- ପୁରୀ ବେଳାଭୂମିରେ ୱାଟର ସ୍ପୋର୍ଟସର ଉଦ୍‌ଘାଟନୀ ଉତ୍ସବ, ସ୍ୱର୍ଗଦ୍ୱାର ବେଳାଭୂମି, ପୂର୍ବାହ୍ନ ୧୦ଟା।
- ଉଠାଦୋକାନୀଙ୍କୁ ଉଚ୍ଛେଦ ପ୍ରତିବାଦରେ ବିକ୍ଷୋଭ, ଜିଲାପାଳଙ୍କ କାର୍ଯ୍ୟାଳୟ, ମଧ୍ୟାହ୍ନ ୧୨ଟା।
- ନିଶିଗନ୍ଧା ଭାଷା ପ୍ରତିଷ୍ଠାନ ଓ ନିଶିଗନ୍ଧା ସାହିତ୍ୟ ସଂସଦ ପକ୍ଷରୁ ଓଡ଼ିଆ ଭାଷା ସାହିତ୍ୟରେ ଉପନ୍ୟାସର ଭୂମିକା ସମ୍ପର୍କିତ ଆଲୋଚନାଚକ୍ର, ଭୈରବୀ କଳାକେନ୍ଦ୍ର ପକ୍ଷରୁ ଓଡ଼ିଶୀ ନୃତ୍ୟ, ପୁସ୍ତକ ମେଳା ପରିସର, ଶରଧାବାଲି, ଅପରାହ୍ନ ୫ଟା ୩୦।

# ସ୍କୁଲ ଯାଞ୍ଚ କରିବେ ଓଏଏସ୍ ଅଧିକାରୀ

**ଭୁବନେଶ୍ୱର, ୯।୧ (ବ୍ୟୁରୋ)**

ରାଜ୍ୟରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ସମଗ୍ର ଶିକ୍ଷା କାର୍ଯ୍ୟକ୍ରମର ସମସ୍ତ ଯୋଜନା ସମେତ ସରକାର ଅନ୍ୟ ଯେଉଁସବୁ ଯୋଜନା କାର୍ଯ୍ୟକାରୀ କରିଛନ୍ତି ସେସବୁର ଯାଞ୍ଚ ଓଏଏସ୍ ସ୍ତରର ଅଧିକାରୀମାନେ କରିବେ। ମଧ୍ୟାହ୍ନ ଭୋଜନ, ଉତ୍କଳ-ଉତ୍ଥାନ ଯୋଜନାଠାରୁ ଆରମ୍ଭ କରି ଶିକ୍ଷାଦାନ ଓ ସ୍କୁଲର ଶୈକ୍ଷିକ ବ୍ୟବସ୍ଥାର ନିୟମିତ ଯାଞ୍ଚ ହେବ। ପୂର୍ବରୁ ଏହି ଯାଞ୍ଚ ବିଇଓ, ସିଆର୍‌ସିସିମାନେ କରୁଥିବାବେଳେ ଏହାକୁ ଅଧିକ ତ୍ୱରାନ୍ୱିତ କରିବା ଲାଗି ପ୍ରଶାସନିକ ଅଧିକାରୀଙ୍କୁ ସାମିଲ କରାଯାଇଛି। ଯୁଗ୍ମ ସଚିବ ପାହ୍ୟାର ଅଧିକାରୀମାନେ ବିଭିନ୍ନ ସ୍କୁଲ ଗସ୍ତରେ ଯାଇ ରିପୋର୍ଟ ପ୍ରଦାନ କରିବେ ବୋଲି ଗଣଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଉଭୟ ଘରୋଇ ଓ ସରକାରୀ ସ୍କୁଲରେ ଏହି ଯାଞ୍ଚ ହେବ। ସ୍କୁଲରେ ପିଲାଙ୍କୁ ମୌଳିକ ସୁବିଧା ମିଳୁଛି କି ନାହିଁ, ଶିକ୍ଷା ଅଧିକାର ଆଇନ ମୁତାବକ ଶିକ୍ଷାୟତନରେ ସମସ୍ତ ବ୍ୟବସ୍ଥା ରହିଛି କି ନାହିଁ, ଏସବୁ ଯାଞ୍ଚ ଲାଗି ଜିଲା ଓ ବ୍ଲକ୍ ସ୍ତରର ଶିକ୍ଷାଧିକାରୀ ସେମାନଙ୍କ ଅଧୀନରେ ଥିବା ସ୍କୁଲଗୁଡ଼ିକୁ ଯାଞ୍ଚ ଲାଗି ଯାଉ ନ ଥିଲେ। ରାଜ୍ୟର ଏପରି ଅନେକ ଅଞ୍ଚଳରେ ସ୍କୁଲ ରହିଛି, ଯେଉଁଠିକୁ ବିଇଓ, ଡିଇଓ, ସିଆର୍‌ସିସି ଯିବାକୁ ମଧ୍ୟ ନାପସନ୍ଦ କରିଥାନ୍ତି। ଏପରିକି ଅନେକ ସମୟରେ ଭୁଲ୍ ରିପୋର୍ଟ କିମ୍ବା ସୁହାଇଲା ଭଳି ରିପୋର୍ଟ ମଧ୍ୟ ଦାଖଲ କରିଥାନ୍ତି। ଫଳରେ ଏହି ସମସ୍ୟା ଯୋଗୁ ଗତ କିଛିବର୍ଷ ହେବ ରାଜ୍ୟରେ ପ୍ରତିବର୍ଷ ଏନ୍‌ଓସି ସମସ୍ୟାର ସମାଧାନ ହୋଇପାରୁନି। ଅନେକ ସ୍କୁଲରେ ଶିକ୍ଷା ଅଧିକାର ଆଇନ ଅନୁଯାୟୀ ବ୍ୟବସ୍ଥା ଥିଲେ ମଧ୍ୟ ସମ୍ପୃକ୍ତ ସ୍କୁଲକୁ ସ୍ୱୀକୃତି ମିଳୁନାହିଁ। ଏହାବ୍ୟତୀତ ସ୍କୁଲଗୁଡ଼ିକରେ ବହୁ ତ୍ରୁଟି ଥିବାବେଳେ କେତେଜଣ ଅଧିକାରୀ ସ୍କୁଲ କର୍ତ୍ତୃପକ୍ଷଙ୍କୁ ଅହେତୁକ ଅନୁକମ୍ପା ପ୍ରଦର୍ଶନ କରୁଛନ୍ତି। ତେବେ ଏପରି ସମସ୍ୟା କେବଳ ସ୍କୁଲ ପରିଦର୍ଶନରେ ଯାଉଥିବା କେତେଜଣ ଅଧିକାରୀଙ୍କ ଲାଗି ଘଟୁଛି ବୋଲି ବହୁବାର ଅଭିଯୋଗ ହୋଇଛି। ତେଣୁ ଏସବୁ ଅଭିଯୋଗକୁ ଭିତ୍ତିକରି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଏପରି ପଦକ୍ଷେପ ଗ୍ରହଣ କରାଯାଇଛି। ଗଣଶିକ୍ଷା ବିଭାଗ ଅଧୀନରେ କାର୍ଯ୍ୟ କରୁଥିବା ଓଏଏସ୍ ଅଧିକାରୀଙ୍କୁ ସ୍କୁଲ ପରିଦର୍ଶନ କରିବାକୁ ପଡ଼ିବ। ଉଭୟ ସରକାରୀ ଏବଂ ଘରୋଇ ସ୍କୁଲର ରିପୋର୍ଟ ସେମାନେ ସରକାରଙ୍କ ପାଖରେ ଦାଖଲ କରିବେ। ଏହି ଅଧିକାରୀଙ୍କ ସହିତ ଉଭୟ ବ୍ଲକ ଓ ଜିଲା ଶିକ୍ଷାଧିକାରୀ କାର୍ଯ୍ୟାଳୟର ଅଧିକାରୀ ମଧ୍ୟ ଉପସ୍ଥିତ ରହିବେ।

# ବାରବାଟୀ ଷ୍ଟାଡିୟମ ସ୍ଥିତି ପରଖିଲେ ୫-ଟି ସଚିବ



୫-ଟି ସଚିବ ଭି.କେ. ପାଣ୍ଡିଆନ, କ୍ରିଡ଼ା ସଚିବ ଆର୍. ଭିନୀଲ କ୍ରୀଷ୍ଣା ଓ ଅନ୍ୟ ଅଧିକାରୀ ବାରବାଟୀ ଷ୍ଟାଡିୟମ ବୁଲି ଦେଖୁଛନ୍ତି।

**କଟକ ଅଫିସ,୯।୧**

### ୧୧ରେ ହକି ବିଶ୍ୱକପ ଉଦ୍‌ଘାଟନୀ ଉତ୍ସବ

### ସୁରକ୍ଷା ବ୍ୟବସ୍ଥାକୁ ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ

ଆସନ୍ତା ୧୧ ତାରିଖରେ ବାରବାଟୀରେ ଅନୁଷ୍ଠିତ ହେବ ପୁରୁଷ ହକି ବିଶ୍ୱକପ୍‌ର ଉଦ୍‌ଘାଟନୀ ଉତ୍ସବ। ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ତେବେ ଉତ୍ସବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେବେ। ଏଥିଲାଗି ୫-ଟି ସଚିବ ଭି.କେ. ପାଣ୍ଡିଆନ୍ ସୋମବାର ବାରବାଟୀ ଷ୍ଟାଡିୟମରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ପ୍ରଥମେ ଖେଳପଡ଼ିଆରେ ପହଞ୍ଚି ମୁଖ୍ୟମନ୍ତ୍ରୀଙ୍କ ବସିବା ସ୍ଥାନ ପରଖିଥିଲେ। ଏହାପରେ ଷ୍ଟେଜ ନିକଟକୁ ଯାଇ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବାକୁ ଦାୟିତ୍ୱରେ ଥିବା ସଂସ୍ଥାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳ ଭବାନୀ ଶଙ୍କର ଚୟନୀ, କ୍ରୀଡ଼ା ସଚିବ ବିନିଲ କ୍ରିଷ୍ଣା, ସିଏମ୍‌ସି କମିଶନର ନିଖିଲ ପୱନ କଲ୍ୟାଣ, ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ବ୍ୟବସ୍ଥା ବିଷୟରେ ସଚିବ ପାଣ୍ଡିଆନ୍‌ଙ୍କ ସହ ଆଲୋଚନା କରିଥିଲେ। କେବଳ ସ୍ୱୀକୃତିପ୍ରାପ୍ତ ବ୍ୟକ୍ତିମାନେ ଯେପରି ଷ୍ଟେଜ ନିକଟକୁ ଆସିବେ ସେଥିପ୍ରତି ଗୁରୁତ୍ୱ ଦେବା ସହ ଆମନ୍ତ୍ରିତ ଅତିଥିମାନଙ୍କର କୌଣସି ଅସୁବିଧା ନ ହେଉ ବୋଲି ସେ କହିଥିଲେ। ଷ୍ଟାଡିୟମରୁ ବାହାରିବା ସମୟରେ ପାଣ୍ଡିଆନ ଓସିଏ ସଭାପତି ପ୍ରଣବ ପ୍ରକାଶ ଦାସ, ମେୟର ସୁବାସ ସିଂ, ବିଧାୟକ ସୌଭିକ ବିଶ୍ୱାଳ, ଚନ୍ଦ୍ରସାରଥି ବେହେରା ପ୍ରମୁଖଙ୍କ ସହ ଆଲୋଚନା କରିଥିଲେ। ହକି ପାଇଁ ସହରର ହୋଇଥିବା ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଲୋକଙ୍କୁ ବେଶ୍ ପସନ୍ଦ ଆସୁଛି ବୋଲି ମେୟର ଓ ବିଧାୟକ ତାଙ୍କୁ ଅବଗତ କରାଇଥିଲେ। ଏହି ଅବସରରେ ପାଣ୍ଡିଆନ୍ କହିଥିଲେ, କଟକ ସହରକୁ ସୁନ୍ଦର ଭାବେ ସଜାଯାଇଛି। ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ବେଶ୍ ଭଲ ଦେଖାଯାଉଛି ବୋଲି ସେ କହିଥିଲେ। ଏହି ଅବସରରେ ସିଡିଏ ଅଧ୍ୟକ୍ଷ ଅନିଲ ସାମଲ, ଓସିଏ ସମ୍ପାଦକ ସଞ୍ଜୟ ବେହେରା, ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, ଡିସିପି ପିନାକ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ମାଟ୍ରିକ୍ ପରୀକ୍ଷାର୍ଥୀଙ୍କ ପାଇଁ ୨୦ରୁ ଦୂରଦର୍ଶନରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ

### ୟୁ-ଟ୍ୟୁବ୍‌ରେ ଉପଲବ୍ଧ ହେବ

**ଭୁବନେଶ୍ୱର, ୯।୧ (ବ୍ୟୁରୋ)**

ଆସନ୍ତା ୨୦ ତାରିଖରୁ ଓଡ଼ିଶା ମହାକାଶ ଉପଯୋଗ କେନ୍ଦ୍ର (ଓଆର୍‌ଏସ୍‌ଏସି) ଦ୍ୱାରା ପ୍ରସ୍ତୁତ ଶିକ୍ଷାଭିତ୍ତିକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଦୂରଦର୍ଶନ ମାଧ୍ୟମରେ ପ୍ରସାରିତ ହେବ। ପ୍ରତି ସୋମବାରଠାରୁ ଶୁକ୍ରବାର ପର୍ଯ୍ୟନ୍ତ ସନ୍ଧ୍ୟା ୭ଟା ୩୦ରୁ ରାତି ୮ଟା ପର୍ଯ୍ୟନ୍ତ ଏହି ଅଧଘଣ୍ଟିଆ ଶିକ୍ଷା କାର୍ଯ୍ୟକ୍ରମ ପ୍ରସାରଣ କରାଯିବ। ବିଶେଷକରି ମାଟ୍ରିକ୍ ପରୀକ୍ଷାର୍ଥୀଙ୍କ ଆତ୍ମବିଶ୍ୱାସ ଓ ଦକ୍ଷତା ବୃଦ୍ଧି କ୍ଷେତ୍ରରେ ଏହି କାର୍ଯ୍ୟକ୍ରମ ବେଶ୍ ସହାୟକ ହେବ। କେତେଜଣ ଅଭିଜ୍ଞ ଦକ୍ଷ ଶିକ୍ଷକଙ୍କୁ ନେଇ ଗଣିତ, ବିଜ୍ଞାନ ଓ ଇଂଲିଶ ବିଷୟରେ ପ୍ରସାରିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମ ପରୀକ୍ଷାର୍ଥୀଙ୍କୁ ମାଟ୍ରିକ୍ ପରୀକ୍ଷା ପ୍ରସ୍ତୁତିରେ ସାହାଯ୍ୟ କରିବ। ସେହିପରି ଏହି ବିଶେଷ କାର୍ଯ୍ୟକ୍ରମଗୁଡିକ ଦୂରଦର୍ଶନରେ ପ୍ରସାରଣ ହେବା ସହ ୟୁ-ଟ୍ୟୁବ୍ (EDU-SAT ODISHA - OR-SAC)ରେ ଉପଲବ୍ଧ ହେବ ବୋଲି କେନ୍ଦ୍ରର ମୁଖ୍ୟ କାର୍ଯ୍ୟନିର୍ବାହୀ ପ୍ରଫୁଲ୍ଲ କୁମାର ମଲ୍ଲିକ ସୂଚନା ଦେଇଛନ୍ତି। ତେଣୁ ସମସ୍ତ ପରୀକ୍ଷାର୍ଥୀ ଓ ଅଭିଭାବକଙ୍କୁ ଏହି ବିଶେଷ ପ୍ରସାରଣଗୁଡ଼ିକୁ ଦେଖି ତାହାର ଉପଯୋଗ କରିବା ପାଇଁ ସେ ନିବେଦନ କରିଛନ୍ତି।

## ରାସ୍ତା ଉପରେ ଜଳିଗଲା କାର୍

**କଟକ ଅଫିସ,୯।୧:** ୱେୟାରିଂ ଶଟସର୍କିଟରୁ ଏକ କାର୍ ରାସ୍ତା ଉପରେ ଜଳିଯାଇଛି। ସୋମବାର ସନ୍ଧ୍ୟା ପ୍ରାୟ ୭ଟାରେ ଲିଙ୍କରୋଡ୍‌ରେ ଏହି ଅଗ୍ନିକାଣ୍ଡ ଘଟିଛି। ଚାଉଳିଆଗଞ୍ଜ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଛି। ଫାୟାର ଅଫିସର ବିକାଶ କୁମାର ସାହୁଙ୍କ ସୂଚନାନୁସାରେ, କାରଟି ଭୁବନେଶ୍ୱରରୁ ଆସି ଲିଙ୍କରୋଡ୍ ଦେଇ ବାଦାମବାଡ଼ି ଅଭିମୁଖେ ଯାଉଥିଲେ। କାର୍‌ରେ ବସିଥିବା ୨ଜଣ ନିଆଁ ଲାଗିଥିବା ଜାଣିବା ପରେ ଗାଡ଼ି ଅଟକାଇ ବାହାରି ଆସିଥିଲେ। କାର୍‌ର ବହୁ ଅଂଶ ଜଳି ଯାଇଛି। କାର ଭିତରେ ହୋଇଥିବା ୱେୟାରିଂ ଶଟସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟିଥିବା ଜଣାଯାଇଛି।

## ୪ ୱାର୍ଡରେ ନୂଆ କର୍ମଚାରୀ

### ତ୍ରୁଟି ସୁଧାରିଲା ସିଏମ୍‌ସି

**କଟକ ଅଫିସ,୯।୧:** ବିଶ୍ୱକପ୍ ହକି ପାଇଁ କଟକ ମହାନଗର ନିଗମ (ସିଏମ୍‌ସି) ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ୱାର୍ଡସ୍ତରରେ ପହଞ୍ଚାଇବାକୁ ଏହାକୁ କାର୍ଯ୍ୟକାରୀ କରାଇବାପାଇଁ ପ୍ରତି ୱାର୍ଡସ୍ତରରେ ଜଣେ ଲେଖାଏ ନୋଡାଲ ଅଫିସରଙ୍କୁ ନିୟୋଜିତ କରାଯାଇଥିଲା। ନିୟୋଜିତ ନୋଡାଲ ଅଫିସରଙ୍କ ମଧ୍ୟରୁ ୪ ଜଣ କର୍ମଚାରୀ ଅନ୍ୟତ୍ର ବଦଳି ହୋଇଥିବା ଜଣାପଡିଥିଲା। ସେବେ ସୋମବାର ସିଏମ୍‌ସି କର୍ତ୍ତୃପକ୍ଷ ତ୍ରୁଟି ସଂଶୋଧନ କରିବା ପରେ ବଦଳି ହୋଇଥିବା ୪ କର୍ମଚାରୀଙ୍କୁ ହଟାଇ ନୂଆ କର୍ମଚାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ଏ ନେଇ ସିଏମ୍‌ସି ପକ୍ଷରୁ ଆଉ ଏକ ନୂଆ ତାଲିକା ପ୍ରକାଶ କରିଛନ୍ତି। ହକି ଯେଭଳି ସମସ୍ତେ ଦେଖିପାରିବେ ସେଥିପାଇଁ ୱାର୍ଡସ୍ତରରେ ଏଲ୍‌ଇଡି ସ୍କ୍ରିନ୍ ଲଗାଯିବା ସହିତ ଚୌକି ବ୍ୟବସ୍ଥା କରାଯାଉଛି। ୱାର୍ଡ କର୍ପୋରେଟରଙ୍କ ଜରିଆରେ ୨୦ହଜାର ଟଙ୍କା ଏବଂ କ୍ରୀଡ଼ା କ୍ଲବଗୁଡ଼ିକ ନିମନ୍ତେ ୫ ହଜାର ଟଙ୍କା ସିଏମ୍‌ସି ପକ୍ଷରୁ ପ୍ରଦାନ କରାଯାଉଛି। ଏହାରୁ ସୁଚାରୁ ରୂପେ ସମ୍ପାଦନ କରିବା ନିମନ୍ତେ ପ୍ରତି ୱାର୍ଡରେ ଜଣେ ଲେଖାଏ ନୋଡାଲ ଅଫିସରଙ୍କୁ ନିଯୁକ୍ତି ଦିଆଯାଇଛି।

# ବାପା ଗିରଫ, ସାବତ ମା' ସହ ୨ ଫେରାର

**ଗୋପ,୯।୧(ଡି.ଏନ୍.ଏ.)**

### ଝିଅକୁ ହତ୍ୟା ଘଟଣା

■ ଶ୍ମଶାନରୁ ହାଡ଼ ପାଉଁଶ ଜବତ କଲା ସାଇଣ୍ଟିଫିକ୍ ଟିମ୍

ଗୋପ ଥାନା ଅନ୍ତର୍ଗତ ବିଜିପୁର ଗ୍ରାମରେ ନିଜ ଝିଅକୁ ହତ୍ୟା କରିବା ଘଟଣାରେ ପୋଲିସ ଅଭିଯୁକ୍ତ ବାପାଙ୍କୁ ସୋମବାର ଗିରଫ କରିଛି। ସେ ହେଲେ ଉକ୍ତ ଗ୍ରାମର ଦୁର୍ଗାଚରଣ ମହାରଣା। ଏ ନେଇ ପୋଲିସ ୩୦୨(ହତ୍ୟା), ୨୦୧(ପ୍ରମାଣ ନଷ୍ଟ କରିବା) ଦଫାରେ ଏକ ମାମଲା(ନଂ.୧୩/୨୩) ରୁଜୁ କରି ତଦନ୍ତ ଚଳାଇଛି। ଅନ୍ୟପଟେ ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତ ସାବତ ମା' ସହ ୨ଜଣ ଫେରାର ହୋଇଯାଇଥିବା ଥାନାଧିକାରୀ ସୁନୀଲ କୁମାର ପ୍ରଧାନ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ବିଜିପୁର ଗ୍ରାମର ଦୁର୍ଗାଚରଣଙ୍କ ପ୍ରଥମ ସ୍ତ୍ରୀ ୨୦୧୮ରେ ମୃତ୍ୟୁବରଣ କରିବା ପରେ ୨୦୨୦ରେ ଦ୍ୱିତୀୟ ବିବାହ କରିଥିଲେ। ପ୍ରଥମ ସ୍ତ୍ରୀଙ୍କ ୨ ଝିଅ ଥିବାବେଳେ ସାବତ ମା' ଓ ବାପା ସବୁବେଳେ ଶାରୀରିକ ଓ ମାନସିକ ଯନ୍ତ୍ରଣା ଦେଉଥିଲେ। ଶେଷରେ ବଡ଼ ଝିଅ ରଶ୍ମିତା ଘରୁ ପଳାଇ ଯାଇ କୋଲକାତାର ଏକ କମ୍ପାନୀରେ କାମ କରୁଥିଲେ। ସାନ ଝିଅ ମୋନାଲିସା ଗୋପ ମହାବିଦ୍ୟାଳୟରେ ଯୁକ୍ତ୩ରେ ପଢୁଥିଲେ। ତେବେ ପୂର୍ବ ଘଟଣାକୁ ନେଇ ୭ ତାରିଖରେ ସାବତ ମା' ବାପା ସହ ମୋନାଲିସାଙ୍କ ପାଟିତୁଣ୍ଡ ହୋଇଥିଲା। ପରଦିନ ମୋନାଲିସାଙ୍କ ମୃତ୍ୟୁ ହୋଇଯାଇଥିବା ନେଇ ରଶ୍ମିତା ଗ୍ରାମବାସୀଙ୍କଠାରୁ ଖବର ପାଇଥିଲେ। ଫଳରେ ରବିବାର ରଶ୍ମିତା ଗ୍ରାମରେ ପହଞ୍ଚି ମୋନାଲିସାର ମୃତଦେହ ନ ଦେଖିପାରିବା ସହ ପରିବାର ଲୋକଙ୍କଠାରୁ ମଧ୍ୟ କୌଣସି ସନ୍ତୋଷଜନକ ଉତ୍ତର ପାଇ ନ ଥିଲେ। ଫଳରେ ସାବତମା', ବାପା ସମେତ ୪ଜଣ ମିଶି ମୋନାଲିସାଙ୍କୁ ହତ୍ୟା କରି ପୋଡ଼ି ମାରି ଦେଇଥିବା ନେଇ ରଶ୍ମିତା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ କରିଥିବା ବେଳେ ବାପା ଦୁର୍ଗାଚରଣଙ୍କୁ ଅଟକ ରଖି ପଚରାଉଚରା ପରେ ସୋମବାର ଗିରଫ କରିଛି। ପରେ ପୁରୀରୁ ସାଇଣ୍ଟିଫିକ ଟିମ୍ ଆସି ବିଭିନ୍ନ ସ୍ଥାନ ଯାଞ୍ଚ କରିବା ସହ ଶ୍ମଶାନରୁ ହାଡ଼ ଓ ପାଉଁଶ ଜବତ କରି ଫରେନସିକ ଲ୍ୟାବକୁ ପଠାଇଥିବା ସୂଚନା ମିଳିଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

### ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଶୈଳ



@ ସୁଶାନ୍ତ



@ ଅମାନତ



@ ସୁଶ୍ରୀ



@ ଦୀପକ



@ ପଦ୍ମଲୋଚନ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।



ଭୁବନେଶ୍ୱର ବୁଦ୍ଧ ମନ୍ଦିରଠାରେ ସୋମବାର ଅନୁଷ୍ଠିତ ପ୍ରଥମ ଅଶୋକ ସିଂ ସ୍ମୃତି ସମ୍ମାନ ଏବଂ 'ସାହିତ୍ୟ ଓ ସାମ୍ବାଦିକତା' ଶୀର୍ଷକ ଆଲୋଚନାଚକ୍ରରେ ସମ୍ବର୍ଦ୍ଧିତ ବ୍ୟକ୍ତିଙ୍କ ସହ ଅତିଥିମାନେ।



ଓଡ଼ିଶା ସେବକ ସଂଘ ପକ୍ଷରୁ ଭୁବନେଶ୍ୱର ମଞ୍ଚେଶ୍ୱରସ୍ଥିତ ଧୂରିକୁଟି ସାହିରେ ସଂଘ ସମ୍ପାଦକ ବସନ୍ତ କୁମାର ତ୍ରିପାଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଗଣସଫେଇ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ କର୍ପୋରେଟର ପ୍ରଭାସିନୀ ମହାନ୍ତି, ସଂଘ ସଭାପତି ଅଶୋକ ମିଶ୍ର ଓ ଅନ୍ୟ ଅତିଥିଙ୍କ ସହ ସମ୍ବର୍ଦ୍ଧିତ ବିଏମ୍‌ସି ସଫେଇ କର୍ମଚାରୀ।

## ଏକାମ୍ରରେ ସିଟି ଏକ୍ଟିଭେଶନ କାର୍ଯ୍ୟକ୍ରମ

ପୁରୁଣା ଭୁବନେଶ୍ୱର, (ଡି.ଏନ୍.ଏ.): ଭୁବନେଶ୍ୱର ମହାନଗର ନିଗମ ଅନ୍ତର୍ଗତ ୱାର୍ଡ ନଂ.୫୩ ରେ ସୋମବାର ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ସିଟି ଏକ୍ଟିଭେଶନ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଛନ୍ତି। ସେହିପରି ମିଶନ ଶକ୍ତି ମହିଳାଙ୍କ ଦ୍ୱାରା ରଙ୍ଗୋଲି ପ୍ରତିଯୋଗିତା, ମ୍ୟୁଜିକ ଚେୟାର ଏବଂ କୁନି ପିଲାମାନଙ୍କ ଦ୍ୱାରା ଚିତ୍ରାଙ୍କନ ପ୍ରତିଯୋଗିତା, ନୃତ୍ୟ ଗୀତ ପରିବେଷଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ମେୟର ସୁଲୋଚନା ଦାସ, ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେ, ସ୍ଥାନୀୟ କର୍ପୋରେଟର ମହାମାୟା ସ୍ୱାଇଁ, ଅତିରିକ୍ତ କମିଶନର ଲକ୍ଷ୍ମୀକାନ୍ତ ସେଠୀ, ଜୋନାଲ ଡେପୁଟି କମିଶନର ପ୍ରିୟବ୍ରତ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ

ବାଲିପାଟଣା,୯।୧(ଡି.ଏନ୍.ଏ.): ବାଲିପାଟଣାସ୍ଥିତ ବାଗଦେବୀ ବିଦ୍ୟା ମନ୍ଦିରର ବାର୍ଷିକ କ୍ରୀଡା ଉତ୍ସବ ସ୍ଥାନୀୟ ଶ୍ରୀବୁଦ୍ଧନାଥ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା ପରିଷଦ ସଭାପତି ଦିଲୀପ କୁମାର ଓଝା ମୁଖ୍ୟ ଅତିଥିଭାବେ ଯୋଗଦେଇ କ୍ରୀଡା ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ପ୍ରତିଯୋଗିତାରେ ୨୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ୫୦ ମିଟର, ଓ ୧୦୦ ମିଟର ଦୌଡ଼, ମାଳିଗୁନ୍ଥା, ଗଣିତ ଦୌଡ଼, ଉଚ୍ଚ ଓ ଲମ୍ବା ଡିଆଁ, ମ୍ୟୁଜିକ ଚେୟାର ଆଦି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ଓକିଲୁନ ନିଶା, ଲିପିକା ପ୍ରଧାନ, ଗଙ୍ଗାରାଣୀ ମିଶ୍ର, ବନଶ୍ରୀ ରାଉତ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ସମ୍ପାଦକ ଅଭିମନ୍ୟୁ ନାୟକ, ଅଧକ୍ଷା ପବିତ୍ରା ଦାସ, ଖେଳ ଶିକ୍ଷକ ସୁନୀଲ ପଣ୍ଡା ପ୍ରମୁଖ ଅତିଥିଭାବେ ଯୋଗଦେଇ କ୍ରୀଡାର ଉପକାରିତା ଉପରେ ଆଲୋକପାତ କରିଥିଲେ।

### ବିଜେଡିର ପ୍ରତିଷ୍ଠା ଦିବସ

ପୁରୁଣା ଭୁବନେଶ୍ୱର,୯।୧(ଡି.ଏନ୍.ଏ.): ଏକାମ୍ର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଟଙ୍କପାଣିରୋଡ୍ ପୁରୀ ବାଇପାସ ସ୍ଥିତ ଏକ କଲ୍ୟାଣ ମଣ୍ଡପ ପରିସରରେ ବିଜୁ ଜନତା ଦଳର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏକାମ୍ର ବିଧାୟକ ତଥା ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡାଙ୍କ ପୌରୋହିତ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିଥିମାନେ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଓ ସଫଳତା ଉପରେ ଆଲୋକପାତ କରିଥିଲେ। ବିଭିନ୍ନ ଜନହିତକର ଯୋଜନାକୁ ଘରେ ଘରେ ପହଞ୍ଚାଇବାକୁ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ରାଜସ୍ୱ ମନ୍ତ୍ରୀ ପ୍ରମିଳା ମଲ୍ଲିକ, ସରକାରୀ ଦଳର ମୁଖ୍ୟ ସଚେତକ ପ୍ରଶାନ୍ତ ମୁଦୁଲି, ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ଦେବୀ ପ୍ରସାଦ ମିଶ୍ର, ଅରୁଣ କୁମାର ସାହୁ, ଓଡ଼ିଶା ମୋ ପରିବାରର ଅଧକ୍ଷ ଅରୁପ ପଟ୍ଟନାୟକ, ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ଶ୍ରୀମୟୀ ମିଶ୍ର, ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର, କର୍ପୋରେଟର ଚନ୍ଦ୍ରଶେଖର ମଲ୍ଲିଆ, ଓଡ଼ିଶା ଆଗ୍ରୋ ଇଣ୍ଡଷ୍ଟ୍ରିର ଉପାଧକ୍ଷ ସନ୍ତୋଷ ବେଜ, ଜିଲା ପରିଷଦ ସଦସ୍ୟ ସୁବାସ ସୁନ୍ଦରାୟ, ଦଳର ଉପଦେଷ୍ଟା ପ୍ରତାପ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

### ମେଣ୍ଟାଶାଳରେ ଖୋଲିଲା ଧାନମଣ୍ଡି

ବାରଙ୍ଗ,୯।୧(ଡି.ଏନ୍.ଏ.)- ମେଣ୍ଟାଶାଳ ସେବା ସମବାୟ ସମିତିଠାରେ ଚଳିତବର୍ଷର ଧାନମଣ୍ଡି ସୋମବାର ଉଦ୍‌ଘାଟିତ ହୋଇଯାଇଛି। ସେବା ସମବାୟ ସମିତି ସଭାପତି ମହେନ୍ଦ୍ର ପ୍ରଧାନ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ କୌଶଲ୍ୟା ବଳିଆରସିଂ, ସମିତି ଶାଖା ପରିଚାଳିକା ସସ୍ମିତା ନାୟକ ଅତିଥି ରୂପେ ଯୋଗଦେଇଥିଲେ। ବ୍ୟାଙ୍କ ସୁପରଭାଇଜର ସନ୍ତୋଷ ମଙ୍ଗରାଜ, ସଭ୍ୟ ନିମାଇଁ ଚରଣ ବିଶ୍ୱାଳ, ରାଜ ଖାନ୍, ମୁରଲୀଧର ମହାନ୍ତି, କାଳୁ ଚରଣ ଦାସ, ରତ୍ନାକର ସାହୁ, ପବିତ୍ର ପଟ୍ଟନାୟକ, କୁନ୍ତଳା ପଟ୍ଟନାୟକ, ସରୋଜ ପାତ୍ର, ଗୁରୁପଦ ସାମନ୍ତରାୟଙ୍କ ସମେତ ପରିଚାଳନା ନିର୍ଦ୍ଦେଶକ ଓ ଦଣ୍ଡେଶ୍ୱର ରାଇସ୍ ମିଲ, ଜଟଣୀ ନିୟନ୍ତ୍ରିତ ବଜାର କମିଟି ସଭ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମ ଦିନରେ ୨୬ ଚାଷୀଙ୍କଠାରୁ ୭୪୫ କୁଇଣ୍ଟାଲ ଧାନ ସଂଗ୍ରହ କରାଯାଇଥିବା ସମ୍ପାଦକ ହିମାଂଶୁ ଶେଖର ସାମନ୍ତରାୟ କହିଛନ୍ତି।

# ୩୪ ଗିରଫ, କୁଆଡ଼େ ଗଲେ ଛାତ୍ର ନେତା

ଭୁବନେଶ୍ୱର,୯।୧(ବ୍ୟୁରୋ)

**ବାରରେ ଭଙ୍ଗାରୁଜା, ଗାର୍ଡଙ୍କୁ ମରଣାନ୍ତକ ଆକ୍ରମଣ ଘଟଣା**

- ଏକାଧିକ ଫେରାର ଅଭିଯୁକ୍ତଙ୍କୁ ଖୋଜୁଛି ପୋଲିସ
- ପିକ୍‌ନିକ୍ ଯିବା ପୂର୍ବରୁ ମଦ ପିଇବାକୁ ଯାଇଥିଲେ ବାର୍
- କେବିଏମ୍ ଗ୍ୟାଙ୍ଗ ସଦସ୍ୟଙ୍କ ସମ୍ପୃକ୍ତି ଥିବା ଚର୍ଚ୍ଚା

ପିକ୍‌ନିକ୍ ଯିବା ପୂର୍ବରୁ ମଦ୍ୟପାନ କରିବାକୁ ଯାଇଥିଲେ ବାର୍। ହେଲେ ବାର୍‌ରେ ପଶିବାକୁ ବାରଣ କରାଯିବାରୁ ଭଙ୍ଗାରୁଜା କରିବା ସହ କର୍ମଚାରୀଙ୍କୁ କରିଥିଲେ ମରଣାନ୍ତକ ଆକ୍ରମଣ। ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ପେଟ୍ରୋଲ ପମ୍ପ ନିକଟରେ ଥିବା ଏମ୍ବାସି ବାରରେ ଭଙ୍ଗାରୁଜା କରିବା ସହ କର୍ମଚାରୀଙ୍କୁ ମରଣାନ୍ତକ ଆକ୍ରମଣ କରିବା ଘଟଣାରେ ୩୪ଜଣ ଅଭିଯୁକ୍ତ ଗିରଫ ହୋଇଛନ୍ତି। ଏମାନଙ୍କ ମଧ୍ୟରେ କେତେଜଣ ଛାତ୍ର ରହିଛନ୍ତି। ପୋଲିସ ମାମଲା ନଂ.୧୪/୨୩ ରୁଜୁ କରି ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଏହାସହ ଆକ୍ରମଣରେ ବ୍ୟବହୃତ ୨୦ ମୁନିଆ ପଥର ଏବଂ ସେମାନଙ୍କୁ ନେଉଥିବା ଓଆର୍‌୧୯ଏଚ୍‌୧୧୧ ନମ୍ବର ବିଶିଷ୍ଟ ବସ୍‌କୁ ପୋଲିସ ଜବତ କରିଛି। ତେବେ ଘଟଣାର ମାଷ୍ଟର ମାଇଣ୍ଡ ତଥା ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ଛାତ୍ର ନେତା ଲକ୍ଷ୍ମୀସାଗର ଥାନା ଅଞ୍ଚଳର ସଞ୍ଜୀବ ସ୍ୱାଇଁ ଓ ସମ୍ପୃକ୍ତ ଆହୁରି ଏକାଧିକ ବ୍ୟକ୍ତି ଫେରାର ଅଛନ୍ତି। ଏଥିରେ କେବିଏନ୍ ଗ୍ୟାଙ୍ଗର ସଦସ୍ୟଙ୍କ ସଂପୃକ୍ତ ଥିବା କୁହାଯାଉଛି। ଦଳୀୟ ଚାପରେ ସମ୍ପୃକ୍ତ ଛାତ୍ରନେତାଙ୍କୁ ପୋଲିସ ଛାଡ଼ି ଦେଇଥିବା ଚର୍ଚ୍ଚା ଚାଲିଛି। ଏପରିକି ଆକ୍ରମଣରେ ସମ୍ପୃକ୍ତ ନ ଥିବା ନିରୀହ ଯୁବକଙ୍କୁ ପୋଲିସ ଗିରଫ କରିଥିବା ଅଭିଯୋଗ ଉଠୁଛି। ପୋଲିସ ହେପାଜତରେ ଜେଲ ହାଜତକୁ ଯିବାବେଳେ କେତେଜଣ ଏଭଳି କହୁଥିବା ଶୁଣିବାକୁ ମିଳିଥିଲା। ପୋଲିସ ସୂଚନାନୁଯାୟୀ, ଶନିବାର ବିଳମ୍ବିତ ରାତିରେ ଅଭିଯୁକ୍ତମାନେ ଦେବକୁଣ୍ଡ ପିକ୍‌ନିକ୍ ଯିବାକୁ ବସ୍‌ରେ ବସି ସାରିଥିଲେ। ତେବେ ଗାଡି ଛାଡ଼ିବା ପୂର୍ବରୁ ସଞ୍ଜୀବ ଓ ତାଙ୍କ ୩ ସାଙ୍ଗ ଚନ୍ଦ୍ରଶେଖରପୁରସ୍ଥିତ ଏମ୍ବାସି ବାରକୁ ମଦ ପିଇବାକୁ ଯାଇଥିଲେ। ହେଲେ ବାର୍‌ଟି ବନ୍ଦ ଥିବାରୁ ସେମାନେ ସିକ୍ୟୁରିଟି ଗାର୍ଡଙ୍କୁ ଗେଟ୍ ଖୋଲିବାକୁ କହିଥିଲେ। କିନ୍ତୁ ରାତି ଅଧିକ ହୋଇଯାଇଥିବାରୁ ସେ ଗେଟ ଖୋଲିବାକୁ ମନା କରିଥିଲେ। ଫଳରେ ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ପରେ ବାରର କର୍ମଚାରୀ ସେଠାରେ ପହଞ୍ଚି ସଞ୍ଜୀବଙ୍କୁ ବୁଝାଇଥିଲେ। ହେଲେ ସଞ୍ଜୀବ ବରମୁଣ୍ଡା ବସ୍‌ଷ୍ଟାଣ୍ଡରେ ତାଙ୍କୁ ଅପେକ୍ଷା କରିଥିବା ସାଙ୍ଗସାଥୀମାନଙ୍କୁ ଫୋନ କରି ସେଠାକୁ ଡ଼ାକିଥିଲେ। ପରେ ସାଙ୍ଗମାନେ ଉକ୍ତ ବସ୍‌ରେ ଆସି ବାର୍ କର୍ମଚାରୀଙ୍କୁ ଗାଳିଗୁଲଜ କରିବା ସହିତ ମୁନିଆ ପଥରରେ ଆକ୍ରମଣ କରିଥିଲେ। ବାରର କାଚ ଦ୍ୱାର, ଚେୟାର ଓ ଅନ୍ୟ ସାମଗ୍ରୀକୁ ବାଡ଼େଇ ଭାଙ୍ଗି ଦେଇଥିଲେ। ଯୁବକମାନେ ପ୍ରାୟ ୩୦ ମିନିଟରୁ ଅଧିକ ସମୟ ଧରି ଏଭଳି ଆତଙ୍କରାଜ ଚଳାଇ ପିକ୍‌ନିକ୍ ଚାଲିଯାଇଥିଲେ। ବାର୍‌ର ମ୍ୟାନେଜଙ୍କ ଅଭିଯୋଗ ଆଧାରରେ ଚନ୍ଦ୍ରଶେଖରପୁର ଥାନା ପୋଲିସ ତଦନ୍ତ କରିଥିଲା। ପରେ ଅଭିଯୁକ୍ତମାନେ ପିକ୍‌ନିକ୍‌ରୁ ଫେରିବା ପରେ ଭୁବନେଶ୍ୱରରୁ କାବୁ ହୋଇଥିଲେ।

**ବିଶ୍ୱକପ୍ ପୂର୍ବରୁ ଅଶାନ୍ତ ହେଉଛି ରାଜଧାନୀ**

ଆସନ୍ତା ୧୩ ତାରିଖରୁ ଓଡ଼ିଶରେ ପୁରୁଷ ହକି ବିଶ୍ୱକପ୍ ଆରମ୍ଭ ହେଉଛି। ଏଥିପାଇଁ କମିଶନରେଟ ପୋଲିସ୍ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ହୋଇଛି। ପାଟ୍ରୋଲିଂ ସହ ଯାଞ୍ଚ ତ୍ୱରାନ୍ୱିତ କରାଯାଉଥିବା କୁହାଯାଉଛି। ଏହାସତ୍ତ୍ୱେ ବି ରାଜଧାନୀରେ ଅପରାଧୀମାନେ ଉତ୍ପାତ କରୁଛନ୍ତି। ଶାନ୍ତି ରାତିକୁ ଅଶାନ୍ତ କରିଦେଉଛନ୍ତି। ପୋଲିସକୁ ଖୋଲା ଚ୍ୟାଲେଞ୍ଜ ଦେଇ ଗୋଟିଏ ପରେ ଗୋଟିଏ ଘଟଣା ଘଟାଉଥିବାରୁ ସହର ଅସୁରକ୍ଷିତ ହୋଇପଡୁଛି। ନିକଟରେ ମହିଳା ଏସ୍‌ଆଇ ଶୁଭଶ୍ରୀ ନାୟକ ଡ୍ୟୁଟି ସାରି ଫେରୁଥିବା ବେଳେ ଦୁର୍ବୃତ୍ତମାନେ ତାଙ୍କୁ ଗୋଡାଇ ଆକ୍ରମଣ ଉଦ୍ୟମ ସହ ଗାଳିଗୁଲଜ କରିଥିଲେ। ଏବେ ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଏଭଳି ଘଟଣା ରାଜଧାନୀର ସୁରକ୍ଷା ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠାଇଛି।

## ଦୁଦ୍‌ୱାଲା ଧର୍ମଶାଳା ବିକ୍ରି ପ୍ରସଙ୍ଗ: ମନ୍ଦିର ପ୍ରଶାସନ ନିକଟରେ ଅଭିଯୋଗ

ପୁରୁଣା ଭୁବନେଶ୍ୱର୯।୧(ଡି.ଏନ୍.ଏ.)

ଏକାମ୍ର କ୍ଷେତ୍ରର ଅନ୍ୟତମ ପ୍ରାଚୀନ ଦୁଦ୍‌ୱାଲା ଧର୍ମଶାଳା ବିକ୍ରି କରିବା ପ୍ରସଙ୍ଗ ଜଣାପଡ଼ିବା ପରେ ବିଭିନ୍ନ ମହଲରେ ଅସନ୍ତୋଷ ଦେଖାଦେଇଛି। ଏନେଇ ଏକାମ୍ର ଜନଜାଗରଣ ମଞ୍ଚ ସୋମବାର ଶ୍ରୀଲିଙ୍ଗରାଜ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଅଭିଯୋଗ କରିଛି। ଶ୍ରୀଲିଙ୍ଗରାଜଙ୍କ ମାଲିକାନାରେ ଥିବା ରାଜା ହଜାରିମାଲ ଦୁଦ୍‌ୱାଲା ବାହାଦୁରଙ୍କ ବ୍ୟକ୍ତିଗତ ନିବେଦନ କ୍ରମେ ଯାତ୍ରୀଙ୍କ ରହଣୀ ନିମନ୍ତେ ଏହି ନିଶୁଳ୍କ ଧର୍ମଶାଳା ନିର୍ମାଣ କରାଯାଇଥିଲା। ନ୍ୟାୟାଳୟରେ ମିଥ୍ୟା ସତ୍ୟପାଠ ଦାଖଲ କରି ଜଣେ ବ୍ୟକ୍ତି ଚଞ୍ଚକତା ପୂର୍ବକ ରେକର୍ଡ ପରିବର୍ତ୍ତନ କରିଛନ୍ତି ଯାହାକି ପ୍ରଶ୍ନବାଚୀ ସୃଷ୍ଟି କରିଛି। ତୁରନ୍ତ ଉକ୍ତ ଧର୍ମଶାଳାକୁ ସୁରକ୍ଷା ଦେବା ପୂର୍ବକ ଉକ୍ତ ଭୂସମ୍ପତ୍ତିର ମାଲିକାନା ପୁନଃ ଠାକୁରଙ୍କ ତହବିଲକୁ ଫେରାଇ ଆଣିବା ପାଇଁ ମଞ୍ଚ ଦାବି କରିଛି। ମଞ୍ଚ ଅଧକ୍ଷ ଭୀଷ୍ମନାରାୟଣ ନାୟକଙ୍କ ନେତୃତ୍ୱରେ ସୁଲତା ସାହାଣି ଓ ମଞ୍ଚର ଅନ୍ୟ ସଭ୍ୟମାନେ ଅଭିଯୋଗ ପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

# ‘ଘଡ଼ି ଘଡ଼ିକେ ଘୋଡ଼ା ଛୁଟେ’ରେ ଗାନ୍ଧିବାଦ



ନାଟ୍ୟାନୁଷ୍ଠାନ ମନନର ବାର୍ଷିକ ଉତ୍ସବରେ ସୋମବାର ରବୀନ୍ଦ୍ର ମଣ୍ଡପରେ ପରିବେଷିତ ନାଟକ ‘ଘଡ଼ି ଘଡ଼ିକେ ଘୋଡ଼ା ଛୁଟେ’ର ଏକ ଦୃଶ୍ୟ।

ଭୁବନେଶ୍ୱର,୯।୧(ବ୍ୟୁରୋ)

**ମନନର ୪୪ତମ ବାର୍ଷିକ ଉତ୍ସବ ଆରମ୍ଭ**

ବର୍ତ୍ତମାନ ସମୟରେ ଗାନ୍ଧିବାଦର ସ୍ଥାନ କେଉଁଠି? ଅହିଂସା, ସତ୍ୟ ଓ ଧର୍ମକୁ ନେଇ ବଞ୍ଚିବାର ତାଡ଼ନା ଯେ କେତେ ଯନ୍ତ୍ରଣା ଦାୟକ, ଠିକ୍ ସେମିତି ବଳଭଦ୍ରଙ୍କ ଜୀବନରେ ଘଟିଛି। ହେଲେ ସେ ଅନ୍ୟାୟ ସହିତ ସାଲିସ ନ କରି ଜିତିବାର ଅଭିନୟ କରୁଛନ୍ତି। ବର୍ତ୍ତମାନ ଲୋକଙ୍କ ମାନସିକତା ସହ ପାଦ ମିଳାଇ ଚାଲିବା କଷ୍ଟକର ହେଲେ ମଧ୍ୟ ସେ ତାଙ୍କର ନୈତିକତା ଛାଡ଼ି ପାରୁ ନାହାନ୍ତି। ଗାନ୍ଧିବାଦର ସତ୍ୟ ଓ ଅହିଂସାକୁ ନେଇ ବର୍ତ୍ତମାନ ସମୟରେ ବଳଭଦ୍ରଙ୍କ ମାଧ୍ୟମରେ ଏହା ଲୋପ ପାଇବ କି ନାହିଁର ପ୍ରଶ୍ନ କରିଛି ନାଟକ ‘ଘଡ଼ି ଘଡ଼ିକେ ଘୋଡ଼ା ଛୁଟେ’। ନାଟ୍ୟାନୁଷ୍ଠାନ ମନନ ପକ୍ଷରୁ ସୋମବାର ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠାନର ୪୪ତମ ବାର୍ଷିକ ଉତ୍ସବ ଆରମ୍ଭ ହୋଇଛି। ୫ଦିନ ଧରି ଚାଲିବାକୁ ଥିବା ଏହି ଉତ୍ସବର ପ୍ରଥମ ସନ୍ଧ୍ୟାରେ ପରିବେଷିତ ଏହି ନାଟକର ପରିକଳ୍ପନା ଓ ନିର୍ଦ୍ଦେଶନା ମନୋଜ ପଟ୍ଟନାୟକ ଦେଇଥିବାବେଳେ ଶଙ୍କର ତ୍ରିପାଠୀ ନାଟ୍ୟ ରଚନା କରିଛନ୍ତି। ଅତିଥି ଭାବେ ନ୍ୟାଶନାଲ ସ୍କୁଲ୍ ଅଫ୍ ଡ୍ରାମାର ପୂର୍ବତନ ନିର୍ଦ୍ଦେଶକ ୱମାନ କେନ୍ଦ୍ରେ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ପ୍ରବୋଧ ରଥ, ଓଟିଭିର କ୍ରିଏଟିଭ୍ ହେଡ୍ ରଞ୍ଜନ କୁମାର ଶତପଥୀ ଯୋଗ ଦେଇଥିଲେ। ଏହି ଅବସରରେ ଲେଖକ ତଥା ନାଟ୍ୟ ନିର୍ଦ୍ଦେଶକ ରମାକାନ୍ତ ମିଶ୍ରଙ୍କୁ ‘ରତିରଞ୍ଜନ ସମ୍ମାନ’, ପ୍ରେମାଞ୍ଜନ ପରିଡ଼ାଙ୍କୁ ‘ଗୋପାଳଚନ୍ଦ୍ର ପଟ୍ଟନାୟକ ସମ୍ମାନ’, ନବଦୀପ ମହାଲିକଙ୍କୁ ‘ବନବିହାରୀ ପଟ୍ଟନାୟକ ସମ୍ମାନ’ରେ ସମ୍ମାନିତ କରାଯାଇଥିଲା।

## ଏକାମ୍ର ନାଟ୍ୟ ସଙ୍ଗଠନ, ନୃତ୍ୟଶାଳାର ବାର୍ଷିକ ଉତ୍ସବ

ଭୁବନେଶ୍ୱର,୯।୧(ବ୍ୟୁରୋ)

ଏକାମ୍ର ନାଟ୍ୟ ସଂଗଠନ ଓ ଏକାମ୍ର ନୃତ୍ୟଶାଳାର ବାର୍ଷିକ ଉତ୍ସବ ସୋମବାର ଭଞ୍ଜକଳା ମଣ୍ଡପଠାରେ ଆରମ୍ଭ ହୋଇଛି। ଅତିଥି ଭାବେ ସାମାଜିକ ଭିନ୍ନକ୍ଷମ ଓ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ଓସିଡବ୍ଲ୍ୟୁଡବ୍ଲ୍ୟୁ ବୋର୍ଡର ଅଧକ୍ଷା ଶ୍ରୀମୟୀ ମିଶ୍ର, ସମାଜସେବୀ ସୁଚରିତା ପୃଷ୍ଟି, ମହିଳା ଓ ଶିଶୁ ବିକାଶ ବିଭାଗର ଉପଦେଷ୍ଟା ସୁମିତ୍ରା ଜେନା ଏବଂ ଶତାବ୍ଦୀର କଳାକାରର ସମ୍ପାଦକ ଧୀରେନ୍ଦ୍ର ନାଥ ମଲ୍ଲିକ ଯୋଗ ଦେଇଥିଲେ। ଏହି ଅବସରରେ ଶିଳ୍ପୀ ଗୁରୁ ପଦ୍ମଶ୍ରୀ ପ୍ରଭାକର ମହାରଣା, ଡ. ସୁଜିତ କୁମାର ଲେଙ୍କା, ଅମରେନ୍ଦ୍ର ପ୍ରସାଦ ପଟ୍ଟନାୟକ, ବିଜୟିତା ତ୍ରିପାଠୀ, ପ୍ରକୃତି ବନ୍ଧୁ ଦୀନବନ୍ଧୁ ଭାଇ ଏବଂ ନୃତ୍ୟ ଗୁରୁ କୁମାରୀ ପ୍ରିୟଦର୍ଶିନୀ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ ଏକାମ୍ର ନୃତ୍ୟଶାଳା ପକ୍ଷରୁ ପରିବେଷିତ ନୃତ୍ୟ ବେଶ୍ ଚିତ୍ତାକର୍ଷକ ଥିଲା। ସନ୍ଧ୍ୟାରେ ଏକାମ୍ର ପକ୍ଷରୁ ନାଟକ ‘ସଂଗ୍ରାମ’ ପରିବେଷଣ କରାଯାଇଥିଲା।

## ହଟିଲା ଜବରଦଖଲ: ନିର୍ମାଣ ହେବ ଶ୍ରମିକ ଅପେକ୍ଷାଗୃହ



ଭୁବନେଶ୍ୱର, ୯।୧ (ବ୍ୟୁରୋ)

ଆଇଗିଣିଆରେ ଶ୍ରମିକଙ୍କ ପାଇଁ ଅପେକ୍ଷାଗୃହ ନିର୍ମାଣ ହେବ। ସଂପୃକ୍ତ ସରକାରୀ ଜମିରୁ ଉଚ୍ଛେଦ କରାଯାଇ ୬ ଏକକରରୁ ଊର୍ଦ୍ଧ୍ୱ ଅଞ୍ଚଳ ଜବରଦଖଲ ମୁକ୍ତ କରାଯାଇଛି। ଖଣ୍ଡଗିରି ଥାନା ଅନ୍ତର୍ଗତ ୱାର୍ଡ ନଂ.୬୫ରେ ସୋମବାର ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ) ପକ୍ଷରୁ ଏହି ଉଚ୍ଛେଦ କରାଯାଇଛି। ପ୍ଲଟ୍ ନଂ.୫୯୭ରେ ଗଢ଼ି ଉଠିଥିବା ଗୋଟିଏ ସିମେଣ୍ଟ ଦୋକାନ, ୧୩ଟି ଅନ୍ୟାନ୍ୟ ଘର ତିଆରି ସାମଗ୍ରୀ ବିକ୍ରି କରୁଥିବା ଦୋକାନ, ୫ଟି କ୍ୟାବିନ୍, ଗୋଟିଏ ହୋଟେଲ, ଗୋଟିଏ ଗ୍ୟାରେଜ, ୪ଟି ଟିଣ ନିର୍ମିତ ଘର ଆଦି ଭାଙ୍ଗି ମାଟିରେ ମିଶାଇ ଦିଆଯାଇଛି। ଏନ୍‌ଫୋର୍ସମେଣ୍ଟ ଅଫିସର ପ୍ରମୋଦ କୁମାର ପାତ୍ର, ଜନ ସମ୍ପର୍କ ଅଧିକାରୀ ଶୁଭ୍ରାଂଶୁ ଶେଖର ମହାନ୍ତିଙ୍କ ଉପସ୍ଥିତିରେ ବିଡିଏର ସ୍କ୍ୱାଡ୍-୧ ଓ ୩ ଏବଂ ଭୁବନେଶ୍ୱର ମହାନଗର ନିଗମ(ବିଏମସି)ର ସ୍କ୍ୱାଡ୍ ୧୫ ଓ ୧୬ ଏହି ଉଚ୍ଛେଦ କାର୍ଯ୍ୟ କରିଥିଲେ। ଏଥିରେ ୨ଟି ଜେସିବି ଓ ଓ ଗୋଟିଏ ଟିପର ନିୟୋଜିତ ଥିଲା। ଆଇନ୍ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ପୋଲିସ୍ କର୍ମଚାରୀ ମଧ୍ୟ ଉପସ୍ଥିତ ରହିଥିଲେ।

# ରାଜଧାନୀରେ ଛାତ୍ରଙ୍କୁ ଅପହରଣ

ଭୁବନେଶ୍ୱର,୯।୧(ବ୍ୟୁରୋ)

**ଜଟଣୀରୁ ଅପହୃତ ଉଦ୍ଧାର, ୩ରୁ ଅଧିକ ଯୁବକ ଅଟକ**

ଖଣ୍ଡଗିରି ଥାନା ଅନ୍ତର୍ଗତ ଏକ ଘରୋଇ କଲେଜ୍‌ରୁ ଜଣେ ଛାତ୍ରଙ୍କୁ ସୋମବାର ସନ୍ଧ୍ୟାରେ କିଛି ଯୁବକ ଏକ କାରରେ ଅପହରଣ କରିନେଇ ନିସ୍ତୁକ ମାଡ଼ ମାରିଛନ୍ତି। ଉକ୍ତ ଛାତ୍ର ହେଲେ ବି.ଟେକ୍ ପ୍ରଥମ ବର୍ଷରେ ପଢୁଥିବା ରାଉରକେଲାର ପ୍ରୀତମ ଷଡ଼ଙ୍ଗୀ। ଏପରିକି ପ୍ରୀତମଙ୍କୁ ଦୁର୍ବୃତ୍ତମାନେ କାର୍‌ରେ ରାଜଧାନୀ ସାରା ବୁଲାଇବା ସହ ଦୂର ସ୍ଥାନକୁ ନେବାକୁ ଚେଷ୍ଟା କରୁଥିଲେ। ଅଭିଯୋଗ ପରେ କମିଶନରେଟ ପୋଲିସ ମାମଲାକୁ ଗୁରୁତ୍ୱର ସହ ନେଇ ଖୋଳତାଡ଼ କରିବା ସହ ଜଟଣୀ ଅଞ୍ଚଳରୁ ବିଳମ୍ବିତ ରାତିରେ ଛାତ୍ରଙ୍କୁ ଉଦ୍ଧାର କରିଛି। ଏଥିସହ ଉକ୍ତ କାର୍ ସହ ଏହି ଘଟଣାରେ ୩ରୁ ଅଧିକ ଅପହର୍ତ୍ତାଙ୍କୁ ମଧ୍ୟ କାବୁ କରି ଥାନାରେ ଅଟକ ରଖାଯାଇଥିବା ସୂଚନା ମିଳିଛି। ତେବେ ପୂର୍ବଶତ୍ରୁତାରୁ କେନ୍ଦ୍ର କରି ଯୁବକମାନେ ଏଭଳି ପଦକ୍ଷେପ ନେଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ମଙ୍ଗଳବାର ଅର୍ଥାତ ଆଜି ପୋଲିସ ପକ୍ଷରୁ ଏସଂକ୍ରାନ୍ତରେ ଖବରଦାତା ସମ୍ମିଳନୀରେ ବିସ୍ତୃତ ସୂଚନା ଦିଆଯିବ ବୋଲି ଜଣାପଡ଼ିଛି।

# ମାଟିର ସ୍ୱାସ୍ଥ୍ୟ ସୁରକ୍ଷିତ ରଖିବା ଗୁରୁତ୍ୱପୂର୍ଣ୍ଣ

ଭୁବନେଶ୍ୱର, ୯।୧ (ବ୍ୟୁରୋ)

ବିଶ୍ୱର ବିସ୍ଫୋରିତ ଜନସଂଖ୍ୟା ବର୍ଦ୍ଧିତ ଖାଦ୍ୟ ଉତ୍ପାଦନ ଆବଶ୍ୟକ କରୁଛି, ଯାହା ସମସ୍ତଙ୍କୁ ଖାଦ୍ୟ ନିରାପତ୍ତା ପ୍ରଦାନ କରିବାରେ ସମର୍ଥ ହେବ। ଆକଳନ ଅନୁଯାୟୀ ଆମେ ଖାଉଥିବା ଖାଦ୍ୟର ୯୫% ସିଧାସଳଖ କିମ୍ବା ପରୋକ୍ଷରେ ମୃତ୍ତିକାରେ ହିଁ ଉତ୍ପାଦିତ ହେଉଛି। ଖାଦ୍ୟ ଉତ୍ପାଦନ କରୁଥିବା ଉଦ୍ଭିଦଗୁଡିକ ବଢ଼ିବା ପାଇଁ ଏବଂ କୃଷି ପ୍ରକ୍ରିୟା ସମ୍ପାଦନ କରିବା ପାଇଁ ମୃତ୍ତିକା ହେଉଛି ମୂଳଦୁଆ। ତେଣୁ ମାଟିର ସ୍ୱାସ୍ଥ୍ୟ ସୁରକ୍ଷିତ କରିବା ମାନବଜାତି ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ବୋଲି ବିଶେଷଜ୍ଞମାନେ ମତବ୍ୟକ୍ତ କରିଛନ୍ତି। ଓଡ଼ିଶା ପରିବେଶ ସମିତି (ଓଇଏସ) ‘ମୃତ୍ତିକା: ଯେଉଁଠାରେ ଖାଦ୍ୟ ଆରମ୍ଭ ହୁଏ’ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ମୃତ୍ତିକା ସଂରକ୍ଷଣ ଏବଂ ଜଳବିଭାଜିକା ବିକାଶ ନିର୍ଦ୍ଦେଶକ ହେମନ୍ତ କୁମାର ପଣ୍ଡା ମୁଖ୍ୟବକ୍ତା ଭାବରେ ଯୋଗଦେଇ ମୃତ୍ତିକାକୁ ଖଣିଜ ପଦାର୍ଥ, ଜଳବାୟୁ ଏବଂ ଜୈବିକ ପଦାର୍ଥ ଏହି ୪ଟି ମୌଳିକ ଉପାଦାନର ସମିଶ୍ରଣ ଭାବରେ ବ୍ୟାଖ୍ୟା କରିଥିଲେ। ମୃତ୍ତିକାର ଉତ୍ପତ୍ତି, ଗଠନ, ବୈଶିଷ୍ଟ୍ୟ ଏବଂ ଏଥିରେ ପୋଷକର ପୁନର୍ଚକ୍ରଣ ବିଷୟରେ କହିବା ସହ ମୃତ୍ତିକାର ଉତ୍ତମ ସ୍ୱାସ୍ଥ୍ୟର ପୁନରୁଦ୍ଧାର ପାଇଁ ସୁଦକ୍ଷ ପରିଚାଳନା ଅଧିକ ପ୍ରାଥମିକତା ଆବଶ୍ୟକ କରେ ବୋଲି ସେ କହିଥିଲେ। ଓଇଏସ୍ ସଭାପତି ଡ. ସୁନ୍ଦର ନାରାୟଣ ପାତ୍ର ଏଥିରେ ଅଧକ୍ଷତା କରି ମୃତ୍ତିକାର ଅଙ୍ଗାରକ ପରିମାଣ, ଜୈବିକ ପଦାର୍ଥ ଏବଂ ମୃତ୍ତିକା ଆର୍ଦ୍ରତାର ସଂରକ୍ଷଣ ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ପାଦକ ଡ଼. ଜୟକୃଷ୍ଣ ପାଣିଗ୍ରାହୀ କହିଲେ, ଦିନକୁ ଦିନ ମାଟିରେ ଅଧିକ ବିଷାକ୍ତ ରାସାୟନିକ ପଦାର୍ଥର ପ୍ରବେଶ ପ୍ରଦୂଷଣ ବୃଦ୍ଧି ଘଟାଉଛି। ଏହାଦ୍ୱାରା ଖାଦ୍ୟ ଉତ୍ପାଦନ, ମାଟିର ଜୈବବିବିଧତା ଏବଂ ପରିସଂସ୍ଥାର କାର୍ଯ୍ୟକାରିତା ଉପରେ ନକାରାତ୍ମକ ପ୍ରଭାବ ବିସ୍ତାର କରୁଛି। ଉପସଭାପତି ବନ୍ୟପ୍ରାଣୀ ବିଶେଷଜ୍ଞ ଡ. ଲାଲା ଏକେ ସିଂହ ଅତିଥି ପରିଚୟ ଦେଇଥିବାବେଳେ ପ୍ରଫେସର ବିନାୟକ ରଥ, ପ୍ରଫେସର ନିମାଇଁ ଚରଣ ମିଶ୍ର ଏବଂ ଡ. ରାକେଶ ରଞ୍ଜନ ଠାକୁର ନିଜ ମତ ଉପସ୍ଥାପନ କରିଥିଲେ। ଆଜୀବନ ସଦସ୍ୟ ପ୍ରଦୀପ ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ଏପ୍ରିଲ ସୁଦ୍ଧା ହିତାଧିକାରୀ ପାଇବେ ଭୂମି ଅଧିକାର

ଭୁବନେଶ୍ୱର, ୯।୧ (ବ୍ୟୁରୋ)

**ଆରମ୍ଭ ହେଲା ଉଷା ସର୍ଭେ**

ସହରାଞ୍ଚଳରେ ଥିବା ଭୂମିହୀନଙ୍କୁ ଭୂମି ତଥା ବାସସ୍ଥାନ ପ୍ରଦାନ ନିମନ୍ତେ ରାଜ୍ୟ ସରକାରଙ୍କ ‘ଜାଗା ମିଶନ’କୁ କାର୍ଯ୍ୟକାରୀ କରାଯାଉଛି। ଏନେଇ ସୋମବାର ବିଏମସି ପକ୍ଷରୁ ପ୍ରକୃତ ହିତାଧିକାରୀ ଚିହ୍ନଟ ପାଇଁ ସହର ୩ ଜୋନ୍‌ରେ ଅର୍ବାନ ସ୍ଲମ୍ ହାଉସ୍ ହୋଲ୍ଡ଼ ଏରିଆ (ଉଷା) ସର୍ଭେ ଆରମ୍ଭ ହୋଇଛି। ସର୍ଭେ ରିପୋର୍ଟ ଆଧାରରେ ଆସନ୍ତା ଏପ୍ରିଲ ପହିଲା ସୁଦ୍ଧା ଭୂମିହୀନଙ୍କୁ ଭୂମି ଅଧିକାର ପ୍ରଦାନ କରାଯିବ ବୋଲି ବିଏମସି ପକ୍ଷରୁ ସୂଚନା ମିଳିଛି। ଦକ୍ଷିଣ-ପଶ୍ଚିମ ଜୋନର ୱାର୍ଡ ନଂ. ୬୪ର ଡୁମୁଡୁମା ନୂଆ ଭୋଇ ସାହି, ଉତ୍ତର ଜୋନର ୱାର୍ଡ ନଂ.୧୪ ଅର୍ନ୍ତଗତ ଆଦର୍ଶ ବସ୍ତି ଓ ଦକ୍ଷିଣ ପୂର୍ବ ଜୋନର ୱାର୍ଡ ନଂ .୨୮ ଅନ୍ତର୍ଗତ ନନ୍ଦିନୀ ପଲ୍ଲୀ ମୁଣ୍ଡା ସାହିରେ ଏହି କାର୍ଯ୍ୟର ଶୁଭାରମ୍ଭ କରାଯାଇଛି। ମେୟର ସୁଲୋଚନା ଦାସ ଓ ବିଏମସିର ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ‘ସୂତ୍ର’ ଏଜେନ୍ସି ପକ୍ଷରୁ ଆରମ୍ଭ କରାଯାଇଛି। ୯୦ଜଣ ଏଥିପାଇଁ ନିଯୁକ୍ତ ଅଛନ୍ତି। ଫେବୃୟାରୀ ସୁଦ୍ଧା ସର୍ଭେ କାର୍ଯ୍ୟ ସାରିବା ପାଇଁ ସମୟ ଧାର୍ଯ୍ୟ କରାଯାଇଛି। ସର୍ଭେର ନିୟମ ଅନୁସାରେ ନିର୍ଦ୍ଦିଷ୍ଟ ବସ୍ତିର ସ୍ଲମ୍ ଡୁଏଲର୍ସ ଆସୋସିଏଶନ୍ (ଏସ୍‌ଡିଏ)ର ସମସ୍ତ ସଦସ୍ୟଙ୍କ ଉପସ୍ଥିତିରେ ସମ୍ପୃକ୍ତ ୱାର୍ଡ଼ ଅଫିସର, କମ୍ୟୁନିଟି ଅର୍ଗାନାଇଜର୍, ଗୋଷ୍ଠୀ ସଞ୍ଚାଳନ ପ୍ରକ୍ରିୟାକୁ ଆଗେଇନେବେ। ସର୍ଭେ ପରେ ଭୂମି ଅଧିକାର ପ୍ରମାଣପତ୍ର ପାଇ ସମ୍ପୃକ୍ତ ହିତାଧିକାରୀ ଆୱାସ ଯୋଜନାରେ ଘର କରିବାର ଯୋଗ୍ୟତା ମଧ୍ୟ ହାସଲ କରିପାରିବେ। ପ୍ରତ୍ୟେକ ହିତାଧିକାରୀ ପରିବାରଙ୍କୁ ମୌଳିକ ଭାବେ ୩୦ ବର୍ଗମିଟରରୁ ୪୫ ବର୍ଗମିଟର ପରିସୀମାର ଭୂମି ଅଧିକାର ପ୍ରମାଣପତ୍ର ଦିଆଯିବାର ବ୍ୟବସ୍ଥା ରହିଛି। ୪୫ ବର୍ଗମିଟରରୁ ଅଧିକ ପରିସୀମାର ଭୂମି ଅଧିକାର ପ୍ରମାଣପତ୍ର କାହାରିକୁ ଦିଆଯିବ ନାହିଁ ବୋଲି ବିଏମସି ପକ୍ଷରୁ ସ୍ପଷ୍ଟ କରାଯାଇଛି। ବିଏମସିର ରିପୋର୍ଟ ଅନୁସାରେ ସହରର ୪୩୬ଟି ବସ୍ତିର ୯୦ ହଜାର ୧୦୩ ପରିବାରକୁ ଜାଗା ମିଶନ ଅଧୀନରେ ବିଚାରକୁ ନିଆଯାଇଥିଲେ ମଧ୍ୟ ଚୂଡ଼ାନ୍ତ ରିପୋର୍ଟ ପାଇଁ ଆଗାମୀ ଦିନରେ ସର୍ଭେ କରାଯିବ। ତେଣୁ ତାଲିକାରେ କେତେ ପରିବାରର ନାମ ରହିବ ତାହାକୁ ନେଇ ଚିନ୍ତାରେ ରାଜଧାନୀର ବସ୍ତିବାସିନ୍ଦା। ଉତ୍ତର ଜୋନରେ ସର୍ବାଧିକ ୧୫୬ଟି ବସ୍ତିରେ ୩୯ ହଜାର ୩୯୦ ପରିବାର ଅଛନ୍ତି। ସେହିପରି ଦକ୍ଷିଣ-ପୂର୍ବ ଜୋନର ୧୩୯ ବସ୍ତିରେ ୨୧ ହଜାର ୫୬୮ ପରିବାର ରହିଛି। ଦକ୍ଷିଣ-ପଶ୍ଚିମ ଜୋନର ୧୪୨ ବସ୍ତିରେ ମୋଟ ୨୯ ହଜାର ୧୪୫ ଜଣ ପରିବାର ରହିଛନ୍ତି। ଅନ୍ୟପଟେ ରେଲୱେ ଭୂମି, ଇଡ୍‌କୋ ଭୂମି, ଓୟୁଏଟି ଅଧୀନସ୍ଥ ଭୂମିରେ ଗଢ଼ିଥିବା ଏହି ୨୨ ବସ୍ତିର ଉନ୍ନତିକରଣ ତଥା ବିଜୁ ଆଦର୍ଶ କଲୋନୀରେ ପରିଣତ କରାଯିବା ନେଇ କୌଣସି ସୂଚନା ମିଳିନାହିଁ। ବର୍ତ୍ତମାନ ସୁଦ୍ଧା ପାଇଲଟ୍ ପ୍ରକଳ୍ପ ଭାବେ ୧୧୫ଟି ଓ ପରବର୍ତ୍ତୀ ପର୍ଯ୍ୟାୟରେ ୨୦ ଓ ୪୦ଟି ବସ୍ତିରେ ବିକାଶମୂଳକ କାର୍ଯ୍ୟ କରାଯାଇଛି। ନଭେମ୍ବର ୧୫ ସୁଦ୍ଧା ଅନ୍ୟ ୧୦୦ଟି ବସ୍ତି ଓ ଡିସେମ୍ବର ୩୧ ସୁଦ୍ଧା ଅନ୍ୟ ୧୩୯ଟି ବସ୍ତିରେ ଉନ୍ନୟନ ମୂଳକ କାର୍ଯ୍ୟ ସମାପ୍ତ କରିବାକୁ ବିଏମସି ପକ୍ଷରୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲେ ମଧ୍ୟ ଅଧିକାଂଶ କାର୍ଯ୍ୟ ଅଧାପନ୍ତରିଆ ପଡ଼ିଛି। ୧୦ଟି ବସ୍ତିକୁ ବିଜୁ ଆଦର୍ଶ କଲୋନୀରେ ପରିଣତ କରାଯିବାକୁ ଥିବାବେଳେ ବର୍ତ୍ତମାନ ସୁଦ୍ଧା ୩ଟି ବସ୍ତି ପାଇଁ ବ୍ୟୟ ସ୍ଥିର କରାଯାଇଛି ଏବଂ ସେଥିମଧ୍ୟରୁ ୨ ବସ୍ତିରେ କାର୍ଯ୍ୟ ଆରମ୍ଭ ହୋଇଛି।



ୟୁଥ୍ ଫର୍ ସେବା ପକ୍ଷରୁ ଖଣ୍ଡଗିରି-ଉଦୟଗିରିର ଐତିହ୍ୟ ଓ ଗୁମ୍ଫାକୁ ବିକୃତ କରୁଥିବା ବିଭିନ୍ନ ଲେଖାକୁ ଲିଭାଇ ସଫା କରାଯାଉଛି।

## ସଂକ୍ଷେପରେ

### ହରେକୃଷ୍ଣ ଉତ୍ସବ ଉଦ୍ୟାପିତ



**ବେଗୁନିଆ,୯ା୧(ଡି.ଏନ୍.ଏ.):** ବେଗୁନିଆ ବ୍ଲକ ଅନ୍ତର୍ଗତ କୋଲୁହାପାଟଣା ଗ୍ରାମସ୍ଥିତ ଭଗବତ ଦେବଙ୍କ ପୀଠ ପରିସରରେ ଆୟୋଜିତ ହରେକୃଷ୍ଣ ଉତ୍ସବ ରବିବାର ଉଦ୍ୟାପିତ ହୋଇଯାଇଛି। ଶନିବାର ଶୁଭ ଅଧିବାସ ଓ କଳସ ଶୋଭା ଯାତ୍ରା ଅନୁଷ୍ଠିତ ହୋଇଥିଲା। ପରେ ଶ୍ରଦ୍ଧାଳୁମାନେ ୪ ପ୍ରହର ହରେକୃଷ୍ଣ ଜପ କରିଥିଲେ। ଘଣ୍ଟ ଘଣ୍ଟା ମୃଦଙ୍ଗର ତାଳେତାଳେ ଶ୍ରଦ୍ଧାଳୁ ନଗର ପରିକ୍ରମା କରିଥିଲେ। ଗେଡିଆପଲ୍ଲି, ଗୌଡନୁଆଗାଁ, ସାରୁଅ, ବାଘମାରି ଆଦି ୪ଟି ସଂକୀର୍ତ୍ତନ ମଣ୍ଡଳୀ ଉତ୍ସବରେ ସାମିଲ ହୋଇଥିଲେ। ବିଜେଡିର ରାଜ୍ୟ ସମ୍ପାଦକ ପ୍ରଦୀପ କୁମାର ସାହୁ ଓ ଅସିତ୍ ତ୍ରିପାଠୀ ଅତିଥିଭାବେ ଯୋଗଦେଇ ପାରମ୍ପରିକ ଉତ୍ସବ ସମ୍ପର୍କରେ ଆଲୋକପାତ କରିଥିଲେ। ଗ୍ରାମବାସୀ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

### ବନ୍ଧୁମିଳନ, ଶିକ୍ଷକ ସମ୍ବର୍ଦ୍ଧନା

**ଖୋର୍ଦ୍ଧା ଅଫିସ,୯ା୧:** ଖୋର୍ଦ୍ଧା ପୌର ପରିଷଦ ଅଧୀନ ଗୁରୁଜଙ୍ଗ ହାଇସ୍କୁଲର ୨000 ମସିହା ମାଟ୍ରିକ ବ୍ୟାଚ ଛାତ୍ରୀଛାତ୍ରଙ୍କ ବନ୍ଧୁ ମିଳନ ଓ ଶିକ୍ଷକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ସ୍ଥାନୀୟ ଉଇଲକିଶନନଗର ମା'ଅଁଳାଇ ଦେବୀ ପୀଠରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ତେବେ ସ୍କୁଲରେ ପଢୁଥିବା ଅବସ୍ଥାରେ ଯେଉଁ ଶିକ୍ଷୟିତ୍ରୀଶିକ୍ଷକଙ୍କ ଠାରୁ ଶିକ୍ଷା ଦାନ କରୁଥିଲେ ଉକ୍ତ ଶିକ୍ଷକ ଶିକ୍ଷୟତ୍ରୀ ଓ ବିଦ୍ୟାଳୟର ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଛାତ୍ରୀଛାତ୍ରଙ୍କ ଏଭଳି କାର୍ଯ୍ୟକୁ ଶିକ୍ଷୟତ୍ରୀଶିକ୍ଷକ ପ୍ରଶଂସା କରିଥିଲେ। ସମାଜରେ ଭଲ ମଣିଷ ହୋଇ ଉତ୍ତମ ସମାଜ ଗଠନରେ ସହାୟକ ହୁଅ ବୋଲି ପରାମର୍ଶ ଦେଇଥିଲେ। ଏହି ଅବସରେ ପୂର୍ବତନ ଶିକ୍ଷକ ପ୍ରଫୁଲ ମାଝୀ, ବିଭୂତି ଭୂଷଣ କର, ସରୋଜ ସିଂ, ପ୍ରମୋଦିନି ମିଶ୍ର, ବିଦୁଲତା ଶତପଥୀ, ବସନ୍ତ ସୁନ୍ଦରାୟ, ଅନିଲ ସାହୁ, କାଳିଶଙ୍କର ରାଉତରାୟ, ମିନାକ୍ଷୀ ହୋତା, ବିନୋଦିନୀ ପାଣିଗ୍ରାହୀ, ଶିକ୍ଷା କର୍ମଚାରୀ ମନମୋହନ ମହାପାତ୍ର, ସାଧୁଚରଣ ଦାସ, ନୃସିଂହ ମହାପାତ୍ର, ମିନା ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ କେକ୍ କାଟି ବନ୍ଧୁ ମିଳନ ଉତ୍ସବ ପାଳନ କରାଯାଇଥିଲା।

### ସେମିଫାଇନାଲରେ ସୁଆଙ୍ଗ

**ବେଗୁନିଆ,୯ା୧(ଡି.ଏନ୍.ଏ.):** ବେଗୁନିଆ ବ୍ଲକ ଅନ୍ତର୍ଗତ ଗଡମାଣତୀର ଗ୍ରାମ ଖେଳପଡିଆରେ ସୋମବାର ବିପିନ ବିହାରୀ ସୁନ୍ଦରାୟ କପ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଆମ୍ ଆଦମୀ ପାର୍ଟିର ନେତା କଳ୍ପତରୁ ପଣ୍ଡା ଏବଂ ସୂର୍ଯ୍ୟକାନ୍ତ ଜୁଝାରସିଂ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଉଦ୍‌ଘାଟନୀ ମ୍ୟାଚରେ ସୁଆଙ୍ଗ କ୍ରିକେଟ କ୍ଲବ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ସୁଆଙ୍ଗ ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨0 ଓଭରରେ ୫ଉଇକେଟ୍ ବିନିମୟରେ ୨୬୬ ରନ ସଂଗ୍ରହ କରିଥିଲା। ଜବାବରେ କାଇପଦର କ୍ରିକେଟ କ୍ଲବ ୧୩.୫ ଓଭରରେ ସମସ୍ତ ଉଇକେଟ ବିନିମୟରେ ୧୬0ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଅନିଲ ମହାପାତ୍ର ଓ ବିକାଶ ଦାସ ମ୍ୟାଚ ପରିଚାଳନା କରିଥିଲେ। ସୁଆଙ୍ଗ ଟିମର ପ୍ରକାଶ ମ୍ୟାନ ଅଫ ଦି ମ୍ୟାଚ ଭାବେ ବିବେଚିତ ହୋଇଥିଲେ।

# ଇଓଡବ୍ଲ୍ୟୁ ସୁପାରିସ୍ ସତ୍ତ୍ୱେ ତଦନ୍ତ ଶୀଥିଳ

**ଖୋର୍ଦ୍ଧା ଅଫିସ,୯ା୧**

ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ (କେସିସିବି) ଅଧୀନ ବେଗୁନିଆ ବ୍ଲକ ରାଉତପଡ଼ା ଶାଖାରେ ଜମାକାରୀଙ୍କ ସ୍ଥାୟୀ ଏବଂ ସଞ୍ଚୟ ବାବଦ ପ୍ରାୟ ୧ କୋଟି ୫୦ ଲକ୍ଷ ଟଙ୍କା ଆତ୍ମସାତ୍ କରାଯାଇଛି। ଗତ ମାର୍ଚ୍ଚରେ ଏହି ଘଟଣା ପଦାକୁ ଆସିଥିଲା। ଜଣଙ୍କ ପରେ ଜଣେ ଗ୍ରାହକ ଏନେଇ ଅଭିଯୋଗ କରିଥିଲେ। ଏପରି କି ଜମାକାରୀ ଟଙ୍କା ଫେରିପାଇବା ଲାଗି କେସିସିବି କର୍ତ୍ତୃପକ୍ଷଙ୍କଠାରୁ ଜିଲାପାଳଙ୍କ କାର୍ଯ୍ୟାଳୟ, ଅଭିଯୋଗ ଶୁଣାଣି ଶିବିରରେ ବାରମ୍ବାର ଅଭିଯୋଗ ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଇନାହିଁ। ଜମାକାରୀ ତାଙ୍କ ଟଙ୍କା ପାଇବା ନେଇ ଏବେ ବି ଆଶଙ୍କାରେ ରହିଛନ୍ତି। ତେବେ ଟଙ୍କା ଆତ୍ମସାତ୍ ଘଟଣାରେ ସମ୍ପୃକ୍ତ ଥିବା କର୍ମଚାରୀ, ଅଧିକାରୀଙ୍କ ବିରୋଧରେ ସ୍ଥାନୀୟ ଥାନାରେ ଏତଲା ଏବଂ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା(ଇଓଡବ୍ଲ୍ୟୁ) ଦ୍ୱାରା ତଦନ୍ତ ଲାଗି ତତ୍କାଳୀନ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ସୁପାରିସ୍ କରିଥିଲେ। ବର୍ତ୍ତମାନ ସୁଦ୍ଧା କ୍ରାଇମବ୍ରାଞ୍ଚ ପକ୍ଷରୁ ଏନେଇ କୌଣସି ତଦନ୍ତ କରାଯାଇନାହିଁ। ସେପଟେ ବେଗୁନିଆ ପୋଲିସ ମାମଲା ରୁଜୁ କରି ଚୁପ୍ ବସିଛି। ଘଟଣାର ତଦନ୍ତ କରାଗଲେ ବହୁ ଗୁମର ପଦାକୁ ଆସିବ ବୋଲି ଆଲୋଚନା ହେଉଥିବା ବେଳେ ତଦନ୍ତରେ ଶୀଥିଳତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

**ଜମାକାରୀଙ୍କ ୧.୫ କୋଟି ଆତ୍ମସାତ୍ ଘଟଣା**

ସୂଚନାଥାଉ କି, ଜଣେ କର୍ମଚାରୀ ସେଠାରୁ ଅବସର ଗ୍ରହଣ କରିବାର ଦୀର୍ଘବର୍ଷ ପର୍ଯ୍ୟନ୍ତ ଉକ୍ତ ବ୍ୟାଙ୍କରେ ଜମାକାରୀଙ୍କ ସହ ଆର୍ଥିକ କାରବାର କରୁଥିଲେ। କିପରି ସମ୍ପୃକ୍ତ ଶାଖାରେ କାର୍ଯ୍ୟରତ କର୍ମଚାରୀ ଜାଣିପାରିଲେ ନାହିଁ, ଯାହାକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। କରୋନା ମହାମାରୀ ସମୟରେ କଷ୍ଟ ଉପାର୍ଜିତ ଧନକୁ ବ୍ୟାଙ୍କରେ ଜମାଦେଇ ଭବିଷ୍ୟତ ପାଇଁ ସ୍ୱପ୍ନ ଦେଖିଥିବା ଜମାକାରୀ ଏବେ ଟଙ୍କା ଫେରିପାଇବା ନେଇ ହରଡ଼ଘଣାରେ ପଡିଛନ୍ତି। ଲକ୍ଷାଧିକ ଟଙ୍କା ଆତ୍ମସାତ୍ ପଛରେ ଅନ୍ୟ କେଉଁମାନଙ୍କ ସମ୍ପୃକ୍ତି ରହିଛି ଖୋଳତାଡ଼ କରାଗଲେ ଜଣାପଡ଼ିବ। ସେହିପରି ୨୦୨୧ରେ କେସିସିବିରେ ବ୍ୟାଙ୍କିଙ୍ଗ୍ ଆସିଷ୍ଟାଣ୍ଟ ପଦବୀରେ ୨୬ ଜଣଙ୍କୁ ଦିଆଯାଇଥିବା ନିଯୁକ୍ତିରେ ପ୍ରାୟ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା କାରବାର କରାଯାଇଛି। ଯୋଗ୍ୟତାଭିତ୍ତିରେ ଏହି ନିଯୁକ୍ତି ଦିଆ ନ ଯାଇ ଏଥିରେ ବ୍ୟାପକ ହେର୍‌ଫେର୍ କରାଯାଇଛି। ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ନିଯୁକ୍ତିରେ ବ୍ୟାପକ ଆର୍ଥିକ କାରବାର ହୋଇଥିବା ନେଇ ଗତ ମାର୍ଚ୍ଚ ୨୭ରେ ସମବାୟ ଶାସନ ସଚିବ ଏବଂ ବିଭାଗୀୟ ମନ୍ତ୍ରୀଙ୍କୁ ଚିଠି ଲେଖିଥିଲେ। ବିଧାୟକ ମିତ୍ର ଆଣିଥିବା ଅଭିଯୋଗ ପ୍ରକାରେ ରାଜ୍ୟର ଉଚ୍ଚପଦସ୍ଥ ଅଧିକାରୀଙ୍କ ଦ୍ୱାରା ତଦନ୍ତ ଲାଗି ଅନୁରୋଧ କରିଥିଲେ। ଏଠାରେ ପ୍ରକାଶ ଯେ, ବିଧାୟକଙ୍କ ଅଭିଯୋଗକୁ ୯ ମାସ ବିତିଲାଣି କିନ୍ତୁ ରାଜ୍ୟ ସମବାୟ ଶାସନ ସଚିବ କିମ୍ବା ବିଭାଗୀୟ ମନ୍ତ୍ରୀଙ୍କ ପକ୍ଷରୁ କୌଣସି ତଦନ୍ତ ନିର୍ଦ୍ଦେଶ ଦିଆଯାଇନାହିଁ। ତଦନ୍ତ ପ୍ରକ୍ରିୟା ସରକାରୀ ନାଲି ଫିତା ତଳେ ଚାପିହୋଇ ରହିଯାଇଛି।

# ନାଚୁଣୀ ଥାନା ଲୋକାର୍ପିତ



ନାଚୁଣୀ ଥାନା ଲୋକାର୍ପଣ ଅବସରରେ ଯୋଗଦେଇଥିବା ଅତିଥିମାନେ।

**ଗମ୍ଭାରୀମୁଣ୍ଡା/ବାଲୁଗାଁ, ୯ା୧(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ଅଧୀନ ୧୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ନାଚୁଣୀ ଫାଣ୍ଡିକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ସୋମବାର ଥାନାର ମାନ୍ୟତା ଦେଇ ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ରାଜ୍ୟ ସଭା ସଦସ୍ୟ ମାନସ ମଙ୍ଗରାଜ ଯୋଗଦେଇଥିବା ବେଳେ ଅତିଥିଭାବେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ଜିଲା ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟ୍ଟରିଆ, ଜିଲା ପରିଷଦ ଉପାଧ୍ୟକ୍ଷ ଗୋପୀନାଥ ମହାରଣା, ଚିଲିକା ବ୍ଲକ୍ ଅଧ୍ୟକ୍ଷା ଜ୍ୟୋତ୍ସ୍ନାରାଣୀ ବେହେରା, ବାଣପୁର ଏନ୍‌ଏସି ଅଧ୍ୟକ୍ଷ ମିଟୁ ନାୟକ ପ୍ରମୁଖ ଯୋଗଦେଇଥିଲେ। ସ୍ଥାନୀୟ ଅଞ୍ଚଳର ଦେଓଗାଁ, ଗମ୍ଭାରୀମୁଣ୍ଡା, ଆୟଉପୁର, କୁଲେଇ, ନାଚୁଣୀ, ବଉଳାବନ୍ଧ, ନଇରୀ, ହରିପୁର, ମୋରାମୋରି ଆଦି ୧୦ଟି ପଞ୍ଚାୟତ ଏହି ନୂତନ ଥାନା ଦ୍ୱାରା ଉପକୃତ ହେବେ ବୋଲି ବାଲୁଗାଁ ଏସ୍‌ଡିପିଓ ମାନସ ରଞ୍ଜନ ବାରିକ କହିଛନ୍ତି । ପୂର୍ବରୁ ୨୫ କିଲୋମିଟର ଦୂରରେ ଥିବା ବାଣପୁର ଥାନାକୁ ଲୋକେ ହଇରାଣ ହୋଇ ଅଭିଯୋଗ କରିବାକୁ ଯାଉଥିଲେ। ଏବେ ଆଉ ଅସୁବିଧା ହେବନାହିଁ ବୋଲି ଏସ୍‌ପି କହିଛନ୍ତି। ତେବେ ୧୬ ନଂ. ଜାତୀୟ ରାଜପଥର ଟାଙ୍ଗୀଠାରୁ ନାଭାଲ ଛକ ମଧ୍ୟରେ ଥିବା ନାଚୁଣୀ ଥାନା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଦୀର୍ଘ ୩୫ କିଲୋମିଟର ଦୂରତ୍ୱ ମଧ୍ୟରେ ରାଜପଥରେ କୌଣସି ଦୁର୍ଘଟଣା ଘଟିଲେ କିମ୍ବା ବିଭିନ୍ନ ଅପରାଧମୂଳକ କାର୍ଯ୍ୟକଳାପ ନିୟନ୍ତ୍ରଣ କ୍ଷେତ୍ରରେ ଏହି ଥାନା ସହାୟକ ହେବ ବୋଲି ରାଜ୍ୟ ସଭା ସଦସ୍ୟ ମାନସ ମଙ୍ଗରାଜ କହିଛନ୍ତି। ମୁଖ୍ୟମନ୍ତ୍ରୀ ନାଚୁଣୀ ଫାଣ୍ଡିକୁ ଥାନାର ମାନ୍ୟତା ଦେଇଥିବାରୁ ଅଞ୍ଚଳବାସୀ କୃତଜ୍ଞତା ଜଣାଇଛନ୍ତି। ଏହି ଥାନାରେ ନୂତନ ଅଧିକାରୀ ଭାବେ ଚନ୍ଦ୍ରକାନ୍ତ ଜେନା ଦାୟିତ୍ୱ ଗ୍ରହଣ କରିଥିବା ବେଳେ ୨ଜଣ ଏସ୍‌ଆଇ, ୪ଜଣ ଏଏସ୍‌ଆଇ, ୮ ଜଣ କନ୍‌ଷ୍ଟେବଲ ନିଯୁକ୍ତି ପାଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ବାଲୁଗାଁ ଆଇଆଇସି ରଶ୍ମିରଞ୍ଜନ ଦାଶ, ବାଣପୁର ଆଇଆଇସି ଜୟପ୍ରକାଶ ପରିଡ଼ା, ଟାଙ୍ଗୀ ଆଇଆଇସି ଦିଗ୍‌ବିଜୟ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

# ଜନଶୁଣାଣି ଶିବିରରେ ୮୮୫ ଅଭିଯୋଗ




ଜନଶୁଣାଣି ଶିବିରରେ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ଏବଂ ଅନ୍ୟ ଅଧିକାରୀ।

**ଟାଙ୍ଗୀ(ଖୋର୍ଦ୍ଧା),୯ା୧(ଡି.ଏନ୍.ଏ.)**

ଟାଙ୍ଗୀ ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର ଜିଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ଅଧ୍ୟକ୍ଷତା କରିଥିଲେ। ଏହି ଜନଶୁଣାଣିରେ ମୋଟ୍ ୮୮୫ ଅଭିଯୋଗ ହୋଇଥିଲା। ବିଶେଷ କରି ଅଧିକାଂଶ ମହିଳାମାନେ ଅଭିଯୋଗ ଦାଖଲ କରିଥିବା ଦେଖିବାକୁ ମିଳିଥିଲା। ୭୧୦ଟି ଅଭିଯୋଗ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପାଇବା ନିମିତ୍ତ ଆବେଦନ କରାଯାଇଥିବା ବେଳେ ୮୦ଟି ଅଭିଯୋଗ ବିଭିନ୍ନ ଭତ୍ତା, ୮୦ଟି ଅଭିଯୋଗ ଖାଉଟି କାର୍ଡ ପାଇବା ନିମିତ୍ତ, ଓ ୧୫ଟି ଅନ୍ୟାନ୍ୟ ଅଭିଯୋଗ ରହିଥିଲା। ସମସ୍ତ ଅଭିଯୋଗଗୁଡିକ ଫଇସଲା ପାଇଁ ସମ୍ପୃକ୍ତ ବିଭାଗକୁ ପଠାଇ ଦିଆଯାଇଛି। ଧାନମଣ୍ଡିରେ ହେଉଥିବା କଟ୍ଛିଟ୍‌କୁ ବିରୋଧ କରି ନିରାକାରପୁର ଓ ଡିଆ ପଞ୍ଚାୟତର ଚାଷୀମାନେ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହି ଜନଶୁଣାଣି ଶିବିରରେ ବ୍ଲକ ଅଧକ୍ଷା ରିସ୍ମା ମାନ୍ଧାତା, ବିଡିଓ ଐଶ୍ୱର୍ଯ୍ୟା ସାମନ୍ତରାୟ, ଜିଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦିଗନ୍ତ ରାଉତରାୟ, ଉପ ଜିଲାପାଳ ଦୀପ୍ତିରଞ୍ଜନ ସେଠୀ, ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟ୍ଟରିଆ, ସିଡିଏମଓ ଡା.ଆର୍ତ୍ତବନ୍ଧୁ ନାୟକ, ଜିଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ତରାଇ ଏବଂ ବ୍ଲକର ସମସ୍ତ ସମ୍ପ୍ରସାରଣ ଅଧିକାରୀ ଯୋଗ ଦେଇଥିଲେ।

# କାର୍-ବାଇକ୍ ମୁହାଁମୁହିଁ ଧକ୍କା:୨ ଗୁରୁତର

**ବୋଲଗଡ଼,୯ା୧(ଡି.ଏନ୍.ଏ.)**

ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ବୋଲଗଡ଼ ମଙ୍ଗଳା ମନ୍ଦିର ନିକଟ ବନ୍ଧ ଛକ ନିକଟରେ କାର୍-ବାଇକ୍ ମୁହାଁମୁହିଁ ଧକ୍କା ହେବା ଫଳରେ ଦୁଇଜଣ ଯୁବକ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ନୟାଗଡ଼ ଜିଲା ଇଟାମାଟି ଥାନା ଅଧୀନ ଶ୍ୟାମଘନପୁର ଗ୍ରାମର ବବୁଲ ନାୟକ(୨୧) ଓ ବିଶ୍ୱରଞ୍ଜନ ପ୍ରଧାନ(୨୨)। ଚିକିତ୍ସା ପାଇଁ ଏମାନଙ୍କୁ ଭୁବନେଶ୍ୱର ଏମ୍ସ ମେଡିକାଲରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ଯୁବକଦ୍ୱୟ ଏକ ବାଇକ୍‌ରେ ଗ୍ରାମରୁ ରାଜସୁନାଖଳା ଅଭିମୁଖେ ଯାଉଥିଲେ। ବୋଲଗଡ଼ ରେଲ୍‌ୱେ ଓଭରବ୍ରିଜ୍ ଅତିକ୍ରମ କରିବା ପରେ ହଠାତ୍ ବିପରୀତ ପଟୁ ଆସୁଥିବା କାର୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ସେମାନେ ଛିଟିକି ରାସ୍ତା ଉପରେ ପଡ଼ିଥିଲେ। ଗୁରୁତର ଅବସ୍ଥାରେ ଉଭୟଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସରେ ବୋଲଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ଏମ୍ସକୁ ସ୍ଥାନାନ୍ତର କରାଯାଇଛି। ଖବର ପାଇ ବୋଲଗଡ଼ ଥାନା ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ କାର୍ ଓ ବାଇକ୍ ଜବତ କରି ତଦନ୍ତ ଚଳାଇଛି।

# ରାମଚଣ୍ଡୀ କ୍ରିକେଟ ଟୁର୍ନାମେଣ୍ଟ: ସେମିରେ ପତିତପାବନ ଅଟ୍ରି

**ବୋଲଗଡ,୯ା୧(ଡି.ଏନ୍.ଏ.)**

ବୋଲଗଡ଼ ବ୍ଲକ ଧଳାପଥର ପଞ୍ଚାୟତ ଅଧୀନ କୋଦୁଅ ବେରେଣିଖେଳପଡିଆରେ ଚାଲିଥିବା ଏକାଦଶ ରାଜ୍ୟସ୍ତରୀୟ ମା'ରାମଚଣ୍ଡୀ କ୍ରିକେଟ ଟୁର୍ନାମେଣ୍ଟର ଅନ୍ତିମ କ୍ୱାର୍ଟର ଫାଇନାଲ ମ୍ୟାଚ ସୋମବାର ଅନୁଷ୍ଠିତ ହୋଇଯାଇଛି। ଯାଁଳାର ବ୍ଲୁ ରକ୍‌ଷ୍ଟାର ଓ ଅଟ୍ରିର ପତିତପାବନ ଟିମ୍ ମଧ୍ୟରେ ମ୍ୟାଚ୍ ହୋଇଥିଲା। ବ୍ଲୁ ରକ୍‌ଷ୍ଟାର ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ୍ ବିନିମୟରେ ୨୫୮ ରନ ସଂଗ୍ରହ କରିଥିଲା। ଜବାବରେ ପତିତପାବନ ଟିମ୍ ୧୭.୨ ଓଭରରେ ୩ ଉଇକେଟ୍ ବିନିମୟରେ ୨୫୯ ରନ ସଂଗ୍ରହ କରି ବିଜୟୀ ହେବା ସହ ସେମିଫାଇନାଲରେ ପ୍ରବେଶ କରିଛି। ସୂର୍ଯ୍ୟକାନ୍ତ ଖଟୁଆ ଓ କୈଳାସ ଚନ୍ଦ୍ର ପ୍ରଧାନ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

# ପ୍ରଥମ ଦିନରେ ଉଠିଲା ୫୦ କ୍ୱିଣ୍ଟାଲ



ମଣ୍ଡି ଉଦ୍‌ଘାଟନ ଅବସରରେ ଉପସ୍ଥିତ ଅତିଥିବୃନ୍ଦ।

**ଜଟଣୀ,୯ା୧(ଡି.ଏନ୍.ଏ.)**

ଜଟଣୀ ପୌରାଞ୍ଚଳ କୁଦିଆରୀ ଗ୍ରାମସ୍ଥିତ କୁଦିଆରୀ ସେବା ସମବାୟ ସମିତିର ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ଖୋର୍ଦ୍ଧା ଜିଲା ବିଜେଡି ସଭାପତି ବିଭୂତିଭୂଷଣ ବଳବନ୍ତରାୟ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଉକ୍ତ ସମିତି ଅଧୀନରେ ରହିଥିବା କୁଦିଆରୀ, କନ୍ତିଆ ଏବଂ ପୌରାଞ୍ଚଳର ୪୮ ଜଣ ଚାଷୀ ଧାନ ବିକ୍ରି ପାଇଁ ପଞ୍ଜୀକରଣ କରିଥିବା ବେଳେ ୧୫ ଜଣ ଟୋକନ ପାଇଛନ୍ତି। ଉକ୍ତ ମଣ୍ଡିରୁ ୧୨୦୦ କ୍ୱିଣ୍ଟାଲ ଧାନ ଉଠାଯିବାକୁ ରହିଥିବା ବେଳେ ସୋମବାର ୫୦ କ୍ୱିଣ୍ଟାଲ ୫୦କେଜି ଧାନ ଜଟଣୀ ବ୍ଲକ ବୁଢ଼ାପଡାସ୍ଥ ମା'ତାରିଣୀ ରାଇସ ମିଲ ଚାଷୀଙ୍କଠାରୁ ଧାନ ଉଠାଇଥିବା କୁଦିଆରୀ ସମବାୟ ସମିତି ସମ୍ପାଦକ ବିଶ୍ୱଜିତ୍ ଭଞ୍ଜ କହିଛନ୍ତି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜଟଣୀ ପୋରାଧ୍ୟକ୍ଷ ଅନନ୍ତ ବେହେରା, ବିଜେଡି ନେତା କୈଳାସ ମହାପାତ୍ର, ସମିତି ସଭାପତି ରଞ୍ଜନ କୁମାର ଛୋଟରାୟଙ୍କ ସମେତ ବହୁ ଅଧିକାରୀ, କର୍ମଚାରୀ ଉପସ୍ଥିତ ଥିଲେ।

# ଉଗ୍ରତାରା ପୀଠରେ ପାଇକ ସମ୍ମିଳନୀ

**ଖୋର୍ଦ୍ଧା ଅଫିସ,୯ା୧**

ପାଇକ ଦାୟାଦମାନଙ୍କ ବିଭିନ୍ନ ସମସ୍ୟା ନେଇ ପାଇକ ସମ୍ମିଳନୀ ଉଗ୍ରତାରାଙ୍କ ପୀଠରେ ଅନୁଷ୍ଠିତ ହୋଇଯାଇଛି। ଟାଙ୍ଗୀ ବ୍ଲକ୍ ମୁଲିଝର ଗଡ଼ରେ ଥିବା ଉଗ୍ରତାରାଙ୍କ ପୀଠରେ ନିକଟସ୍ଥ ହରିପୁର ଗ୍ରାମର ପାଇକ ଦାୟାଦମାନେ ଯୋଗଦେଇଥିଲେ। ଏହି ଅବସରରେ ବାସୁଦେବ ରାଉତରାୟ ଓ ବିଜୟ କୁମାର ଛୋଟରାୟଙ୍କ ନେତୃତ୍ୱରେ ପାଇକ ଆଖଡ଼ା ପ୍ରଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କଳିଙ୍ଗ ପାଇକ ସଙ୍ଗଠନର ମୁଖ୍ୟ ସଞ୍ଚାଳକ ଶିଶିର କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଭାପତି ଭୀମସେନ ପ୍ରଧାନ, ମୁଖ୍ୟ ଉପଦେଷ୍ଟା ସତ୍ୟବାଦୀ ବଳିୟାରସିଂହ, ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ହରିଚନ୍ଦନ, ଦଳବେହେରା ମୃତ୍ୟୁଞ୍ଜୟ ଛୋଟରାୟ, ପ୍ରଫୁଲ୍ଲ କୁମାର ସାମନ୍ତରାୟ, ଦୋକନ୍ଦା ଦଳବେହେରା, ମନୋରଞ୍ଜନ ପଶ୍ଚିମକବାଟ ଓ ପାଇକଗୁରୁ ପ୍ରଭାକର ପାଲ୍‌ଟାସିଂହ, ବରିଷ୍ଠ ସେବାୟତ ଯୁଧିଷ୍ଠିର ସାମନ୍ତରାୟ ପ୍ରମୁଖ ଯୋଗଦେଇଥିଲେ। ବ୍ରିଟିଶ୍ ରାଜତ୍ୱ ସମୟରେ ହରିପୁର ଷାଠିଏ ଘର ପାଇକ ଗଜପତି ରାଜାଙ୍କ ଆଦେଶ ବଳରେ ଦଶହରା, ରଜ ତଥା ଅନ୍ୟାନ୍ୟ ପର୍ବରେ ବିଭିନ୍ନ ସେବା ପାଇଁ ଯେଉଁ ଅଧିକାର ପାଇଥିଲେ ତାହା ବ୍ୟାହତ ହୋଇଛି। ମନ୍ଦିର ପରିଚାଳନା ଟ୍ରଷ୍ଟରେ ୨ଜଣ ପାଇକ ଦାୟାଦ ସଭ୍ୟ ରହିବା ପରମ୍ପରା ଦୀର୍ଘବର୍ଷ ହେବ ଚଳିଆସିଥିଲେ ମଧ୍ୟ ସମ୍ପ୍ରତି ସେଥିରେ ବ୍ୟତିକ୍ରମ କରାଯାଇଥିବାରୁ ଏନେଇ ଅସନ୍ତୋଷ ପ୍ରକାଶ ପାଇଥିଲା। ଏପରି କି ମା'ଙ୍କ ମନ୍ଦିର ପରିସରରେ ପାଇକଙ୍କ ଭାଗବତ ଘର ନିର୍ମାଣ କରାଯାଉ। ପାଇକମାନଙ୍କ ସମସ୍ୟାକୁ ନେଇ ଜିଲାପାଳଙ୍କ ନିକଟରେ ଉପସ୍ଥାପନ କରିବାକୁ ନିଷ୍ପତ୍ତି ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ରାହାସ ମଙ୍ଗରାଜ, ରବୀନ୍ଦ୍ର କୁମାର ମାର୍ଥା, ଅର୍ପିତ ସାମନ୍ତରାୟ, ଚରଣ ପାଇକରାୟ, ରବୀନ୍ଦ୍ର ଭୁଜବଳ, ସୁରେନ୍ଦ୍ର ଛୋଟରାୟ, ସୁକାନ୍ତ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ। ମାଧବ ପାଇକରାୟ ସ୍ୱାଗତ ଭାଷଣ ଦେଇଥିବା ବେଳେ ଗଙ୍ଗାଧର ପାଟଶାଣୀ ଧନ୍ୟବାଦ ଦେଇଥିଲେ। ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ କହିଥିଲେ, ଉଗ୍ରତାରାଙ୍କ ପୀଠରେ ପାଇକ ଦାୟାଦଙ୍କ ରହିଥିବା ସେବା ପରମ୍ପରା ସମ୍ପର୍କରେ କେହି ଆଲୋଚନା କରିନାହାନ୍ତି। କାହାରି ସେବା ପରମ୍ପରା ଉଚ୍ଛେଦ କରାଯାଇନାହିଁ। କିଛି ସମସ୍ୟା ରହିଛି, ଦୃଷ୍ଟିକୁ ଆଣିଲେ ସମାଧାନ କରାଯିବ।

### ଏକଦିବସୀୟ କ୍ରିକେଟ ଟୁର୍ନାମେଣ୍ଟ

# କଲାଙ୍ଗ ଚାମ୍ପିୟନ

**ବୋଲଗଡ଼,୯ା୧(ଡି.ଏନ୍.ଏ.)**

ବୋଲଗଡ଼ ବ୍ଲକ ଅନ୍ତର୍ଗତ କଲାଙ୍ଗ ପଞ୍ଚାୟତ ପକ୍ଷରୁ ପୁରୁଷ ହକି ବିଶ୍ୱକପ୍‌ର ପ୍ରଚାର ପାଇଁ ସୋମବାର ଏକଦିବସୀୟ ପଞ୍ଚାୟତ ହକି ବିଶ୍ୱକପ୍ କ୍ରିକେଟ ଟୁର୍ନାମେଣ୍ଟ ସ୍ଥାନୀୟ ଗୋଛାବାରି ଖେଳପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। କଲାଙ୍ଗ ଏବଂ ଫିରିଫିରା ଟିମ୍ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଫିରିଫିରା ଟିମ୍ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୮ ଉଇକେଟ ବିନିମୟରେ ୭୮ ରନ୍ ସଂଗ୍ରହ କରିଥିଲା। ଜବାବରେ କଲାଙ୍ଗ ଟିମ୍ ୯.୧ ଓଭରରେ ଦୁଇ ଉଇକେଟ ହରାଇ ୮୦ ରନ୍ ସଂଗ୍ରହ କରି ବିଜୟୀ ହେବା ସହ ଚାମ୍ପିୟନ ହୋଇଛି। ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ସରପଞ୍ଚଙ୍କ ପ୍ରତିନିଧି ରତିକାନ୍ତ ରାଉତରାୟ ମୁଖ୍ୟ ଅତିଥିଭାବେ ଯୋଗଦେଇ ଚାମ୍ପିୟନ ଟିମ୍‌କୁ କପ୍ ପ୍ରଦାନ କରିଥିଲେ। ସେହିପରି ଅତିଥିଭାବେ ଗ୍ରାମ୍ୟ କମିଟି ସଭାପତି ପ୍ରଶାନ୍ତ ହୋତା ଯୋଗଦେଇ ମ୍ୟାନ୍ ଅଫ୍ ଦି ଫାଇନାଲ ସୁଦୀପ୍ତ ହୋତାଙ୍କୁ ଏବଂ ନାଏବ ସରପଞ୍ଚ ପ୍ରଭାତ ସ୍ୱାଇଁ ମ୍ୟାନ୍ ଅଫ୍ ଦି ସିରିଜ୍ ଭାବେ ଶୁଭେନ୍ଦୁ ସ୍ୱାଇଁଙ୍କୁ ପୁରସ୍କୃତ କରିଥିଲେ। ଏହି ଅବସରରେ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ସଂଗ୍ରାମ ସିଂ, ଗ୍ରାମ ରୋଜଗାର ସେବକ ନିରଞ୍ଜନ ବାବୁଙ୍କ ସମେତ ସମସ୍ତ ୱାର୍ଡ ସଭ୍ୟାସଭ୍ୟ ଉପସ୍ଥିତ ଥିଲେ। ସଂଗ୍ରାମ କେଶରୀ ସାହୁ ଧନ୍ୟବାଦ ଦେଇଥିଲେ।




ଅତିଥିଙ୍କ ଗହଣରେ ଖେଳାଳିମାନେ।

# ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ ଆରମ୍ଭ

**ଜଟଣୀ,୯ା୧(ଡି.ଏନ୍.ଏ.)**

ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ୱାର୍ଡ ନମ୍ବର ୮ରେ ଥିବା ବିଦ୍ୟୁତ୍ ଉପଖଣ୍ଡ କାର୍ଯ୍ୟାଳୟ ପରିସରରୁ ସୋମବାର ଜବରଦଖଲ ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହୋଇଛି। ଜିଲା ପ୍ରଶାସନର ନିର୍ଦ୍ଦେଶକ୍ରମେ ସ୍ଥାନୀୟ ତହସିଲଦାର ରୁମାନା ଜାଫ୍ରି ଏବଂ ପୋଲିସ ଉପସ୍ଥିତିରେ ଉଚ୍ଛେଦ କରାଯାଇଥିଲା। ସୂଚନା ମୁତାବକ, ଜଟଣୀ ବିଦ୍ୟୁତ୍ ବିଭାଗରେ କାର୍ଯ୍ୟ କରୁଥିବା ଜଣେ କର୍ମଚାରୀ ଦୀର୍ଘ ୨୦ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ସରକାରୀ ଜମିକୁ ନିଜ ଦଖଲରେ ରଖିଥିଲେ। ଜବରଦଖଲକୁ ନେଇ ପ୍ରଶାସନ ନିକଟରେ ଅଭିଯୋଗ ହୋଇଆସୁଥିଲା। ଜଟଣୀ ତହସିଲ ଅନ୍ତର୍ଗତ ରାମଚନ୍ଦ୍ରପୁର ମୌଜାର ପ୍ଲଟ ନମ୍ବର ୧୪୩ ଓ ଖାତା ନମ୍ବର ୨୮୫କୁ ଜବରଦଖଲକାରୀ ନିଜ ଦାଖଲରେ ରଖି ଜବରଦାଖଲକାରୀ ଉକ୍ତ ଜମିରେ କୋଠା ନିର୍ମାଣ କରି ରହୁଥିଲେ। ଏନେଇ ବିଦ୍ୟୁତ୍ ବିଭାଗ ନିର୍ବାହୀ ଯନ୍ତ୍ରୀ ଜଟଣୀ ତହସିଲଦାରଙ୍କ ଜରିଆରେ ମାପଚୁପ କରି ଜବରଦଖଲକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଗତ ୨୦୧୬ ମସିହାରେ ତହସିଲଦାରଙ୍କୁ ଜଣାଇଥିଲେ। ୨୦୧୭ ମସିହାରେ ପୁନଃ ଜଟଣୀ ପ୍ରଗତି ପରିଷଦ ଏବଂ ସ୍ଥାନୀୟ ଜନସାଧାରଣ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିଲା। ଉକ୍ତ ସ୍ଥାନରୁ କୋଠା ଉଛେଦ ପାଇଁ ଜଟଣୀ ପ୍ରଗତି ପରିଷଦ ପକ୍ଷରୁ ଜିଲାପାଳ, ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ, ୫-ଟି ସଚିବ, ଆରଡିସି ଏବଂ ରାଜସ୍ୱ ସଚିବଙ୍କ ନିକଟରେ ଲିଖିତ ଅଭିଯୋଗ କରାଯାଇଥିଲା। ଅଭିଯୋଗକୁ ଆଧାର କରି ଜିଲା ପ୍ରଶାସନ ଜବରଦଖଲ ଉଚ୍ଛେଦ ପାଇଁ ଗତ ୧୨-୧୦-୨୦୨୨ ରେ ଜଟଣୀ ତହସିଲଦାରଙ୍କୁ ଚିଠି କରିଥିଲେ। ଜିଲା ପ୍ରଶାସନର ନିର୍ଦ୍ଦେଶକ୍ରମେ ତହସିଲଦାର ଏବଂ ପୋଲିସ ପ୍ରଶାସନର ଉପସ୍ଥିତିରେ ଉଚ୍ଛେଦ କରାଯାଇଛି। ତେବେ ଉଚ୍ଛେଦ ବେଳେ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ପହଞ୍ଚି ପ୍ରଶାସନିକ ଅଧିକାରୀଙ୍କ ସହିତ ଆଲୋଚନା କରିଥିବା ଦେଖିବାକୁ ମିଳିଥିଲା।




ଜେସିବି ମାଧ୍ୟମରେ ଜବରଦଖଲ ଉଚ୍ଛେଦ କରାଯାଉଛି।

**ଟେଇଶିପୁର ହାଇସ୍କୁଲ ୨୦୦୦ ବ୍ୟାଚର ବନ୍ଧୁମିଳନ**

ପିପିଲି,(ଡି.ଏନ୍.ଏ.): ପିପିଲି ବ୍ଲକ ଅନ୍ତର୍ଗତ ଟେଇଶିପୁର ହାଇସ୍କୁଲର ୨୦୦୦ ମସିହା ମାଟ୍ରିକ ବ୍ୟାଚର ବନ୍ଧୁମିଳନ ବଳପୁରସ୍ଥିତ ସାଗରସ୍ନାନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୨୩ ବର୍ଷ ପରେ ସମସ୍ତେ ଏକାଠି ହୋଇ ଛାତ୍ର ଜୀବନର ପୁରୁଣା ସ୍ମୃତିକୁ ମନେପକାଇଥିଲେ। ଉକ୍ତ ହାଇସ୍କୁଲଟି ରାଜ୍ୟ ସରକାରଙ୍କ ୫-ଟି ଯୋଜନାରେ ମଡେଲ ଶିକ୍ଷାନୀତିରେ ସାମିଲ ହୋଇଥିବାରୁ ଏହି ବ୍ୟାଚର ଛାତ୍ରାଛାତ୍ର ରାଜ୍ୟ ସରକାରଙ୍କ ଶିକ୍ଷା ବ୍ୟବସ୍ଥାକୁ ପ୍ରଶଂସା କରିଥିଲେ। ମିର୍ ଆଜାଦ୍, ପ୍ରକାଶ ରଥ, ସନ୍ତୋଷ ମହାପାତ୍ର, ସୁମନ୍ତ ପରିଡ଼ା, ଅଭିରାମ ଭଞ୍ଜ, ସୁଧାଂଶୁ ଶେଖର ବରାଳ, ରମଣୀ ରଞ୍ଜନ ପରଡ଼ା, ଦିଲୀପ ମହାନ୍ତି, ବାସୁଦେବ ବେହେରା, ରାକେଶ ମହାପାତ୍ର, ସୁମନ୍ତ ସାହୁ ପ୍ରମୁଖ ବନ୍ଧୁମିଳନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୯।୧।୨୦୨୩

| ୪,୮୨,୪୪୫ ଟଙ୍କା | |
|---|---|
| ସୁନା | ୩.୩୫୦ ଗ୍ରାମ |
| ରୁପା | ୧୦୦ ମିଲିଗ୍ରାମ |

# ସହରରେ ପଶିଲା ହାତୀ

ପୁରୀ ଅଫିସ, ୯।୧:

ପୁରୀ ସହରରେ ହାତୀ ଆତଙ୍କ। ସୋମବାର ଭୋର ସମୟରେ ଚନ୍ଦନପୁର ଅଞ୍ଚଳର ପ୍ରତାପ ପୁରୁଷୋତ୍ତମପୁର ଜଙ୍ଗଲ ନିକଟରେ ଏକ ଦନ୍ତାହାତୀ ଦେଖିବାକୁ ମିଳିଥିଲା। ପରେ କୃଷ୍ଣରଞ୍ଜନପୁର ଗାଁକୁ ହତୀଟି ପଶିଆସିଥିଲା। ରାତି ୯ଟାରେ ହାତୀଟି ତଳଜଙ୍ଘ ଅଞ୍ଚଳରେ ଥିବା ବେଳେ ରାତି ପ୍ରାୟ ୧୧ଟା ବେଳକୁ ପୁରୀ ସଦର ଅଞ୍ଚଳ ଅର୍ଥାତ ସହରକୁ ଲାଗିଥିବା ଖଡ଼ିଆବନ୍ଧ ଅଞ୍ଚଳରେ ପଶିଥିବା ସୂଚନା ମିଳିଛି। ଏହାକୁ କାବୁ କରିବା ପାଇଁ ଡିଏଫ୍ଓ ରାମାସ୍ୱାମୀଙ୍କ ନେତୃତ୍ୱରେ ରେଞ୍ଜରଙ୍କ ସମେତ ୫୦ରୁ ଅଧିକ ବନ କର୍ମଚାରୀ, ସଦର ଥାନା ଅଧିକାରୀ ସୁଶାନ୍ତ କୁମାର ବେହେରା, କୁମ୍ଭାରପଡ଼ା ଥାନା ଅଧିକାରୀ ଦିଲୀପ କୁମାର ସ୍ୱାଇଁ ପ୍ରମୁଖ ସେଠାରେ ଉପସ୍ଥିତ ରହିଛନ୍ତି। ତେବେ ବିଳମ୍ବିତ ରାତି ପର୍ଯ୍ୟନ୍ତ ହାତୀଟିକୁ ବନ ବିଭାଗ କାବୁ କରିବାରେ ବିଫଳ ହୋଇଥିବା ଜଣାପଡ଼ିଛି। ସୁରକ୍ଷା ଦୃଷ୍ଟିରୁ ମାର୍କଣ୍ଡେଶ୍ୱର ସାହି ସମେତ ମାଟିତୋଟା ଅଞ୍ଚଳରେ ବିଦ୍ୟୁତ ସରବରାହ ସଂଯୋଗ ବିଚ୍ଛିନ୍ନ କରାଯାଇଛି। ହାତୀଟି ଖାଦ୍ୟ ଅନ୍ୱେଷଣରେ ଚନ୍ଦକା ଜଙ୍ଗଲରୁ ଖୋର୍ଦ୍ଧା ବନଖଣ୍ଡ ଓ ଡେଲାଙ୍ଗ ଦେଇ ଚନ୍ଦନପୁରର କୃଷ୍ଣରଞ୍ଜନପୁରରେ ପହଞ୍ଚିଥିଲା। ପରେ ରାତିରେ ସହର ଆଡ଼କୁ ଚାଲିଆସିଛି। ହାତୀର ଗତିବିଧି ଉପରେ ନଜର ରଖାଯାଇଛି ବୋଲି ଡିଏଫଓ ରାମସ୍ୱାମୀ କହିଛନ୍ତି।

ସୂଚନା ଅନୁଯାୟୀ, ଗତ କିଛିଦିନ ହେଲା ଦନ୍ତାହାତୀଟି ପୁରୀ ଫରେଷ୍ଟ ରେଞ୍ଜ ଭିତରକୁ ଚାଲିଆସିଛି। ରବିବାର ରାତିରେ ଡେଲାଙ୍ଗ ଓ କଣାସ ଅଞ୍ଚଳରେ ହାତୀଟି ଦେଖିବାକୁ ମିଳିଥିଲା। ସୋମବାର ଭୋରୁ ଚନ୍ଦନପୁର, ପ୍ରତାପ ପୁରୁଷୋତ୍ତମପୁର, ପାଙ୍କଳ ଓ କୃଷ୍ଣରଞ୍ଜନପୁର ଅଞ୍ଚଳରେ ବୁଲୁଥିଲା। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ, ହାତୀଟି ରାସ୍ତା ଉପରେ ବୁଲୁଥିବାରୁ ଲୋକେ ଭୟଭୀତ ଅବସ୍ଥାରେ ରହିଛନ୍ତି। ସୁରକ୍ଷିତ ଭାବେ ହାତୀକୁ ଘଉଡ଼ାଇବା ପାଇଁ ସ୍ୱତନ୍ତ୍ର ପ୍ଲାନ କରିଛି ବନ ବିଭାଗ। ଅନ୍ୟପଟେ ପୁରୀ ବନଖଣ୍ଡ ଅଧିକାରୀଙ୍କ ସମେତ ଖୋର୍ଦ୍ଧା ବନଖଣ୍ଡ ଅଧିକାରୀ ଓ ସ୍ଥାନୀୟ ପୋଲିସ ସହାୟତାରେ ହାତୀର ଗତିବିଧି ଉପରେ ନଜର ରଖାଯାଇଛି। ଏପରିକି ସ୍ଥାନୀୟ ଅଞ୍ଚଳବାସୀଙ୍କୁ ସତର୍କ ରହିବା ସହ ଭୟଭୀତ ନ ହେବା ପାଇଁ କୁହାଯାଇଛି। କୃଷ୍ଣରଞ୍ଜନପୁର ଗ୍ରାମବାସୀ ସୁରେଶ ସାହୁ କହିଛନ୍ତି, ସୋମବାର ଭୋର ସମୟରେ କୁକୁର ଭୁକୁଥିଲେ। ତେବେ ଗାଁକୁ ଘୁଷୁରି ପଶିଆସିଥିବା ଆମେ ଭାବିଥିଲୁ। ମାତ୍ର ପରେ ଏକ ଦନ୍ତାହାତୀ ଗାଁ ନିକଟରେ ବୁଲୁଥିବା ଦେଖିବାକୁ ପାଇଥିଲୁ। ପ୍ରଶାସନ ହାତୀକୁ ଶୀଘ୍ର ଘଉଡ଼ାଇବା ପାଇଁ ପଦକ୍ଷେପ ନେବା ଉଚିତ। ସେହିପରି ଡିଏଫ୍ଓ ରାମାସ୍ୱାମୀ କହିଛନ୍ତି, ଖାଦ୍ୟ ଅନ୍ୱେଷଣରେ ହାତୀଟି ଗାଁ ଭିତରକୁ ଚାଲିଆସିଛି। ତାକୁ ପୋଲିସ ଓ ବନ ବିଭାଗ ଜଗି ରହିଛନ୍ତି। ଦିନରେ ହାତୀର ଯାତାୟତ ପ୍ରାୟ କମ୍ ରହିଥାଏ। ରାତିରେ ସେ ଯାତାୟତ କରିଥାଏ। ତା'ର ଗତିବିଧି ଉପରେ ନଜର ରଖାଯାଇଛି। ଏ ନେଇ ଉଚ୍ଚପଦସ୍ଥ ଅଧିକାରୀମାନଙ୍କ ସହ ଯୋଗାଯୋଗ ରହିଛି। ଯଦି ହାତୀଙ୍କୁ ଜଙ୍ଗଲ ମଧ୍ୟକୁ ଫେରାଇବାରେ ଅସୁବିଧା ହେବ ତେବେ ଟ୍ରାଙ୍କୁଲାଇଜର କରି ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯିବ। ହାତୀର ସୁରକ୍ଷାକୁ ଦୃଷ୍ଟିରେ ରଖି ସ୍ଥାନୀୟ ଅଞ୍ଚଳରେ ବିଦ୍ୟୁତ ସରବରାହ ବନ୍ଦ ରଖାଯାଇଛି। ସେହିପରି ଲୋକଙ୍କୁ ହାତୀ ନିକଟକୁ ନ ଯିବା ପାଇଁ ପରାମର୍ଶ ଦିଆଯାଇଛି।



ସୋମବାର ଭୋର ସମୟରେ ପ୍ରତାପ ପୁରୁଷୋତ୍ତମପୁର ଗାଁ ନିକଟ ଜଙ୍ଗଲରେ ହାତୀ।

**ଲୋକେ ଭୟଭୀତ**
- ହାତୀ ଘଉଡ଼ାଇବାକୁ ବନ ବିଭାଗର ଉଦ୍ୟମ ଜାରି
- ସୁରକ୍ଷା ଦୃଷ୍ଟିରୁ ବିଦ୍ୟୁତ ସରବରାହ ବନ୍ଦ କରାଗଲା

## ରାସ୍ତାକାର୍ଯ୍ୟ ନିମ୍ନମାନର ଅଭିଯୋଗ

ପିପିଲି,୯।୧(ଡି.ଏନ୍.ଏ.)

ରାଜ୍ୟ ସରକାର ଗ୍ରାମର ବିକାଶ ପାଇଁ ବିଭିନ୍ନ ଯୋଜନା ଦ୍ୱାରା ବିଦ୍ୟାଳୟଠାରୁ ଆରମ୍ଭ କରି ପୋଖରୀ, କାର୍ଯ୍ୟାଳୟ, ରାସ୍ତାକୁ ଉନ୍ନତୀକରଣ କରୁଛନ୍ତି। ହେଲେ କାର୍ଯ୍ୟଗୁଡ଼ିକୁ ଅଧିକାରୀମାନେ ତଦାରଖ କରୁ ନ ଥିବାରୁ କେତେକ ଉନ୍ନୟନ କାର୍ଯ୍ୟ ନିମ୍ନମାନର ହେଉଥିବା ଅଭିଯୋଗ ହେଉଛି। ଏହି ପରିପ୍ରେକ୍ଷୀରେ ପୁରୀ ଜିଲା ପିପିଲି ବ୍ଲକ ଅଞ୍ଚଳରେ ଏକ ରାସ୍ତା କାର୍ଯ୍ୟ ହେଉଥିବା ବେଳେ ଠିକାଦାର ମନମୁଖି କାର୍ଯ୍ୟ କରୁଥିବା ଅଭିଯୋଗ ହେଉଛି। ବ୍ଲକର ପିପିଲି ହାଟ ଛକଠାରୁ ଦାଣ୍ଡମୁକୁନ୍ଦପୁର ପର୍ଯ୍ୟନ୍ତ ରାସ୍ତା ପ୍ରଶସ୍ତୀକରଣ ସହ ଆଲୋକୀକରଣ କାର୍ଯ୍ୟ ହେଉଛି। ହାଟ ଛକ ୧କି.ମି. ୮୦୦ରୁ ଦାଣ୍ଡମୁକୁନ୍ଦପୁର ୪କି.ମି. ୮୦୦ ପର୍ଯ୍ୟନ୍ତ ଏହି ୩କିମି ରାସ୍ତାର ସମ୍ପ୍ରସାରଣ କରାଯିବ। ଏଥିପାଇଁ ୫କୋଟି ୨୪ହଜାର ୮୪୪ ଟଙ୍କ ମଞ୍ଜୁର କରାଯାଇଥିବା ବେଳେ ୨୦୨୨ ମେ ୧୯ରେ ବିଧାୟକ ରୁଦ୍ରପ୍ରତାପ ମହାରଥୀ ରାସ୍ତା କାର୍ଯ୍ୟର ଶୁଭ ଦେଇଥିଲେ। ତେବେ ଉକ୍ତ କାର୍ଯ୍ୟ କାକଟପୁର ଅଞ୍ଚଳର ଜଣେ ଠିକାଦାର ନେଇଥିଲେ ମଧ୍ୟ ସେ ନ କରି ପିପିଲି ଅଞ୍ଚଳର ଜଣେ ଠିକାଦାରଙ୍କ ଜରିଆରେ କରିଥିଲେ। ଫଳରେ ଉକ୍ତ ଠିକାଦାର ପିପିଲି ବ୍ଲକ ଛକଠାରୁ ଦାଣ୍ଡମୁକୁନ୍ଦପୁର ବଡ଼ ପୋଖରୀ ପର୍ଯ୍ୟନ୍ତ ରାସ୍ତାର ୨ପାର୍ଶ୍ୱକୁ ଜେସିବି ସାହାଯ୍ୟରେ ଖୋଳିଦେଇ ମାଟି ସବୁ ରାସ୍ତାରେ ପକାଇ ଦେଇଛନ୍ତି। ଅନ୍ୟପଟେ ଗୋଟିଏ ପାର୍ଶ୍ୱରୁ ରାସ୍ତା କାର୍ଯ୍ୟ ଆରମ୍ଭ ନ କରି ରାସ୍ତା ସାରା ଖୋଳି ଖାଲଖମା କରିଦେଇଛନ୍ତି। ଏଥିଯୋଗୁ ଲୋକେ ଯାତାୟାତବେଳେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିସହ ରାସ୍ତାପାର୍ଶ୍ୱରେ ଥିବା ବହୁ ପୁରାତନ ଗଛ ସବୁ କାଟି ନେଇଯାଇଥିବା ଦେଖିବାକୁ ମିଳିଛି। ଅନ୍ୟପଟେ ରାସ୍ତା କାର୍ଯ୍ୟ ହେଉଥିବା ବେଳେ କୌଣସି ଅଧିକାରୀ, ଯନ୍ତ୍ରୀ ତଦାରଖ କରୁ ନ ଥିବାରୁ ନିମ୍ନମାନର ସାମଗ୍ରୀ ବ୍ୟବହାର କରୁଥିବା ଅଭିଯୋଗ ହେଉଛି। ତେଣୁ ବିଭାଗୀୟ ଅଧିକାରୀ, ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ତଦାରଖ କରିବା ପାଇଁ ସାଧାରଣରେ ଦାବି ହେଉଛି।



ଲଗାଯାଇଥିବା ସୂଚନା ଫଳକ।

## ସଂକ୍ଷେପରେ

### ମନ୍ଦିର ଦାନବାକ୍ସ ଲୁଟ୍ ଘଟଣା: ଅଭିଯୁକ୍ତ ଗିରଫ

ପିପିଲି,୯।୧(ଡି.ଏନ୍.ଏ./ସ୍ୱ.ପ୍ର.): ବିଶ୍ୱନାଥ ଦେବ ମନ୍ଦିର ଦାନବାକ୍ସରୁ ଲୁଟ୍ ଅଭିଯୋଗରେ ପିପିଲି ପୋଲିସ ସୋମବାର ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ପିପିଲି ଥାନା ଅନ୍ତର୍ଗତ ଲୋହପୁର ଗ୍ରାମର ଲକ୍ଷ୍ମୀଧର ବେହେରା (୨୭)। ଏନେଇ ପୋଲିସ ଏକ ମାମଲା (ନଂ. ୧୧/୨୨) ରୁଜୁ କରି ତାଙ୍କ ପାଖରୁ ୫,୩୩୦ ଟଙ୍କା ଜବତ କରିଛି। ଗତ ଡିସେମ୍ବର ୮ ତାରିଖରେ ବିଶ୍ୱନାଥ ଦେବ ମନ୍ଦିର ଦାନବାକ୍ସରୁ ଚୋରି ହୋଇଥିଲା। ସମ୍ପୃକ୍ତ ଅଭିଯୁକ୍ତ ୨୮ ଡିସେମ୍ବରରେ ପିପିଲି ଥାନା ଅନ୍ତର୍ଗତ ଅର୍ଜୁନେଶ୍ୱର ଦେବ ମନ୍ଦିର ଦାନବାକ୍ସରୁ ଚୋରିରେ ସମ୍ପୃକ୍ତ ଥିବା ନେଇ ଥାନା ଅଧିକାରୀ ଅଭିମନ୍ୟୁ ନାୟକ ସୂଚନା ଦେଇଛନ୍ତି।

### ଜିଲାପାଳଙ୍କ ପ୍ରତିଶ୍ରୁତି ପରେ ଭାଜପାର ଆନ୍ଦୋଳନ ପ୍ରତ୍ୟାହୃତ

ନିମାପଡ଼ା,୯।୧(ଡି.ଏନ୍.ଏ.): ଜିଲାପାଳଙ୍କ ପ୍ରତିଶ୍ରୁତି ପରେ ନିମାପଡ଼ା ବ୍ଲକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀ ଚୟନରେ ବ୍ୟାପକ ଚଞ୍ଚକତା ପ୍ରତିବାଦରେ ଭାଜପା ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ୫ ଦିନ ଧରି ଚାଲିଥିବା ଗଣଧାରଣା ସୋମବାର ପ୍ରତ୍ୟାହୃତ ହୋଇଛି। ପୁରୀ ଜିଲାପାଳ ସମର୍ଥ ବର୍ମା ବିଡିଓ ବସନ୍ତ ମଲ୍ଲିକଙ୍କ ସହ ଆଲୋଚନା କରିବା ପରେ ଭାଜପା ନେତୃବୃନ୍ଦମାନେ ୬ ଦଫା ଦାବି ସମ୍ବଳିତ ଦାବିପତ୍ର ବିଡିଓ ମଲ୍ଲିକଙ୍କୁ ପ୍ରଦାନ କରିଥିଲେ। ଏହା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଭାଜପା ରାଜ୍ୟ ଉପସଭାପତି ପ୍ରଭାତୀ ପରିଡ଼ା, ବରିଷ୍ଠ ନେତା ଦିଲ୍ଲୀପ ନାୟକ, ବିଧାନସଭା ସଂଯୋଜକ ପ୍ରଦୀପ୍ତ ନାୟକ, ପୂର୍ଣ୍ଣଚନ୍ଦ୍ର ଓଝା, ସରପଞ୍ଚ ଦେବାଶିଷ ଆଚାର୍ଯ୍ୟ, ମୀନଲତା ମହାନ୍ତି, ସୌଦାମିନୀ ସେନାପତି, ମାନସ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ପ୍ରଶାସନିକ ଉଦାସୀନତା, ଶାସକ ଦଳର ଭ୍ରଷ୍ଟାଚାରୀ, କଳଙ୍କିତ, ମନମୁଖୀ ଏକଛତ୍ରବାଦ ଶାସନକୁ ତୀବ୍ର ନିନ୍ଦା କରିଥିଲେ। ଆସନ୍ତା ୧୫ ଦିନ ମଧ୍ୟରେ ପ୍ରଶାସନ ପକ୍ଷରୁ ଦାବି ପୂରଣ କରା ନ ଗଲେ ଭାଜପା ପକ୍ଷରୁ ଦୁର୍ବାର ଗଣଆନ୍ଦୋଳନ କରାଯାଇ ପ୍ରଶାସନକୁ ଅଚଳ କରାଯିବ ବୋଲି ଭାଜପା ନେତା ପରିଡ଼ା ଓ ନାୟକ ଚେତାବନୀ ଦେଇଛନ୍ତି।



ନିମାପଡ଼ା ଭାଜପା ପକ୍ଷରୁ ବିଡିଓ ବସନ୍ତ ମଲ୍ଲିକଙ୍କୁ ୬ ଦଫା ଦାବିପତ୍ର ପ୍ରଦାନ କରାଯାଉଛି।

## ଧନୁଆ ନଦୀରେ ବନ୍ୟା ନିୟନ୍ତ୍ରଣ ନେଇ ଆଲୋଚନା

ପୁରୀ ଅଫିସ, ୯।୧:

**ଜିଲା ପ୍ରଶାସନକୁ ଭେଟିଲା ନୀଳାଚଳ କୃଷକ ମହାସଂଘ**

କୃଷକଙ୍କ ବିଭିନ୍ନ ସମସ୍ୟା ନେଇ ନୀଳାଚଳ କୃଷକ ସଂଘ ଓ ପୁରୀ ଜିଲା ପ୍ରଶାସନ ମଧ୍ୟରେ ଆଲେଚନା ହୋଇଯାଇଛି। ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜିଲାପାଳ ସମର୍ଥ ବର୍ମା, ଅତିରିକ୍ତ ଜିଲାପାଳ ପ୍ରଦୀପ୍ତ କୁମାର ସାହୁ ଓ ନୀଳାଚଳ କୃଷକ ମହାସଂଘର ପ୍ରମୁଖ କର୍ମକର୍ତ୍ତା ଏହି ବୈଠକରେ ଉପସ୍ଥିତ ଥିଲେ। ଗତ ୭ତାରିଖରେ ଜିଲା ପ୍ରଶାସନକୁ ଦିଆଯାଇଥିବା ସ୍ମାରକ ପତ୍ର ନେଇ ମହାସଂଘର ରାଜ୍ୟ ସଭାପତି ଗୋପୀନାଥ ମିଶ୍ର ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ବାରମ୍ବାର ଦାବି ସତ୍ତ୍ୱେ ପଦକ୍ଷେପ ନିଆଯାଉନାହିଁ ବୋଲି ମହାସଂଘ ଉପଦେଷ୍ଟା ମଣ୍ଡଳୀର ଅଧ୍ୟକ୍ଷ ନିରଞ୍ଜନ ମହାପାତ୍ର ଓ ଉପସଭାପତି ପ୍ରକାଶ କୁମାର ନାୟକ ଅଭିଯୋଗ ଆଣି ଉଦ୍‌ବେଗ ପ୍ରକାଶ କରିଥିଲେ। ମାଷ୍ଟର ପ୍ଲାନ ଜରିଆରେ ପୁରୀ ଜିଲାରେ ଜଳ ନିଷ୍କାସନ, ଜଳସେଚନ, ଜଳ ସଂରକ୍ଷଣ, ବନ୍ୟା ନିୟନ୍ତ୍ରଣ, ଫନୀ କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ପ୍ରଦାନ, ଫସଲର ଅଭାବୀ ବିକ୍ରି ରୋକିବା, ଧାନମଣ୍ଡିରେ ଅବ୍ୟବସ୍ଥା, ଚାଷୀଙ୍କ ଇନସ୍ୟୁରାନ୍ସ ଅର୍ଥ ଦେବା, ନଦୀ ଖନନରେ ଅନିୟମିତତା, ଶସ୍ୟ ସଂରକ୍ଷଣ, ଶୀତଳ ଭଣ୍ଡାର ନିର୍ମାଣ, ଜବ୍‌କାର୍ଡଧାରୀଙ୍କୁ କାର୍ଯ୍ୟ ଦେବା ପ୍ରଭୃତି ଦାବି କରାଯାଇଥିଲା। ଧନୁଆ ନଦୀରେ ବନ୍ୟା ନିୟନ୍ତ୍ରଣ ପାଇଁ ପୂର୍ବରୁ ଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ତାହା ଅଦ୍ୟାବଧି କାର୍ଯ୍ୟକାରୀ ହୋଇନାହିଁ। ଖୁବଶୀଘ୍ର ଅଧିକାରୀମାନଙ୍କୁ ଡକାଇ ଏକ ବୈଠକ କରିବା ପାଇଁ ଅତିରିକ୍ତ ଜିଲାପାଳଙ୍କୁ ଏବଂ କ୍ଷେତ୍ର ପରିଦର୍ଶନ କରି ଅଭିଯୋଗର ସତ୍ୟାସତ୍ୟ ପରଖିବା ଲାଗି ଜିଲାପାଳଙ୍କ ସ୍ୱତନ୍ତ୍ର ଅଧିକାରୀ ଲକ୍ଷ୍ମୀଧର ମହାରଣାଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିବା କୃଷକ ସଂଘ ପକ୍ଷରୁ କୁହାଯାଇଛି। ଉକ୍ତ ବୈଠକରେ କୃଷକ ପ୍ରତିନିଧି ଭାବେ ମହାସଂଘର କଣାସ ବ୍ଲକ ସଭାପତି କେଦାରେଶ୍ୱର ପରିଡା, ଡେଲାଙ୍ଗ ବ୍ଲକ ସଭାପତି ସର୍ବେଶ୍ୱର ନାୟକ, ମୁନିନ୍ଦା ସରପଞ୍ଚ ଶେଷଦେବ ବାରିକ, ସାଙ୍ଗଠନିକ ସମ୍ପାଦକ ସମରେନ୍ଦ୍ର ସାହୁ, ଡେଲାଙ୍ଗ ବ୍ଲକ ସମ୍ପାଦକ ଉଲ୍ଲାସ ନାୟକ, ସତ୍ୟବାଦୀ ବ୍ଲକ ସଭାପତି ସୁଶାନ୍ତ କୁମାର ଶତପଥି ଏବଂ ଗୋପ ବ୍ଲକ ସଭାପତି ବିପ୍ରବର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ମାରଣାସ୍ତ୍ର ଦେଖାଇ ବଟି ଆଦାୟ : ୪ ଗିରଫ

### ୨ ଭାଇଙ୍କ ନାମରେ ପୂର୍ବରୁ ରହିଛି ୨୭ ଅଭିଯୋଗ

ପୁରୀ ଅଫିସ, ୯।୧:

ବଟି ଆଦାୟ ଅଭିଯୋଗରେ ପୃଥକ ମାମଲାରେ ୪ଜଣଙ୍କୁ ଗିରଫ କରାଯାଇଛି। କୁମ୍ଭାରପଡ଼ା ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେ ହେଲେ ଉକ୍ତ ଥାନା ଅନ୍ତର୍ଗତ ପତିତପାବନ ଲେନ୍‌ର ରାକେଶ କୁମାର ସ୍ୱାଇଁ (୩୬)। ତାଙ୍କଠାରୁ ଗୋଟିଏ ଛୁରି ଓ ୨୮୦ ଟଙ୍କା ଜବତ କରାଯାଇଛି। ଏ ନେଇ ପୋଲିସ ଏକ କେସ୍ (ନଂ. ୬/୨୩) ରୁଜୁ କରିଛି। ସେହିପରି ବାସେଳି ସାହି ଥାନା ଅନ୍ତର୍ଗତ ମଶାଣିଚଣ୍ଡୀ ଛକ ନିକଟରେ ଦୋକାନୀଙ୍କଠାରୁ ବଟି ଆଦାୟ ଅଭିଯୋଗରେ ବାସେଳି ସାହି ଥାନା ପୋଲିସ ଦୁଇଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ମାର୍କେଣ୍ଡଶ୍ୱର ସାହି ହରିଜନ ବସ୍ତିର ଶ୍ରୀଧର ନାୟକ (୨୮) ଏବଂ ସରୋଜ ନାୟକ (୨୫)। ଦୁହେଁ ଭାଇ ବୋଲି ଜଣାପଡ଼ିଛି। ସେମାନଙ୍କ ନିକଟରୁ ପୋଲିସ ଗୋଟିଏ ଲାଠି, ଗୋଟିଏ ଛୁରୀ ଏବଂ ୫୦୦ ଟଙ୍କା ଜବତ କରିଛି। ଏ ନେଇ ଏକ କେସ୍ ନଂ. ୧୨/୨୩ ରୁଜୁ କରାଯାଇଛି। ସୂଚନା ଅନୁଯାୟୀ, ରାକେଶଙ୍କ ନାମରେ ପୂର୍ବରୁ ୭ରୁ ଅଧିକ ଡକାୟତି, ଚୋରୀ ସହ ବିଭିନ୍ନ ସଙ୍ଗିନ ଅଭିଯୋଗ ରହିଛି। ଶ୍ରୀଧରଙ୍କ ନାମରେ ପୂର୍ବରୁ ୧୬ଟି ଓ ସରୋଜଙ୍କ ବିରୋଧରେ ୧୧ଟି କେସ୍ ରହିଛି। ସେହିପରି ସ୍ୱର୍ଗଦ୍ୱାର ନିକଟରେ ମଦ୍ୟପାନ କରି ବଟି ଆଦାୟ ଅଭିଯୋଗରେ ବାଲିନୋଳିଆ ସାହିର ଏସ୍. କାଲୁ ରାଓ (୪୭ଙ୍କୁ ପୋଲିସ ଗିରଫ କରିଛି। ତାଙ୍କଠାରୁ ୩୦୦ ଟଙ୍କା ଜବତ ହୋଇଛି। ଏ ନେଇ କେସ୍ ନଂ. ୯/୨୩ ରୁଜୁ କରାଯାଇଛି।

## ‘ଯୋଗ୍ୟ ହିତାଧିକାରୀ ବଞ୍ଚିତ ନ ହେବା ପ୍ରତି ଦୃଷ୍ଟି ଦିଅ’

ପୁରୀ ଅଫିସ, ୯।୧:

ରାଜ୍ୟ ଖାଦ୍ୟ ଆୟୋଗର ଅଧ୍ୟକ୍ଷ ପ୍ରମୋଦ କୁମାର ମେକାପ ସୋମବାର ପୁରୀ ଜିଲା ଗସ୍ତରେ ଆସି ଖାଦ୍ୟ ସୁରକ୍ଷା ସମ୍ପର୍କରେ ସମୀକ୍ଷା କରିଛନ୍ତି। ଅଧ୍ୟକ୍ଷ ମେକାପ ସର୍କିଟ ହାଉସରେ ପହଞ୍ଚିବା ପରେ ଜିଲା ପ୍ରଶାସନ ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇଥିଲା। ସମୀକ୍ଷା ବୈଠକରେ ଜିଲାପାଳ ସମର୍ଥ ବର୍ମା ଖାଦ୍ୟ ସୁରକ୍ଷା ସମ୍ପର୍କରେ ପଦକ୍ଷେପ ଓ ସ୍ଥିତି ସମ୍ପର୍କରେ ସୂଚନା ଦେଇଥିଲେ। ଖାଦ୍ୟ ସୁରକ୍ଷା ଆଇନ ଅନୁଯାୟୀ, ପ୍ରକୃତ ହିତାଧିକାରୀ ଯେପରି ସୁବିଧା ପାଆନ୍ତି ଓ କୌଣସି ଯୋଗ୍ୟ ହିତାଧିକାରୀ ବଞ୍ଚିତ ନ ହୁଅନ୍ତି ସେଥିପ୍ରତି ପ୍ରଶାସନ ଉଦ୍ୟମ କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟପକ୍ଷରେ ଯଦି ଏ ସମ୍ପର୍କରେ କୌଣସି ଅଭିଯୋଗ ଆସୁଛି, ତେବେ ତ୍ୱରାନ୍ୱିତ ପ୍ରକ୍ରିୟାରେ ତାହାର ସମାଧାନ କରିବାକୁ ସେ କହିଥିଲେ। ବୈଠକରେ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଖାଦ୍ୟ ସୁରକ୍ଷାର ଜିଲା ଅଭିଯୋଗ ସମାଧାନ ଅଧିକାରୀ ଜ୍ୟୋତି ଶଙ୍କର ମହାପାତ୍ର, ଖାଦ୍ୟ ସୁରକ୍ଷା ଆୟୋଗର ସଦସ୍ୟା ସଚିବ ଶିବାନୀ ମହାନ୍ତି, ଜିଲା ଯୋଗାଣ ଅଧିକାରୀ ସୁବୋଧ କୁମାର ହୋତା ଏବଂ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ପରେ ଅଧ୍ୟକ୍ଷ ଓ ସଦସ୍ୟ କେତେକ ସୁଲଭ ଖାଉଟି ବିକ୍ରୟ କେନ୍ଦ୍ର ଏବଂ ଜିଲା ମୁଖ୍ୟ ଚିକିତ୍ସାଳୟର ଏନ୍‌ଆର୍‌ସି କେନ୍ଦ୍ର ପରିଦର୍ଶନ କରିଥିଲେ।




ଜମ୍ମୁର ରାଜୌରୀ ଅଞ୍ଚଳରେ ଗତ ୧ ତାରିଖରେ ଆତଙ୍କବାଦୀ ୬ ଜଣ ହିନ୍ଦୁଙ୍କୁ ହତ୍ୟା କରିବା ଘଟଣାରେ ଉପଯୁକ୍ତ ନ୍ୟାୟ ଦାବିରେ ଅର୍ନ୍ତଃରାଷ୍ଟ୍ରୀୟ ହିନ୍ଦୁ ପରିଷଦ ପୁରୀ ରାଷ୍ଟ୍ରୀୟ ବଜରଙ୍ଗ ଦଳ ପକ୍ଷରୁ ସୋମବାର ଜିଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀ ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦିଆଯାଇଛି।

## ସୂର୍ଯ୍ୟମନ୍ଦିର ପରିଦର୍ଶନ କଲେ ଛତିଶଗଡ଼ ରାଜ୍ୟପାଳ

କୋଣାର୍କ,୯।୧(ଡି.ଏନ୍.ଏ.)

ଛତିଶଗଡ଼ ରାଜ୍ୟପାଳ ଅନୁସୂୟା ଉକି ସୋମବାର ଅପରାହ୍ନରେ କୋଣାର୍କ ସୂର୍ଯ୍ୟମନ୍ଦିର ଓ ଚନ୍ଦ୍ରଭାଗା ବେଳାଭୂମି ପରିଦର୍ଶନ କରିଛନ୍ତି। ପ୍ରଥମେ ସେ କୋଣାର୍କରେ ପହଞ୍ଚି ସୂର୍ଯ୍ୟମନ୍ଦିର ବୁଲି ଦେଖିବା ସହ ବିଭିନ୍ନ ସୂକ୍ଷ୍ମ କାରୁକାର୍ଯ୍ୟ ଦେଖି ପ୍ରଶଂସା କରିଥିଲେ। କୋଣାର୍କ ମ୍ୟୁଜିୟମ ଅଧିକାରୀ ପ୍ରତାପ କୁମାର ନାୟକ ସୂର୍ଯ୍ୟମନ୍ଦିରର ଐତିହାସିକ ତଥ୍ୟ ବୁଝାଇ ଦେଖାଇଥିଲେ। ଏହାପରେ ଚନ୍ଦ୍ରଭାଗା ବେଳାଭୂମିକୁ ଯାଇଥିଲେ। ରାଜ୍ୟପାଳଙ୍କ ଏହି ଗସ୍ତ ସମୟରେ ଅତିରିକ୍ତ ଜିଲାପାଳ ଦିଲୀପ ମହାପାତ୍ର, ତହସିଲଦାର ଶେଖ ସାଗିର, କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମିୟ ସେଠୀ, କୋଣାର୍କ ଥାନା ଆଇଆଇସି ରଞ୍ଜନ ମଲ୍ଲିକ ପ୍ରମୁଖ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ପୋଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।



ସୂର୍ଯ୍ୟ ମନ୍ଦିର ପରିଦର୍ଶନ ଅବସରରେ ଛତିଶଗଡ଼ ରାଜ୍ୟପାଳ ଅନୁସୂୟା ଉକି ଏବଂ ଅନ୍ୟମାନେ।

## କ୍ରାଉନ୍ ସ୍ପୋର୍ଟିଂକୁ ହରାଇ ସେମିରେ କଟକ ସୋଲାର

**୧୪ତମ ସର୍ବଭାରତୀୟ ନିମାପଡ଼ା କପ୍ କ୍ରିକେଟ୍**

ନିମାପଡ଼ା,୯।୧(ଡି.ଏନ୍.ଏ.)

ନିମାପଡ଼ା ଆଥ୍‌ଲେଟିକ୍ ଆସୋସିଏଶନ ପକ୍ଷରୁ ସ୍ଥାନୀୟ ବାରବାଟୀ ଗ୍ରାଉଣ୍ଡରେ ଆୟୋଜିତ କିଶୋର ପଣ୍ଡା ସ୍ମାରକୀ ୧୪ତମ ସର୍ବଭାରତୀୟ ନିମାପଡ଼ା କପ୍ କ୍ରିକେଟ୍ ପ୍ରତିଯୋଗିତାର ସୋମବାର ୨ୟ କ୍ୱାର୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ମ୍ୟାଚ୍‌ରେ ଭୁବନେଶ୍ୱର କ୍ରାଉନ୍ ସ୍ପୋର୍ଟିଂକୁ ପରାସ୍ତ କରି ଜୋବ୍ରା ସୋଲାର କଟକ ବିଜୟ ହାସଲ କରି ସେମିଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ଭୁବନେଶ୍ୱର କ୍ରାଉନ୍ ସ୍ପୋର୍ଟିଂ ନିର୍ଦ୍ଧାରିତ ୩୦ ଓଭରରେ ୨୮.୫ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୩୫ ରନ୍ ସଂଗ୍ରହ କରିଥିଲା। ଦଳର କିଶାନ ରଥ ୩ ଚଉକା ସହାୟତାରେ ସର୍ବାଧିକ ୩୨ ରନ୍, ଆକାଶ ଗୋଚ୍ଛାୟତ ୩ ଚଉକା ଓ ୧ ଛକା ସହାୟତାରେ ୨୮ ରନ୍ କରିଥିଲେ। ପ୍ରତିପକ୍ଷ କଟକର ବୋଲର ପ୍ରଦୀପ୍ତ ଦାସ ସର୍ବାଧିକ ୪, ରିଷିକେଶ ସାହୁ ୩, ରୋହିତ ହଡ୍‌କେ ୨ଟି ଉଇକେଟ୍ ଅକ୍ତିଆର କରିଥିଲେ। ମ୍ୟାଚ୍‌ର ୨ୟାର୍ଦ୍ଧରେ ବ୍ୟାଟିଂ କରି କଟକ ୨୭.୧ ଓଭରରେ ୮ ଉଇକେଟ୍ ହରାଇ ୧୩୬ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ଦଳର ବିଶାଲ କର ୩ ଚଉକା, ୩ ଛକା ସହାୟତାରେ ୫୭ ରନ୍ ସଂଗ୍ରହ କରିଥିଲେ। ପ୍ରତିପକ୍ଷ ଦଳର ବୋଲର ଲକ୍ଷ୍ମୀଧର ପ୍ରଧାନ ୩, ବ୍ରଜସୁନ୍ଦର ୨, ସୂର୍ଯ୍ୟକାନ୍ତ ଭୂତିଆ ୨ଟି ଉଇକେଟ୍ ନେଇଥିଲେ। ଓଡ଼ିଶା କ୍ରିକେଟ୍ ଆସୋସିଏଶନ (ଓସିଏ)ର ସ୍ୱୀକୃତିପ୍ରାପ୍ତ ଅମ୍ପାୟାର ଅଭିନନ୍ଦନ ପାତ୍ର, ତ୍ରିଭୁବନ ନାଥ ଦାସ ମ୍ୟାଚ ପରିଚାଳନା କରିଥିଲେ। ଓମ୍ ପ୍ରକାଶ ଓ ରୋଶନଜିତ୍ ରାୟ ସ୍କୋରର ଥିଲେ। ବିଜୟୀ ଦଳର ବିଶାଲଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇ ସ୍ୱତନ୍ତ୍ର ଭାବେ ପୁରସ୍କୃତ କରାଯାଇଥିଲା। ଅତିଥି ଭାବେ ଶିକ୍ଷାବିତ୍ ଅଧ୍ୟାପକ ସୁବ୍ରତ ମହାନ୍ତି, ଯୁବ କ୍ରୀଡ଼ାବିତ୍ ମାନସ ବେଉରା, କ୍ରୀଡ଼ା ସଂଗଠକ ଅକ୍ଷୟ ବେହେରା, ନିମାପଡ଼ା ଆଥ୍‌ଲେଟିକ୍ ଆସୋସିଏଶନ ସମ୍ପାଦକ ଜୀବନାନନ୍ଦ ମହାପାତ୍ର, ଶିକ୍ଷାବିତ୍ ଅମରେଶ ନନ୍ଦନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ମଙ୍ଗଳବାର ପ୍ରଥମ ସେମିଫାଇନାଲ ମ୍ୟାଚ୍‌ରେ ଭୁବନେଶ୍ୱର ଏକାଦଶ ଏବଂ କଟକ ଜୋବ୍ରା ସୋଲା ମୁହାଁମୁହିଁ ହେବେ।




କୃତୀ ଖେଳାଳିଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଉଛି।

# ଡଟ୍ ଫେଷ୍ଟରେ ଜମିବ ‘ନାଇଟ୍ ବଜାର’

ଭୁବନେଶ୍ୱର, ୯।୧ (ବ୍ୟୁରୋ)

ହକି ବିଶ୍ୱକପ୍ ପାଇଁ ଏବେଠୁ ରାଜଧାନୀରେ ଆରମ୍ଭ ହୋଇଯାଇଛି ଉତ୍ସବ। ପୁଣି ଆଗକୁ ରହିଛି ବଡ଼ ମହୋତ୍ସବ। ମନୋରଞ୍ଜନ ସହ ସ୍ୱତନ୍ତ୍ର ଆତିଥେୟତା ପ୍ରଦାନ କରିବାକୁ ଜାନୁୟାରୀ ୧୫ରୁ ଆରମ୍ଭ ହେଉଛି ‘ଡଟ୍ ଫେଷ୍ଟ ଭୁବନେଶ୍ୱର’। ନାଚ, ଗୀତ ସାଙ୍ଗକୁ ମୁମ୍ବାଇର ତାରକାଙ୍କ ଗହଣରେ କୋଳାହଳମୟ ହୋଇପଡିବ ସାରା ରାଜଧାନୀ। ୧୫ରୁ ୨୯ ତାରିଖ ୧୫ଦିନ ଧରି ଡଟ୍ ଫେଷ୍ଟ ମାହୋଲରେ ଝୁମିବେ ଖେଳାଳି, ଅତିଥି ଓ ସହରବାସୀ। ତେବେ ଡଟ୍ ଫେଷ୍ଟର ଅଂଶବିଶେଷ ଭାବେ ଖୋଲିବ ନାଇଟ୍ ବଜାର ବା ଫ୍ଲି ମାର୍କେଟ୍, ଯାହାକି ଅନ୍ୟତମ ଆକର୍ଷଣ ସାଜିବ। ପ୍ରଥମ ଥର ‘ନାଇଟ୍ ବଜାର’ ଡଟ୍ ଫେଷ୍ଟରେ ସ୍ଥାନ ପାଇଥିବାରୁ ଏହାକୁ ନେଇ ଲୋକଙ୍କ ମଧ୍ୟରେ ଏବେଠାରୁ ଉତ୍ସାହ ଦେଖାଦେଲାଣି। ଜାନୁୟାରୀ ୧୫ରୁ ୨୯ ତାରିଖ ପର୍ଯ୍ୟନ୍ତ ଏକାମ୍ର ହାଟରେ ଏହି ବଜାର ଚାଲିବ। ଏଥିପାଇଁ ନୂଆ ରୂପରେ ସଜେଇ ହେଉଛି ଏକାମ୍ର ହାଟ। ଓଡ଼ିଶା ସହ ୧୧ଟି ରାଜ୍ୟ ଏଥିରେ ସାମିଲ ହେବେ। ରାଜଧାନୀବାସୀଙ୍କୁ ଏହା ଏକ ନୂଆ ଅନୁଭୂତି ଆଣିଦେବା ସହ ଆଞ୍ଚଳିକ ଶିଳ୍ପୀ, କଳାକାର, ଷ୍ଟାର୍ଟଅପ୍, ପର୍ଫର୍ମର, ମେକର୍ ଓ କ୍ରିଏଟରଙ୍କ ପାଇଁ ଏକ ଉଲ୍ଲେଖନୀୟ ମଞ୍ଚ ପ୍ରଦାନ କରିବ। ପ୍ରତିଦିନ ଅପରାହ୍ନ ୫ଟାରୁ ଆରମ୍ଭ ହୋଇ ବିଳମ୍ବିତ ରାତି ପର୍ଯ୍ୟନ୍ତ ମାର୍କେଟ ଚାଲିବ। ଏଥିରେ ଦେଶୀ ବିଦେଶୀ ସମସ୍ତ ପ୍ରକାରର ପାରମ୍ପରିକ, ଅତ୍ୟାଧୁନିକ ତଥା ଗବେଷଣାତ୍ମକ ସାମଗ୍ରୀ ଉପଲବ୍ଧ ହେବ। ସେହିପରି ହସ୍ତତନ୍ତ ଏବଂ ହସ୍ତଶିଳ୍ପକୁ ପ୍ରୋତ୍ସାହିତ କରିବା ପାଇଁ ଉତ୍କଳିକା ପକ୍ଷରୁ ବିଭିନ୍ନ ପ୍ରକାର ଷ୍ଟଲ୍ ମାଧ୍ୟମରେ ସ୍ୱତନ୍ତ୍ର ବସ୍ତ୍ର ପ୍ରଦର୍ଶନ ହେବ। କେବଳ ବଡ଼ ବ୍ରାଣ୍ଡ୍ ନୁହେଁ, ବରଂ ନିଜ ଉତ୍ପାଦ ପ୍ରଦର୍ଶନ ସହ ବିକ୍ରିବଟା ପାଇଁ ପ୍ଲାଟ୍‌ଫର୍ମ ଆବଶ୍ୟକ କରୁଥିବା ଓଡ଼ିଶାର ବିଭିନ୍ନ ଉଦ୍ୟୋଗୀଙ୍କୁ ଏଠାରେ ସୁଯୋଗ ଦିଆଯିବ। ନାଇଟ୍ ବଜାରରେ ଦର୍ଶକ ଓ ଗ୍ରାହକମାନେ ଜୁଏଲାରୀ, ହୋମ୍ ଡେକୋର୍, ପୋଷାକର ବିଭିନ୍ନ ଭେରାଇଟି ସହ ୧୨୦ରୁ ଊର୍ଦ୍ଧ୍ୱ ଘରୋଇ ଉତ୍ପାଦ କ୍ରୟ କରିପାରିବେ। ସେହିପରି ନାଇଟ୍ ବଜାରକୁ ଆସୁଥିବା ଲୋକଙ୍କୁ ମନୋରଞ୍ଜନ ଯୋଗାଇବ ସଙ୍ଗୀତ, ନୃତ୍ୟ ସହିତ ରକ୍‌ବ୍ୟାଣ୍ଡ, ମ୍ୟାଜିକ ଶୋ’। ଏକାମ୍ର ହାଟରେ ମୋଟ୍ ୩ଟି ଷ୍ଟେଜ୍‌ରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଏଠାକୁ ଯିବା ପାଇଁ ଲୋକଙ୍କୁ କୌଣସି ଦେୟ ଦେବାକୁ ପଡିବ ନାହିଁ। ସହରବାସୀ ମାଗଣାରେ ଏହାର ମଜା ଉଠାଇ ପାରିବେ।

## ମନୋରଞ୍ଜନ ସାଙ୍ଗକୁ କିଣାବିକାର ମଜା







## ହକି ବିଶ୍ୱକପ / ବାରବାଟୀ ଉତ୍କଣ୍ଠା





କଟକ ଅଫିସ,୯।୧- ଆଉ ଗୋଟିଏ ଦିନପରେ ହକି ପୁରୁଷ ହକି ବିଶ୍ୱକପ୍-୨୦୨୩ର ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହେବ। ଏଥିପାଇଁ ବାରବାଟିରେ ଜୋରସୋରରେ ପ୍ରସ୍ତୁତି ଚାଲିଥିବାବେଳେ ଷ୍ଟାଡିୟମକୁ ସମ୍ପୂର୍ଣ୍ଣ ନୂଆ ରୂପରେ ସଜାଇ ଦିଆଯାଇଛି। ଉତ୍ସବରେ ଜଲୱା ଦେଖାଇବେ ବଲିଉଡ୍ ତାରକା ଦିଶା ପଟାନୀ ଓ ରଣବୀର ସିଂ। ରଣବୀରଙ୍କ ଏରିଏଲ ଡ୍ୟାନ୍ସ ଦେଖିବାକୁ ମିଳିବ। ଜିପ୍‌ଲାଇନ୍ ଜରିଆରେ ରଣବୀର ମଞ୍ଚକୁ ପ୍ରବେଶ କରିବାର ଯୋଜନା ରଖାଯାଇଛି। ତାଙ୍କ ଅଭ୍ୟାସ ପାଇଁ ଜିପଲାଇନ୍ ପ୍ରସ୍ତୁତ କରାଯାଉଛି। ରଣବୀରଙ୍କ ସହିତ ସାଇମାକ୍ ଡ୍ୟାନ୍ସ ଗ୍ରୁପ ମଞ୍ଚରେ ଦେଖିବାକୁ ମିଳିବ। ରଣବୀରଙ୍କ ଅଭ୍ୟାସ ସମୟ ରହିଛି ୫ ଘଣ୍ଟା। ସେ ରାତି ୧୦ଟାରୁ ବିଳମ୍ବିତ ରାତି ୩ଟା ପର୍ଯ୍ୟନ୍ତ ବାରବାଟୀରେ ଉପସ୍ଥିତ ରହିବେ। ସେହିପରି ଅଭିନେତ୍ରୀ ଦିଶା ସୋମବାର ଭୁବନେଶ୍ୱରରେ ପହଞ୍ଚି ସାରିଛନ୍ତି। ମଙ୍ଗଳବାର ଅପରାହ୍ନରେ ତାଙ୍କର ଅଭ୍ୟାସ ସମୟ ଧାର୍ଯ୍ୟ କରାଯାଇଛି। ଅପରାହ୍ନ ୩.୩୦ରୁ ୫.୩୦ ପର୍ଯ୍ୟନ୍ତ ସେ ବାରବାଟୀରେ ଅଭ୍ୟାସ କରିବେ। ପୂର୍ବ ନିର୍ଦ୍ଧାରିତ ସମୟ ଅନୁସାରେ ଓଡ଼ିଆ ର୍‌ୟାପର ବିଗ୍ ଡିଲ୍, ବ୍ଲାକସ୍ୱାନ ଗ୍ରୁପ, ଲିସା ମିଶ୍ର, ବଲିଉଡ୍‌ର ପ୍ରଖ୍ୟାତ ସଙ୍ଗୀତ ନିର୍ଦ୍ଦେଶକ ପ୍ରୀତମଙ୍କ ବ୍ୟାଣ୍ଡ୍ ଅଭ୍ୟାସ କରିବା ନିମନ୍ତେ ବାରବାଟୀକୁ ଆସିବେ।

ଆଜି ଅଭ୍ୟାସ କରିବେ
**ଦିଶା, ରଣବୀର**

### ପହଞ୍ଚିବ ବିଶ୍ୱକପ ଟ୍ରଫି

ମଙ୍ଗଳବାର କଟକ ବିଦ୍ୟାଧରପୁରରେ ପହଞ୍ଚିବ ବିଶ୍ୱକପ ଟ୍ରଫି। ସେଠାରୁ ଟ୍ରଫିକୁ ନେଇ ଇନ୍‌ଡୋର ଷ୍ଟାଡିୟମରେ ରଖାଯିବ। ଏହାପରେ ୧୧ ତାରିଖ ସକାଳୁ ଟ୍ରଫି ଶୋଭାଯାତ୍ରା ଆରମ୍ଭ ହେବ। ଶୋଭାଯାତ୍ରା କଟକ ଇନ୍ କଟକରୁ ଆରମ୍ଭ ହୋଇ ବାରବାଟି ଷ୍ଟାଡିୟମରେ ଶେଷ ହେବ। ଶୋଭାଯାତ୍ରା ପାଇଁ ସିଏମ୍‌ସି ପକ୍ଷରୁ ରୁଟ୍ ମ୍ୟାପ ପ୍ରସ୍ତୁତ କରାଯାଇଛି। ରୁଟ ମ୍ୟାପ ଅନୁଯାୟୀ ଶୋଭାଯାତ୍ରା ହେବ ବୋଲି ମେୟର କହିଛନ୍ତି।

### ୩ଟାରୁ ଆରମ୍ଭ ହେବ କାର୍ଯ୍ୟକ୍ରମ

ଉଦଘାଟନୀ ଉତ୍ସବ ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ୧୧ ତାରିଖ ଅପରାହ୍ନ ୩ଟା ବେଳେ କାର୍ଯ୍ୟକ୍ରମ ଆରମ୍ଭ ହେବ। ସେଥିପାଇଁ ପୂର୍ବରୁ ଦର୍ଶକମାନେ ଗ୍ୟାଲେରିକୁ ପ୍ରବେଶ କରିପାରିବେ ବୋଲି କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ସୂଚନା ଦେଇଛନ୍ତି । କାର୍ଯ୍ୟକ୍ରମ ରାତି ୯.୩୦ରୁ ୧୦ଟାବେଳେ ଶେଷ କରିବାକୁ ଟାର୍ଗେଟ ରଖିଛୁ। ପ୍ରାୟ ଅଢ଼େଇ ହଜାର ଅତିଥିଙ୍କୁ ଆମନ୍ତ୍ରିତ କରାଯାଇଛି। ହେଲେ ବର୍ତ୍ତମାନ ପର୍ଯ୍ୟନ୍ତ କିଛି ଚୂଡ଼ାନ୍ତ ହୋଇନି। ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ସବୁ ଚୂଡ଼ାନ୍ତ ହୋଇଯିବ ବୋଲି କମିଶନର କହିଛନ୍ତି।

### ପ୍ରସ୍ତୁତ ହେଉଛି ବାଲୁକା କଳା

କଟକରେ ପୁଣିଥରେ ଦେଖିବାକୁ ମିଳିବ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା। ପୂର୍ବରୁ ବାଲିଯାତ୍ରାରେ ତିଆରି କରିଥିବା ବାଲୁକା କଳା ଲୋକଙ୍କୁ ବେଶ୍ ଆକର୍ଷିତ କରିଥିବା ବେଳେ ଏବେ ହକିକୁ ନେଇ ବାଲୁକା କଳା ପ୍ରସ୍ତୁତ ହେଉଛି। କଟକ ଇନ୍ କଟକ ପରିସରରେ ଏହାକୁ ପ୍ରସ୍ତୁତରେ ଲାଗିପଡିଛନ୍ତି ଶିଳ୍ପୀ ସୁଦର୍ଶନ ଓ ତାଙ୍କ ଟିମ୍। ହାତରେ ଆଉ ଗୋଟିଏ ଦିନ ଥିବାରୁ ଯୁଦ୍ଧକାଳୀନ ଭିତ୍ତିରେ ପ୍ରସ୍ତୁତି ଜାରି ରହିଛି। ବାଲିରେ ସେ ବିଶ୍ୱକପ ହକି ପ୍ରଦର୍ଶିତ କରିବେ ବୋଲି ମେୟର ସୂଚନା ଦେଇଛନ୍ତି।

## ନୂଆରୂପରେ ଟ୍ରାଫିକ ପୋଷ୍ଟ

ଭୁବନେଶ୍ୱର, ୯।୧ (ବ୍ୟୁରୋ)

ବିଶ୍ୱକପ୍ ହକି ପାଇଁ ବିଏମ୍‌ସି, ବିଡିଏ ଏବଂ ସ୍ମାର୍ଟସିଟି ପକ୍ଷରୁ ରାଜଧାନୀ ଭୁବନେଶ୍ୱରକୁ ସଜେଇବା ପାଇଁ ଜୋର୍‌ଦାର ପ୍ରୟାସ ଚାଲିଛି। ରାଜଧାନୀରେ ୯ଟି ନୂଆ ଟ୍ରାଫିକ୍ ପୋଷ୍ଟ ନିର୍ମାଣ କରାଯାଇଛି। ଏହି ଟ୍ରାଫିକ୍ ପୋଷ୍ଟ ଗୁଡିକ ଅର୍କକ୍ଷେତ୍ର କୋଣାର୍କ କିର୍ତ୍ତୀରାଜ ଗୌରବ ବହନ କରିବ, ଯେଉଁଥିରେ କୋଣାର୍କର ସଙ୍କେତ ସ୍ଥାନ ପାଇଛି। ୫୦ ଲକ୍ଷ ଟଙ୍କା ବ୍ୟୟରେ ଶିଶୁଭବନ ଛକ, ଏଜିଛକ, ଏୟାରପୋର୍ଟ ଛକ, କ୍ୟାପିଟାଲ ହସ୍ପିଟାଲ ଛକ, ରୂପାଲି ଛକ, ବେହେରା ସାହି ଛକ, ପୋଲିସ କମିଶନରେଟ୍ ଛକ, ରାମ ମନ୍ଦିର ଏବଂ ବାଣୀବିହାର ଛକରେ ନୂତନ ଟ୍ରାଫିକ୍ ପୋଷ୍ଟ ନିର୍ମାଣ ହୋଇଛି। ଏଠାରେ ସିସିଟିଭି କ୍ୟାମେରା ସହିତ ସୋଲାର ସିଷ୍ଟମରେ ଫ୍ୟାନ୍ ବୁଲିବ, ମୋବାଇଲ ଚାର୍ଜ ଏବଂ ମାଇକ୍ରୋଫୋନ୍‌ର ବ୍ୟବସ୍ଥା ରହିବ। ରାଜଧାନୀର ଏହି ପ୍ରମୁଖ ଛକଗୁଡିକରେ ପ୍ରତିଦିନ ଶହ ଶହ ସଂଖ୍ୟାରେ ଲୋକମାନେ ଯାତାୟାତ କରିଥାନ୍ତି। ସ୍ମାର୍ଟସିଟିର ଏଭଳି ପ୍ରୟାସ ଲୋକମାନଙ୍କୁ କୋଣାର୍କର ଐତିହ୍ୟ ଗାଥା କଥା ମନେ ପକାଇବ।







ହକି ବିଶ୍ୱକପ୍‌କୁ ନେଇ ପ୍ରସ୍ତୁତ ସଙ୍ଗୀତ ଭିଡ଼ିଓ ‘ଏକ୍ ନୟି କହାନୀ ଲିଖି ହେ ଓଡ଼ିଶା’କୁ ଦି ପ୍ରେସ୍ କ୍ଲବ୍ ଅଫ୍ ଓଡ଼ିଶାଠାରେ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

## ‘ଏକ୍ ନୟି କହାନୀ ଲିଖି ହେ ଓଡ଼ିଶା’

### ୨.୪୩ ମିନିଟ୍‌ର ସଙ୍ଗୀତ ଭିଡିଓରେ ଓଡ଼ିଶାର କଳା, ସଂସ୍କୃତି, କ୍ରୀଡ଼ା

ଭୁବନେଶ୍ୱର,୯।୧(ବ୍ୟୁରୋ)

ହକି ବିଶ୍ୱକପ୍ ଆୟୋଜନ କରି ଓଡ଼ିଶା ବିଶ୍ୱ କ୍ରୀଡ଼ା ଇତିହାସରେ ନୂଆ କାହାଣୀ ଲେଖିବାକୁ ଯାଉଛି। ହକିକୁ ନେଇ ଏବେ ସବୁଠି ଉତ୍ସାହ, ଉତ୍କଣ୍ଠା, ଆଉ ଉତ୍ସବର ମାହୋଲ ଲାଗି ରହିଛି। ଏପରି ସମୟରେ ସଙ୍ଗୀତ ଭିଡିଓ ମାଧ୍ୟମରେ ହକି ବିଶ୍ୱକପ୍‌କୁ ସ୍ୱାଗତ କରାଯାଇଛି। ସୋମବାର ସ୍ଥାନୀୟ ପ୍ରେସ୍‌କ୍ଲବଠାରେ ସଙ୍ଗୀତ ନିର୍ଦ୍ଦେଶକ ସନ୍ତୋଷ ପଣ୍ଡାଙ୍କ ସଙ୍ଗୀତ ଭିଡ଼ିଓ ‘ଏକ୍ ନୟୀ କହାନୀ ଲିଖି ହେ ଓଡ଼ିଶା’ର ଶୁଭମୁକ୍ତି ହୋଇଛି। ୨ମିନିଟ୍ ୪୩ ସେକେଣ୍ଡର ଏହି ଭିଡିଓରେ ଓଡ଼ିଶାର କଳା, ସଂସ୍କୃତି, କ୍ରୀଡ଼ା, କ୍ରୀଡ଼ାବିତ୍, ଷ୍ଟାଡିୟମ୍ ଆଦିର ଚିତ୍ର ସ୍ଥାନ ପାଇଛି। ଏଥିରେ ବଲିଉଡର ପ୍ରଖ୍ୟାତ କଣ୍ଠଶିଳ୍ପୀ ଅଭିଜିତ୍ ଭଟ୍ଟାଚାର୍ଯ୍ୟ କଣ୍ଠଦାନ କରିଛନ୍ତି। ଦ ପ୍ରିମିୟର ମିଡିଆ ଓ ଇଷ୍ଟର୍ନ ବେ ପକ୍ଷରୁ ଏହି ସଙ୍ଗୀତ ପ୍ରସ୍ତୁତ କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମେୟର ସୁଲୋଚନା ଦାସ ଯୋଗଦେଇ କହିଛନ୍ତି, ହକି ପାଇଁ ଓଡ଼ିଶା ସ୍ପୋର୍ଟ୍ସ ହବ୍ ପାଲଟିଛି। ଅନେକ ତ୍ରୁଟି ମଧ୍ୟରେ କିଛି କରିବାର ଚେଷ୍ଟା ଜାରି ରହିଛି। ଏହି ସଙ୍ଗୀତ ସମସ୍ତଙ୍କ ମଧ୍ୟରେ ଅଧିକ ଉନ୍ମାଦନା ଭରିଦେବ। ଖଦୀ ଏବଂ ଗ୍ରାମୋଦ୍ୟୋଗ ଅଧ୍ୟକ୍ଷ ସଂଗ୍ରାମ ପାଇକରାୟ କହିଛନ୍ତି, ଭୁବନେଶ୍ୱର ସଜେଇ ହେଉଛି। କ୍ରୀଡ଼ାବିତଙ୍କୁ ସ୍ୱାଗତ କରିବା ସହ ସେମାନଙ୍କ ମନରେ ଆଗ୍ରହ ଭରିଦେବା ପାଇଁ ସମସ୍ତେ ବ୍ୟକ୍ତିଗତ ସ୍ତରରେ ଚେଷ୍ଟା ଜାରି ରଖିଛନ୍ତି। ଏହି ସଙ୍ଗୀତର ପ୍ରସ୍ତୁତି ଏକ ଉତ୍ତମ ପ୍ରୟାସ ବୋଲି କହିବା ସହ ଏଥିପାଇଁ ସେ ଶୁଭେଚ୍ଛା ଜଣାଇଛନ୍ତି। ନାଟ୍ୟ ନିର୍ଦ୍ଦେଶକ ତଥା ଲେଖକ ରମାକାନ୍ତ ମିଶ୍ର କହିଛନ୍ତି, ଏ ମାଟି ଭଲ ପାଇବାର ମାଟି। କଳା, ସାହିତ୍ୟ, କ୍ରୀଡ଼ା କଢ଼ ହୋଇ ରହିଛି। ତା’ର ପ୍ରତ୍ୟେକ ପାଖୁଡ଼ା ଖୋଲି ଏହାକୁ ଅଧିକ ସୁନ୍ଦର କରିବାରେ ଆମେ ସମସ୍ତେ ଚେଷ୍ଟା କରିବା ଦରକାର। ଏହି ହକି ବିଶ୍ୱକପ୍ ସମସ୍ତଙ୍କ ମଧ୍ୟରେ ଭଲ ପାଇବାର ବାର୍ତ୍ତା ବାଣ୍ଟୁଛି। କ୍ରୀଡ଼ା ସାମ୍ବାଦିକ ସମ୍ବିତ ମହାପାତ୍ର କହିଛନ୍ତି, ହକି ବିଶ୍ୱକପ୍‌ରେ ଭାରତ ଦୀର୍ଘ ୪୮ବର୍ଷ ଧରି ବିଜୟ ହାସଲ କରିପାରିନି। କିନ୍ତୁ ଚଳିତବର୍ଷ ଓଡ଼ିଶାରେ ଆୟୋଜିତ ହେଉଥିବା ହକି ବିଶ୍ୱକପ୍‌ରେ ଭାରତ ଜିତି ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ରଚିବ ବୋଲି ସେ ଆଶା ରଖିଥିଲେ। ପ୍ରଯୋଜକ ଅଜିତ ସାହୁ , ସଂଯୋଜକ ଦୀପତେନ୍ଦୁ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ସନ୍ତୋଷ ପଣ୍ଡା ସ୍ୱାଗତ ଭାଷଣ ଓ ଶ୍ରୀନିବାସ ଘଟୁଆରୀ କାର୍ଯ୍ୟକ୍ରମ ଉପସ୍ଥାପନା କରିଥିଲେ।








ହକି ବିଶ୍ୱକପ୍ ପାଇଁ ୟୁନିଟ୍-୩ ପ୍ରଦର୍ଶନୀ ପଡ଼ିଆରେ ଆସନ୍ତା ୧୫ ତାରିଖରୁ ଆରମ୍ଭ ହେବାକୁ ଥିବା ‘ଡଟ୍ ଫେଷ୍ଟ’ ପାଇଁ ଫାଟକ, ଷ୍ଟଲ୍ ନିର୍ମାଣ ସହ ବୃହତ୍ ହକି କଳାକୃତି ସ୍ଥାପନ କରାଯାଉଛି।






ହକି ଖେଳାଳି, ଅତିଥି ଓ ପର୍ଯ୍ୟଟକଙ୍କୁ ସ୍ୱାଗତ ପାଇଁ ଏୟାରପୋର୍ଟ ରାସ୍ତାରେ ଲାଗିଥିବା ହୋର୍ଡିଂ ଓ ରାସ୍ତାପାର୍ଶ୍ୱ ଲୁହା ବାଡ଼କୁ ଫୁଲ ଗଛରେ ସଜା ଯାଉଛି। (ଫଟୋ: ବିକାଶ)

## ସଂକ୍ଷେପରେ

### ବାର୍ଷିକ କ୍ରୀଡ଼ା ଉତ୍ସବ

**ବାଲିପାଟଣା,୯।୧(ଡି.ଏନ୍.ଏ.):** ବାଲିପାଟଣାସ୍ଥିତ ବାଗଦେବୀ ବିଦ୍ୟା ମନ୍ଦିରର ବାର୍ଷିକ କ୍ରୀଡା ଉତ୍ସବ ସ୍ଥାନୀୟ ଶ୍ରୀବୁଦ୍ଧନାଥ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା ପରିଷଦ ସଭାପତି ଦିଲୀପ କୁମାର ଓଝା ମୁଖ୍ୟ ଅତିଥିଭାବେ ଯୋଗଦେଇ କ୍ରୀଡା ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ପ୍ରତିଯୋଗିତାରେ ୨୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ୫୦ ମିଟର, ଓ ୧୦୦ ମିଟର ଦୌଡ଼, ମାଳିଗୁନ୍ଥା, ଗଣିତ ଦୌଡ଼, ଉଚ୍ଚ ଓ ଲମ୍ବା ଡିଆଁ, ମ୍ୟୁଜିକ ଚେୟାର ଆଦି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ଓକିଲୁନ ନିଶା, ଲିପିକା ପ୍ରଧାନ, ଗଙ୍ଗାରାଣୀ ମିଶ୍ର, ବନଶ୍ରୀ ରାଉତ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ସମ୍ପାଦକ ଅଭିମନ୍ୟୁ ନାୟକ, ଅଧକ୍ଷା ପବିତ୍ରା ଦାସ, ଖେଳ ଶିକ୍ଷକ ସୁନୀଲ ପଣ୍ଡା ପ୍ରମୁଖ ଅତିଥିଭାବେ ଯୋଗଦେଇ କ୍ରୀଡାର ଉପକାରିତା ଉପରେ ଆଲୋକପାତ କରିଥିଲେ।

### ଏକାଠି ହେଲେ ସହପାଠୀ

**ଯାଁଳା, ୯।୧(ଡି.ଏନ୍.ଏ.):** ଜଟଣୀ ବ୍ଲକ ମଦନପୁର ପଞ୍ଚାୟତସ୍ଥିତ ମା' କୁସୁମେଇଁ ମନ୍ଦିର ପରିସରରେ ୧୯୯୯ ମସିହା ମଦନପୁର ହାଇସ୍କୁଲର ସହପାଠୀଙ୍କ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘଦିନ ପରେ ସହପାଠୀ ଏକାଠି ହୋଇଥିବାରୁ ଭାବ ବିନିମୟ କରିବା ସହ ପୁରୁଣା ସ୍ମୃତି ମନେପକାଇଥିଲେ। ଏହି ଅବସରରେ ପରିବେଶ ସୁରକ୍ଷା ଉଦ୍ଦେଶ୍ୟରେ ମନ୍ଦିର ପରିସରରେ ଏକ ଚାରା ରୋପଣ କରିଥିଲେ। ଉତ୍ସବରେ ବାପି, ବୁଦ୍ଧିଆ, ସୁଧାକର, ରାଜା, ପହଲି, ଇଲା, ସିନୁ, ସୀମା, ଟୁକୁନି, ଚିନୁ, କୁନି, ଶୁଭ, ଅଜୁ, ମାନସ, ତେଜସ୍ୱିନୀ, ଏଲି, ଦିଲୀପ, ସ୍ୱପ୍ନା, ରମେଶ ପ୍ରମୁଖ ଯୋଗଦେଇଥିଲେ।

### ଜିଲାପାଳଙ୍କ ପ୍ରତିଶ୍ରୁତି ପରେ ଭାଜପାର ଆନ୍ଦୋଳନ ପ୍ରତ୍ୟାହୃତ

**ନିମାପଡ଼ା,୯।୧(ଡି.ଏନ୍.ଏ.):** ଜିଲାପାଳଙ୍କ ପ୍ରତିଶ୍ରୁତି ପରେ ନିମାପଡ଼ା ବ୍ଲକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀ ଚୟନରେ ବ୍ୟାପକ ଚଞ୍ଚକତା ପ୍ରତିବାଦରେ ଭାଜପା ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ୫ ଦିନ ଧରି ଚାଲିଥିବା ଗଣଧାରଣା ସୋମବାର ପ୍ରତ୍ୟାହୃତ ହୋଇଛି। ପୁରୀ ଜିଲାପାଳ ସମର୍ଥ ବର୍ମା ବିଡିଓ ବସନ୍ତ ମଲ୍ଲିକଙ୍କ ସହ ଆଲୋଚନା କରିବା ପରେ ଭାଜପା ନେତୃବୃନ୍ଦମାନେ ୬ ଦଫା ଦାବି ସମ୍ବଳିତ ଦାବିପତ୍ର ବିଡିଓ ମଲ୍ଲିକଙ୍କୁ ପ୍ରଦାନ କରିଥିଲେ। ଏହା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଭାଜପା ରାଜ୍ୟ ଉପସଭାପତି ପ୍ରଭାତୀ ପରିଡ଼ା, ବରିଷ୍ଠ ନେତା ଦିଲ୍ଲୀପ ନାୟକ, ବିଧାନସଭା ସଂଯୋଜକ ପ୍ରଦୀପ୍ତ ନାୟକ, ପୂର୍ଣ୍ଣଚନ୍ଦ୍ର ଓଝା, ସରପଞ୍ଚ ଦେବାଶିଷ ଆଚାର୍ଯ୍ୟ, ମୀନଲତା ମହାନ୍ତି, ସୌଦାମିନୀ ସେନାପତି, ମାନସ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

### ମନ୍ଦିର ଦାନବାକ୍ସ ଲୁଟ୍ ଘଟଣା: ଅଭିଯୁକ୍ତ ଗିରଫ

**ପିପିଲି,୯।୧(ଡି.ଏନ୍.ଏ./ସ୍ୱ.ପ୍ର.):** ବିଶ୍ୱନାଥ ଦେବ ମନ୍ଦିର ଦାନବାକ୍ସରୁ ଲୁଟ୍ ଅଭିଯୋଗରେ ପିପିଲି ପୋଲିସ ସୋମବାର ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ପିପିଲି ଥାନା ଅନ୍ତର୍ଗତ ଲୋହପୁର ଗ୍ରାମର ଲକ୍ଷ୍ମୀଧର ବେହେରା (୨୭)। ଏନେଇ ପୋଲିସ ଏକ ମାମଲା (ନଂ. ୧୧/୨୨) ରୁଜୁ କରି ତାଙ୍କ ପାଖରୁ ୫,୩୩୦ ଟଙ୍କା ଜବତ କରିଛି। ଗତ ଡିସେମ୍ବର ୮ ତାରିଖରେ ବିଶ୍ୱନାଥ ଦେବ ମନ୍ଦିର ଦାନବାକ୍ସରୁ ଚୋରି ହୋଇଥିଲା। ସମ୍ପୃକ୍ତ ଅଭିଯୁକ୍ତ ୨୮ ଡିସେମ୍ବରରେ ପିପିଲି ଥାନା ଅନ୍ତର୍ଗତ ଅର୍ଜୁନେଶ୍ୱର ଦେବ ମନ୍ଦିର ଦାନବାକ୍ସରୁ ଚୋରିରେ ସମ୍ପୃକ୍ତ ଥିବା ନେଇ ଥାନା ଅଧିକାରୀ ଅଭିମନ୍ୟୁ ନାୟକ ସୂଚନା ଦେଇଛନ୍ତି।

# ନିର୍ମାଣାଧୀନ ରାସ୍ତାରେ ପଡ଼ି ଶ୍ରମିକ ମୃତ

**ଖୋର୍ଦ୍ଧା ଅଫିସ,୯।୧**

ଖୋର୍ଦ୍ଧା ଆଦର୍ଶ ଥାନା ଅଧୀନ ଗୁରୁଜଙ୍ଗ ହଳଦିଆ ରାସ୍ତା ମୁକ୍ତାପୁର ନିକଟରେ ସୋମବାର ରାତିରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଦୁର୍ଘଟଣାରେ ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ସେ ହେଲେ କୁଆପୁଟ ଗ୍ରାମର କୁଳମଣି ନିଶଙ୍କ(୩୪)। ତେବେ ଦୁର୍ଘଟଣାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ମୃତକଙ୍କ ପରିବାରକୁ କ୍ଷତିପୂରଣ ଓ ରାସ୍ତା ନିର୍ମାଣ କରୁଥିବା ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ସ୍ଥାନୀୟ ଲୋକେ ରାସ୍ତା ଉପରେ ମୃତଦେହ ରଖି ଅବରୋଧ କରିଥିଲେ।

ସୂଚନା ମୁତାବକ, ଗୁରୁଜଙ୍ଗଠାରୁ ହଳଦିଆ ପର୍ଯ୍ୟନ୍ତ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ଚାଲିଛି। ତେବେ ସମ୍ପ୍ରସାରଣ ଯୋଗୁ ବିଭିନ୍ନ ସ୍ଥାନରେ ରାସ୍ତା ଖୋଳାଯାଇଛି। ରାସ୍ତା ଉପରେ ଗୋଡ଼ି, ପଥର, ଲୁହା ରଡ୍ ଆଦି ସାମଗ୍ରୀ ଗଦା ହୋଇଛି। ଏପରି କି ରାସ୍ତା ଉପରେ କୌଣସି ସଙ୍କେତ ଦିଆଯାଇନାହିଁ। ଫଳରେ ସଞ୍ଜ ହେଲେ ଉକ୍ତ ରାସ୍ତା ଦେଇ ଯାତାୟାତ କରୁଥିବା ଲୋକେ ପଡ଼ି ଗୁରୁତର ଆହତ ହେଉଛନ୍ତି। କୁଳମଣି ସବୁଦିନ ପରି ସୋମବାର ରାତିରେ କାମସାରି ବାଇକ୍‌ରେ ଘରକୁ ଫେରୁଥିଲେ। ତେବେ ରାସ୍ତା ନିର୍ମାଣାଧୀନ ରହିଥିବା ଜାଣି ନ ପାରି ବାଇକ୍ ସହ ପଡ଼ିଯିବାରୁ ଲୁହାରଡ୍ ତାଙ୍କ ମୁଣ୍ଡରେ ପଶିଯାଇଥିଲା। ଖବରପାଇ ଗଡ଼ହଳଦିଆ ଓ ମଲ୍ଲିପୁର ଗ୍ରାମବାସୀ ପହଞ୍ଚିଥିବା ପୂର୍ବରୁ କୁଳମଣିଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଏନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ମୃତକଙ୍କ ପରିବାରକୁ କ୍ଷତିପୂରଣ ଓ ଠିକାଦାରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିରେ ଉତ୍ତ୍ୟକ୍ତ ଲୋକେ ମୃତଦେହ ରାସ୍ତାରେ ରଖିବା ସହ ଟାୟାର ଜାଳି ଅବରୋଧ କରିଥିଲେ। ଖବରପାଇ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ତେବେ ଖବର ଲେଖାହେବା ପର୍ଯ୍ୟନ୍ତ ରାସ୍ତାରୋକୋ ଜାରି ରହିଥିବା ଜଣାପଡ଼ିଛି।


ଉତ୍ତ୍ୟକ୍ତ ଲୋକେ ରାସ୍ତା ଅବରୋଧ କରିଛନ୍ତି।


ଦୁର୍ଘଟଣାଗ୍ରସ୍ତ ବାଇକ୍।

- ■ କ୍ଷତିପୂରଣ ଦାବିରେ ରାସ୍ତାରୋକୋ
- ■ ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି


**ଖୋର୍ଦ୍ଧା:** ଭୁବନେଶ୍ୱର ଶିଖରଚଣ୍ଡୀଠାରେ ଅନୁଷ୍ଠିତ ବନ୍ଧୁମିଳନ ଉତ୍ସବରେ ଯୋଗଦେଇଥିବା କ୍ୟାପିଟାଲ ହାଇସ୍କୁଲର ୧୯୯୦ ବ୍ୟାଚ୍‌ର ଛାତ୍ରମାନେ।

# ପୃଥକ୍ ଚୋରି ମାମଲାରେ ୩ ଗିରଫ

## ୭୫ ହଜାର ଟଙ୍କା, ସାମଗ୍ରୀ ଜବତ

**ଯାଁଳା,୯।୧(ଡି.ଏନ୍.ଏ.)**

ଇନ୍‌ଫୋଭ୍ୟାଲି ଥାନା ପୋଲିସ ପୃଥକ୍ ଚୋରି ମାମଲାରେ ୩ ଜଣଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ଏକ କମ୍ପାନୀର ଷ୍ଟକ୍ ୟାର୍ଡରୁ ୧୦ ଲକ୍ଷ ଟଙ୍କାର ସାମଗ୍ରୀ ଚୋରି ମାମଲାରେ ସିକ୍ୟୁରିଟି ଗାର୍ଡ କୁମ୍ଭିଲୋର ମନୋଜ କୁମାର ବେହେରା (୨୧) ଓ କବାଡ଼ିଆ ଜଟଣୀ ଥାନା ଅନ୍ତର୍ଗତ କୁଦିଆରୀ ଗ୍ରାମର କାର୍ତ୍ତିକେଶ୍ୱର ବେହେରା (୨୩) ଗିରଫ ହୋଇଛନ୍ତି। ଏମାନଙ୍କ ନିକଟରୁ ଏକ ଜେସିବି ଇଞ୍ଜିନ ଓ ୭୫ ହଜାର ଟଙ୍କା ଜବତ କରାଯାଇଛି। ସେହିପରି ଏକ ମୋବାଇଲ ଫୋନ୍ ଝାମ୍ପିନେବା ଅଭିଯୋଗରେ ପୋଲିସ ହରପୁରର ଡୁଗୁ ବରାଳ (୪୫)ଙ୍କୁ ଗିରଫ କରିଛି। ସୂଚନା ମୁତାବକ, ସନ୍ତୋଷ କୁମାର ପହି ପଟିଆରେ ଥିବା ଏମ୍‌ଏସ୍ କୋଣାର୍କ ଇନ୍‌ଫ୍ରାକୋରରେ ଏଚ୍‌ଆର ଏକ୍‌ଜିକ୍ୟୁଟିଭ୍ ଭାବେ କାର୍ଯ୍ୟ କରନ୍ତି। ଯାଁଳା ଅଞ୍ଚଳରେ ଉକ୍ତ କମ୍ପାନୀର ଏକ ଷ୍ଟକ୍‌ୟାର୍ଡ ରହିଛି। କିଛିଦିନ ପୂର୍ବେ କମ୍ପାନୀର ଷ୍ଟକ୍‌ୟାର୍ଡରୁ କେତେକ ଯନ୍ତ୍ରାଂଶ ସ୍ଥାନାନ୍ତର ହେଉଥିଲା। ଯନ୍ତ୍ରାଂଶ ସ୍ଥାନାନ୍ତର ସମୟରେ ସେଠାରେ ନିୟୋଜିତ ସିକ୍ୟୁରିଟି ଗାର୍ଡ ମନୋଜ ଉପସ୍ଥିତ ଥିଲେ। ସ୍ଥାନାନ୍ତର ପରେ ପ୍ରାୟ ୧୦ ଲକ୍ଷ ଟଙ୍କାର ଯନ୍ତ୍ରାଂଶ ମିଳି ନ ଥିଲା। ଏନେଇ ସଂସ୍ଥାର ଏଚ୍‌ଆର ଏକ୍‌ଜିକ୍ୟୁଟିଭ୍ ଇନ୍‌ଫୋଭ୍ୟାଲି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ତଦନ୍ତ ଆରମ୍ଭ କରିବା ସହ ମନୋଜଙ୍କୁ ଅଟକ ରଖି ପଚରାଉଚରା କରିଥିଲା। ମନୋଜ କାର୍ତ୍ତିକେଶ୍ୱର ନାମକ ଜଣେ କବାଡ଼ିଆଙ୍କୁ ଯନ୍ତ୍ରାଂଶ ୯୩ ହଜାର ଟଙ୍କାରେ ବିକ୍ରି କରିଥିବା ସ୍ୱୀକାର କରିଥିଲେ। ଏହାପରେ ପୋଲିସ ସମ୍ପୃକ୍ତ କବାଡ଼ିଆଙ୍କ ଘରେ ଚଢ଼ାଉ କରିବା ସହିତ ତାଙ୍କୁ ଧରିଥିଲା। ଉଭୟଙ୍କ ନିକଟରୁ ୭୫ ହଜାର ଟଙ୍କା ସହ ୫ କୁଇଣ୍ଟାଲ ଓଜନର ଗୋଟିଏ ଜେସିବି ଇଞ୍ଜିନ ଜବତ ହୋଇଛି। ସେହିପରି ହରପୁର ଗ୍ରାମର କୁନାନନ୍ଦ ସିଂହ ସାମଗ୍ରୀ କିଣିବାକୁ ଦୋକାନକୁ ଆସିଥିଲେ। ଉକ୍ତ ସମୟରେ ଡୁଗୁ ଆସି କୁନାନନ୍ଦଙ୍କ ଠାରୁ ମୋବାଇଲ ଝାମ୍ପିନେଇ ଫେରାର ହୋଇଯାଇଥିଲେ। ଏନେଇ କୁନାନନ୍ଦଙ୍କ ଅଭିଯୋଗକ୍ରମେ ପୋଲିସ ସୋମବାର ଡୁଗୁଙ୍କୁ ଗିରଫ କରିଥିଲା।

# ବଟି ଆଦାୟ ଅଭିଯୋଗରେ ୪ ଗିରଫ

**ପୁରୀ ଅଫିସ, ୯।୧**

ବଟି ଆଦାୟ ଅଭିଯୋଗରେ ପୃଥକ ମାମଲାରେ ପୋଲିସ ୪ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଉକ୍ତ ଥାନା ଅନ୍ତର୍ଗତ ପତିତପାବନ ଲେନ୍‌ର ରାକେଶ କୁମାର ସ୍ୱାଇଁ , ମାର୍କଣ୍ଡେଶ୍ୱର ସାହି ହରିଜନ ବସ୍ତିର ଶ୍ରୀଧର ନାୟକ (୨୮) ଏବଂ ସରୋଜ ନାୟକ (୨୫) ଏବଂ ବାଲିନୋଳିଆ ସାହିର ଏସ୍. କାଲୁ ରାଓ। ଏମାନଙ୍କଠାରୁ ଟଙ୍କା ଓ ସମାଗ୍ରୀ ଜବତ ହୋଇଛି।

# ଟାଙ୍ଗୀକୁ ହରାଇ ଶରଧାପୁର ବିଜୟୀ


ଅତିଥିଙ୍କ ଗହଣରେ ଖେଳାଳିମାନେ।

**ନିରାକାରପୁର,୯।୧(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ଛଣଗିରି ପଞ୍ଚାୟତସ୍ଥିତ ଖେଳପଡ଼ିଆରେ ମା' ଭଗବତୀ ଫୁଟ୍‌ବଲ ଆସୋସିଏଶନ ଆନୁକୂଲ୍ୟରେ ଅନୁଷ୍ଠିତ ଭଗବତୀ ଫୁଟ୍‌ବଲ ଟୁର୍ନାମେଣ୍ଟରେ ସୋମବାର ଶରଧାପୁର ସ୍ପୋର୍ଟ୍ସ ଆସୋସିଏଶନ ଓ ରଘୁନାଥ ସ୍ପୋର୍ଟ୍ସ କ୍ଲବ୍ ଟାଙ୍ଗୀ ମଧ୍ୟରେ ମ୍ୟାଚ୍ ହୋଇଥିଲା। ମ୍ୟାଚ୍‌ର ପ୍ରଥମାର୍ଦ୍ଧରେ ଶରଧାପୁର ସ୍ପୋର୍ଟ୍ସ ଆସୋସିଏଶନ ଗୋଟିଏ ଗୋଲ ଦେଇଥିଲା। ତେବେ ମ୍ୟାଚ୍ ଶେଷ ସୁଦ୍ଧା ରଘୁନାଥ ସ୍ପୋର୍ଟ୍ସ କ୍ଲବ ଗୋଲ୍ ଦେଇ ନ ପାରି ପରାଜିତ ହୋଇଥିଲା। ଶରତ ଚନ୍ଦ୍ର ଛୋଟରାୟ, ସୁକାନ୍ତ କୁମାର ପ୍ରଧାନ ଓ ପ୍ରମୋଦ କୁମାର ଦାସ ମ୍ୟାଚ୍ ପରିଚାଳନା କରିଥିଲେ। ଅତିଥିଭାବେ ବିନୟ କୁମାର ଦାସ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସେଖ୍ ଗୋଲାମ ରସୁଲ, ରମାକାନ୍ତ ପଟ୍ଟନାୟକ, କେଳୁଚରଣ ସେଠୀ, ନୃସିଂହ ଚରଣ ମହାନ୍ତି, ପ୍ରଭାତ ପ୍ରହରାଜ, ସତ୍ୟଜିତ୍ ଦାସ, ରବୀନ୍ଦ୍ର ସାହୁ, ବିଶ୍ୱନାଥ ପ୍ରଧାନ, ଭାସ୍କର ଭୋଇ, ଯୋଗେନ୍ଦ୍ର ସାହୁ, ଅଭିରାମ ପାତ୍ର, ସଞ୍ଜୟ ବେହେରା ପ୍ରମୁଖ ସହଯୋଗ କରିଥିଲେ। ମଙ୍ଗଳବାର ଏସ୍‌ଏସ୍‌ବି ଓଏମ୍‌ପି କଟକ ଏବଂ ଶ୍ରୀନୀଳଚକ୍ର ସ୍ପୋର୍ଟ୍ସ କ୍ଲବ୍ ପୁରୀ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଅନୁଷ୍ଠାନର ସଭାପତି ମାନସ ଦାସ ଓ ସମ୍ପାଦକ ସୁଶାନ୍ତ ଗଜେନ୍ଦ୍ର ସୂଚନା ଦେଇଛନ୍ତି।

# ହିମାଂଶୁ ମେମୋରିଆଲ କ୍ରିକେଟ: ଝଡ଼ତୋଫାନ ଚାମ୍ପିୟନ

**ଜଟଣୀ,୯।୧(ଡି.ଏନ୍.ଏ.)**

ଜଟଣୀ ବ୍ଲକ ଅନ୍ତର୍ଗତ ହରିପୁରଠାରେ ଚତୁର୍ଥ ହିମାଂଶୁ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ମହାରାଜା କ୍ରିକେଟ କ୍ଲବ ହରିପୁର ଦ୍ୱାରା ଆୟୋଜିତ ଏହି ଟୁର୍ନାମେଣ୍ଟରେ ୧୬ ଟି ଦଳ ଅଂଶଗ୍ରହଣ କରିଥିଲେ। ସୋମବାର ଏମସିସି ହରିଡାମଡ଼ା ଏବଂ ଝଡତୋଫାନ ଘୋରଡ଼ିଆ ମଧ୍ୟରେ ଫାଇନାଲ ମ୍ୟାଚ୍ ହୋଇଥିଲା। ଟସ୍ ଜିତି ଏମସିସି ହରିଡାମଡା ପ୍ରଥମେ ବ୍ୟାଟିଂ କରି ସମସ୍ତ ଉଇକେଟ ବିନିମୟରେ ୫୨ ରନ ସଂଗ୍ରହ କରିଥିଲା। ଜବାବରେ ଝଡତୋଫାନ ଘୋରଡ଼ିଆ ୬ ଉଇକେଟ ବିନିମୟରେ ୫୩ ରନ ସଂଗ୍ରହ କରି ବିଜୟୀ ହେବା ସହ ଚାମ୍ପିୟନ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ପାଣ୍ଡବ ଜେନା ଫାଉଣ୍ଡେଶନ ଅଧ୍ୟକ୍ଷ ସନ୍ତୋଷ ଜେନା ମୁଖ୍ୟ ଅତିଥିଭାବେ ଯୋଗଦେଇ ଚାମ୍ପିୟନ ଏବଂ ରନର୍ସଅପ ଦଳଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ଅତିଥିଭାବେ ଜଟଣୀ ବ୍ଲକ ଅଧକ୍ଷାଙ୍କ ପ୍ରତିନିଧି ବିଜୟ କୁମାର ଛୋଟରାୟ, ଫାଟୁଆ ଗବେଷଣା କେନ୍ଦ୍ର ଜଟଣୀ ନିର୍ଦ୍ଦେଶକ ଡ.ଆର. ପି. ସିଂ ଏବଂ ଗବେଷଣା କେନ୍ଦ୍ର ଇନଚାର୍ଜ ଡ. ଜେ. କେ. ମହାପାତ୍ର ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ପ୍ରକାଶ କୁମାର ସାମନ୍ତରାୟ, ସରୋଜ କୁମାର ସାମନ୍ତରାୟ ଏବଂ ସନ୍ଦୀପ ରାଉତରାୟ ପ୍ରମୁଖ ମ୍ୟାଚ୍ ପରିଚାଳନା କରିଥିଲେ। ଆୟୋଜକ ମହାରାଜା କ୍ରିକେଟ କ୍ଲବର ସମସ୍ତ ସଦସ୍ୟ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।


ଅତିଥିଙ୍କଠାରୁ ଖେଳାଳି ଟ୍ରଫି ଗ୍ରହଣ କରୁଛନ୍ତି।

# ସୂର୍ଯ୍ୟମନ୍ଦିର ପରିଦର୍ଶନ କଲେ ଛତିଶଗଡ଼ ରାଜ୍ୟପାଳ

**କୋଣାର୍କ,୯।୧(ଡି.ଏନ୍.ଏ.)**

ଛତିଶଗଡ଼ ରାଜ୍ୟପାଳ ଅନୁସୂୟା ଉକି ସୋମବାର ଅପରାହ୍ନରେ କୋଣାର୍କ ସୂର୍ଯ୍ୟମନ୍ଦିର ଓ ଚନ୍ଦ୍ରଭାଗା ବେଳାଭୂମି ପରିଦର୍ଶନ କରିଛନ୍ତି। ପ୍ରଥମେ ସେ କୋଣାର୍କରେ ପହଞ୍ଚି ସୂର୍ଯ୍ୟମନ୍ଦିର ବୁଲି ଦେଖିବା ସହ ବିଭିନ୍ନ ସୂକ୍ଷ୍ମ କାରୁକାର୍ଯ୍ୟ ଦେଖି ପ୍ରଶଂସା କରିଥିଲେ। କୋଣାର୍କ ମ୍ୟୁଜିୟମ ଅଧିକାରୀ ପ୍ରତାପ କୁମାର ନାୟକ ସୂର୍ଯ୍ୟମନ୍ଦିରର ଐତିହାସିକ ତଥ୍ୟ ବୁଝାଇ ଦେଖାଇଥିଲେ। ଏହାପରେ ଚନ୍ଦ୍ରଭାଗା ବେଳାଭୂମିକୁ ଯାଇଥିଲେ। ରାଜ୍ୟପାଳଙ୍କ ଏହି ଗସ୍ତ ସମୟରେ ଅତିରିକ୍ତ ଜିଲାପାଳ ଦିଲୀପ ମହାପାତ୍ର, ତହସିଲଦାର ଶେଖ ସାଗିର, କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମିୟ ସେଠୀ, କୋଣାର୍କ ଥାନା ଆଇଆଇସି ରଞ୍ଜନ ମଲ୍ଲିକ ପ୍ରମୁଖ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ପୋଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

# ମଣ୍ଡିରେ କଟ୍‌ନି ଛଟ୍‌ନିକୁ ବିରୋଧ

**ନିରାକାରପୁର,୯।୧(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲାରେ ଗତବର୍ଷ ଭଳି ଚଳିତବର୍ଷ ମଧ୍ୟ ଆରମ୍ଭରୁ ମଣ୍ଡିରେ ଅବ୍ୟବସ୍ଥା ଦେଖିବାକୁ ମିଳିଛି। ଧାନ ଏଫ୍‌ଏକ୍ୟୁ(ଉନ୍ନତ) ମାନର ସତ୍ତ୍ୱେ ମିଲର୍ସମାନେ କୁଇଣ୍ଟାଲ ପିଛା ୫ରୁ ୭ କେଜି ପର୍ଯ୍ୟନ୍ତ କାଟୁଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଟାଙ୍ଗୀ ବ୍ଲକ ଅନ୍ତର୍ଗତ ନିରାକାରପୁର ଓ ଡିଆ ପଞ୍ଚାୟତର ଚାଷୀଙ୍କ ପାଇଁ କାଶୀପୁର ସେବା ସମବାୟ ସମିତିରେ ଗତ ଡିସେମ୍ବର ଶେଷ ସପ୍ତାହ ଗୁରୁବାର ଓ ଶନିବାର ମିଲର ଧାନ କ୍ରୟ କରିବାର ବ୍ୟବସ୍ଥା ଥିଲା। ତେବେ ଧାନର ମାନ ଭଲ ନ ଥିବା ଓ କୁଇଣ୍ଟାଲ ପିଛା ୫ରୁ ୭ କେଜି କଟାଯିବ ବୋଲି ମିଲର୍ସ କହିବାରୁ ଚାଷୀ ଧାନ ଦେବାକୁ ରାଜି ହୋଇ ନ ଥିଲେ। ଫଳରେ ୯୦ ଜଣ ଚାଷୀ ୩ ହଜାରରୁ ଊର୍ଦ୍ଧ୍ୱ କୁଇଣ୍ଟାଲ ଧାନ ଦେବା ପାଇଁ ଅପେକ୍ଷା କରିଛନ୍ତି। ସୋମବାର ଟାଙ୍ଗୀଠାରେ ଅନୁଷ୍ଠିତ ଜିଲାପାଳଙ୍କ ଜନଶୁଣାଣି ଶିବିରରେ ଚାଷୀମାନେ ପହଞ୍ଚି ମଣ୍ଡିରେ ହେଉଥିବା କଟ୍‌ନି ଛଟ୍‌ନିକୁ ବିରୋଧ କରିବା ସହ ଜିଲାପାଳଙ୍କୁ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି।

# ମାର୍ଚ୍ଚ ୨ ରେ 'ଆମ ଗାଁ ମହୋତ୍ସବ'

**ବେଗୁନିଆ,୯।୧(ଡି.ଏନ୍.ଏ.)**

ବେଗୁନିଆ ବ୍ଲକ ଅନ୍ତର୍ଗତ ମଲ୍ଲିପଦର ଗ୍ରାମ ସ୍ଥିତ 'ଆମ ଗାଁ ମହୋତ୍ସବ' କମିଟିର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ବିଦ୍ୟାଧର ମହାରଣାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ଶିଶିର ଆଚାର୍ଯ୍ୟ, କୋଷାଧକ୍ଷ ପୂର୍ଣ୍ଣଚନ୍ଦ୍ର ବେହେରା ଉପସ୍ଥିତ ଥିଲେ। ଚଳିତ ବର୍ଷ ମାର୍ଚ୍ଚ ୨ରେ ମହୋତ୍ସବ ଆରମ୍ଭ ହୋଇ ୬ ତାରିଖରେ ଉଦ୍‌ଯାପିତ ହେବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ଜିଲା ସଂସ୍କୃତି ବିଭାଗ ଏବଂ ଓଡ଼ିଶା ସରକାର ଭୁବନେଶ୍ୱର ଆନୁକୂଲ୍ୟରେ ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଗ୍ରାମାଞ୍ଚଳରେ ହଜି ଯାଉଥିବା ଐତିହ୍ୟ ଓ ପରମ୍ପରା, ସଂସ୍କୃତି ଓ ଭାଇଚାରାର ଭାବଧାରାକୁ ଉଜ୍ଜୀବୀତ କରିବା ଲକ୍ଷ୍ୟରେ ଏହି ମହୋତ୍ସବ ଆୟୋଜନ କରାଯାଉଛି ବୋଲି ସଭାପତି ମହାରଣା କହିଛନ୍ତି। ସେହିପରି ମହୋତ୍ସବରେ ଏକ ସ୍ମରଣିକା ଉନ୍ମୋଚନ କରାଯିବ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ କମିଟି ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ନେଇ ଆଲୋଚନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଉପଦେଷ୍ଟା ମଣ୍ଡଳୀର ରାଜକିଶୋର ପାଣିଗ୍ରାହୀ, ଉପେନ୍ଦ୍ର ଦାଶ, ମନୋଜ ପଣ୍ଡାଙ୍କ ସମେତ ସଦସ୍ୟ ରବୀନ୍ଦ୍ର ବାରିକ, ହରେକୃଷ୍ଣ ଦାସ, ସତ୍ୟ ନାରାୟଣ ତ୍ରିପାଠୀ, ମାଗୁଣି ସାମନ୍ତରାୟ, ବିକ୍ରମାଦିତ୍ୟ ପଣ୍ଡା, ଶଶିକାନ୍ତ ପଣ୍ଡା, ଗଣେଶ ସାହୁ, ସୁଦର୍ଶନ ମହାପାତ୍ର, ସନ୍ତୋଷ ଦାଶ, ଶରତ ମହାପାତ୍ର, ସୁକାନ୍ତ ମହାପାତ୍ର, ପୂର୍ବତନ ସମିତି ସଭ୍ୟ ସୁବାସ ମହାନ୍ତି, ପୂର୍ବତନ ସରପଞ୍ଚ ଭିକାରୀ ସାହୁ ଓ ସାମାଜିକ କର୍ମୀ ମାନସ ଦାସ, ରଞ୍ଜନ ବେହେରା, ଶ୍ରୀକାନ୍ତ ବାହିନୀପତି, ଦିଲୀପ ପାଣିଗ୍ରାହୀ, ସାଧୁ ଚରଣ ବେହେରା, ପବିତ୍ର ବେହେରା, ମୀନକେତନ ପରିଡ଼ା, ସନ୍ତୋଷ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ପୁରୀ ସହରରେ ପଶିଲା ହାତୀ

**ପୁରୀ ଅଫିସ, ୯।୧**



## ଲୋକେ ଭୟଭୀତ

- ■ ହାତୀ ଘଉଡ଼ାଇବାକୁ ବନ ବିଭାଗର ଉଦ୍ୟମ ଜାରି
- ■ ସୁରକ୍ଷା ଦୃଷ୍ଟିରୁ ବିଦ୍ୟୁତ ସରବରାହ ବନ୍ଦ କରାଗଲା

ପୁରୀ ସହରରେ ହାତୀ ଆତଙ୍କ। ସୋମବାର ଭୋର ସମୟରେ ଚନ୍ଦନପୁର ଅଞ୍ଚଳର ପ୍ରତାପ ପୁରୁଷୋତ୍ତମପୁର ଜଙ୍ଗଲ ନିକଟରେ ଏକ ଦନ୍ତାହାତୀ ଦେଖିବାକୁ ମିଳିଥିଲା। ପରେ କୃଷ୍ଣରଞ୍ଜନପୁର ଗାଁକୁ ହତୀଟି ପଶିଆସିଥିଲା। ରାତି ୯ଟାରେ ହାତୀଟି ତଳଜଙ୍ଘ ଅଞ୍ଚଳରେ ଥିବା ବେଳେ ରାତି ପ୍ରାୟ ୧୧ଟା ବେଳକୁ ପୁରୀ ସଦର ଅଞ୍ଚଳ ଅର୍ଥାତ ସହରକୁ ଲାଗିଥିବା ଖଡ଼ିଆବନ୍ଧ ଅଞ୍ଚଳରେ ପଶିଥିବା ସୂଚନା ମିଳିଛି। ଏହାକୁ କାବୁ କରିବା ପାଇଁ ଡିଏଫ୍‌ଓ ରାମାସ୍ୱାମୀଙ୍କ ନେତୃତ୍ୱରେ ରେଞ୍ଜରଙ୍କ ସମେତ ୫୦ରୁ ଅଧିକ ବନ କର୍ମଚାରୀ, ସଦର ଥାନା ଅଧିକାରୀ ସୁଶାନ୍ତ କୁମାର ବେହେରା, କୁମ୍ଭାରପଡ଼ା ଥାନା ଅଧିକାରୀ ଦିଲୀପ କୁମାର ସ୍ୱାଇଁ ପ୍ରମୁଖ ସେଠାରେ ଉପସ୍ଥିତ ରହିଛନ୍ତି। ତେବେ ବିଳମ୍ବିତ ରାତି ପର୍ଯ୍ୟନ୍ତ ହାତୀଟିକୁ ବନ ବିଭାଗ କାବୁ କରିବାରେ ବିଫଳ ହୋଇଥିବା ଜଣାପଡ଼ିଛି। ସୁରକ୍ଷା ଦୃଷ୍ଟିରୁ ମାର୍କଣ୍ଡେଶ୍ୱର ସାହି ସମେତ ମାଟିତୋଟା ଅଞ୍ଚଳରେ ବିଦ୍ୟୁତ ସରବରାହ ସଂଯୋଗ ବିଚ୍ଛିନ୍ନ କରାଯାଇଛି। ହାତୀଟି ଖାଦ୍ୟ ଅନ୍ୱେଷଣରେ ଚନ୍ଦକା ଜଙ୍ଗଲରୁ ଖୋର୍ଦ୍ଧା ବନଖଣ୍ଡ ଓ ଡେଲାଙ୍ଗ ଦେଇ ଚନ୍ଦନପୁରର କୃଷ୍ଣରଞ୍ଜନପୁରରେ ପହଞ୍ଚିଥିଲା। ପରେ ରାତିରେ ସହର ଆଡ଼କୁ ଚାଲିଆସିଛି। ହାତୀର ଗତିବିଧି ଉପରେ ନଜର ରଖାଯାଇଛି ବୋଲି ଡିଏଫଓ ରାମସ୍ୱାମୀ କହିଛନ୍ତି।

ସୂଚନା ଅନୁଯାୟୀ, ଗତ କିଛିଦିନ ହେଲା ଦନ୍ତାହାତୀଟି ପୁରୀ ଫରେଷ୍ଟ ରେଞ୍ଜ ଭିତରକୁ ଚାଲିଆସିଛି। ରବିବାର ରାତିରେ ଡେଲାଙ୍ଗ ଓ କଣାସ ଅଞ୍ଚଳରେ ହାତୀଟି ଦେଖିବାକୁ ମିଳିଥିଲା। ସୋମବାର ଭୋରୁ ଚନ୍ଦନପୁର, ପ୍ରତାପ ପୁରୁଷୋତ୍ତମପୁର, ପାଙ୍କଲ ଓ କୃଷ୍ଣରଞ୍ଜନପୁର ଅଞ୍ଚଳରେ ବୁଲୁଥିଲା। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ, ହାତୀଟି ରାସ୍ତା ଉପରେ ବୁଲୁଥିବାରୁ ଲୋକେ ଭୟଭୀତ ଅବସ୍ଥାରେ ରହିଛନ୍ତି। ସୁରକ୍ଷିତ ଭାବେ ହାତୀକୁ ଘଉଡ଼ାଇବା ପାଇଁ ସ୍ୱତନ୍ତ୍ର ପ୍ଲାନ କରିଛି ବନ ବିଭାଗ। ଅନ୍ୟପଟେ ପୁରୀ ବନଖଣ୍ଡ ଅଧିକାରୀଙ୍କ ସମେତ ଖୋର୍ଦ୍ଧା ବନଖଣ୍ଡ ଅଧିକାରୀ ଓ ସ୍ଥାନୀୟ ପୋଲିସ ସହାୟତାରେ ହାତୀର ଗତିବିଧି ଉପରେ ନଜର ରଖାଯାଇଛି। ଏପରିକି ସ୍ଥାନୀୟ ଅଞ୍ଚଳବାସୀଙ୍କୁ ସତର୍କ ରହିବା ସହ ଭୟଭୀତ ନ ହେବା ପାଇଁ କୁହାଯାଇଛି। କୃଷ୍ଣରଞ୍ଜନପୁର ଗ୍ରାମବାସୀ ସୁରେଶ ସାହୁ କହିଛନ୍ତି, ସୋମବାର ଭୋର ସମୟରେ କୁକୁର ଭୁକୁଥିଲେ। ତେବେ ଗାଁକୁ ଘୁଷୁରି ପଶିଆସିଥିବା ଆମେ ଭାବିଥିଲୁ। ମାତ୍ର ପରେ ଏକ ଦନ୍ତାହାତୀ ଗାଁ ନିକଟରେ ବୁଲୁଥିବା ଦେଖିବାକୁ ପାଇଥିଲୁ। ପ୍ରଶାସନ ହାତୀକୁ ଶୀଘ୍ର ଘଉଡ଼ାଇବା ପାଇଁ ପଦକ୍ଷେପ ନେବା ଉଚିତ। ସେହିପରି ଡିଏଫ୍‌ଓ ରାମାସ୍ୱାମୀ କହିଛନ୍ତି, ଖାଦ୍ୟ ଅନ୍ୱେଷଣରେ ହାତୀଟି ଗାଁ ଭିତରକୁ ଚାଲିଆସିଛି। ତାକୁ ପୋଲିସ ଓ ବନ ବିଭାଗ ଜଗି ରହିଛନ୍ତି। ଦିନରେ ହାତୀର ଯାତାୟତ ପ୍ରାୟ କମ୍ ରହିଥାଏ। ରାତିରେ ସେ ଯାତାୟତ କରିଥାଏ। ତା'ର ଗତିବିଧି ଉପରେ ନଜର ରଖାଯାଇଛି। ଏ ନେଇ ଉଚ୍ଚପଦସ୍ଥ ଅଧିକାରୀମାନଙ୍କ ସହ ଯୋଗାଯୋଗ ରହିଛି। ଯଦି ହାତୀଙ୍କୁ ଜଙ୍ଗଲ ମଧ୍ୟକୁ ଫେରାଇବାରେ ଅସୁବିଧା ହେବ ତେବେ ଟ୍ରାଙ୍କୁଲାଇଜର କରି ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯିବ। ହାତୀର ସୁରକ୍ଷାକୁ ଦୃଷ୍ଟିରେ ରଖି ସ୍ଥାନୀୟ ଅଞ୍ଚଳରେ ବିଦ୍ୟୁତ ସରବରାହ ବନ୍ଦ ରଖାଯାଇଛି। ସେହିପରି ଲୋକଙ୍କୁ ହାତୀ ନିକଟକୁ ନ ଯିବା ପାଇଁ ପରାମର୍ଶ ଦିଆଯାଇଛି।

**ଚଣ୍ଡକତାରେ ବିଜୁ ସ୍ୱାସ୍ଥ୍ୟ କାର୍ଡରୁ ଟଙ୍କା ଉଠାଣ, ୩ ଅଟକ**

କଟକ ସଦର,(ଡି.ଏନ୍.ଏ.)- ୪୨ ମୌଜା ଥାନା ଅନ୍ତର୍ଗତ ଏରଞ୍ଚ ଗ୍ରାମରେ ସୋମବାର ୩ବ୍ୟକ୍ତି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ କାର୍ଡରୁ ବିନା ଚିକିତ୍ସାରେ ଟଙ୍କା ଉଠାଇବା ପଦ୍ଧତି ଲୋକଙ୍କୁ ଶିଖାଉଥିଲେ। ଗ୍ରାମବାସୀ ଏହା ଜାଣିବା ପରେ ସେମାନଙ୍କୁ ଧରି ପୋଲିସ ଜିମା ଦେଇଥିଲେ। ପୋଲିସ ୩ଜଣଙ୍କୁ ପଚରାଉଚରା କରୁଛି। ଏହି ବ୍ୟକ୍ତିମାନେ ୨ ହଜାର ଟଙ୍କା ଦେଇ ୪ଜଣ ବ୍ୟକ୍ତିଙ୍କର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ସ୍ମାର୍ଟ କାର୍ଡ ନେଇଥିଲେ। ବାୟୋମେଟ୍ରିକ ଛାପ ନେବାପରେ ହଠାତ୍ କଟକର ଏକ ନିର୍ଦ୍ଦିଷ୍ଟ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି କି ଫୋନ କଲ୍ ଆସିଥିଲା। ଏକଥା ଲୋକମାନେ ଜାଣିବା ପରେ ପୋଲିସର ସହାୟତା ନେଇଥିଲେ। ଏ ନେଇ ଥାନାରେ କୌଣସି ମାମଲା ରୁଜୁ ହୋଇନାହିଁ।



ବାରବାଟୀ ଷ୍ଟାଡିୟମରେ ହେବାକୁ ଥିବା ହକି ବିଶ୍ୱକପ୍ ଉଦ୍‌ଘାଟନୀକୁ ନେଇ ସୋମବାର ଷ୍ଟାଡିୟମରେ କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ନୃତ୍ୟ ଅଭ୍ୟାସ କରୁଛନ୍ତି ।




ହକି ବିଶ୍ୱକପ୍ ପାଇଁ ଓଏମ୍‌ପି ଓଭରବ୍ରିଜ ପାଚେରିକୁ ହକି ସମ୍ବନ୍ଧୀୟ ଚିତ୍ରରେ ଅଙ୍କାଯାଇଛି ।

# ଆଜି ଅଭ୍ୟାସ କରିବେ ଦିଶା, ରଣବୀର

**କଟକ ଅଫିସ,୯।୧**

ଆଉ ଗୋଟିଏ ଦିନପରେ ହକି ପୁରୁଷ ହକି ବିଶ୍ୱକପ୍-୨୦୨୩ର ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହେବ। ଏଥିପାଇଁ ବାରବାଟିରେ ଜୋରସୋରରେ ପ୍ରସ୍ତୁତି ଚାଲିଥିବାବେଳେ ଷ୍ଟାଡିୟମକୁ ସମ୍ପୂର୍ଣ୍ଣ ନୂଆ ରୂପରେ ସଜାଇ ଦିଆଯାଇଛି। ଉତ୍ସବରେ ଜଲୱା ଦେଖାଇବେ ବଲିଉଡ୍ ତାରକା ଦିଶା ପଟାନୀ ଓ ରଣବୀର ସିଂ। ରଣବୀରଙ୍କ ଏରିଏଲ ଡ୍ୟାନ୍ସ ଦେଖିବାକୁ ମିଳିବ। ଜିପ୍‌ଲାଇନ୍ ଜରିଆରେ ରଣବୀର ମଞ୍ଚକୁ ପ୍ରବେଶ କରିବାର ଯୋଜନା ରଖାଯାଇଛି। ତାଙ୍କ ଅଭ୍ୟାସ ପାଇଁ ଜିପଲାଇନ୍ ପ୍ରସ୍ତୁତ କରାଯାଉଛି। ରଣବୀରଙ୍କ ସହିତ ସାଇମାକ୍ ଡ୍ୟାନ୍ସ ଗ୍ରୁପ ମଞ୍ଚରେ ଦେଖିବାକୁ ମିଳିବ। ରଣବୀରଙ୍କ ଅଭ୍ୟାସ ସମୟ ରହିଛି ୫ ଘଣ୍ଟା। ସେ ରାତି ୧୦ଟାରୁ ବିଳମ୍ବିତ ରାତି ୩ଟା ପର୍ଯ୍ୟନ୍ତ ବାରବାଟୀରେ ଉପସ୍ଥିତ ରହିବେ। ସେହିପରି ଅଭିନେତ୍ରୀ ଦିଶା ସୋମବାର ଭୁବନେଶ୍ୱରରେ ପହଞ୍ଚି ସାରିଛନ୍ତି। ମଙ୍ଗଳବାର ଅପରାହ୍ନରେ ତାଙ୍କର ଅଭ୍ୟାସ ସମୟ ଧାର୍ଯ୍ୟ କରାଯାଇଛି। ଅପରାହ୍ନ ୩.୩୦ରୁ ୫.୩୦ ପର୍ଯ୍ୟନ୍ତ ସେ ବାରବାଟୀରେ ଅଭ୍ୟାସ କରିବେ। ପୂର୍ବ ନିର୍ଦ୍ଧାରିତ ସମୟ ଅନୁସାରେ ଓଡ଼ିଆ ର୍‌ୟାପର ବିଗ୍ ଡିଲ୍, ବ୍ଲାକସ୍ୱାନ ଗ୍ରୁପ, ଲିସା ମିଶ୍ର, ବଲିଉଡ୍‌ର ପ୍ରଖ୍ୟାତ ସଙ୍ଗୀତ ନିର୍ଦ୍ଦେଶକ ପ୍ରୀତମଙ୍କ ବ୍ୟାଣ୍ଡ୍ ଅଭ୍ୟାସ କରିବା ନିମନ୍ତେ ବାରବାଟୀକୁ ଆସିବେ।

### ଆଜି ପହଞ୍ଚିବ ବିଶ୍ୱକପ ଟ୍ରଫି

ମଙ୍ଗଳବାର କଟକ ବିଦ୍ୟାଧରପୁରରେ ପହଞ୍ଚିବ ବିଶ୍ୱକପ ଟ୍ରଫି। ସେଠାରୁ ଟ୍ରଫିକୁ ନେଇ ଇନ୍‌ଡୋର ଷ୍ଟାଡିୟମରେ ରଖାଯିବ। ଏହାପରେ ୧୧ ତାରିଖ ସକାଳୁ ଟ୍ରଫି ଶୋଭାଯାତ୍ରା ଆରମ୍ଭ ହେବ। ଶୋଭାଯାତ୍ରା କଟକ ଇନ୍ କଟକରୁ ଆରମ୍ଭ ହୋଇ ବାରବାଟି ଷ୍ଟାଡିୟମରେ ଶେଷ ହେବ। ଶୋଭାଯାତ୍ରା ପାଇଁ ସିଏମ୍‌ସି ପକ୍ଷରୁ ରୁଟ୍ ମ୍ୟାପ ପ୍ରସ୍ତୁତ କରାଯାଇଛି। ରୁଟ ମ୍ୟାପ ଅନୁଯାୟୀ ଶୋଭାଯାତ୍ରା ହେବ ବୋଲି ମେୟର କହିଛନ୍ତି।

### ୩ଟାରୁ ଆରମ୍ଭ ହେବ କାର୍ଯ୍ୟକ୍ରମ

ଉଦଘାଟନୀ ଉତ୍ସବ ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ୧୧ ତାରିଖ ଅପରାହ୍ନ ୩ଟା ବେଳେ କାର୍ଯ୍ୟକ୍ରମ ଆରମ୍ଭ ହେବ। ସେଥିପାଇଁ ପୂର୍ବରୁ ଦର୍ଶକମାନେ ଗ୍ୟାଲେରିକୁ ପ୍ରବେଶ କରିପାରିବେ ବୋଲି କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ସୂଚନା ଦେଇଛନ୍ତି । କାର୍ଯ୍ୟକ୍ରମ ରାତି ୯.୩୦ରୁ ୧୦ଟାବେଳେ ଶେଷ କରିବାକୁ ଟାର୍ଗେଟ ରଖିଛୁ। ପ୍ରାୟ ଅଢ଼େଇ ହଜାର ଅତିଥିଙ୍କୁ ଆମନ୍ତ୍ରିତ କରାଯାଇଛି। ହେଲେ ବର୍ତ୍ତମାନ ପର୍ଯ୍ୟନ୍ତ କିଛି ଚୂଡ଼ାନ୍ତ ହୋଇନି। ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ସବୁ ଚୂଡ଼ାନ୍ତ ହୋଇଯିବ ବୋଲି କମିଶନର କହିଛନ୍ତି।

### ପ୍ରସ୍ତୁତ ହେଉଛି ବାଲୁକା କଳା

କଟକରେ ପୁଣିଥରେ ଦେଖିବାକୁ ମିଳିବ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା। ପୂର୍ବରୁ ବାଲିଯାତ୍ରାରେ ତିଆରି କରିଥିବା ବାଲୁକା କଳା ଲୋକଙ୍କୁ ବେଶ୍ ଆକର୍ଷିତ କରିଥିବା ବେଳେ ଏବେ ହକିକୁ ନେଇ ବାଲୁକା କଳା ପ୍ରସ୍ତୁତ ହେଉଛି। କଟକ ଇନ୍ କଟକ ପରିସରରେ ଏହାକୁ ପ୍ରସ୍ତୁତରେ ଲାଗିପଡିଛନ୍ତି ଶିଳ୍ପୀ ସୁଦର୍ଶନ ଓ ତାଙ୍କ ଟିମ୍। ହାତରେ ଆଉ ଗୋଟିଏ ଦିନ ଥିବାରୁ ଯୁଦ୍ଧକାଳୀନ ଭିତ୍ତିରେ ପ୍ରସ୍ତୁତି ଜାରି ରହିଛି। ବାଲିରେ ସେ ବିଶ୍ୱକପ ହକି ପ୍ରଦର୍ଶିତ କରିବେ ବୋଲି ମେୟର ସୂଚନା ଦେଇଛନ୍ତି।

### ଫ୍ୟାନ ପାର୍କ ନେଇ ପ୍ରସ୍ତୁତି ବୈଠକ

ଓସିଏମ୍‌ଠାରୁ ସୋମବାର ମେୟର, କମିଶନର ଏବଂ ବିଭିନ୍ନ ଅଧିକାରୀଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ଉଦ୍‌ଘାଟନୀ ଉତ୍ସବ ପାଇଁ ସହରରେ ସ୍ଥିର ହୋଇଥିବା ଫ୍ୟାନ ପାର୍କ କାର୍ଯ୍ୟକାରିତା ନେଇ ଆଲୋଚନା ହୋଇଥିଲା। ଜିଲା ପ୍ରଶାସନ ଏବଂ ସିଏମ୍‌ସିର ସମସ୍ତ କର୍ତ୍ତୃପକ୍ଷଙ୍କ ମଧ୍ୟରେ ବିଭିନ୍ନ ପାର୍କଗୁଡିକ ଦାୟିତ୍ୱ ବଣ୍ଟନ କରାଯାଇଥିଲା। ଚିହ୍ନଟ ହୋଇଥିବା ୧୬ଟି ସ୍ଥାନରେ ସୁରୁଖୁରରେ ସହରବାସୀ ଯେପରି ଉତ୍ସବର ମଜା ନେଇପାରିବେ ସେ ଦିଗରେ ଗୁରୁତ୍ୱ ଦେବାକୁ କମିଶନର ଏବଂ ମେୟର ଅଧିକାରୀମାନଙ୍କୁ କହିଥିଲେ।



ବାଲିଯାତ୍ରା ତଳ ପଡିଆସ୍ଥିତ କଟକ ଇନ୍ କଟକ ପରିସରରେ ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି ।




ବାଲିଯାତ୍ରା ତଳ ପଡିଆସ୍ଥିତ କଟକ ଇନ୍ କଟକ ପରିସରରେ ଅନୁଷ୍ଠିତ ରଙ୍ଗୋଲି ପ୍ରତିଯୋଗିତାରେ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ଭାଗନେଇ ଝୋଟି ପକାଉଛନ୍ତି।

## ସୁଲଭ ମୂଲ୍ୟ ଦୋକାନ ଲାଇସେନ୍ସ ପାଇଁ ଅର୍ଥ କାରବାର ଅଭିଯୋଗ

କଟକ ସଦର,୯।୧(ଡି.ଏନ୍.ଏ.)- କଟକ ସଦର ବ୍ଲକର ୪ଟି ସ୍ଥାନରେ ସୁଲଭ ମୂଲ୍ୟ ଦୋକାନ ଲାଇସେନ୍ସ ପ୍ରଦାନ ପାଇଁ ବିଜ୍ଞାପନ ପ୍ରକାଶ ପାଇଥିଲା। ଏଥିରେ କେବଳ ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି)ଗୁଡ଼ିକ ଆବେଦନ କରିଛନ୍ତି। ଏ ନେଇ ମନୋନୟନ ବୈଠକ ବସି ନ ଥିବାବେଳେ କେତେଜଣ ଦଲାଲ ୫୦ହଜାର ଟଙ୍କା ଦେଲେ ଲାଇସେନ୍ସ କରାଇଦେବେ ବୋଲି କହି ବୁଲୁଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଏସ୍‌ଏଚ୍‌ଜି ମହିଳାମାନେ ଚିନ୍ତାରେ ପଡିଛନ୍ତି। ପରମହଂସ, ଗଡିରାଉତପାଟଣା, ଦଧିବାମନପୁର ଓ କୁଳସରିଚୁଆଁ ପଞ୍ଚାୟତରେ ଗୋଟିଏ ଲେଖାଏ ସୁଲଭ ମୂଲ୍ୟ ଦୋକାନ ଖୋଲାଯିବ। ସରକାର କିଲୋ ପିଛା ୯୦ ପଇସା କମିଶନ ଦେବେ। ଉପଜିଲାପାଳଙ୍କ ଅଧ୍ୟକ୍ଷତାରେ ଗଠିତ ଏକ ଉଚ୍ଚ କ୍ଷମତାସମ୍ପନ୍ନ କମିଟି ଆବେଦନପତ୍ରଗୁଡ଼ିକର ବିଚାର କରିବେ। ମିଳିଥିବା ସୂଚନା ଅନୁଯାୟୀ ନୂଆ ଉପଜିଲାପାଳ କମଳଜିତ ଦାସ ନୂଆ ଦାୟିତ୍ୱ ଗ୍ରହଣ କରିଥିବାରୁ ବୈଠକ ହୋଇ ନାହିଁ। ଉଚ୍ଚ କର୍ତ୍ତୃପକ୍ଷ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ଶୋଷଣରୁ ରକ୍ଷା ପାଇଁ ମହିଳାମାନେ ନିବେଦନ କରିଛନ୍ତି।

## ସାମାଜିକ କର୍ମୀ ପ୍ରଫୁଲ୍ଲ ସାହୁଙ୍କ ପରଲୋକ

କଟକ ଅଫିସ, ୯।୧: ସାମାଜିକ କର୍ମୀ ତଥା ଲାୟନ୍ସ କ୍ଲବ୍‌ର ପୂର୍ବତନ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ପ୍ରଫୁଲ୍ଲ ସାହୁ (୮୨)ଙ୍କର ତୁଳସୀପୁରସ୍ଥିତ ମହତାବନଗର ବାସଭବନରେ ଶନିବାର ପରଲୋକ ହୋଇଛି। ମୃତ୍ୟୁଶଯ୍ୟା ନିକଟରେ ପୁତ୍ର, ପୁତ୍ରବଧୂ, ଝିଅ, ନାତି, ନାତୁଣୀ ଉପସ୍ଥିତ ଥିଲେ। ପରଲୋକ ଖବର ପାଇ ମହତାବ ନଗର ବାସିନ୍ଦା, ଲାୟନ୍ସ କ୍ଲବ୍‌ର ସଦସ୍ୟ, ପ୍ରଜାତନ୍ତ୍ର ପ୍ରଚାର ସମିତିର କର୍ମଚାରୀ ଓ କଳାବିକାଶ କେନ୍ଦ୍ରର ସଦସ୍ୟମାନେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ସତୀଚଉରା ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ଜ୍ୟେଷ୍ଠ ପୁତ୍ର ଦିଲୀପ ମୁଖାଗ୍ନି ଦେଇଥିଲେ।

## ସ୍ୱାସ୍ଥ୍ୟସେବାରେ ସେବିକା ମେରୁଦଣ୍ଡ ସଦୃଶ

**ଡ୍ରିମ୍‌ସ ନର୍ସିଂ କଲେଜ**

**କଟକ ଅଫିସ, ୯।୧:**

ଡ୍ରିମ୍‌ସ ସ୍କୁଲ ଆଣ୍ଡ କଲେଜ ଅଫ୍ ନର୍ସିଂର ନୂତନ ବିଦ୍ୟାର୍ଥୀଙ୍କ ପାଇଁ ପଞ୍ଚଦିବସୀୟ ମାର୍ଗଦର୍ଶନ କାର୍ଯ୍ୟକ୍ରମ ସୋମବାର ପଦ୍ମିନୀ ଅଡିଟୋରିୟମରେ ଆରମ୍ଭ ହୋଇଛି। କାର୍ଯ୍ୟକ୍ରମକୁ ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଉଦ୍‌ଘାଟନ କରି କହିଥିଲେ, ସ୍ୱାସ୍ଥ୍ୟସେବାରେ ସେବିକାମାନେ ମେରୁଦଣ୍ଡ ସଦୃଶ। ଏଥିସହ ନବାଗତ ବିଦ୍ୟାର୍ଥୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। ସେହିପରି ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଡିଏମ୍‌ଇଟି ଡା. ବ୍ରଜକିଶୋର ଦାସ ନର୍ସିଂ ବୃତ୍ତିକୁ ଆପଣାଇଥିବା ଛାତ୍ରୀଛାତ୍ରଙ୍କ ସଫଳତା କାମନା କରିଥିଲେ। ସମ୍ମାନିତ ବକ୍ତା ଭାବେ ଶିକ୍ଷାନୁଷ୍ଠାନର ପରାମର୍ଶଦାତା ପ୍ରଫେସର ସୁଶାନ୍ତ ଦାସ, ନିର୍ଦ୍ଦେଶକ ଲୋକନାଥ ବେହେରା, ପଦ୍ମିନୀ କେୟାର ହସ୍ପିଟାଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡା. ଜ୍ୟୋତିପ୍ରକାଶ ପରିଜା, ପ୍ରଫେସର କଲ୍ୟାଣ ସାହୁ, ଅଧକ୍ଷା ପି. କଙ୍ଗେଶ୍ୱରୀ ପ୍ରମୁଖ ଉପସ୍ଥିତଥିଲେ। ଉପାଧକ୍ଷା ଏନ୍. ପ୍ରେମଲତା ଦେବୀ ଧନ୍ୟବାଦ ଦେଇଥିଲେ।

## ଓଡ଼ିଶା ହାଇକୋର୍ଟ କର୍ମଚାରୀ ସ୍ପୋର୍ଟ୍ସ ମିଟ୍

**କଟକ ଅଫିସ,୯।୧:**

ଓଡ଼ିଶା ହାଇକୋର୍ଟ କର୍ମଚାରୀମାନଙ୍କ ସ୍ପୋର୍ଟ୍ସ ମିଟ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ କ୍ରିକେଟ, ବ୍ୟାଡ୍‌ମିଣ୍ଟନ, କ୍ୟାରମ, ଚେସ୍ ଓ ମ୍ୟୁଜିକାଲ ଚେୟାର ଆଦି କ୍ରୀଡ଼ା ପ୍ରତିଯୋଗତା ଅନୁଷ୍ଠିତ ହୋଇଥିଲା। ଜବାହରଲାଲ ଇନ୍‌ଡୋର ଷ୍ଟାଡିୟମରେ ଡିସେମ୍ବର ୧୦ ଓ ୧୧ରେ ଇନ୍‌ଡୋର କ୍ରୀଡ଼ା ଓ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଡିସେମ୍ବର ୨୪ରୁ ୨୭ଯାଏ ସନ୍‌ସାଇନ୍ ପଡ଼ିଆରେ ଅନୁଷ୍ଠିତ ହୋଇଥିଲା। ତେବେ ଗତ ରବିବାର ସ୍ପୋର୍ଟ୍ସ ମିଟ୍‌ର ଉଦ୍‌ଯାପନୀ ସମାରୋହ ଅନୁଷ୍ଠିତ ହୋଇଥିଲା। କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଆସିଷ୍ଟାଣ୍ଟ ସେକ୍ସନ ଅଫିସରଙ୍କ ଦଳ ବିଜେତା ହୋଇଥିବା ବେଳେ ସେଣ୍ଟ୍ରାଲ ଇସ୍ୟୁ ସେକ୍ସନ ଅଫ ହାଇକୋର୍ଟ ରନର୍ସ ଅପ୍ ହୋଇଥିଲେ। ବ୍ୟାଡ୍‌ମିଣ୍ଟନ ସିଙ୍ଗଲସ୍ ପୁରୁଷରେ ବିମଳ ସେଠୀ, ମହିଳାରେ ଅନୀଶା ସାହୁ ବିଜେତା ଏବଂ ଦେବାଶିଷ ପଟ୍ଟନାୟକ ଓ ସତ୍ୟବତୀ ହିଅଲ୍ ଯଥାକ୍ରମେ ରନର୍ସ ଅପ୍ ହୋଇଥିଲେ। କ୍ୟାରମ୍‌ରେ ସୁମିତ୍ ଘଡ଼େଇ, ଅଜୟ ଲେଙ୍କା, ଚେସ୍‌ରେ ବିଶ୍ୱଜିତ ପଣ୍ଡା, ସୁବାସ ସେଠୀ ଏବଂ ମ୍ୟୁଜିକ ଚେୟାରରେ ପୂଜା ରୟ, ଲୋପାମୁଦ୍ରା ମହାନ୍ତି ଯଥାକ୍ରମେ ବିଜେତା ଓ ରନର୍ସ ଅପ୍ ହୋଇଥିଲେ। ମୁଖ୍ୟ ବିଚାରପତି ଡ. ଏସ୍. ମୁରଲୀଧର ଓ ଅନ୍ୟ ବିଚାରପତିମାନେ ବିଜେତା ଓ ରନର୍ସ ଅପ୍ ପ୍ରତିଯୋଗୀଙ୍କୁ ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ। ହାଇକୋର୍ଟର ପୂର୍ବତନ ବିଚାରପତିଙ୍କ ସମେତ ବର୍ତ୍ତମାନର ବିଚାରପତିମାନେ ଉପସ୍ଥିତ ରହି ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ।



ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ହାଇକୋର୍ଟ ସ୍ପୋର୍ଟ୍ସ ମିଟ୍‌ର ଉଦ୍‌ଯାପନୀ ଉତ୍ସବରେ ଉପସ୍ଥିତ ଅତିଥି ।

## ଦେବାଶିଷ ମହାପାତ୍ର ପାଇବେ ନାଥବ୍ରହ୍ମ ଯୁବ ଗବେଷକ ସମ୍ମାନ



**କଟକ ଅଫିସ, ୯।୧:**

ଡ. ଦେବାଶିଷ ମହାପାତ୍ର 'ନାଥବ୍ରହ୍ମ ଯୁବ ଗବେଷକ ସମ୍ମାନ' ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ୧୨ ତାରିଖ ଯୁବ ଦିବସ ସନ୍ଧ୍ୟାରେ ହେବାକୁ ଥିବା ସାରସ୍ୱତ ଉତ୍ସବରେ ତାଙ୍କୁ ଏହି ସମ୍ମାନ ଦିଆଯିବ। ଅନୁଷ୍ଠାନର ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦଙ୍କ ଅଧ୍ୟକ୍ଷତାରେ ହେବାକୁ ଥିବା ସମାରୋହକୁ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ସଂଗ୍ରାମ କେଶରୀ ମହାପାତ୍ର ଉଦ୍‌ଘାଟନ କରିବେ। ସାଧାରଣ ସମ୍ପାଦକ ପ୍ରାଧ୍ୟାପକ ଆଦିତ୍ୟ ପ୍ରତାପ ଧଳ ଓ ସଙ୍ଗଠନ ସମ୍ପାଦକ ଡ. ସୁନାମଣି ରାଉତ ସୋମବାର ଏକ ପ୍ରେସ୍ ବିବୃତ୍ତିରେ ସୂଚନା ଦେଇଛନ୍ତି। ଡ. ମହାପାତ୍ର 'ବ୍ୟାକରଣ', 'ଭାଷା ଓ ସାହିତ୍ୟ', 'ଆମ ବର୍ଣ୍ଣମାଳା ଓ ଭାଷାକଥା', 'ଭାଷା ଭାବନା' ଆଦି ପୁସ୍ତକର ରଚୟିତା।

## ବୟସ୍କ ନାଗରିକ ସହନଶୀଳ ହେବା ଉଚିତ

**ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚର ବାର୍ଷିକୋତ୍ସବ**

**କଣ୍ଟାପଡା,୯।୧(ଡି.ଏନ୍.ଏ.)**

କଣ୍ଟାପଡ଼ା ବ୍ଲକ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚର ପ୍ରଥମ ବାର୍ଷିକ ଉତ୍ସବ ବାଗଲପୁର ପଞ୍ଚାୟତ କଲ୍ୟାଣ ମଣ୍ଡପରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ମଞ୍ଚର ସଭାପତି ପଦ୍ମନାଭ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ପୋଲିସ ଅଧିକାରୀ ସୂର୍ଯ୍ୟମଣି ତ୍ରିପାଠୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ବୟସ୍କ ନାଗରିକମାନେ ପରିବାରର ପାରିପାର୍ଶ୍ୱିକ ପରିସ୍ଥିତିକୁ ନେଇ ନିଜକୁ ସହନଶୀଳ କରିବାକୁ ପରାମର୍ଶ ଦେଇଥିଲେ। ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ କୁମାର ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବୃଦ୍ଧାବସ୍ଥାରେ ସୁସ୍ଥ ଓ ନୀରୋଗ ଜୀବନଯାପନ ପାଇଁ ଖାଦ୍ୟ ଓ ଦୈନନ୍ଦିନ ଜୀବନଶୈଳୀ ଠିକ୍‌ଭାବେ ପରିଚାଳନା କରିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ପୂର୍ବତନ ବିଚାରପତି ବିଜୟ ଜେନା, ପଞ୍ଚାୟତ ସମିତି ଅଧ୍ୟକ୍ଷା ଜିନା ଭୋଇ, ସରପଞ୍ଚ ଜ୍ୟୋସ୍ନାରାଣୀ ସେଠୀ ଯୋଗଦେଇ ବରିଷ୍ଠ ନାଗରିକଙ୍କ ଉପରେ ହେଉଥିବା ପାରବାରିକ ହିଂସାରୁ ସୁରକ୍ଷା ପାଇଁ ଆଇନର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ବରିଷ୍ଠ ନାଗରିକ ବିମଳ ଚରଣ ମହାନ୍ତି, ଭରତଚନ୍ଦ୍ର ପାଢ଼ୀ, ସୀତାକାନ୍ତ ଦାସ ଓ କୈଳାସଚନ୍ଦ୍ର ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାଧାରଣ ସମ୍ପାଦକ ଇଂ.ଫଣୀଭୂଷଣ ମହାନ୍ତି ବାର୍ଷିକ ବିବରଣୀ ପାଠ, ସଂଗଠନ ସମ୍ପାଦକ ରାମପ୍ରସାଦ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ବରିଷ୍ଠ ନାଗରିକମାନଙ୍କ ଦ୍ୱାରା ଅଭିନୀତ କ୍ଷୁଦ୍ର ନାଟକ 'ଆଶାର ଆଲୋକ' ବେଶ୍ ମନଛୁଆଁ ହୋଇଥିଲା।



ବରିଷ୍ଠ ନାଗରିକଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରୁଛନ୍ତି।

## ମାମଲା ରୁଜୁ ପାଇଁ ସରକାରଙ୍କୁ ଅନୁମତି ମାଗିଲେ

**କଟକ ସଦର ବିଡିଓଙ୍କ ମିଥ୍ୟା ତଥ୍ୟ ପ୍ରସଙ୍ଗ**

**କଟକ ସଦର,୯।୧(ଡି.ଏନ୍.ଏ.)**

କଟକ ସଦର ବିଡିଓ ନିଜର ପ୍ରଶାସନିକ କ୍ଷମତାର ଅପବ୍ୟବହାର କରି ଓଡ଼ିଶା ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନା କରି ଗୋଚରରେ ସ୍ଥାୟୀ ନିର୍ମାଣ କରୁଥିବା ଅଭିଯୋଗ ହୋଇଛି। ତେଣୁ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ମାମଲା ରୁଜୁପାଇଁ ବିଶ୍ୱ ଗୋ ସୁରକ୍ଷା ବାହିନୀର ରାଜ୍ୟ ସଭାପତି ତଥା ଆଇନଜୀବୀ ସୁରେଶ କୁମାର ପଣ୍ଡା ଚିଠି ଜରିଆରେ ମୁଖ୍ୟ ଶାସନ ସଚିବଙ୍କ ଅନୁମତିମାଗିଥିବା ସୋମବାର ଗଣମାଧ୍ୟମକୁ ଜଣାଇଛନ୍ତି। ଘଟଣା ଅନୁଯାୟୀ, କଟକ ସଦର ଅଞ୍ଚଳରେ ଗୋରୁଙ୍କ ପାଇଁ ଥିବା ଗୋଚର ଜମିରେ ସ୍ଥାୟୀ ନିର୍ମାଣ ଚାଲିଛି। ଏହା ବିଡିଓଙ୍କ ନିର୍ଦ୍ଦେଶକ୍ରମେ ହେଉଥିବା ଜଣାପଡ଼ିବା ପରେ ସାମାଜିକ କର୍ମୀ ସୁଦର୍ଶନ ବେହେରାଙ୍କ ସମେତ ୪ଜଣ ୨୦୨୦ରେ ହାଇକୋର୍ଟରେ ଏକ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗର ହାଇକୋର୍ଟ ତତ୍କାଳ ଶୁଣାଣି କରି ମାମଲା ସଂଖ୍ୟା ଡବ୍ଲ୍ୟୁ ପି(ସି) ନଂ.୨୩୬୭୬/୨୦୨୦ ଜରିଆରେ କନ୍ଦରପୁର ପଞ୍ଚାୟତ ଅନ୍ତର୍ଗତ ସିଦ୍ଧେଶ୍ୱରପୁର ଗ୍ରାମର ଏକ ଗୋଚରଜମି ଉପରେ ଚାଲିଥିବା ସ୍ଥାୟୀ ନିର୍ମାଣକୁ ବନ୍ଦ କରିବା ପାଇଁ ରୋକ ଲଗାଇଛନ୍ତି। କିନ୍ତୁ କାର୍ଯ୍ୟ ବନ୍ଦ ନ ହୋଇ ଏଯାଏଁ ବଳବତ୍ତର ରହିଛି। ତେବେ ଧରିଣା ଓ ଆୟଉପୁର ପଞ୍ଚାୟତ ଗୋଚରରେ ସ୍ଥାୟୀ ନିର୍ମାଣ ପାଇଁ ସଦର, କଟକ ଉପଜିଲାପାଳଙ୍କ ମୌଖିକ ନିର୍ଦ୍ଦେଶରେ କରାଯାଇଥିବା ପତ୍ରସଂଖ୍ୟା ୨୪୬୧/୧୪।୮।୨୦୨୨ରେ ବିଡିଓ ସୂଚନା ଦେଇଥିଲେ। ମାତ୍ର ଏଭଳି ନିର୍ଦ୍ଦେଶ ସଂକ୍ରାନ୍ତରେ ଉପଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା କିଛି ଜାଣିନାହାନ୍ତି ବୋଲି ପତ୍ରସଂଖ୍ୟା ୧୧୯୮୦/୧୯।୧୧।୨୦୨୨ରେ ସୂଚନା ଦେଇଥିଲେ। ତେଣୁ ଉକ୍ତ ଅଧିକାରୀଙ୍କ ନାମରେ ମିଛ କହିବା ଓ ନ୍ୟାୟାଳୟ ଆଦେଶ ନ ମାନିଥିବାରୁ ବିଡିଓଙ୍କ ବିରୋଧରେ ମାମଲା ରୁଜୁ ପାଇଁ ଆଇନଜୀବୀ ପଣ୍ଡା ସରକାରଙ୍କ ଅନୁମତି ମାଗିଛନ୍ତି। ଏ ନେଇ ବିଡିଓଙ୍କୁ ଯୋଗାଯୋଗ କରିଥିବାବେଳେ କୌଣସି ମତ ଦେଇ ନ ଥିଲେ। ଅପରପକ୍ଷେ କଟକ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅମ୍ବର କୁମାର କରଙ୍କୁ ପଚାରିବାରୁ ସରକାର ଯାହା ନିଷ୍ପତ୍ତି ଗ୍ରହଣ କରିବେ ବୋଲି କହିଥିଲେ।

**୧୯୬୭ ବ୍ୟାଚର ବନ୍ଧୁମିଳନ**

କଣାସ (ସ୍ୱ.ପ୍ର.): କଣାସ ବ୍ଲକ ଅନ୍ତର୍ଗତ ମନ୍ଦାରବସ୍ତ ମଧ ଇଂଲିଶ୍ ବିଦ୍ୟାଳୟର ୧୯୬୭ ବ୍ୟାଚର ପ୍ରାକ୍ତନ ଛାତ୍ରୀଛାତ୍ରଙ୍କ ମା' ଜାଗୁଳାଇଙ୍କ ପୀଠରେ ଏକ ବନ୍ଧୁମିଳନ ଅନୁଷ୍ଠିତ ହୋଇଥିଲା। ଆୟୋଜିତ ସଭାରେ ପ୍ରତ୍ୟେକ ଛାତ୍ରୀଛାତ୍ର ସେମାନଙ୍କ ଜୀବନଶୈଳୀ ଓ ଜୀବନୀ ଉପରେ ମତବ୍ୟକ୍ତ କରିଥିଲେ। ଡା. ବାସୁଦେବ ପାତ୍ର, ସୁଧାଂଶୁବାଳା ପ୍ରହରାଜ, ରାଉଳ ସାମନ୍ତରାୟ, ପ୍ରମୋଦ ବଳିଆରସିଂ ଓ ଲକ୍ଷ୍ମୀଧର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସଂକ୍ଷେପରେ

### 'ଅନୁଭୂତିରେ ଶ୍ରୀଜଗନ୍ନାଥ'

ପୁରୀ ଅଫିସ, ୯।୧: ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ପୁରୀ ଜିଲା ପ୍ରଶାସନ ଏବଂ ଶ୍ରୀକ୍ଷେତ୍ର ପୁସ୍ତକ ମେଳା କମିଟିର ମିଳିତ ଆନୁକୂଲ୍ୟରେ ଶରଧାବାଲିରେ ଚାଲିଥିବା ୨୭ତମ ଶ୍ରୀକ୍ଷେତ୍ର ମେଳାର ଷଷ୍ଠ ଦିବସରେ ରବିବାର ପୁସ୍ତକ ମେଳା କମିଟି ପକ୍ଷରୁ 'ଅନୁଭୂତିରେ ଶ୍ରୀଜଗନ୍ନାଥ' ଶୀର୍ଷକ ବକ୍ତୃତାମାଳା ଅନୁଷ୍ଠିତ ହୋଇଥିଲା। ଏଥିରେ କମିଟି ସଭାପତି ଡ. କୈଳାସ ଚନ୍ଦ୍ର ଟିକାୟତରାୟ ସଭାପତିତ୍ୱ କରିଥିବାବେଳେ ସମ୍ପାଦକ ଚକ୍ରଧର ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନାମ ସାହୁ, ପୁଷ୍କର ମହାପାତ୍ର, ରାଜକିଶୋର ମିଶ୍ର, ଜଟାଧାରୀ ମିଶ୍ର, ରଘୁନାଥ ମହାପାତ୍ର, ବିପିନ ଦଳାଇ, ସୁକାନ୍ତ ପଣ୍ଡା, ସ୍ୱାଧିନ ପଣ୍ଡା, ଶ୍ରୀକାନ୍ତ ମହାନ୍ତି, ଭବାନୀ ବଳିଆରସିଂହ, ବିଭୁ ପ୍ରସାଦ ତ୍ରିପାଠୀ, ଶ୍ୟାମପ୍ରକାଶ ସେନାପତି, ବୀରେନ୍ଦ୍ର ମହାନ୍ତି ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସେମାନେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସମ୍ପର୍କରେ ନିଜ ଅନୁଭୂତି ବଖାଣିବା ସହ ଆଶୀର୍ବାଦ କାମନା କରିଥିଲେ। ଏହି ଅବସରରେ ମେଳା କମିଟି ପକ୍ଷରୁ ଶିଳ୍ପପତି ରାଜକିଶୋର ପାତ୍ର, ବରିଷ୍ଠ ସେବାୟତ କସ୍ତୁରୀ ସୁଆର, ହୋଟେଲିୟର ଗିରିଶ ନାୟକ, ଜୀତେନ୍ଦ୍ର କୁମାର ସାହୁ, ପ୍ରଶାନ୍ତ ପଣ୍ଡା, ରାଜେଶ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ସଂସ୍କୃତ ମହାବିଦ୍ୟାଳୟର ପ୍ରାଚାର୍ଯ୍ୟଙ୍କ ପ୍ରଶିକ୍ଷଣ ଶିବିର

ପୁରୀ ଅଫିସ, ୯।୧: ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ପରିସରରେ ସୋମବାର ରାଜ୍ୟର ବିଭିନ୍ନ ସଂସ୍କୃତ ମହାବିଦ୍ୟାଳୟର ପ୍ରାଚାର୍ଯ୍ୟମାନଙ୍କର ଦୁଇଦିନ ବ୍ୟାପି ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟ ୯ ଓ ୧୦ ଏବଂ ଦ୍ୱିତୀୟ ପର୍ଯ୍ୟାୟ ପ୍ରଶିକ୍ଷଣ ୧୧ ଓ ୧୨ ତାରିଖରେ ଅନୁଷ୍ଠିତ ହେବ। ପ୍ରଥମ ପର୍ଯ୍ୟାୟରେ ରାଜ୍ୟରୁ ପ୍ରାୟ ୭୦ ଜଣ ପ୍ରାଚାର୍ଯ୍ୟ ଯୋଗଦାନ କରିଛନ୍ତି। ମୁଖ୍ୟ ଅତିଥି ଭାବେ ରାଜ୍ୟ ଉଚ୍ଚ ଶିକ୍ଷା ପରିଷଦର ଉପାଧ୍ୟକ୍ଷ ପ୍ରଫେସର ଅଶୋକ କୁମାର ଦାସ ଯୋଗଦେଇ ନାକ୍ ସ୍ୱୀକୃତି ନିୟମାବଳୀ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ରବୀନ୍ଦ୍ର କୁମାର ପଣ୍ଡା ସଭାପତିତ୍ୱ କରି ପ୍ରାଚାର୍ଯ୍ୟମାନେ ମହାବିଦ୍ୟାଳୟର ଉନ୍ନତି ଦିଗରେ ବିଶେଷ ପଦକ୍ଷେପ ନେବା ଉଚିତ୍ ବୋଲି କହିଥିଲେ। କୁଳସଚିବ ସୁମିତ୍ରା ପଟ୍ଟନାୟକ ପ୍ରଶାସନିକ ଦୃଷ୍ଟିକୋଣରୁ ମହାବିଦ୍ୟାଳୟଗୁଡ଼ିକ ସ୍ୱଚ୍ଛତା ଅବଲମ୍ବନ କରିବା ଉଚିତ୍ ବୋଲି କହିଥିଲେ। ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଶତୃଘ୍ନ ପାଣିଗ୍ରାହୀ ମହାବିଦ୍ୟାଳୟଗୁଡିକର ସର୍ବାଙ୍ଗୀନ ଉନ୍ନତି ଦିଗରେ ପ୍ରାଚାର୍ଯ୍ୟମାନେ ବିଭିନ୍ନ କାର୍ଯ୍ୟପନ୍ଥା ହାତକୁ ନେବା ଉଚିତ୍ ବୋଲି ମତ ଦେଇଥିଲେ। ସଂଯୋଜକ ପ୍ରଫେସର ବସନ୍ତ କୁମାର ମିଶ୍ର କାର୍ଯ୍ୟକ୍ରମ ପ୍ରାରମ୍ଭରେ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଡ. ରାଧାକାନ୍ତ ପଣ୍ଡା ସଭାକାର୍ଯ୍ୟ ସଞ୍ଚାଳନ ଏବଂ ଡ. ଯୋଗେଶ୍ୱର ମହାନ୍ତ ଧନ୍ୟବାଦ ଦେଇଥିଲେ। ଦ୍ୱିତୀୟ ସତ୍ରରେ ରାଜ୍ୟ ଉଚ୍ଚଶିକ୍ଷା ପରିଷଦର ଶୈକ୍ଷଣିକ ପରାମର୍ଶଦାତା ମିହିର ଦାସ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗର ଅନୁଦାନ ପ୍ରକ୍ରିୟା ବିଷୟରେ ଉଦ୍‌ବୋଧନ ଦେଇଥିଲେ। ସେହିପରି ତୃତୀୟ ସତ୍ରରେ ରମାଦେବୀ ବିଶ୍ୱବିଦ୍ୟାଳୟର କୋଷାଧିକାରୀ ଡ. ଚିତ୍ତ ରଞ୍ଜନ ଦାଶମିଶ୍ର ଆର୍ଥିକ ହିସାବ ପ୍ରକ୍ରିୟା ବିଷୟରେ ଆଲୋକପାତ କରିଥିଲେ। କୁଳସଚିବ ସୁମିତ୍ରା ପଟ୍ଟନାୟକ ଶୈକ୍ଷିକ ନେତୃତ୍ୱ ବିଷୟରେ ଦୃଷ୍ଟିପାତ କରିଥିଲେ।

# 'ମାନବ କଲ୍ୟାଣ ପାଇଁ ହିଂସାକୁ ଦମନ କରାଯାଉ'

- ଅହମ୍ମଦିଆ ମୁସଲିମ ଜମାତ୍ ପକ୍ଷରୁ ଆଲୋଚନା ଚକ୍ର
- ଶ୍ରୀକ୍ଷେତ୍ର ପୁସ୍ତକ ମେଳାରେ ମନ ଜିଣୁଛି ଚିତ୍ରକଳା

ପୁରୀ ଅଫିସ, ୯।୧

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ପୁରୀ ଜିଲା ପ୍ରଶାସନ ଏବଂ ଶ୍ରୀକ୍ଷେତ୍ର ପୁସ୍ତକ ମେଳା କମିଟିର ମିଳିତ ଆନୁକୂଲ୍ୟରେ ଶରଧାବାଲିରେ ଚାଲିଥିବା ୨୭ତମ ଶ୍ରୀକ୍ଷେତ୍ର ପୁସ୍ତକ ମେଳା ସୋମବାର ସପ୍ତମ ଦିନରେ ପହଞ୍ଚିଛି। ମେଳାରେ ବହି କିଣିବା ପାଇଁ ପାଠକମାନଙ୍କର ଗହଳି ଦେଖିବାକୁ ମିଳିଛି। ପୁସ୍ତକ କିଣିବା ସହ ଲୋକେ ଆୟୁର୍ବେଦ ଔଷଧ, ଯୋଗ ଶିକ୍ଷା ଓ ରୋଷେଇ ସରଞ୍ଜାମ ଦୋକାନରେ ମଧ୍ୟ କିଣାକିଣି କରୁଛନ୍ତି। ସୋମବାର ଚନ୍ଦ୍ରବିଜୟୀ ମିଶ୍ରଙ୍କ କୁଇଜ୍ ସଂଯୋଜନା ଛାତ୍ରୀଛାତ୍ରଙ୍କୁ ଆକର୍ଷିତ କରିଥିଲା। ବିପିନ ଦଳାଇଙ୍କ ପୁରୀ ଲେଖକ ଷ୍ଟଲରେ ପଠନ ଟୁଙ୍ଗୀ ଅନୁଷ୍ଠିତ ହୋଇଥିଲା। ଦୁର୍ଗା କରଙ୍କ ଚିତ୍ରକଳା ପ୍ରଦର୍ଶନୀ ସମେତ ମେଳା ପରିସରରେ ଅନେକ ଚିତ୍ରଶିଳ୍ପୀ ଭ୍ରାମ୍ୟମାଣ ଚିତ୍ର ଆଙ୍କିଥିଲେ। ସନ୍ଧ୍ୟାରେ ଗୁରୁ ବିବେକ ନର୍ତ୍ତନଙ୍କ ପରିଚାଳନାରେ ଓଡ଼ିଶୀ ନୃତ୍ୟ ପରିବେଷଣ ହୋଇଥିଲା। ପରେ ଅହମ୍ମଦିଆ ମୁସଲିମ ଜମାତ୍ ପକ୍ଷରୁ ବିଶ୍ୱ ଭ୍ରାତୃତ୍ୱ ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ପୁରୀ ବାର୍ ଆସୋସିଏଶନ୍‌ର ବରିଷ୍ଠ ଅଧିବକ୍ତା ମନୱର ଅହମ୍ମଦ ଖାନ୍ ଅଧ୍ୟକ୍ଷତା କରିଥିଲେ। ମୌଲାନା ଶେଖ୍ ପୁରକାନ୍, ମୌଲାନା ନାଦିର ଖାନ୍, ମୌଲାନା ସୟଦ ଫଜିଲିୟମ, ଇସାକ୍ ଅଲି ଖାନ୍, ମୌଲାନା ନବଦିଲୁ ଫତେ ସାହେବ ପ୍ରମୁଖ ଯୋଗଦେଇ ମାନବ ସମାଜର କଲ୍ୟାଣ ପାଇଁ ହିଂସା ଓ ଶାନ୍ତି ନଷ୍ଟ କରୁଥିବା ଗୋଷ୍ଠୀଙ୍କୁ ଦମନ କରାଯିବା ଆବଶ୍ୟକ ବୋଲି କହିଥିଲେ। ହତ୍ୟା କରୁଥିବା ବ୍ୟକ୍ତିଙ୍କୁ ସବୁ ଧର୍ମ ଦୃଢ଼ହସ୍ତରେ ଦମନ କରିବା ଉଚିତ୍। ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ପାଇଁ ପ୍ରତ୍ୟେକ ଧର୍ମାବଲମ୍ବୀ ଏବଂ ମଣିଷ ମନରେ ଦେଶାତ୍ମବୋଧ ଓ ବିଶ୍ୱଭ୍ରାତୃତ୍ୱ ସୃଷ୍ଟି ଲାଗି ଅହମ୍ମଦିଆ ସମ୍ପ୍ରଦାୟ ବଦ୍ଧପରିକର ବୋଲି ସେ କହିଥିଲେ। ମଙ୍ଗଳବାର ଜିଲା ସଂସ୍କୃତି ପରିଷଦ ସହଯୋଗରେ ବୈଭବୀ କଳାକେନ୍ଦ୍ର ପକ୍ଷରୁ ଓଡ଼ିଶୀ ନୃତ୍ୟ ପରିବେଷଣ ହେବ। ନିଶିଗନ୍ଧା ଭାଷା ପ୍ରତିଷ୍ଠାନ ଓ ନିଶିଗନ୍ଧା ସାହିତ୍ୟ ସଂସଦ ଭୁବନେଶ୍ୱର ତରଫରୁ ମେଳା ମଞ୍ଚରେ 'ଓଡ଼ିଆ ଭାଷା ସାହିତ୍ୟରେ ଉପନ୍ୟାସର ଭୂମିକା ଉପରେ ଆଲୋଚନା ଚକ୍ର ହେବ ବୋଲି ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ଏବଂ ମେଳା କମିଟିର ଗଣମାଧ୍ୟମ ସମ୍ପାଦକ ବଦ୍ରି ମିଶ୍ର ସୂଚନା ଦେଇଛନ୍ତି।



ଅହମ୍ମଦିଆ ମୁସଲିମ ଜମାତ୍ ପକ୍ଷରୁ ଆୟୋଜିତ ବିଶ୍ୱ ଭ୍ରାତୃତ୍ୱ ସଂକ୍ରାନ୍ତ ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥିମାନେ।


ପୁସ୍ତକ ମେଳା ପରିସରରେ ଚିତ୍ରଶିଳ୍ପୀମାନେ ଚିତ୍ରକଳା ପ୍ରସ୍ତୁତ କରୁଛନ୍ତି।



ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ପରିସରରେ ସୋମବାର ପ୍ରାଚାର୍ଯ୍ୟ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# 'ଅର୍ଥରେ ନୁହେଁ, ରାମ ନାମରେ ଶାନ୍ତି ଅଛି'

## ରାଷ୍ଟ୍ରୀୟ ରାମାୟଣ ମହୋତ୍ସବର ଚତୁର୍ଥ ଦିବସ

ପୁରୀ ଅଫିସ, ୯।୧

ସମୁଦ୍ରକୂଳସ୍ଥିତ ରୁମାନୀ ହୋଟେଲ ସମ୍ମିଳନୀ କକ୍ଷ ପରିସରରେ ଶ୍ରୀରାମ ସୁନ୍ଦରକଣ୍ଡ ଚାରିଟେବୁଲ ଟ୍ରଷ୍ଟ ଏବଂ ଗୋବିନ୍ଦ ଗୋଧାମ ଗୋଶାଳା ତରଫରୁ ଆୟୋଜିତ ରାଷ୍ଟ୍ରୀୟ ରାମାୟଣ ମହୋତ୍ସବର ଚତୁର୍ଥ ଦିନରେ ରାମ ବନବାସ ଉପରେ ଆଲୋଚନା ହୋଇଥିଲା। ତେଲଙ୍ଗାନା ନିଜାମାବାଦର ଆନ୍ତର୍ଜାତୀୟ ରାମ ଚରିତ ମାନସ ପାଠକ ସୁରେଶ ସାରଡା, ଶରତ ସାରଡାଙ୍କ ସୁମଧୁର କଣ୍ଠରୁ ସଙ୍ଗୀତମୟ, ରାମଚନ୍ଦ୍ରଙ୍କ ବନବାସର କାହାଣୀ ଶ୍ରୀରାମ ଚରିତ ମାନସ ପାଠ୍ୟରେ ଆଲୋଚନା କରାଯାଇଥିଲା। ଏହି ଉତ୍ସବରେ ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଥିଲେ, ଭାରତ ବିଶ୍ୱ ଗୁରୁ ହେବ। ଗୋ ମାତା ପଶୁମାନଙ୍କ ମଧ୍ୟରେ ସର୍ବୋତ୍ତମ, ଗୋ ମାତା ପୃଥିବୀକୁ ସୁରକ୍ଷା ଦେବ, ତେଣୁ ଗୋ ମାତାଙ୍କର ସେବା କରିବା ଆବଶ୍ୟକ। ତାଙ୍କର ସୁରକ୍ଷା ଆମ ସମସ୍ତଙ୍କ ଦାୟିତ୍ୱ। ହରେ କୃଷ୍ଣ ହରେ ରାମ ଜପ କରିବା। ଏହାର ଅର୍ଥ ହେଉଛି ପ୍ରତ୍ୟେକ ମଣିଷ ପ୍ରତ୍ୟେକ ଜୀବ ହେଉଛି ରାମ, ଶ୍ରୀକୃଷ୍ଣ, ଆମେ ସର୍ବଦା ରାମଙ୍କ ନାମ କରିବା ଉଚିତ୍। ନିଷ୍ଠା ସହିତ କରାଯିବା ଉଚିତ ତେବେ କେବଳ ସଫଳତା ଆସିବ। କାରଣ ଅର୍ଥରେ ଶାନ୍ତି ନାହିଁ, ରାମ ନାମରେ ଶାନ୍ତି ଅଛି ବୋଲି ସେ ପ୍ରକାଶ କରିଥିଲେ। ଟ୍ରଷ୍ଟର ପ୍ରତିଷ୍ଠାତା ତଥା ସମ୍ପାଦକ ପଣ୍ଡିତ ବିଷ୍ଣୁ ଚରଣ ପଣ୍ଡା ଉଦ୍‌ଘାଟନୀ ଉତ୍ସବରେ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଟ୍ରଷ୍ଟର ମୁଖପାତ୍ର ବିଷ୍ଣୁଦତ୍ତ ଦାସ ଉତ୍ସବ ପରିଚାଳନା କରିଥିଲେ। ଏହି ଉତ୍ସବରେ ଶ୍ରୀମନ୍ଦିର ବରିଷ୍ଠ ସେବାୟତ ତଥା ଗୋଶାଳା ସଂଯୋଜକ ରଜତ କୁମାର ପ୍ରତିହାରୀ ଏବଂ ବାବା ହଟକେଶ୍ୱରଙ୍କ ପୂଜକ ଦିଲ୍ଲୀପ ପଣ୍ଡା ଉପସ୍ଥିତ ଥିଲେ।

# ପ୍ଲାଷ୍ଟିକ୍‌ର ଭୟାବହତା ନେଇ ବକ୍ତୃତା ପ୍ରତିଯୋଗିତା

କଣାସ, ୯।୧ (ସ୍ୱ.ପ୍ର.)

କଣାସ ବ୍ଲକ ଅନ୍ତର୍ଗତ କାଦୁଆ ପଞ୍ଚାୟତର ସାନଓରା ପ୍ରାଥମିକ ବିଦ୍ୟାଳୟ ପକ୍ଷରୁ ଏକକ ବ୍ୟବହୃତ ପ୍ଲାଷ୍ଟିକ୍‌ର ଭୟାବହତା ସମ୍ପର୍କରେ ସୋମବାର ଏକ ଆଲୋଚନାଚକ୍ର ଓ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରାମଚନ୍ଦ୍ର ମହାପାତ୍ର ଯୋଗ ଦେଇଥିଲେ। ବାଲେଶ୍ୱର ଶବର, ଭାରତୀ ସାମନ୍ତରାୟ, ସଂଗ୍ରାମ କେଶରୀ ପ୍ରତାସିଂ, ହରଚଣ୍ଡୀ ଉ.ପ୍ରା. ବିଦ୍ୟାଳୟ ପ୍ରଧାନଶିକ୍ଷକ ଅତିଥି ଭାବେ ଯୋଗଦେଇ ପ୍ଲାଷ୍ଟିକ୍ ବୋତଲ, ପ୍ଲାଷ୍ଟିକ୍ ଗ୍ଲାସ୍, ପଲିଥିନ୍ ବ୍ୟବହାର ପରେ ଫିଙ୍ଗାଯାଉଛି ଓ ଏହାକୁ ନେଇ ପରିବେଶ ଉପରେ କିଭଳି କୁପ୍ରଭାବ ପଡୁଛି ସେ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିସହ ପଲିଥିନ୍ ବ୍ୟବହାର ନ କରିବାକୁ ପରାମର୍ଶ ଦେଇଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଏକ ବକ୍ତୃତା ପ୍ରତିଯୋଗିତା ହୋଇଥିଲା। ଦୀପ୍ତିମୟୀ ପ୍ରତାପସିଂ ପ୍ରଥମ, ବିଶ୍ୱଜିତ୍ ସାହୁ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବାବେଳେ ଛାତ୍ରୀଛାତ୍ର ସ୍ୱଚ୍ଛ ଭାରତ ସଙ୍ଗୀତ ଗାନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦିଲୀପ ଶ୍ରୀଚନ୍ଦନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସଂସ୍କୃତ ଶିକ୍ଷା ବିକାଶରେ ଆତ୍ମନିର୍ଭର ଭାରତର ବିକାଶ ସମ୍ଭବ

## ଗୌତମ ଗୌରବମ୍ ଲୋକାର୍ପଣ ମହୋତ୍ସବ

ପୁରୀ ଅଫିସ, ୯।୧

ପୁରୀସ୍ଥିତ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ଶ୍ରୀସଦାଶିବ ପରିସର ଗ୍ରନ୍ଥାଗାର ସଭାଗୃହରେ ସୋମବାର ସଂସ୍କୃତ ବିଦ୍ୱାନ୍ ବିଦ୍ୟାଭୂଷଣ ଡ. ଗୌତମ ମହାରଣାଙ୍କ ଅଭିନନ୍ଦନ ଗ୍ରନ୍ଥ 'ଗୌତମ ଗୌରବମ୍' ଲୋକାର୍ପଣ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସଂସ୍କୃତ ବିକାଶ ପରିଷଦ ନୟାଗଡ଼ ଏବଂ ବିଦ୍ୟାଭୂଷଣ ଡ. ଗୌତମ ମହାରଣା ମହୋଦୟାଭିନନ୍ଦନ ସମିତିର ମିଳିତ ସହଯୋଗରେ ଆୟୋଜିତ ସଭାରେ 'ଗୌତମ ଗୌରବ'ର ମୁଖ୍ୟ ସମ୍ପାଦକ ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟ ସ୍ୱାଗତ ଭାଷଣ ଦେଇଥିଲେ। ୪ଟି ଭାଷାରେ ବିବିଧ ଶୋଧପତ୍ର ସମ୍ବଳିତ ଏହି ଗ୍ରନ୍ଥର ଭାରତୀୟ ଜ୍ଞାନ ପରମ୍ପରା ପ୍ରତି ଯଥେଷ୍ଟ ଯୋଗଦାନ ରହିଛି ବୋଲି ସେ କହିଥିଲେ। ଏହି ସମାରୋହରେ ତିରୁପତିସ୍ଥିତ ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ତଥା କିସ୍ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ତଥା ନିଖିଳୋତ୍କଳ ସଂସ୍କୃତ ଶିକ୍ଷକ ମହାସଂଘର ସଭାପତି ସଂସ୍କୃତ ବିଦ୍ୱାନ୍ ବ୍ରହ୍ମଶ୍ରୀ ପ୍ରଫେସର ହରେକୃଷ୍ଣ ଶତପଥୀ ସଭାପତିତ୍ୱ କରି ଡ. ମହାରଣାଙ୍କ ଜୀବନବୃତ୍ତ ଆଧୁନିକ ଯୁବସମାଜ ପ୍ରତି ପଥ ପ୍ରଦର୍ଶକ ହୋଇପାରିବ ବୋଲି କହିଥିଲେ। ସଂସ୍କୃତ ଶିକ୍ଷାର ବିକାଶରେ ହିଁ ଆତ୍ମନିର୍ଭର ଭାରତବର୍ଷର ବିକାଶ ସମ୍ଭବ ବୋଲି ସେ ମତବ୍ୟକ୍ତ କରିଥିଲେ। କେନ୍ଦ୍ରୀୟ ବିଦ୍ୟାଳୟ ସଙ୍ଗଠନ, ଭୁବନେଶ୍ୱରର ପୂର୍ବତନ ଉପାୟୁକ୍ତ ଡ. ଦୁଃଶାସନ ଓଝା, କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଶ୍ରୀସଦାଶିବ ପରିସରର ପୂର୍ବତନ ଓଡ଼ିଆ ଭାଷା ସାହିତ୍ୟ ମୁଖ୍ୟ ଡ. ନୃସିଂହ ଚରଣ ସାହୁ, ଇତିହାସ ବିଭାଗ ମୁଖ୍ୟ ଡ. ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ପୂର୍ବତନ ଉନ୍ନୟନାଧିକାରୀ ଡ. ସୀମାଚଳ ପଣ୍ଡା ଏବଂ ବର୍ତ୍ତମାନର ସ୍ନାତକୋତ୍ତର ଶିକ୍ଷା ପରିଷଦ ଅଧ୍ୟକ୍ଷ ପ୍ରଫେସର ଶତୃଘ୍ନ ପାଣିଗ୍ରାହୀ, ଅଖିଳ ଭାରତ ଅମୃତ ବାଣୀ ସେବା ପ୍ରତିଷ୍ଠାନ ଅଧ୍ୟକ୍ଷ ଡ. କୁମାର ଚନ୍ଦ୍ର ମିଶ୍ର, ରାଷ୍ଟ୍ରବାଦୀ ଶୈକ୍ଷିକ ମହାସଂଘର ସମ୍ପାଦକ ପଣ୍ଡିତ ଗୋପାଳ କୃଷ୍ଣ ପାଢ଼ୀ, ବିଶିଷ୍ଟ ସଂସ୍କୃତ ପାଲା ଗାୟକ ବାଣୀରତ୍ନ ପଣ୍ଡିତ ଗଦାଧର ଦାଶ, ଅଧିବକ୍ତା ଡ. ପ୍ରଧାନ ଧୀରେନ୍ ରାୟ ପ୍ରମୁଖ ଅତିଥିଭାବେ ଯୋଗଦେଇ ପୂଜ୍ୟପୂଜାର ମହତ୍ତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ମହୋତ୍ସବରେ ଡ. ମହାରଣା, ସ୍ନେହଲତା ମହାରଣା ଏବଂ ଡ. ସୋମନାଥ ଦାଶଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ପାଦକ ଡ.ସୋମନାଥ ଦାଶ ଧନ୍ୟବାଦ ଦେଇଥିଲେ।

### ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

ବଳଙ୍ଗା/ଅସ୍ତରଙ୍ଗ, ୯।୧ (ଡି.ଏନ୍.ଏ.)

ବଳଙ୍ଗା ମହାବିଦ୍ୟାଳୟରେ ଛାତ୍ରୀ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଓ ହକି ବିଶ୍ୱକପ୍ ସଚେତନତା କାର୍ଯ୍ୟକ୍ରମ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପିପିଲି ତହସିଲଦାର ସୁଶ୍ରୀ ପୁନମ୍ ମହାପାତ୍ର ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଶିବିର ୧୮ ତାରିଖ ପର୍ଯ୍ୟନ୍ତ ଚାଲିବ। ଅଧ୍ୟକ୍ଷ ପ୍ରଭାତ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ଅଧ୍ୟାପକ ପ୍ରଦୋଷ ପତି, ଶିକ୍ଷାବିତ୍ ରାଜକିଶୋର ଦାଶ ଅତିଥି ଭାବରେ ଯୋଗଦେଇ ଆତ୍ମରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରଶିକ୍ଷାର୍ଥୀ ଭାବେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଥମ ବର୍ଷ ଅଧ୍ୟୟନରତ ୨୧୮ ଛାତ୍ରୀ ଯୋଗ ଦେଇଥିଲେ। ଅଧ୍ୟାପକ ନୀଳକଣ୍ଠ ମିଶ୍ରଙ୍କ ତତ୍ତ୍ୱାବଧାନରେ ଚନ୍ଦ୍ରକାନ୍ତ ମିଶ୍ର ଏହାର ପରିଚାଳନା କରୁଛନ୍ତି। ପ୍ରଶିକ୍ଷକ ଭାବରେ ଦେବସ୍ମିତା ନାୟକ, ସୋନାଲି ଶତପଥୀ କାର୍ଯ୍ୟନିର୍ବାହ କରୁଛନ୍ତି। ହକି ବିଶ୍ୱକପ୍ ସମ୍ପର୍କିତ ଜନସଚେତନତା ପରିପ୍ରେକ୍ଷୀରେ ଅତିଥି, ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ, ଛାତ୍ରୀଛାତ୍ରମାନେ ଶୋଭାଯାତ୍ରାରେ ପରିକ୍ରମା କରିଥିଲେ। ସେହିପରି କାକଟପୁର ମଙ୍ଗଳା ମହାବିଦ୍ୟାଳୟରେ ଯୁକ୍ତ୨ ପ୍ରଥମ ବର୍ଷ ଛାତ୍ରୀଙ୍କ ପାଇଁ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଡ. ଅଶୋକ ତ୍ରିପାଠୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ଅଧ୍ୟାପିକା ସମୀକ୍ଷା ପ୍ରିୟଦର୍ଶିନୀ ଶିବିର ପରିଚାଳନା କରିଥିଲେ। କଲେଜ ପ୍ରଶାସନିକ ଅଧିକାରୀ ପ୍ରାଧ୍ୟାପକ ସରୋଜ ନାୟକ, ସଂସ୍କୃତ ବିଭାଗ ମୁଖ୍ୟ ଡ. ମାନସୀ ସାହୁ, ରାଜନୀତି ବିଜ୍ଞାନ ବିଭାଗ ଅଧ୍ୟାପକ ଲଲାଟେନ୍ଦୁ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ୨ ଗ୍ରାମ ପଞ୍ଚାୟତର କ୍ରିୟାନୁଷ୍ଠାନ କମିଟି ଗଠିତ


ମତ୍ସ୍ୟଜୀବୀଙ୍କୁ ନେଇ କ୍ରିୟାନୁଷ୍ଠାନ କମିଟିର କର୍ମକର୍ତ୍ତା ଓ ସଦସ୍ୟମାନେ।

ଅସ୍ତରଙ୍ଗ, ୯।୧ (ଡି.ଏନ୍.ଏ.)

ଜୟ ଜଗନ୍ନାଥ ସାମୁଦ୍ରିକ ମତ୍ସ୍ୟଜୀବୀ ସୁରକ୍ଷା କଲ୍ୟାଣ ସମିତି ବାଲିଡିଆ ଆନୁକୂଲ୍ୟରେ ସୋମବାର ଅସ୍ତରଙ୍ଗ ବ୍ଲକର ନଗର ଓ ଆଳସାହି ୨ ଗ୍ରାମ ପଞ୍ଚାୟତର ମତ୍ସ୍ୟଜୀବୀଙ୍କ ଏକ କ୍ରିୟାନୁଷ୍ଠାନ କମିଟି ଗଠିତ ହୋଇଯାଇଛି। ସମିତି ମୁଖ୍ୟ ଶବର ବେହେରାଙ୍କ ସଭାପତିତ୍ୱରେ ନୂଆ କାଳିଆକଣ ମା' ବାସୁଳେଇ ପୀଠରେ ଶତାଧିକ ମତ୍ସ୍ୟଜୀବୀ ଏକାଠି ହୋଇ ଉପକୂଳ ରାଜପଥ ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ। କ୍ରିୟାନୁଷ୍ଠାନ କମିଟି ସମ୍ପାଦକ ବିଦ୍ୟାଧର ସେନାପତି, କୋଷାଧ୍ୟକ୍ଷ ଗଣେଶ ଚନ୍ଦ୍ର ଦଳାଇ, ବିଜୟ ଖଣ୍ଡୁଆଳ, ଭୋଳାନାଥ ବେହେରା, ମିଟୁ ବେହେରା, ଜ୍ଞାନରଞ୍ଜନ ବେହେରା, କୃଷ୍ଣଚନ୍ଦ୍ର ବେହେରା, ଶଙ୍କର ବେହେରା, ଗଙ୍ଗାଧର ବେହେରା, ହରେକୃଷ୍ଣ ବେହେରା ପ୍ରମୁଖ ଶତାଧିକ ମତ୍ସ୍ୟଜୀବୀ ଉପସ୍ଥିତ ଥିଲେ। କେନ୍ଦ୍ର ସରକାର ଓ ରାଜ୍ୟ ସରକାର ସାଗର ମେଳା ଯୋଜନାରେ ସ୍ଥିର କରିଥିବା ଉପକୂଳ ରାଜପଥ ସମ୍ପ୍ରସାରଣ ଯଦି ପୁନଶ୍ଚ ବଦଳାଯାଏ, ତେବେ ଗଣଆନ୍ଦୋଳନ ତେଜିବା ସହିତ ଆଖପାଖ ୩୦ ଖଣ୍ଡ ଗ୍ରାମର ଗ୍ରାମବାସୀ ସପରିବାର ରାଜରାସ୍ତାକୁ ଓହ୍ଲାଇବେ ବୋଲି ସୁରକ୍ଷା କଲ୍ୟାଣ ସମିତି ମୁଖ୍ୟ ଶବର ବେହେରା ଚେତାବନୀ ଦେଇଛନ୍ତି।

# ନୂତନ ଥାନା ମାଧ୍ୟମରେ ଆଇନଶୃଙ୍ଖଳାରେ ସୁଧାର ଆସିବ

ନିମାପଡ଼ା, ୯।୧ (ଡି.ଏନ୍.ଏ.)

ରାଜ୍ୟରେ ଖୋଲା ଯାଇଥିବା ୨୯ଟି ନୂତନ ଥାନାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଭର୍ଚୁଆଲରେ ଉଦ୍‌ଘାଟନ କରି ଜନସାଧାରଣଙ୍କ ସେବାରେ ଲୋକାର୍ପିତ କରିଛନ୍ତି। ଏହି ଅବସରରେ ନିମାପଡ଼ା ପୋଲିସ ଉପଖଣ୍ଡ ଅଧୀନ ଚାରିଛକ ନୂତନ ଥାନାର ଉଦ୍‌ଘାଟନ ଓ ଲୋକାର୍ପିତ ହୋଇଛି। ମୁଖ୍ୟଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଯୋଗ ଦେଇ କହିଥିଲେ, ନୂଆ ଥାନା ମାଧ୍ୟମରେ ଆଇନଶୃଙ୍ଖଳା ପରିସ୍ଥିତିରେ ସୁଧାର ଓ ସ୍ୱଚ୍ଛତା ଆସିବ। ଜନସାଧାରଣ ଉତ୍ତମ ପୋଲିସ ସେବା ଓ ତ୍ୱରିତ ନ୍ୟାୟ ପାଇପାରିବେ। ଏହି ନୂତନ ଥାନା ଆଇନଶୃଙ୍ଖଳା ପରିସ୍ଥିତି ରକ୍ଷା କ୍ଷେତ୍ରରେ ବହୁଳ ଭାବେ ସହାୟକ ହେବ ବୋଲି ମନ୍ତ୍ରୀ ଦାଶ କହିଛନ୍ତି। ସମ୍ମାନିତ ଅତିଥି ଭାବେ ପୁରୀ ଜିଲା ଏସ୍‌ପି ଡ. କନୱର ବିଶାଲ ସିଂ, ଅତିରିକ୍ତ ଏସ୍‌ପି ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ନିମାପଡ଼ା ଏସ୍‌ଡିପିଓ ଦେବାଶିଷ ମିଶ୍ର, ଆଇଆଇସି ଶଙ୍କର୍ଷଣ ଦଳାଇ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ଏମ୍‌ପିଙ୍କ ପ୍ରତିନିଧି ସୁଧୀର ରଞ୍ଜନ ଦାଶ, ଜିଲା ପରିଷଦ ସଭ୍ୟ ପ୍ରଦୀପ୍ତ ଖଟୋଇ ପ୍ରମୁଖ ଯୋଗଦେଇ ଚାରିଛକ ଅଞ୍ଚଳବାସୀଙ୍କ ଦୀର୍ଘଦିନର ସ୍ୱପ୍ନ ଓ ଦାବି ସାକାର ହୋଇଛି ବୋଲି କହିଥିଲେ। ନୂତନ ଥାନା ଉଦ୍‌ଘାଟନ ନେଇ ଚାରିଛକ ଅଞ୍ଚଳବାସୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଗଣଶିକ୍ଷା ମନ୍ତ୍ରୀଙ୍କୁ କୃତଜ୍ଞତା ଓ ସାଧୁବାଦ ଜଣାଇଛନ୍ତି। ନୂତନ ଥାନାରେ ନୂତନ ଭାରପ୍ରାପ୍ତ ଅଧିକାରୀ ଭାବେ ଏସ୍‌ଆଇ ମମତା ବିଶ୍ୱାଳ, ନୂତନ ଏସ୍‌ଆଇ ଭାବେ କୃଷ୍ଣଚନ୍ଦ୍ର ପୃଷ୍ଟି, ନୂତନ ଏଏସ୍‌ଆଇ ଭାବେ ପ୍ରକାଶ ମହାନ୍ତି ନିଯୁକ୍ତ ହୋଇଛନ୍ତି। ମୋଟ ୨ଜଣ ଏସ୍‌ଆଇ, ୨ଜଣ ଏଏସ୍‌ଆଇ, ୮ କନଷ୍ଟେବଲ, ଜଣେ ହାବିଲଦାରଙ୍କୁ ନେଇ ନୂତନ ଥାନା କାର୍ଯ୍ୟ କରିବ। ଅନ୍ୟପକ୍ଷରେ ଖେଲାର ବଜାରଠାରେ ଏକ ନୂତନ ଫାଣ୍ଡି ପ୍ରତିଷ୍ଠା କରାଯିବାକୁ ମନ୍ତ୍ରୀ ଦାଶ, ଏସ୍‌ପି ସିଂଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହି ଅବସରରେ ମନ୍ତ୍ରୀ ଦାଶଙ୍କୁ ଚାରିଛକଠାରେ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି।


ଚାରିଛକ ଥାନା ଉଦ୍‌ଘାଟନ ଅବସରରେ ମନ୍ତ୍ରୀ ସମୀର ରଞ୍ଜନ ଦାଶ ଏବଂ ଅନ୍ୟମାନେ।

# ସମୁଦ୍ର ଉପକୂଳ ଜୀବନଜୀବିକା ବିପଦସଙ୍କୁଳ ହୋଇପଡ଼ୁଛି

- ଜଳବାୟୁ ପରିବର୍ତ୍ତନ, ପ୍ରତିକୂଳ ପାଗ ହୋଇଛି କାରଣ
- ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର

ପୁରୀ ଅଫିସ, ୯।୧

ପୁରୀ ଜିଲା ପ୍ରାକୃତିକ ବିପର୍ଯ୍ୟୟ ପ୍ରତିକାର କ୍ରିୟାନୁଷ୍ଠାନ କମିଟି ଏବଂ ଓଡ଼ିଶା ଜନଶକ୍ତି ମଞ୍ଚ ତରଫରୁ ସୋମବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଜରିଆରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଜଳବାୟୁ ପରିବର୍ତ୍ତନ ଓ ପ୍ରତିକୂଳ ପାଗ ଯୋଗୁ ରାଜ୍ୟର ୪୮୦ କି.ମି ସମୁଦ୍ର ଉପକୂଳ ଜୀବନ, ଜୀବିକା ଓ ବାସସ୍ଥାନ ପାଇଁ ବିପଦସଙ୍କୁଳ ହୋଇ ପଡ଼ିଥିବା ମଞ୍ଚ ଅଭିଯୋଗ ପତ୍ରରେ ଦର୍ଶାଇଛି। ମଞ୍ଚର ଦାବି ଅନୁଯାୟୀ, ୨୦୧୯ ଫନି କ୍ଷତିଗ୍ରସ୍ତ ପରିବାରଙ୍କୁ ୪ ଲକ୍ଷ ଟଙ୍କାର ବାତ୍ୟା/ଭୂମିକମ୍ପ ନିରୋଧ ଗୃହ ଯୋଗାଇ ଦିଆଯାଉ । ସହାୟତରୁ ବଞ୍ଚିତ କ୍ଷତିଗ୍ରସ୍ତଙ୍କୁ ତୁରନ୍ତ ସହାୟତା ରାଶି ଦେବା ସହ ଫନି କେଲେଙ୍କାରୀରେ ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ସେହିପରି ଜୀବିକାର ନିରାପତ୍ତା ପାଇଁ ପୁରୀ ଗଞ୍ଜାମ ସଂଯୋଗିକରଣ ନିମନ୍ତେ ଚିଲିକା ଉପରେ ସାତପଡ଼ା - ଜହ୍ନିକୁଦା ସ୍ଥାୟୀ ପୋଲ ନିର୍ମାଣ କରାଯାଉ। ଗୋପ-ନିମାପଡା ବ୍ଲକ ଧନୁଆ ବନ୍ୟାର ସ୍ଥାୟୀ ପ୍ରତିକାର ସହ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତି ଭରଣା କରାଯାଉ ବୋଲି ମଞ୍ଚ ଦାବି କରିଛି । କମିଟିର ଆବାହକ ବିହାରୀ ବନ୍ଧୁ ପଲେଇ ସୂଚନା ଦେଇ କହିଛନ୍ତି, ଜିଲା ପ୍ରାକୃତିକ ବିପର୍ଯ୍ୟୟ ପ୍ରତିକାର କ୍ରିୟାନୁଷ୍ଠାନ କମିଟି ଏବଂ ଓଡ଼ିଶା ଜନଶକ୍ତି ମଞ୍ଚ ଆହ୍ୱାନ କ୍ରମେ ଗତ ୬ତାରିଖରେ ୬ ଦଫା ଦାବି ନେଇ ବିଭିନ୍ନ ବ୍ଲକ୍‌ରୁ ୫ ହଜାର ଫନି କ୍ଷତିଗ୍ରସ୍ତ ବିଧାନସଭା ଘେରାଉ କରିଥିଲେ। ତେବେ ସରକାରଙ୍କ ତରଫରୁ ଉନ୍ନୟନ କମିଶନର ପ୍ରଦୀପ ଜେନା ପ୍ରତିନିଧି ଦଳ ସହ ଆଲୋଚନା କରି ଆଗାମୀ ମାର୍ଚ୍ଚରେ କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ଦିଆଯିବ ଏବଂ ସହାୟତା ବଣ୍ଟନର ଅନିୟମିତତା ଉପରେ ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସେହିପରି ଧନୁଆ ବନ୍ୟାରେ ସ୍ଥାୟୀ ପ୍ରତିକାର ପାଇଁ ଦୁଇଜଣ ବିଶେଷଜ୍ଞଙ୍କୁ ପଠାଯାଇ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ସୋମବାର ଜିଲାପାଳଙ୍କ ସହ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଛି। ଏହି ଅବସରରେ ଅଶୋକ ନନ୍ଦ, ଦେବରାଜ ବଳିଆରସିଂହ, ରଘୁନାଥ ସାହୁ, ବାନାମ୍ବର ଦଳାଇ, ସୁଧାକର ଭୋଳ ଏବଂ ଅବିନାଶ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।


ଦାବିପତ୍ର ଦେବାକୁ ଆସିଥିବା ଜିଲା ପ୍ରାକୃତିକ ବିପର୍ଯ୍ୟୟ ପ୍ରତିକାର କ୍ରିୟାନୁଷ୍ଠାନ କମିଟି ସଦସ୍ୟ।

## ମେଟାରେ ନିଯୁକ୍ତ ହେଲେ ବିକାଶ

**ନୂଆଦିଲ୍ଲୀ:** ଅନ୍ତଃରାଷ୍ଟ୍ରୀୟ ସୋସିଆଲ ମିଡିଆ ପ୍ଲାଟଫର୍ମ ମେଟାର ଗ୍ଲୋବାଲ ବିଜନେସ୍ ଗ୍ରୁପ ଅଫ୍ ଇଣ୍ଡିଆର ନିର୍ଦ୍ଦେଶକ ଭାବେ ଅଭିଜ୍ଞ ବିକାଶ ପୁରୋହିତଙ୍କୁ ନିକଟରେ ନିଯୁକ୍ତ କରାଯାଇଛି। ଏ ସମ୍ପର୍କରେ ସୋମବାର ମେଟା ବିକାଶଙ୍କ କାର୍ଯ୍ୟକଳାପ ଓ ନିଯୁକ୍ତି କ୍ଷେତ୍ର ସମ୍ପର୍କରେ ଅବଗତ କରାଇଛି। ଏପରିକି ସେ ଭାରତୀୟ ବିଜ୍ଞାପନଦାତା କମ୍ପାନୀମାନଙ୍କ ସହ ମିଶି ମେଟା ପାଇଁ କାର୍ଯ୍ୟ କରିବେ। ବିଶେଷ କରି ପୁରୋହିତ ଭାରତର ବଡ଼ ବଡ଼ ବ୍ରାଣ୍ଡ ଓ କମ୍ପାନୀ ସହ ମେଟାର ବ୍ୟବସାୟିକ କାର୍ଯ୍ୟକଳାପକୁ ଆଗକୁ ବଢ଼ାଇବେ ଏବଂ ବିଭିନ୍ନ କମ୍ପାନୀଗୁଡ଼ିକ ସହ ବିଜ୍ଞାପନ ସମ୍ବନ୍ଧିତ ବ୍ୟବସାୟିକ ଚୁକ୍ତି କରିବେ ବୋଲି ମେଟା ପକ୍ଷରୁ କୁହାଯାଇଛି।

# ୫୬,୦୦୦ ଉପରେ ସୁନା ଦର

■ବୃଦ୍ଧି ପାଉଛି ସୁନା, ରୁପା ଓ ହୀରା ଭଳି ଅଳଙ୍କାରର ଦର
■ଆଗକୁ ବିବାହ ଋତୁ



ନୂଆଦିଲ୍ଲୀ,୯।୧

ଗତ କିଛିଦିନ ହେଲା ସୁନାଜାତୀୟ ସାମଗ୍ରୀ ସାଙ୍ଗକୁ ରୁପା ଓ ହୀରାର ଦର ମଧ୍ୟ ବୃଦ୍ଧି ପାଇଚାଲିଛି। ଏପରିକି ସୋମବାର ଜାତୀୟସ୍ତରରେ ସୁନା ଦର ୫୬,୦୦୦ ଟଙ୍କା ଟପି ଯାଇଥିବା ସୂଚନା ମିଳିଛି। ଏ ନେଇ ଇଣ୍ଡିଆ ବୁଲିୟନ ଆଣ୍ଡ ଜୁଏଲର୍ସ ଆସୋସିଏଶନ (ଆଇବିଜେଏ) ଲିମିଟେଡର ୱେବସାଇଟ୍‌ରେ ମଧ୍ୟ ସୂଚିତ କରାଯାଇଛି। ଅପରପକ୍ଷରେ ଚଳିତ ମାସ ୯ ତାରିଖରେ ଦିଲ୍ଲୀ ଭଳି ପ୍ରମୁଖ ବାଣିଜ୍ୟିକ ପେଣ୍ଠସ୍ଥଳୀରେ ସୁନା ମୂଲ୍ୟ ପ୍ରାୟ ୮୦୦ ଟଙ୍କା ବଢ଼ିଥିବା ବେଳେ ଦେଶର ଅନ୍ୟ ପ୍ରମୁଖ ସହରରେ ମଧ୍ୟ ୫୦୦ରୁ ୭୦୦ ଟଙ୍କା ବୃଦ୍ଧି ଘଟିଛି। ଫଳରେ ସୋମବାର ନୂଆଦିଲ୍ଲୀରେ ସୁନାର ନୂଆ ଦର ପ୍ରାୟ ୫୬,୪୦୦ ଟଙ୍କା ହୋଇଯାଇଛି। ଏହା ପୂର୍ବରୁ ୨୦୨୦ରେ ସୁନା ଦର ପ୍ରତି ୧୦ ଗ୍ରାମ୍‌ର ୨୨ କ୍ୟାରେଟ ପ୍ରତି ମୂଲ୍ୟ ୫୬, ୨୦୦ ଟଙ୍କା ରହିଥିଲା। ସେହିପରି ମୁମ୍ବାଇ, ଚେନ୍ନାଇ ଓ କୋଲକାତା ଭଳି ସହରରେ ସୁନା ମୂଲ୍ୟ କ୍ରମାଙ୍କ ଭାବେ ୫୧,୬୦୦ ଟଙ୍କା, ୫୨,୬୦୦ ଟଙ୍କା ଏବଂ ୫୧,୬୦୦ ଟଙ୍କା ରହିଥିବା ସୂଚନା ମିଳିଛି। ଅପରପକ୍ଷରେ ରୁପା ମୂଲ୍ୟରେ ମଧ୍ୟ କ୍ରମାଗତ ବୃଦ୍ଧି ଘଟୁଛି। ସୋମବାର ରୁପା ପ୍ରାୟ ୧୨୦୦ ଟଙ୍କା ବଢ଼ି କେ.ଜି. ୬୯,୧୦୦ ଟଙ୍କାରେ ପହଞ୍ଚିଛି। ଗତ ସପ୍ତାହରେ ରୁପା ମୂଲ୍ୟ କେ.ଜି ପ୍ରତି ୬୭,୮୦୦ଟଙ୍କା ଥିଲା। ସେହିଭଳି ହୀରା ମୂଲ୍ୟରେ ମଧ୍ୟ ଅହେତୁକ ବୃଦ୍ଧି ହେଉଥିବା ସୂଚନା ମିଳିଛି। ଆଗକୁ ବିବାହ ଋତୁ ଥିବା ବେଳେ ଦର ବୃଦ୍ଧି ଗ୍ରାହକଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ଉଲ୍ଲେଖଯୋଗ୍ୟ ଯେ ୨୦୨୨ରେ ସୁନା ମୂଲ୍ୟ ୬,୫୦୦ ଟଙ୍କା ବଢ଼ି ୧୦ ଗ୍ରାମ୍ ପ୍ରତି ମୂଲ୍ୟ ପ୍ରାୟ ୪୮,୩୦୦ରୁ ୫୪,୮୦୦ ଟଙ୍କା ହୋଇଯାଇଥିଲା। ସେହିଭଳି ରୁପା ମୂଲ୍ୟ ମଧ୍ୟ କେଜି ପ୍ରତି ୬୨,୦୦୦ରୁ ବଢ଼ି ୬୮,୦୦୦ ଟଙ୍କାରେ ରହିଥିଲା। ସୂଚନାଯୋଗ୍ୟ ଯେ ଓଡ଼ିଶା ସୁନା ବଜାରରେ ମଧ୍ୟ ଦର ବୃଦ୍ଧିର ପ୍ରଭାବ ଦେଖିବାକୁ ମିଳିଛି। ରାଜ୍ୟର ପ୍ରମୁଖ ସହର ଭୁବନେଶ୍ୱର, କଟକ, ବାଲେଶ୍ୱର, ରାଉରକେଲା, ସମ୍ବଲପୁର ଓ ବ୍ରହ୍ମପୁର ଭଳି ବଜାରରେ ସୁନା ଦର ପ୍ରତି ୧୦ ଗ୍ରାମ୍ ୨୨ କ୍ୟାରେଟ ସୁନାର ମୂଲ୍ୟ ୫୧, ୬୦୦ରୁ ୫୧,୮୦୦ ଟଙ୍କା ରହିଥିବା ବେଳେ ୨୪ କ୍ୟାରେଟ ସୁନାର ମୂଲ୍ୟ ୫୬,୨୦୦ରୁ ୫୬,୫୦୦ ଟଙ୍କାରେ କାରବାର ହେଉଛି। ସେହିଭଳି ରୁପା ଅଳଙ୍କାର ଓ ସାମଗ୍ରୀର ଦର ମଧ୍ୟ ବୃଦ୍ଧି ପାଇଥିବା ବେଳେ ରୁପା କେ.ଜି. ୬୮,୦୦୦ରୁ ବଢ଼ି ୬୯,୫୦୦ ଟଙ୍କାରେ ପହଞ୍ଚିଛି। ଏପରିକି ହୀରା ମୂଲ୍ୟରେ ମଧ୍ୟ ବୃଦ୍ଧି ଦେଖିବାକୁ ମିଳିଛି। ଆଗକୁ ବିବାହ ଋତୁ ଥିବାରୁ ଓଡ଼ିଶା ଅଳଙ୍କାର ବଜାରରେ ଗ୍ରାହକଙ୍କୁ ଆକୃଷ୍ଟ କରିବା ପାଇଁ ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ ଆକର୍ଷଣୀୟ ଅଫର ଓ ଡିଜାଇନର ସମ୍ଭାର ସାଙ୍ଗକୁ ନୂତନ କଲେକ୍ସନର ଉନ୍ମୋଚନ କରୁଥିବା ଜଣାପଡ଼ିଛି।

## ଅମୁଲରୁ ଇସ୍ତଫା ଦେଲେ ସୋଢ଼ି

ନୂଆଦିଲ୍ଲୀ,୯।୧

ଦେଶର ପ୍ରମୁଖ ଦୁଗ୍ଧଜାତ ସାମଗ୍ରୀ ଉତ୍ପାଦକ (ଡାଏରୀ କମ୍ପାନୀ) ଅମୂଲ ମ୍ୟାନେଜମେଣ୍ଟରୁ ଆର.ଏସ୍. ସୋଢ଼ି ଇସ୍ତଫା ଦେଇଥିବା ଜଣାପଡ଼ିଛି। ଏପରିକି ସୋମବାର ସୋଢ଼ି ଅମୁଲ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ପଦରୁ ଇସ୍ତଫା ଦେଇଥିବା ଅମୁଲ ପକ୍ଷରୁ କୁହାଯାଇଛି। ବିଶେଷକରି ଗୁଜରାଟ କୋଅପରେଟିଭ ମିଲ୍କ ମାର୍କେଟିଂ ଫେଡେରେଶନ (ଜିସିଏମ୍ଏମ୍ଏଫ)ର ସିଓଓ ଜୟନ ମେହେତାଙ୍କୁ ମଧ୍ୟବର୍ତ୍ତିକାଳୀନ ଏମ୍‌ଡି ଭାବେ ବୋର୍ଡରେ ନିଯୁକ୍ତି ଦିଆଯାଇଛି। ଉଲ୍ଲେଖଯୋଗ୍ୟ ଯେ ୨୦୧୦ରୁ ସୋଢ଼ି ଅମୁଲର ପରିଚାଳନା ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରି ଆସୁଥିଲେ। ସେ ଜଣେ ଅଭିଜ୍ଞ ଓ ଦକ୍ଷ ପରିଚାଳନା ଅଧିକାରୀ ଭାବେ ବେଶ୍ ସୁନାମ ଅର୍ଜନ କରିଥିଲେ। ସୂଚନାଯୋଗ୍ୟ ୧୯୮୨ରେ ସୋଢ଼ି ଜଣେ ବରିଷ୍ଠ ସେଲ୍‌ସ ଅଧିକାରୀ ଭାବେ ଅମୁଲରେ ସାମିଲ ହୋଇଥିଲେ। ଏପରିକି ୨୦୦୦ରେ ସଂସ୍ଥାର ଜିଏମ୍ ଏବଂ ୨୦୧୦ରେ ସେ ଏହାର ଏମ୍‌ଡି ଭାବେ ମଧ୍ୟ କାର୍ଯ୍ୟ କରିଥିଲେ।

## କଲ୍ୟାଣକୁମାର ଜେଏସ୍‌ଏଲ୍‌ର ନୂଆ ସିଏସ୍‌ଓ

ଭୁବନେଶ୍ୱର,୯।୧



କଲ୍ୟାଣ କୁମାର ଭଟ୍ଟାଚାର୍ଜୀ

ଜିନ୍ଦଲ ଷ୍ଟେନଲେସ ଲିମିଟେଡ (ଜେଏସ୍‌ଏଲ୍)ର ନୂଆ ଚିଫ ସଷ୍ଟେନବିଲିଟି ଅଫିସର (ସିଏସଓ) ଭାବେ କଲ୍ୟାଣ କୁମାର ଭଟ୍ଟାଚାର୍ଜୀ ନିଯୁକ୍ତ ହୋଇଛନ୍ତି। ଏହା ପୂର୍ବରୁ ସେ ଜେଏସଏଲର ଶକ୍ତି ଏବଂ ଇଏସଜିର ଉପସଭାପତି ଭାବେ ଦାୟିତ୍ୱ ନିର୍ବାହ କରୁଥିଲେ। ଏପରିକି ଉପସଭାପତି ଭାବେ ସେ ଏଣ୍ଟରପ୍ରାଇଜ୍ ଇଏସଜି ରୂପାନ୍ତରୀକରଣ, ଇସ୍ପାତ ଉତ୍ପାଦନରେ ଅଙ୍ଗାରକାମ୍ଳ ନିରପେକ୍ଷତା, ଡି. କାର୍ବୋନାଇଜେଶନ୍ ପଥ ଏବଂ ସ୍ଥିରତା ପାଇଁ ଆବଶ୍ୟକ କାର୍ଯ୍ୟ ଓ ନେତୃତ୍ୱ ନେଇଛନ୍ତି। ବିଶେଷ କରି ଇସ୍ପାତ ଶିଳ୍ପରେ ଭଟ୍ଟାଚାର୍ଜୀଙ୍କର ପ୍ରାୟ ୩ ଦଶନ୍ଧିର ବଳିଷ୍ଠ ଅଭିଜ୍ଞତା ରହିଛି। ଅପରପକ୍ଷରେ ପରିବେଶ, ସାମାଜିକ ଓ ଶାସନ ଲକ୍ଷ୍ୟଗୁଡ଼ିକୁ ହାସଲ କରିବା ଦିଗରେ ଜେଏସଏଲ ପକ୍ଷରୁ ଆଉ ଏକ ପଦକ୍ଷେପ ଗ୍ରହଣ କରାଯାଇଛି। ଉଲ୍ଲେଖଯୋଗ୍ୟ ଜେଏସଏଲର ପ୍ରଥମ ସିଏସଓ ଭାବେ କଲ୍ୟାଣ କୁମାର ଭଟ୍ଟାଚାର୍ଜୀ ନିଯୁକ୍ତ ହୋଇଛନ୍ତି। ସେହିଭଳି ଭଟ୍ଟାଚାର୍ଜୀ ଜିନ୍ଦଲ ଷ୍ଟେନଲେସର ସ୍ଥାୟିତ୍ୱ ପଦକ୍ଷେପ ପାଇଁ ଦାୟୀ ରହିବେ, ଯେଉଁଥିରେ ବର୍ତ୍ତମାନ ତଥା ଭବିଷ୍ୟତର କ୍ଷମତା ସମ୍ପ୍ରସାରଣ ଯୋଜନା ପାଇଁ ଡିକାର୍ବୋନାଇଜ୍ ପ୍ରୟାସ ଏବଂ ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସକୁ ନେଇ ୨୦୫୦ସୁଦ୍ଧା କମ୍ପାନୀର ନେଟ୍ ଜିରୋ ହାସଲ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏ ସମ୍ପର୍କରେ ଜିନ୍ଦଲ ଷ୍ଟେନଲେସର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, ଜିନ୍ଦଲ ଷ୍ଟେନଲେସରେ ସିଏସଓ ପଦବୀ ବ୍ୟବସାୟ ତଥା ବାହାରେ ନିରନ୍ତର ଉତ୍କର୍ଷତା ପାଇଁ ଦିଗ ନିର୍ଦ୍ଧାରିତ କରିବା ସହ ଏକ ବଳିଷ୍ଠ ପଦକ୍ଷେପ ଗ୍ରହଣ କରିବା। ଏକ ଦାୟିତ୍ୱପୂର୍ଣ୍ଣ କର୍ପୋରେଟ ସଂସ୍ଥା ଭାବେ ସ୍ଥାୟୀ ଉତ୍ପାଦନକୁ ସ୍ଥାନାନ୍ତର କରିବାକୁ ଆମେ ପ୍ରତିବଦ୍ଧ, ଆମେ ସଚେତନତା ସହ ଆମର କାର୍ବନ ଏମିସନକୁ ହ୍ରାସ କରିବାକୁ ପଦକ୍ଷେପ ନେଇଛୁ।

## ଦୁଇଗୁଣା ହେବ ନୂଆବର୍ଷ ଖୁସି

Joyalukkas
World's favourite jeweller

ଭୁବନେଶ୍ୱର,୯।୧

ଦେଶର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ ଜୟଆଲୁକ୍କାସ୍ ପକ୍ଷରୁ ନୂତନ ବର୍ଷର ନୂତନ ପାର୍ବଣ ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ନୂତନ ବର୍ଷରେ ନୂତନ ଗ୍ରାହକ ଯୋଡ଼ିବାକୁ ପ୍ରତିଷ୍ଠାନ ଉତ୍ସାହଜନକ ଫେଷ୍ଟିଭ ଅଫର ଆରମ୍ଭ କରିଛି। ଏହି ଅଫର ଚଳିତ ମାସ ୧୫ ତାରିଖ ପର୍ଯ୍ୟନ୍ତ ଉପଲବ୍ଧ ହେବ ବୋଲି ପ୍ରତିଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି। ବିଶେଷକରି ଏହି ଅଫର ଅବଧି ମଧ୍ୟରେ ଗ୍ରାହକମାନେ ସୁନା କିଣିଲେ ସମାନ ଓଜନର ରୁପା ଉପହାରସ୍ୱରୂପ ପାଇପାରିବେ। ସେହିଭଳି ୫୦,୦୦୦ରୁ ଅଧିକ ଟଙ୍କାରେ ହୀରା କ୍ରୟ କଲେ ଗ୍ରାହକଙ୍କୁ ଗିଫ୍ଟ ଭାଉଚର ଉପହାର ଭାବେ ଦିଆଯାଉଛି। ଏ ସମ୍ପର୍କରେ ଜୟଆଲୁକ୍କାସ୍‌ର ପରିଚାଳନା ନିର୍ଦ୍ଦେଶକ ଜୟ ଆଲୁକ୍କାସ୍ କହିଛନ୍ତି, ଆମେ ଆମର ସେବା ଓ ସୁବିଧା ଗ୍ରାହକଙ୍କୁ ଯୋଗାଇ ଦେବା ପାଇଁ ପ୍ରତିବଦ୍ଧ ରହିଛୁ। ଏପରିକି ଏକ ଉପଯୁକ୍ତ ଅଳଙ୍କାର ସପିଂ ଅଭିଜ୍ଞତା ପ୍ରଦାନ କରିବା ସହ ପ୍ରତ୍ୟେକ ଉତ୍ସବକୁ ଆମର ପୃଷ୍ଠପୋଷକମାନଙ୍କ ପାଇଁ ସ୍ୱତନ୍ତ୍ର ଭାବେ ପାଳନ କରିବାକୁ ଲକ୍ଷ୍ୟ ରଖିଛୁ। ବିଶେଷକରି ଆମର ଗ୍ରାହକଙ୍କୁ ଖୁସି କରିବା ପାଇଁ ଅନେକ ଡିଜାଇନ ଓ ସାମଗ୍ରୀ ସବୁ ବର୍ଗରେ ଉପଲବ୍ଧ କରାଉଛୁ। ଉଲ୍ଲେଖଯୋଗ୍ୟ ଯେ, ଜାନୁୟାରୀ ୧୫ ତାରିଖ ପର୍ଯ୍ୟନ୍ତ ଏହି ଅଫର ଭୁବନେଶ୍ୱର ଷ୍ଟୋର ପାଇଁ ସ୍ୱତନ୍ତ୍ର ଭାବେ ଉପଲବ୍ଧ ରହିଛି।

## ମୁଥୁଟ୍ ଫାଇନାନ୍ସର ନୂଆ ଅଭିଯାନ




ନୂଆଦିଲ୍ଲୀ,୯।୧

ଦେଶର ପ୍ରମୁଖ ଘରୋଇ ବାଣିଜ୍ୟିକ ସଂସ୍ଥା ତଥା ମୁଥୁଟ ଗ୍ରୁପର ସହଯୋଗୀ କମ୍ପାନୀ ମୁଥୁଟ୍ ଫାଇନାନ୍ସର ନୂତନ ଅଭିଯାନ 'ଖୋଲିୟେ ଖୁଶିଆନ୍ କି ତିଜୋରୀ' ର ଶୁଭାରମ୍ଭ କରାଯାଇଛି। ବିଶେଷକରି ଏହି ଅଭିଯାନ ବଲିଉଡର ବିଗ୍ ବି ଅମିତାଭ ବଚ୍ଚନଙ୍କ ଦ୍ୱାରା ପ୍ରଚାର ଓ ପ୍ରସାର କରାଯାଉଛି। ଏପରିକି ଅମିତାଭ ମୁଥୁଟର ବ୍ରାଣ୍ଡ ଆମ୍ବାସାଡର ଭାବେ ବିଗତ ୫ ବର୍ଷ ହେବ କାର୍ଯ୍ୟ କରୁଛନ୍ତି। ସେହିଭଳି ଏହି ନୂତନ ଅଭିଯାନରେ ୪ଟି ଶକ୍ତିଶାଳୀ ଟିଭିସି ଅନ୍ତର୍ଭୁକ୍ତ ରହିଛି, ପ୍ରତ୍ୟେକ ଟିଭିସି ବ୍ରାଣ୍ଡ ସମ୍ପର୍କରେ ଗୋଟିଏ କିମ୍ବା ଦୁଇଟି ଅନନ୍ୟ ଦିଗ ଉପରେ ବିସ୍ତୃତ ଆଲୋକପାତ କରିଥିବା ଜଣାପଡ଼ିଛି। ଏପରିକି ୨୦୧୬ ରୁ ୨୦୨୨ ପର୍ଯ୍ୟନ୍ତ କ୍ରମାଗତ ୬ ବର୍ଷ ପାଇଁ ବ୍ରାଣ୍ଡ ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିବା ବ୍ରାଣ୍ଡ ଟ୍ରଷ୍ଟ ପକ୍ଷରୁ ର୍ୟାଙ୍କିଙ୍ଗ ଦିଆଯାଇଛି।

ଏ ସମ୍ପର୍କରେ ଦି ମୁଥୁଟ୍ ଗ୍ରୁପ୍‌ର ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ ଆଲେକଜାଣ୍ଡର୍ ଜର୍ଜ ମୁଥୁଟ୍ କହିଛନ୍ତି, ମୁଥୁଟ୍ ଫାଇନାନ୍ସ ସର୍ବଦା ସଚେତନ ଭାବେ ନିଜର ମୂଳ ଶକ୍ତି ଏବଂ ଚାବି ଉପରେ ଧ୍ୟାନ ଦେଇଥାଏ। ବିଶେଷକରି ଆମେ ଗ୍ରାହକ ସେବା ଓ ସାମଗ୍ରୀର ଯତ୍ନ ସହ ସଚେତନ ମଧ୍ୟ ଥାଉ। ଏପରିକି ଆମ ସହ ୨.୫ ଲକ୍ଷରୁ ଅଧିକ ଗ୍ରାହକ ଯେଉଁମାନେ ପ୍ରତିଦିନ ସନ୍ତୋଷଜନକ ଭାବେ ସେବା ଉପଲବ୍ଧ କରୁଛନ୍ତି। ସେହିଭଳି ଆମର ବୃହତ ନେଟୱର୍କ ଏବଂ ୫୭୫୦ରୁ ଅଧିକ ସର୍ବଭାରତୀୟ ସ୍ତରର ଶାଖାଗୁଡ଼ିକ କାର୍ଯ୍ୟ କରୁଛି।

## 'ଦ ଓଡ଼ିଶା ଡେଭଲପମେଣ୍ଟ ଲିଡରଶିପ୍ ସମିଟ୍'

ଭୁବନେଶ୍ୱର,୯।୧

ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ଓଡ଼ିଶା ସିଏସ୍‌ଆର୍ ଫୋରମ୍ ପକ୍ଷରୁ ବିଭିନ୍ନ କର୍ପୋରେଟ୍ ସଂସ୍ଥାଙ୍କୁ ସେମାନଙ୍କ କର୍ପୋରେଟ ସାମାଜିକ ଦାୟିତ୍ୱବୋଧ (ସିଏସ୍‌ଆର୍) କାର୍ଯ୍ୟ ପାଇଁ ସମ୍ମାନିତ କରାଯାଇଛି। ବିଶେଷ କରି ସିଏସ୍‌ଆର୍ କ୍ଷେତ୍ରରେ ଉତ୍ତମ କାର୍ଯ୍ୟ କରିଥିବା ୧୭ ଜଣ ବ୍ୟକ୍ତିବିଶେଷ ଓ ୧୯ କର୍ପୋରେଟ୍ ସଂସ୍ଥାଙ୍କୁ ଓଡ଼ିଶା ସିଏସ୍‌ଆର୍ ଏକ୍ସିଲେନ୍ସ ଆୱାର୍ଡ-୨୦୨୨ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଓଡ଼ିଶା ସରକାରଙ୍କ ମୁଖ୍ୟ ସଚେତକ ପ୍ରଶାନ୍ତ ମୁଦୁଲି, ରାଜ୍ୟ ସରକାରଙ୍କ ଶ୍ରମମନ୍ତ୍ରୀ ଶ୍ରୀକାନ୍ତ ସାହୁ ଏବଂ ଏଫ୍ଏମ୍ ବିଶ୍ୱବିଦ୍ୟାଳୟ ଭାଇସ ଚାନସେଲର (ଭିସି) ପ୍ରଫେସର ଡ. ସନ୍ତୋଷ କୁମାର ତ୍ରିପାଠୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ଏକ ରାଜ୍ୟ ସ୍ତରୀୟ କର୍ମଶାଳା 'ଦ ଓଡ଼ିଶା ଡେଭଲପମେଣ୍ଟ ଲିଡରଶିପ୍ ସମିଟ୍'ର ମଧ୍ୟ ଆୟୋଜନ କରାଯାଇଥିଲା। ପରିଶେଷରେ ଓଡ଼ିଶା ସିଏସ୍‌ଆର୍ ଫୋରମ୍‌ର କନଭେନର୍ ବି.କେ. ମିଶ୍ର କର୍ପୋରେଟ୍, ଏନ୍‌ଜିଓ, ପଲିସି ମେକର୍, ସିଏସ୍‌ଓ, ଏକାଡେମୀ ବିକାଶ ସଂସ୍ଥା ଏବଂ ମିଡିଆ ସମ୍ବନ୍ଧରେ ବିସ୍ତୃତ ଆଲୋକପାତ କରିଥିଲେ। ଏପରିକି 'ଭାରତରେ ସିଏସ୍‌ଆର୍ ଏବଂ ଏହାର ଭବିଷ୍ୟତ ଏବଂ ଟେକ୍ନୋଲୋଜି ଏବଂ ଟୁଲସ ବ୍ୟବହାର ହେଉଥିବା ସିଏସ୍‌ଆର୍ ପ୍ରୋଜେକ୍ଟଗୁଡ଼ିକର ପରିଚାଳନା' ଶୀର୍ଷକ ବିଷୟ ବସ୍ତୁ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ଏଥିରେ କର୍ପୋରେଟ୍, ପ୍ରତିଷ୍ଠିତ ଏନ୍‌ଜିଓ, ଶିକ୍ଷାନୁଷ୍ଠାନ, ନାଗରିକ ସମାଜ ସଂଗଠନ, ପଲିସୀ ମେକର୍, ପରିବେଶବିତ୍, ପ୍ରଶାସକ, ବିଚାରପତି, ବିକାଶ କ୍ଷେତ୍ର, ଅର୍ଥନୀତିଜ୍ଞ ଏବଂ କୃଷି ବିଭାଗର ପ୍ରତିନିଧିମାନେ ଅଂଶ ଗ୍ରହଣ କରିଥିଲେ।

## ଫୁରସତ୍

# କାନ୍‌ପୁରରୁ ହିମାଳୟାନ୍ ଶାଗୁଣା ଉଦ୍ଧାର



ଲକ୍ଷ୍ନୌ

ପୃଥିବୀରେ ଅନେକ ପ୍ରାଣୀଙ୍କ ସଂଖ୍ୟା କମି କମି ବିଲୁପ୍ତପ୍ରାୟ। ସେଥିମଧ୍ୟରେ ଶାଗୁଣା ଅନ୍ୟତମ। ଉତ୍ତର ପ୍ରଦେଶର କାନ୍‌ପୁର ଅଞ୍ଚଳରୁ ଏକ ଭିଡିଓ ସାମ୍ନାକୁ ଆସିଛି, ଯେଉଁଥିରେ ହିମାଳୟର ବରଫ ଚୋଟିରେ ଶାଗୁଣା ଦେଖିବାକୁ ମିଳିଛି। କାନପୁରର କର୍ନଲଗଞ୍ଜ ଅଞ୍ଚଳର ଏକ ଶ୍ମଶାନରୁ ଏହି ଶାଗୁଣାକୁ ସ୍ଥାନୀୟ ଲୋକେ ରବିବାର ଧରିଛନ୍ତି। ଶାଗୁଣାଟି ସପ୍ତାହେ ହେବ ଶ୍ମଶାନରେ ବୁଲୁଥିବା ନଜରକୁ ଆସିଥିଲା। ଶାଗୁଣା ଡେଣାର ଲମ୍ବ ୬ ଫୁଟ ହୋଇଥିବାବେଳେ ତାକୁ ୫ ଜଣ ମିଶି ଧରିଥିଲେ। ଏବେ ସେହି ଶାଗୁଣାକୁ ବନ ବିଭାଗକୁ ହସ୍ତାନ୍ତର କରାଯାଇଛି। ବିଭାଗ ତାକୁ କ୍ୱାରାଣ୍ଟାଇନ୍‌ରେ ରଖିଛି। ଏପରି ଦୁର୍ଲଭ ଶାଗୁଣା ଏହି ଅଞ୍ଚଳକୁ କିପରି ଆସିଲା ତା' ଉପରେ ବନ ବିଭାଗ ନଜର ରଖିଛି। ରିପୋର୍ଟ ଅନୁସାରେ, ଏହି ହିମାଳୟାନ୍ ଶାଗୁଣା ପାହାଡ଼ ଅଞ୍ଚଳରେ ଦେଖିବାକୁ ମିଳିଥାନ୍ତି, ଯାହା ୧୨୦୦ରୁ ୫୫୦୦ ମିଟର ଉଚ୍ଚରେ ଅବସ୍ଥିତ। ଏପରି ଶାଗୁଣା ବିଶେଷକରି ପାକିସ୍ତାନ, ଉଜ୍‌ବେକିସ୍ତାନ, ତାଜାକ୍ସ୍ତାନ, ନେପାଳ, ଭୁଟାନ ଏବଂ ତିବ୍ବତରେ ଦେଖାଯାଆନ୍ତି। ସୂଚନା ଯେ, ୧୯୯୦ଠାରୁ ଏମାନଙ୍କ ସଂଖ୍ୟା ୯୯ ପ୍ରତିଶତ ହ୍ରାସ ପାଇଛି।

## ଶଙ୍ଖ ଫୁଙ୍କିବାକୁ ନେଇ ଟ୍ରୋଲ୍




ମୁମ୍ବାଇ

ବଲିଉଡ୍ ଅଭିନେତ୍ରୀ ସନ୍ନି ଲିଓନି ତାଙ୍କ ବୋଲ୍ଡ ଲୁକ୍ ପାଇଁ ସେ ବେଶ୍ ଜଣାଶୁଣା। ତାଙ୍କର ଏକ ଝଲକ ପାଇଁ ଫ୍ୟାନ୍ସମାନେ ଦିୱାନା ହୋଇଥାନ୍ତି। ଅଧିକାଂଶ ସମୟ ସେ ସୋସିଆଲ ମିଡିଆରେ ସକ୍ରିୟ ରୁହନ୍ତି। ସନ୍ନି ଇନ୍‌ଷ୍ଟାଗ୍ରାମ୍‌ରେ ଏକ ଭିଡିଓ ଶେୟାର କରି ଟ୍ରୋଲ୍ ହୋଇଛନ୍ତି। ଭିଡିଓରେ ସେ ଶଙ୍ଖ ଫୁଙ୍କୁଥିବାର ଦେଖିବାକୁ ମିଳିଛି। ଅନେକ ଚେଷ୍ଟା ପରେ ମଧ୍ୟ ସେ ଶଙ୍ଖ ଫୁଙ୍କିବାରେ ବିଫଳ ହେଉଛନ୍ତି। ଏଥିରେ ସେ ହସୁଥିବା ନଜରକୁ ଆସିଛନ୍ତି। ତାଙ୍କ ପଛରେ ଥିବା ଲୋକେ ମଧ୍ୟ ହସିବାକୁ ଲାଗୁଛନ୍ତି। ସନ୍ନି ଏପରି ଭିଡିଓ ଶେୟାର କରି କ୍ୟାପ୍ସନରେ ଲେଖିଛନ୍ତି, 'ମୁଁ ଯେପରି ଭାବିଥିଲି, ସେପରି ହେଲାନାହିଁ। ମୋତେ ଶିଖିବାକୁ ପଡ଼ିବ।' ଏହାକୁ ନେଇ ଅନେକ ୟୁଜର୍ସ ତିକ୍ତ ପ୍ରତିକ୍ରିୟା ରଖିଛନ୍ତି। ଜଣେ ୟୁଜର୍ସ ଲେଖିଛନ୍ତି, 'ଆମେ ଶଙ୍ଖକୁ ପୂଜା କରୁ। ତେଣୁ ଶ୍ରଦ୍ଧା ଓ ବିଶ୍ୱାସର ସହ ଏହାକୁ ବଜେଇବାକୁ ପଡ଼େ। ଏଥିରେ ହସିବା ଉଚିତ୍ ନୁହେଁ। ଏପରି କରିବା ଶଙ୍ଖ ପ୍ରତି ଅପମାନ।'

# ଭାବନା ପରିପ୍ରକାଶରେ ଭାଷା

## ବିଶ୍ୱ ହିନ୍ଦୀ ଦିବସ

ସଭ୍ୟତାର ବିକାଶ ସହିତ ସମାଜରରେ ଭାଷା ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ପାଲଟିଥିଲା। କାରଣ ଭାବନା ପରିପ୍ରକାଶ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ଥିଲା। ଅଧିକ ସଂଖ୍ୟକ ଲୋକ ବୁଝି ପାରୁଥିବା ଭାଷା ଦ୍ୱାରା ଏବେ ସରକାର ବିଭିନ୍ନ ନୀତି ପ୍ରଣୟନ ଉପରେ ଗୁରୁତ୍ୱାରୋପ କରୁଛନ୍ତି। ଯାହାଦ୍ୱାରା ଅଧିକ ଲୋକ ସରକାରଙ୍କ ଆଭିମୁଖ୍ୟ ସମ୍ପର୍କରେ ଅବଗତ ହୋଇପାରିବେ। ଭାରତରେ ରାଷ୍ଟ୍ରଭାଷା ଭାବେ ହିନ୍ଦୀକୁ ଗ୍ରହଣ କରାଯାଇଛି।

ହିନ୍ଦୀ ଭାଷା ସମ୍ପର୍କରେ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ୧୦ ଜାନୁୟାରୀରେ ବିଶ୍ୱ ହିନ୍ଦୀ ଦିବସ ପାଳନ କରାଯାଇଥାଏ। ଏହାର ଉଦ୍ଦେଶ୍ୟ ହେଉଛି ହିନ୍ଦୀକୁ ବିଶ୍ୱସ୍ତରରେ ପ୍ରୋତ୍ସାହିତ କରିବା ଏବଂ ଏହାକୁ ଏକ ଅନ୍ତର୍ଜାତୀୟ ଭାଷା ଭାବରେ ଉପସ୍ଥାପନ କରିବା ପାଇଁ ସଚେତନତା ସୃଷ୍ଟି କରିବା। ବିଶ୍ୱରେ ହିନ୍ଦୀର ବିକାଶ ଏବଂ ପ୍ରସାର ଲକ୍ଷ୍ୟରେ ବିଶ୍ୱ ହିନ୍ଦୀ ସମ୍ମିଳନୀ ଆରମ୍ଭ ହୋଇଥିଲା ଏବଂ ୧୯୭୫ ଜାନୁୟାରୀ ୧୦ରେ ନାଗପୁରରେ ପ୍ରଥମ ବିଶ୍ୱ ହିନ୍ଦୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ତେଣୁ ଏହି ଦିନଟିକୁ ସ୍ମରଣ କରି ପ୍ରତିବର୍ଷ ଜାନୁୟାରୀ ୧୦ରେ 'ବିଶ୍ୱ ହିନ୍ଦୀ ଦିବସ' ଭାବରେ ପାଳନ କରାଯାଇଥାଏ।

୧୪ ସେପ୍ଟେମ୍ବର ୧୯୪୯ରେ ଭାରତ ସରକାରଙ୍କ ପକ୍ଷରୁ ହିନ୍ଦୀକୁ ସରକାରୀ ଭାଷା ଭାବରେ ଘୋଷଣା କରାଯାଇଥିଲା। ୧୯୫୩ରେ ରାଷ୍ଟ୍ର ଭାଷା ପ୍ରସାର ସମିତିର ସୁପାରିସ କ୍ରମେ ଏହି ଦିନକୁ ହିନ୍ଦୀ ଦିବସ ଭାବେ ପାଳନ କରାଯିବାକୁ ନିଷ୍ପତ୍ତି ହେଲା। ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ ୧୦ ଜାନୁୟାରୀ ୨୦୦୬ରେ ପ୍ରତିବର୍ଷ ବିଶ୍ୱ ହିନ୍ଦୀ ଦିବସ ପାଳନ କରିବାକୁ ଘୋଷଣା କରିଥିଲେ।

## ସଲ୍ଲୁଙ୍କୁ ନ ଭେଟିଲେ ବିବାହ କରିବେନି ଯୁବକ

**ଲକ୍ଷ୍ନୌ:** ଭାଇଜାନ୍ ଭାବେ ପରିଚିତ ବଲିଉଡ୍ ଅଭିନେତା ସଲ୍‌ମାନ୍ ଖାନ୍ ଦେଶ ବାହାରେ ବେଶ୍ ପ୍ରସିଦ୍ଧ। ତାଙ୍କର ଅନେକ ପ୍ରଶଂସକ ଜୀବନ ଦେବାକୁ ମଧ୍ୟ ପଛାନ୍ତି ନାହିଁ। ସେଥିମଧ୍ୟରୁ ଜଣେ ପ୍ରଶଂସକ ନିକଟରେ ଏକ ଅଜବ ଘୋଷଣା କରିଛନ୍ତି। ଉତ୍ତର ପ୍ରଦେଶର ମୋରଦାବାଦ୍‌ର ମହମ୍ମଦ ୟୁସୁଫ୍ ସଲମାନ୍‌ଙ୍କ ଜଣେ ଫ୍ୟାନ୍। ୟୁସୁଫ୍ ସଲ୍‌ମାନଙ୍କୁ ଥରେ ଭେଟି ତାଙ୍କୁ ଆଲିଙ୍ଗନ ନ କରିବା ପର୍ଯ୍ୟନ୍ତ ବିବାହ କରିବେନି ବୋଲି କହିଛନ୍ତି। ତେବେ ୟୁସୁଫ୍ ଗାଡ଼ି କିଣି ବିକ୍ରୟ କରିଥାନ୍ତି। ଦୀର୍ଘଦିନ ହେବ ସେ ସଲ୍‌ମାନଙ୍କୁ ଭେଟିବାକୁ ଚାହୁଁଛନ୍ତି। ତେବେ ଆସନ୍ତା ୨୧ରେ ମୁମ୍ବାଇ ଯାଇ ସଲ୍‌ମାନଙ୍କୁ ଭେଟିବା ଯୋଜନା ରଖିଛନ୍ତି। ତା'ପରେ ଯାଇ ସେ ବିବାହ କରିବେ। ସଲ୍‌ମାନଙ୍କ ସମସ୍ତ ଫିଲ୍ମକୁ ୟୁସୁଫ୍ କେବେ ଦେଖିବାକୁ ଭୁଲିନାହାନ୍ତି। ଏପରି କି ସେ ନିଜ ହାତରେ 'ଆଇ ଲଭ୍ ୟୁ ସଲ୍‌ମାନ୍' ବୋଲି ଲେଖିଛନ୍ତି।

# 'ବାପା ଜଲ୍‌ଦି ଫେରିଆସନ୍ତୁ'

## ଆଫଗାନିସ୍ତାନରେ ୨ ବର୍ଷ ହେଲା ଫସି ରହିଛନ୍ତି ଗବେଷକ

ଥିରୁଭାନନ୍ତପୁରମ୍

'ଆମେ ତାଙ୍କୁ ବହୁତ ମନେପକାଉଛୁ। ଆମେ ଚାହୁଁଛୁ, ସେ ଆମମାନଙ୍କ ପାଖକୁ ଜଲ୍‌ଦି ଫେରିଆସନ୍ତୁ'। କିଛି ଏମିତି କହି ଆଫଗାନିସ୍ତାନରେ ଫସିଥିବା ବାପାଙ୍କୁ ଫେରାଇ ଆଣିବାକୁ ତାଙ୍କ କୁନି ଝିଅ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଛନ୍ତି। ଆଫଗାନିସ୍ତାନର ଗୁଲାବମିର ରେହମାନି କେରଳ ୟୁନିଭର୍ସିଟିରେ ସୋସିଓଲୋଜି ବିଭାଗରେ ରିସର୍ଚ୍ଚ ଷ୍ଟାଫ୍ ଭାବେ କାର୍ଯ୍ୟ କରନ୍ତି । ଗବେଷଣା ସମ୍ବନ୍ଧୀୟ ତଥ୍ୟ ଯୋଗାଡ଼ ଏବଂ ଭିଜା ରିନୁଆଲ୍ କରିବା ସକାଶେ ଗୁଲାବମିର ୨୦୨୦ରେ ଆଫଗାନିସ୍ତାନ ଯାଇଥିଲେ। କିନ୍ତୁ ୨ ବର୍ଷରୁ ଅଧିକ ସମୟ ବିତି ଯାଇଥିବାବେଳେ ଭିଜା ନ ମିଳିବାରୁ ସେ କେରଳରେ ଥିବା ତାଙ୍କ ପରିବାର ନିକଟକୁ ଫେରିପାରୁ ନାହାନ୍ତି। ଭିଜା ନିୟମରେ ଭାରତ ପକ୍ଷରୁ କରାଯାଇଥିବା ବିଶେଷ ପ୍ରକାର ପରିବର୍ତ୍ତନ ପାଇଁ ଗୁଲାବମିରଙ୍କୁ ଭିଜା ମିଳିପାରୁ ନାହିଁ। ସେ ଇରାନ୍ ହୋଇ ଭାରତ ଆସିବାକୁ ଚେଷ୍ଟା କରିଥିଲେ ସୁଦ୍ଧା ଗୁଲାବମିର ସେଥିରେ ବିଫଳ ହୋଇଥିବା କହିଛନ୍ତି।

ଗୁଲାବମିରଙ୍କ ସ୍ତ୍ରୀ ଜାମଜମା କେରଳ ୟୁନିଭର୍ସିଟିରେ ପଦାର୍ଥ ବିଜ୍ଞାନରେ ପିଏଚ୍‌ଡି କରୁଥିବାବେଳେ ତିନି ପିଲାଙ୍କ ସହ ସେ କେରଳରେ ରହୁଛନ୍ତି। ଇଣ୍ଟରନେଟ୍‌ରେ ତ୍ରୁଟି କାରଣରୁ ଜାମଜମା ଓ ପିଲାମାନେ ଗୁଲାବମିରଙ୍କ ସହ କଥା ହେବାରୁ ବଞ୍ଚିତ ହେଉଛନ୍ତି। ଏ ନେଇ ରାଜ୍ୟ ସରକାର ଓ କେନ୍ଦ୍ରର ମିଳିତ ସହଯୋଗରେ ଗୁଲାବମିରଙ୍କୁ ଭିଜା ମିଳିପାରିବ ଏବଂ ସେ ପରିବାର ପାଖକୁ ଫେରିଆସିପାରିବେ ବୋଲି ଘର ଲୋକ ଆଶ ରଖିଛନ୍ତି। ପୂର୍ବରୁ ଏ ନେଇ ଜାମଜମା କେରଳ ମୁଖ୍ୟମନ୍ତ୍ରୀ ପିନାରାୟି ବିଜୟାନଙ୍କୁ ଭେଟିଥିଲେ ସୁଦ୍ଧା ତାଙ୍କୁ କୌଣସି ପ୍ରକାର ସାହାଯ୍ୟ ମିଳି ନ ଥିବା ସେ କହିଛନ୍ତି।

**ଜନ୍ମଦିନର ଶୁଭେଚ୍ଛା**

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................


ମାମାଲି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଖଣି ଖାଦାନ ମଧ୍ୟରେ ପ୍ରାକୃତିକ ସୌନ୍ଦର୍ଯ୍ୟର ସମ୍ଭାର

## ଅନାଲୋଚିତ ଝିଙ୍କ୍ରୀ ଜଳପ୍ରପାତ

**ନରେଶ ଚନ୍ଦ୍ର ପଟ୍ଟନାୟକ**
**କେନ୍ଦୁଝର,୯।୧**

ବଣପାହାଡ଼ ଘେରା କେନ୍ଦୁଝର ଜିଲାରେ ଅଗଣିତ ଜଳପ୍ରପାତ ରହିଛି। ପ୍ରାକୃତିକ ପରିବେଶ ମଧ୍ୟରେ ଏହା ପ୍ରକୃତିପ୍ରେମୀ ଓ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ। ଏଭଳି ଏକ ଜଳପ୍ରପାତ ହେଉଛି ଯୋଡ଼ା ବ୍ଲକ୍ ବଲାଣି ନିକଟରେ ଥିବା ଝିଙ୍କ୍ରୀ ଜଳପ୍ରପାତ। ଖଣି ଖାଦାନ ଯୋଗୁ ଏହାର ବିକାଶ ହୋଇପାରୁ ନ ଥିବା ବେଳେ ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ପାଇଁ ପର୍ଯ୍ୟଟକଙ୍କ ଭିଡ଼ ଜମୁଛି। ପର୍ଯ୍ୟଟନସ୍ଥଳର ମାନ୍ୟତା ପାଇ ନ ଥିଲେ ହେଁ ଦୈନିକ ହଜାରରୁ ଊର୍ଦ୍ଧ୍ୱ ପର୍ଯ୍ୟଟକ ବଣଭୋଜି କରିବାକୁ ଆସିଥାନ୍ତି। ପର୍ଯ୍ୟଟକଙ୍କ ଆଗମନକୁ ଦେଖି ସ୍ଥାନୀୟ ବଲାଣି ଆଦିବାସୀ ବିକାଶ ସମିତି ଏହାର ବିକାଶ ଓ ସୁରକ୍ଷା କରୁଥିବା ମୁଖ୍ୟ ପରିଚାଳକ ଅଶୋକ ସୋରେନ କହିଛନ୍ତି।

ବଲାଣି ଖଣି ଲିଜ୍ ଅଞ୍ଚଳରେ ଥିବା ଉକ୍ତ ଝିଙ୍କ୍ରା ନାଳର ପାଣି ଦେଢ଼ଶହରୁ ଊର୍ଦ୍ଧ୍ୱ ଉଚ୍ଚ ପାହାଡ଼ ଉପରୁ ସିଧାସଳଖ ଖସି ମନୋରମ ପରିବେଶ ସୃଷ୍ଟି କରୁଛି। ପୂର୍ବାହ୍ନ ସମୟରେ ସୂର୍ଯ୍ୟାଲୋକ ପଡ଼ି ଭାସମାନ ଇନ୍ଦ୍ରଧନୁର ଦୃଶ୍ୟ ପର୍ଯ୍ୟଟକଙ୍କୁ ବିମୋହିତ କରିଥାଏ। ବର୍ଷାଦିନରେ ପାଣିର ସ୍ରୋତ ପ୍ରଖର ହୋଇଥାଏ। ଉଚ୍ଚରୁ ପାଣି ପଡୁଥିବାରୁ ପାଖରୁ ଦେଖିଲେ କେଉଁଠୁ ପାଣି ପଡୁଛି ଦୃଶ୍ୟମାନ ହୋଇ ନ ଥାଏ। ଯେପରି ସ୍ୱର୍ଗରୁ ସିଧାସଳଖ ତଳକୁ ପାଣି ଖସୁଥିବା ଭ୍ରମ ସୃଷ୍ଟି ହୋଇଥାଏ। ଜଳପ୍ରପାତ ନିକଟକୁ ଯିବା ପାଇଁ ଆଦିବାସୀ ବିକାଶ ସମିତି ପକ୍ଷରୁ ପଥର ରାସ୍ତା ନିର୍ମାଣ କରାଯାଇଥିବା ବେଳେ ଗାଡ଼ି ପାର୍କିଂ, ବଣଭୋଜି ଆୟୋଜନ ପାଇଁ ବ୍ୟବସ୍ଥା କରାଯାଇଛି। ଜିଲାର ସବୁଠାରୁ ଉଚ୍ଚ ଖଣ୍ଡାଧାର ଜଳପ୍ରପାତଠାରୁ ମଧ୍ୟ ଏହା ଉଚ୍ଚ ବୋଲି ପର୍ଯ୍ୟଟକ ତଥା ପରିବେଶବିତ୍ ଡ. ବିଦ୍ୟାଧର ବେହେରା କହିଛନ୍ତି। ତେଣୁ ଏହାର ବିକାଶ ଖଣି କମ୍ପାନୀ କିମ୍ବା ପର୍ଯ୍ୟଟନ ବିଭାଗ କରିବା ଜରୁରୀ ବୋଲି ସେ ମତ ରଖିଥିଲେ। ଖଣି ଖାଦନ ମଧ୍ୟରେ ରହିଯାଉଥିବାରୁ ଏହାର ବିକାଶ କରାଯିବା ସହ ପର୍ଯ୍ୟଟନ କେନ୍ଦ୍ରର ମାନ୍ୟତା ମିଳିଲେ ପର୍ଯ୍ୟଟକ ପ୍ରାକୃତିକ ସୌନ୍ଦର୍ଯ୍ୟର ମଜା ନେଇପାରିବେ। ଏଥିସହ ଅଞ୍ଚଳର ବିକାଶ ହେବା ସହ ଅଧିବାସୀ ବିଶେଷକରି ଆଦିବାସୀମାନେ ଉପକୃତ ହୋଇପାରିବେ ବୋଲି ସ୍ଥାନୀୟ ପରିବେଶପ୍ରେମୀ ଶିବାଶିଷ ନନ୍ଦ କହିଛନ୍ତି।




ପର୍ଯ୍ୟଟକ ବଣଭୋଜିର ମଜା ନେଉଛନ୍ତି।

- ବଣଭୋଜି ପାଇଁ ଜମୁଛି ଭିଡ଼
- ଖଣ୍ଡାଧାରଠାରୁ ମଧ୍ୟ ଉଚ୍ଚ
- ପର୍ଯ୍ୟଟନ ସ୍ଥଳ ମାନ୍ୟତା ଦାବି

ପୂର୍ବତନ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଏହି ସ୍ଥାନକୁ ଗସ୍ତକରି ଗୁରୁତ୍ୱ ଉପଲବ୍ଧି କରିଥିଲେ। ଏହା ବଲାଣି ଖଣି ଲିଜ୍ ଅଞ୍ଚଳରେ ରହିଥିବାରୁ ସେଲ୍ ଏହାର ବିକାଶ କରିବାକୁ ସେ ଦାବି କରିଥିଲେ। ନଚେତ୍ ସ୍ଥାନକୁ ଲିଜ୍ ଅଞ୍ଚଳରୁ ବାଦ୍ ଦେଇ ସରକାରଙ୍କୁ ହସ୍ତାନ୍ତର କଲେ ସରକାରଙ୍କ ପର୍ଯ୍ୟଟନ ବିଭାଗ ବିକାଶ କରିବ ବୋଲି ସେ ସମୟରେ କହିଥିଲେ। ପର୍ଯ୍ୟଟନ ବିଭାଗ ସହକାରୀ ନିର୍ଦ୍ଦେଶକ ରମେଶ ଚନ୍ଦ୍ର ନାୟକ କହିଛନ୍ତି, ଏହାକୁ ପୂର୍ବରୁ ସେ ପର୍ଯ୍ୟଟନ ମନ୍ତ୍ରୀଙ୍କ ସହ ଯାଇ ଅନୁଧ୍ୟାନ କରିଛନ୍ତି। ଏହାର ବିକାଶ ଓ ମାନ୍ୟତା ଦେବା ପାଇଁ ପଦକ୍ଷେପ ନିଆଯିବ।

# ନଦୀବନ୍ଧ ଧସିଥିବା ସ୍ଥାନ ପରିଦର୍ଶନ କଲେ ଜଳସେଚନ ଅଧିକାରୀ

**ଆରଡି, ୯।୧(ଡି.ଏନ.ଏ.):** ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅଧୀନ ଶୀତଳପୁରଠାରେ ସାଳନ୍ଦୀ ନଦୀକୂଳରେ ପଥରପ୍ୟାକିଂବେଳେ ରବିବାର ୪୦ ଫୁଟ୍ର ନଦୀବନ୍ଧ ଧସିଯାଇଥିଲା। ସୋମବାର ଜଳସେଚନ ବିଭାଗର ଧାମନଗର ଡିଭିଜନ ଏସ୍ଡିଓ ବିଜୟ୍ କୁମାର ସେଠୀ ଓ କନିଷ୍ଠ ଯନ୍ତ୍ରୀ କିଶୋର ଦାସ ନଦୀବନ୍ଧ ଧସିଥିବା ସ୍ଥାନ ପରିଦର୍ଶନ କରି ଠିକାଦାରଙ୍କୁ ତାଗିଦ୍ କରିଛନ୍ତି।

**CLASSIFIED DISPLAY**
MORE SPACE • SAME PRICE
TARIFF | GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385
8637280816,
7894447167, 9338226625

**ମୁଦ୍ରା ଫାଇନାନ୍ସ**
PM ମୁଦ୍ରା ଯୋଜନା
ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ
ମାର୍କେଶିଟ୍, ପ୍ରପର୍ଟି, ପର୍ସନାଲ,
ଆଧାରକାର୍ଡ ସମସ୍ତ ଋଣ।
2% ସୁଧ, 40% ରିହାତି।
ମହିଳାଙ୍କ ପାଇଁ ବିଶେଷ ରିହାତି।
ଅନ୍‌ଲାଇନ୍ ସୁବିଧା।
ମୁଦ୍ରା ଫାଇନାନ୍ସ
Mob. 8985384630

**MIDDLE CLASS ELDERS LIVING ALONE ?**
Between Bhubaneswar - Cuttack
ASHABAREE gives you AC rooms with all facilities & comfort on PAY & LIVE basis.
Contact:-
9437464945
7978810877

ALL EDITION - B/W
(Everyday)
for Booking Contact:
0674-2580385
8637280816,
7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**୨୦ତମ ଜନ୍ମଦିନ ଶୁଭେଚ୍ଛା**

ମାମାଲି
ଆଜି ତୋର ପବିତ୍ର ଜନ୍ମ ଦିବସରେ ମୁଁ ଏତିକି କାମନା କରେ, ପ୍ରଭୁ ତୁମ ଜୀବନକୁ ସରସ, ସୁନ୍ଦର ଓ ସୁଖମୟ କରନ୍ତୁ। ତୁମେ ଦୀର୍ଘାୟୁ ହୁଅ। ତୁମେ ଅନ୍ୟମାନଙ୍କ ପାଇଁ ଖୁସିର କାରଣ ହୁଅ। ତୁମ ପରି ବନ୍ଧୁ ଉପରବାଲାଙ୍କର ଏକ ଅମୂଲ୍ୟ ଉପହାର। ତାଙ୍କର ଆଶିଷ ଆଉ ପ୍ରେମ ତୁମ ଉପରେ ଥାଉ। ତୁମ ମନରେ ସର୍ବଦା ଖୁସି ଝଲସୁଥାଉ। ତୁମ ଜନ୍ମଦିନରେ ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା କରେ (ଜିଗ୍ରୀ)।
ଧ-୨୪୪୫

# ଯୁବକଙ୍କୁ ପୋଲିସର ମାଡ଼ ଅଭିଯୋଗ

## ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ପରିବାର ଲୋକେ

**ଯୋଡ଼ା,୯।୧(ଡି.ଏନ୍.ଏ.)**

କେନ୍ଦୁଝର ଜିଲା ଯୋଡ଼ା ଥାନା ଅଧୀନ ବିଲେଇପଦା ଫାଣ୍ଡି ପୋଲିସ ରବିବାର ଜଣେ ଯୁବକଙ୍କୁ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଚିକିତ୍ସା ପାଇଁ ତାଙ୍କୁ ଯୋଡ଼ାସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ପରେ ଜିଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଗୁରୁତର ଜଣଙ୍କ ହେଲେ ବିରକଳା ପଞ୍ଚାୟତ ଅନ୍ତର୍ଗତ ମୁଟୁଦା ଗ୍ରାମର ଅମିତ୍ ସେଠୀ। ଅମିତ୍‌ଙ୍କ ଶରୀରର ବିଭିନ୍ନ ସ୍ଥାନରେ ମାଡ଼ ଚିହ୍ନ ଥିବା ତାଙ୍କ ସ୍ତ୍ରୀ କହିଛନ୍ତି। ଘଟଣାକୁ ନେଇ ପରିବାର ଲୋକେ ସୋମବାର ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ସୂଚନା ଅନୁଯାୟୀ, ଅମିତ୍‌ଙ୍କ ସହ ସ୍ତ୍ରୀ ସୁପ୍ରିୟାଙ୍କ ଝଗଡ଼ା ହୋଇଥିଲା। ଅମିତ୍ ଉତ୍କ୍ଷିପ୍ତ ହୋଇ ସ୍ତ୍ରୀଙ୍କୁ ମାଡ଼ ମାରିଥିଲେ। ଏ ନେଇ ସୁପ୍ରିୟା ବିଲେଇପଦା ବିଟ୍ ହାଉସ୍‌ରେ ସ୍ୱାମୀଙ୍କ ବିରୋଧରେ ଅଭିଯୋଗ କରିଥିଲେ। ଘଟଣାରେ ପୋଲିସ ଅମିତ୍‌ଙ୍କୁ ଫାଣ୍ଡିକୁ ଡକାଇ ପ୍ରଥମେ ବୁଝାଶୁଝା କରିବା ପରେ ନିସ୍ତୁକ ମାଡ଼ ମାରିଥିଲେ ବୋଲି ଅମିତ୍ କହିଛନ୍ତି।

# ଆମେରିକାରେ ସବୁଠୁ ସଂକ୍ରାମକ ଭାରିଏଣ୍ଟ ଏକ୍ସବିବି.୧.୫

**ୱାଶିଂଟନ୍, ୯।୧**

ଆମେରିକାରେ କୋଭିଡ୍-୧୯ ଭୂତାଣୁର ନୂଆ ଭାରିଏଣ୍ଟ ଏକ୍ସବିବି.୧.୫ ଚିହ୍ନଟ ହୋଇଛି। କୋଭିଡ୍‌ର ଅନ୍ୟ ଭାରିଆଣ୍ଟ ତୁଳନାରେ ଏହା ସବୁଠାରୁ ଅଧିକ ସଂକ୍ରାମକ ବୋଲି ୱାର୍ଲ୍ଡ ହେଲ୍‌ଥ ଅର୍ଗାନାଇଜେଶନ୍ (ଡବ୍ଲ୍ୟୁଏଚ୍ଓ) ପକ୍ଷରୁ କୁହାଯାଇଛି। ୟୁଏସ୍ ସେଣ୍ଟର୍ସ ଫର୍ ଡିଜିଜ୍ କଣ୍ଟ୍ରୋଲ (ସିଡିସି) ପକ୍ଷରୁ ପ୍ରଦତ୍ତ ତଥ୍ୟ ଅନୁସାରେ, ଏସ୍‌ବିବି.୧.୫ ଭାରିଏଣ୍ଟ ଦ୍ୱାରା ଆମେରିକାର ୨୭.୬% ଲୋକ ଆକ୍ରାନ୍ତ ହୋଇଛନ୍ତି। ଦେଶରେ ବର୍ତ୍ତମାନ ବିକ୍ୟୁ.୧.୧ ଭାରିଏଣ୍ଟ ଦ୍ୱାରା ୩୪.୪% ଲୋକ ଆକ୍ରାନ୍ତ ହୋଇଥିବାବେଳେ ଏସ୍‌ବିବି.୧.୫ରେ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇ ୪୦%ରେ ପହଞ୍ଚିବା ଆଶଙ୍କା ଥିବା ସିଡିସି କହିଛି। ଏକ୍ସବିବି.୧ରୁ କୋଭିଡ୍ ଭାରିଆଣ୍ଟ ଏକ୍ସବିବି.୧.୫ର ଉତ୍ପତ୍ତି। ଭାରିଆଣ୍ଟରେ ଥିବା ଏଫ୍୪୮୬ଏସ୍ ଆଣ୍ଟିବଡ଼ିଠାରୁ ଏକ୍ସବିବି.୧.୫କୁ ସୁରକ୍ଷା ଦେଉଥିବା ୟୁଏସ୍ ବ୍ଲୁମ୍ ଲ୍ୟାବ୍ ପକ୍ଷରୁ କୁହାଯାଇଛି। ଆମେରିକାର ଉତ୍ତର-ପୂର୍ବାଞ୍ଚଳରେ ଏମ୍ସବିବି.୧.୫ ଭାରିଆଣ୍ଟ ଦ୍ୱାରା ଅଧିକ ସଂଖ୍ୟାରେ ଲୋକେ ଆକ୍ରାନ୍ତ ହୋଇଥିବା ଡବ୍ଲ୍ୟୁଏଚ୍ଓ କହିଛି। ୟୁରୋପରେ ମଧ୍ୟ ଏହି ନୂଆ କୋଭିଡ୍ ଭରିଆଣ୍ଟ ଆକାନ୍ତ ଚିହ୍ନଟ ହେବାରେ ଲାଗିଛନ୍ତି।

ଗତମାସରେ ଚାଇନାର ଗବେଷକମାନେ ଏକ୍ସବିବି.୧.୫ ଭାରିଆଣ୍ଟର ଚିହ୍ନଟ କରିଥିଲେ। ଚାଇନାରେ ବର୍ତ୍ତମାନ କରୋନା ସଂକ୍ରମଣ ଦ୍ରୁତ ବେଗରେ ବୃଦ୍ଧି ପାଇବାରେ ଲାଗିଛି। ଦେଶରେ ଜିରୋ କୋଭିଡ୍ ନୀତିକୁ ହଟାଯିବା ଫଳରେ ସଂକ୍ରମଣରେ ବୃଦ୍ଧି ଘଟିଥିଲା। ଆକ୍ରାନ୍ତଙ୍କଠାରେ ବିଏ.୫.୨ ଏବଂ ବିଏଫ୍.୭ କରୋନା ଭାରିଆଣ୍ଟ ଚିହ୍ନଟ ହୋଇଛି।

**Classified Everyday**
0674-2580101, 2549949


REAL ESTATE
**SALE**

ଭୁବନେଶ୍ୱର ନଖରା ଘରବାରି SC plot Sqft - 150/-, General - 350/-. 9439660381. D-74178

**Well developed yellow zone plots availabe with electricity near AMRI Hospital, Khandagiri. 8249057398, 8456920764.** D-71667

ଭୁବନେଶ୍ୱର ଖଣ୍ଡଗିରି **AMRI Hospital** ପାଖରେ ପ୍ଲଟ୍ କିଣି ଘର କରନ୍ତୁ ଓ Madanpur, Gita/Gandhi College ପାଖରେ Sqft. 650/-ରେ ମିଳୁଛି - **9348767829.** D-74173

**30ft. road, boundary, gharabari plot sale in Shreekhetra Vihar Phase-3 Pipili Chhaka NH side gated society with electricity, Park, Temple, Drange sqft. 980/-. 8117084862.** D-74177

ଝିଅ ବିଭାଘର ପାଇଁ ଦୁଇପଟେ 30' ଫୁଟ ରୋଡ୍ ଥାଇ ରେଟଂଗରେ ୧୦ ଗୁଣ୍ଠ ଜମି ବିକ୍ରିହେବ- (ଗୁଣ୍ଠ- 5,25,000/-). 9938016295. D-74180

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**4 Bhk luxurious flat for sale at unit -3 Kharavelanagar, behind Ram Mandir Construction work going on contact- 9438362399.** 2421

Plot Sale at Nearby Sum Hospital, Mendhasala, Bhubaneswar. 30ft Road, Plantation, Electricity, NH-16 Side, Price Rs-1050/-, Rs-1250/-. 7749892855, 8144855184, 9556392667. D-2449

କଟକ-ଭୁବନେଶ୍ୱର ରୋଡ୍‌ରୁ **2.5.K.M.,** ନଖରା ଓ ପାହାଳରୁ **2.5.K.M.** ଘରବାରି **25'** ରୋଡ୍, ବାଉଣ୍ଡରୀ, ଇଲେକ୍ଟ୍ରିସିଟି ସୁବିଧା ଥାଇ ପ୍ଲଟ୍ ମିଳୁଛି। **9348152874, 9337317665.** D-74179

ଭୁବନେଶ୍ୱର ଜଟଣୀଗେଟ୍ **NH-5** ପାଖରେ ଘରବାରି ପ୍ଲଟ୍ **30'** ରାସ୍ତାଥାଇ **sqft.-400/-, 630/-. 9437607388, 8637269760.** D-74166


CONSTRUCTION

Construct your home @850/-, 1340/- includes architecture structure with 3year FMC, provide BDA plan approval boring/ interiorwork. SNV Construction. 9439295469. D-74160




Asribadaa Panchakarma herbal SPA Kesarimall, Bhubaneswar. Contact: 8926173473. D-74623

**Full body massage by smart I expert therapist @999 only. 9078484455.** D-73670

Relax, Refresh your body, Mind at Saikrupa Spa with best therapies. 8984068077. D-2374

Fullbody massage relax body mind by traind lady therapist. 7008773793. D-73671

Newly open Spa positively health benefit with expert. Contact: 7749976301. D-74505

Newly open SPA positively health benefits with expert therapist. 7849011931. D-73674

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**LEGAL NOTICE**

ପରିବାର ନ୍ୟାୟାଧୀଶଙ୍କ ଅଦାଲତ, ବୌଦ୍ଧ
ସିଭିଲ୍ ପିଟିସନ୍ ନଂ.- ୧୮/୨୦୨୨
ସୁବୋଧ କୁମାର ପାତ୍ର, ପି: ୰କୃପାସିନ୍ଧୁ ପାତ୍ର, ଗ୍ରା/ପୋ- ସରସରା, ଥା/ଜି- ବୌଦ୍ଧ
.....ଅର୍ଜିଦାତା
ବନାମ୍
ମାମୁନୀ ସାହୁ, ସ୍ୱା- ସୁବୋଧ କୁମାର ପାତ୍ର, ଗ୍ରା/ପୋ- ସରସରା, ଥା/ଜି- ବୌଦ୍ଧ, ବର୍ତ୍ତମାନ ଠିକଣା- ପିତା- ଦେବେନ୍ଦ୍ର ସାହୁ, ଗ୍ରା/ପୋ- ବଡ଼କର୍ଲେ, ଥାନା- ରାମପୁର, ଜି- ସୋନପୁର
....ପ୍ରତିପକ୍ଷ

ପ୍ରାପ୍ତେଷୁ,
ମାମୁନୀ ସାହୁ ୩୧ବର୍ଷ, ପିତା- ଦେବେନ୍ଦ୍ର ସାହୁ, ଗ୍ରା/ପୋ- ବଡ଼କର୍ଲେ, ଥାନା- ରାମପୁର, ଜିଲ୍ଲା- ସୁବର୍ଣ୍ଣପୁର। ଏତଦ୍ଦ୍ୱାରା ଜଣାଇ ଦିଆଯାଉଛି ଯେ, ପରିବାର ଅଦାଲତ, ବୌଦ୍ଧଙ୍କଠାରେ ଚାଲିଥିବା ସିଭିଲ୍ ପିଟିସନ୍ କେସ୍ ନଂ.-୧୮/୨୦୨୨ରେ ଆପଣ ପକ୍ଷ ଅଟନ୍ତି। ଉପରୋକ୍ତ ଠିକଣାରେ ଅଦାଲତଙ୍କ ଠାରୁ ନୋଟିସ୍ ପ୍ରେରଣ କରାଗଲେ ମଧ୍ୟ ନୋଟିସ୍ ଜାରି ହୋଇପାରୁ ନାହିଁ।

ଏଣୁ ଆପଣଙ୍କୁ ଏତଦ୍ଦ୍ୱାରା ଜଣାଇ ଦିଆଯାଉଛି ଯେ, ଆସନ୍ତା ତା୨୪।୦୧।୨୩ରିଖ ଦିନ ୧୦ ଘଣ୍ଟା ସମୟରେ ଉକ୍ତ ପରିବାର ଅଦାଲତରେ ଉପସ୍ଥିତ ରହି ନିଜର ପକ୍ଷ ରଖିବେ, ନଚେତ୍ ଅଦାଲତରେ ଆପଣଙ୍କ ଅନୁପସ୍ଥିତିରେ ବିଚାର ପ୍ରକ୍ରିୟା ଆରମ୍ଭ ହେବା ଏହାପରେ ଆପଣଙ୍କ କୌଣସି ଆପତ୍ତି ଅଭିଯୋଗ ବିଚାରକୁ ନିଆଯିବ ନାହିଁ।

ସ୍ୱାକ୍ଷର/.- ପରିବାର ନ୍ୟାୟାଧୀଶ ଅଦାଲତ, ବୌଦ୍ଧ
ଧ-୨୪୪୮

IN THE COURT OF FAMILY JUDGE, BARGARH
MAT Case No. 76/78 of 2020
Hanoka Shika ....Petitioner
Versus
Arpita Shika .... Respondent
SUMMON U/O.5, RULE-20 of C.P.C
To,
Arpita Shika, W/o. Hanoka Shika and D/o. Janmejaya Kumbhar, village- Sangamada, PO. Jurabandh, PS. Bangomunda, Dist. Bolangir .....Respondent.

Take summon that the petitioner has filed the above noted case U/s.10(1) of Indian Divorce Act. Hence you are hereby summoned to appear in this court in person or by your pleader duly instructed and able to answer all materials questions relating to the case on dated 30.01.2023. at 10.30 A.M. and directed to produce on that day all the documents upon which you intend to rely in support of your defence.

Take notice in default of your appearance on the day fixed, the case will be heard and determined in your absence.

Given under my hand the seal of court this 4th day of January 2023.
Sd./-Judge
D-2447

**ମନେ ପଡୁନ୍ତି**

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**

**ସ୍ୱର୍ଗତ ରଘୁନାଥ ଚୌଧୁରୀ**
ଶାଳେଶ୍ୱର, ପାହାଳ
ମାଘ କୃଷ୍ଣପକ୍ଷ ତୃତୀୟା
ଆପଣଙ୍କ ଅମର ଆତ୍ମା ଶାନ୍ତିଲାଭ କରୁ, ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ଆମର ଏତିକି ପ୍ରାର୍ଥନା।
ଇତି ଆପଣଙ୍କର ପୁତ୍ର: ଅଶୋକ, ଅଜିତ୍, ବନ୍ଧୁ ଓ ପରିବାରବର୍ଗ।
ଧ-୨୪୪୦

**ଦଶାହ ଉପଲକ୍ଷେ**

**ସ୍ୱର୍ଗତ ବିଷ୍ଣୁ ଚରଣ ରଥ**
ନାଗେଶ୍ୱର ଟାଙ୍ଗୀ, ଭୁବନେଶ୍ୱର
Plot No.-489/4750
ଆବିର୍ଭାବ: ୦୩।୦୮।୧୯୩୮
ତିରୋଧାନ: ୦୧।୦୧।୨୦୨୩
ତୁମ ଅମର ଆତ୍ମାର ସଦ୍‌ଗତି ଓ ଚିର ଶାନ୍ତି ପାଇଁ ପ୍ରଭୁ ଶ୍ରୀ ଶ୍ରୀ ଜଗନ୍ନାଥଙ୍କ ଚରଣରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ-୨୪୪୪

# ଦେଶୀ ମାଟିରେ ହସୁଛି ବିଦେଶୀ ଫଳ

## ୟୁଟ୍ୟୁବ୍ ଦେଖାଇଲା ସଫଳତାର ବାଟ


ବେରୀ ଚାଷ କ୍ଷେତରେ ସୁବ୍ରତ।

**ସ୍ମୃତି ଶୋଭନ ପାଲ୍**
**ସାରସକଣା,୯।୧**

ଧାନଚାଷ କରି ଚଳି ଆସୁଥିଲେ। ମାତ୍ର ଏଥିରେ ବେଶୀ ଲାଭ ହେଲାନି। କିଛି ନୂଆ ଚାଷ କରି ସ୍ୱାବଲମ୍ବୀ ହେବାକୁ ମନ ବଳାଇଲେ ମୟୂରଭଞ୍ଜ ଜିଲା ସାରସକଣା ବ୍ଲକ ଭୂରୁଷାଣି ପଞ୍ଚାୟତ ଅନ୍ତର୍ଗତ ଖଡ଼ିଆଶୋଳ ଗ୍ରାମର ସୁବ୍ରତ କୁମାର ରାଉତ। ୟୁଟ୍ୟୁବ ଦେଖି ସେ ବିଦେଶୀ ଫଳ ବେରୀ ଚାଷ ପ୍ରତି ଆଗ୍ରହୀ ହେଲେ। ଖୁବ୍ କମ୍ ସମୟରେ ସାରସକଣା ବ୍ଲକ ଭଳି ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ହସୁଛି ଏହି ବିଦେଶୀ ଫଳ।

ପିଲାଟି ଦିନରୁ ସୁବ୍ରତଙ୍କ ଚାଷ ପ୍ରତି ଦୁର୍ବଳତା ଥିଲା। ମାଟ୍ରିକ୍ ପାସ୍ ପରେ ଆଉ ପାଠ ନ ପଢ଼ି ଚାଷ କାମରେ ଲାଗି ପଡ଼ିଥିଲେ। ତେବେ ଧାନଚାଷରୁ ସେତେଟା ଲାଭ ନ ମିଳିବାରୁ ସେ ନୂଆ କିଛି ଚାଷ କରିବେ ବୋଲି ମନସ୍ଥ କଲେ। କମ ଖର୍ଚ୍ଚରେ ଅଧିକ ଲାଭ ପାଇବା ଆଶାରେ ୟୁଟ୍ୟୁବ୍ ଦେଖି ବେରୀ ଚାଷ କରିବା ପାଇଁ ସ୍ଥିର କଲେ। ଶ୍ୱଶୁର ଘର ପଶ୍ଚିମବଙ୍ଗ କୋଲକାତା ନିକଟରେ ଜଣେ ଚାଷୀ ବେରୀ ଚାଷ କରିଥିବା ଦେଖିଥିଲେ। ସେଠାରୁ ଫେରି ବାଂଲାଦେଶ ସୀମା ନିକଟ ଏକ ନର୍ସରୀରୁ ୧୧୫୦ ଖଣ୍ଡ ଚାରା (ଗୋଟାକ ୧୦୦ରୁ ୧୨୦ଟଙ୍କା) ଆଣି ୨୦୨୨ ଫେବୃୟାରୀରେ ରୋପଣ କରିଥିଲେ। ଦୁଇ ଏକର ବିଶିଷ୍ଟ ଜମିକୁ ଲିଜ ସୂତ୍ରରେ ନେଇ ସେଥିରେ ୬ କିସମର ବେରୀ ଗଛ ଲଗାଇଛନ୍ତି ;ଯେଉଁଥିରେ ରହିଛି ରେଡ୍ କଶ୍ମିରୀ, ସିଡ୍‌ଲେସ, ଥାଇ ଗ୍ରୀନ୍, ମିସ୍ ଇଣ୍ଡିଆ, ତାଇୱାନ ଓ ବଲ ସୁନ୍ଦରୀ କିସମ। ମିସ୍ ଇଣ୍ଡିଆ ଓ ରେଡ୍ କଶ୍ମିରୀ କିସମ ସର୍ବାଧିକ ଗଛ ଲାଗିଛି। ଚାରା ଲାଗିବା ପରେ ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁ ଗଛ ମୂଳରେ ପାଣି ଜମିରହି ଗଛଗୁଡ଼ିକ ରୋଗଗ୍ରସ୍ତ ହୋଇପଡ଼ିଥିଲା। ଏହା ଦେଖି ସେ ଭାଙ୍ଗି ପଡ଼ିଥିଲେ। ତଥାପି ସେ ଧୈର୍ଯ୍ୟ ଧରି ମନୋବଳ ଦୃଢ଼ କରିଥିଲେ। ଚାରା ଆଣିଥିବା ନର୍ସରୀ ସହିତ ଯୋଗାଯୋଗ ରଖି ଆସୁଥିଲେ। ବର୍ଷା ପରେ ପାଣିପାଗ ବଦଳିବା ସହିତ ଗଛଗୁଡ଼ିକ ମଧ୍ୟ ସ୍ୱାଭାବିକ ଅବସ୍ଥାକୁ ଆସିଥିଲା। ଗତ ଅକ୍ଟୋବର ମାସରେ ଗଛରେ ଫୁଲ ଆସିବା ସହିତ ଡିସେମ୍ବର ୨୦ରେ ଅମଳ ଆରମ୍ଭ ହୋଇଥିଲା। ଏହି ଚାଷରେ ସେ ପ୍ରାୟ ସାଢେ ୩ଲକ୍ଷ ଟଙ୍କା ଖର୍ଚ୍ଚ କରିଛନ୍ତି। ଗୋଟିଏ ଗଛ ପ୍ରତି ଏବେ ସର୍ବନିମ୍ନ ୧୫ରୁ ୨୦ କେଜି ବେରୀ ଉତ୍ପାଦନ ହେଉଛି। ଏହି ଫଳ ଭୁବନେଶ୍ୱର, ବ୍ରହ୍ମପୁରର ବ୍ୟବସାୟୀମାନେ କେଜି ପ୍ରତି ୭୫ଟଙ୍କାରେ କିଣୁଛନ୍ତି ବୋଲି ସୁବ୍ରତ କହିଛନ୍ତି।

# ସତୀଶ-ରଞ୍ଜନଙ୍କୁ ଡବଲ୍ସ ଟାଇଟଲ

## ଇଣ୍ଡିଆନ ଓପନ ଗେଟ୍‌ବଲ ଉଦ୍‌ଯାପିତ

ଭୁବନେଶ୍ୱର, ୯।୧ (କ୍ରୀଡ଼ା ପ୍ରତିନିଧି)



ଉଦ୍‌ଯାପନୀ ଉତ୍ସବରେ ଅତିଥିଙ୍କ ଗହଣରେ କୃତୀ ଖେଳାଳିମାନେ।

ଇଣ୍ଡିଆନ ଓପନ ଗେଟ୍‌ବଲ ଟୁର୍ନାମେଣ୍ଟର ନବମ ସଂସ୍କରଣ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ସୋମବାର ଉଦ୍‌ଯାପିତ ହୋଇଛି। ଇଣ୍ଡିଆନ୍ ଗେଟ୍ ବଲ୍ ୟୁନିଅନ୍ (ଆଇଜିୟୁ) ଦ୍ୱାରା ଆୟୋଜିତ ଏହି ଟୁର୍ନାମେଣ୍ଟରେ ଭାରତର ବିଭିନ୍ନ ରାଜ୍ୟରୁ ୧୪ଟି ଦଳରେ ମୋଟ ୯୦ ଖେଳାଳି ଅଂଶଗ୍ରହଣ କରିଥିଲେ। ସଫଳତାର ସହ ସମ୍ପନ୍ନ ହୋଇଥିବା ଏହି ପ୍ରତିଯୋଗିତାର ଡବଲ୍ସ ବିଭାଗରେ ସତୀଶ ପୃଷ୍ଟି ଓ ରଞ୍ଜନ ମିଶ୍ର ଟାଇଟଲ ଜିତିଥିଲେ। ସେହିପରି ୫ ଜଣିଆ ଟିମ୍ ଗେମ୍‌ରେ ଆଇଜିୟୁ ଦଳକୁ ହରାଇ ବନବାସୀ ଯୋଦ୍ଧା ଟିମ୍ ଚାମ୍ପିୟନ ହୋଇଛି। ରାଜ୍ୟ କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜୟୀ ଖେଳାଳି ମାନଙ୍କୁ ପୁରସ୍କାର ବିତରଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନା କରିଥିଲେ କାର୍ଯ୍ୟକାରୀ କିମିଟି ସଭାପତି ଦ୍ୱିପାୟନ ପଟ୍ଟନାୟକ। କୋଭିଡ୍ ପାଇଁ ତିନିବର୍ଷର ବ୍ୟବଧାନ ପରେ ଏହି ଟୁର୍ନାମେଣ୍ଟ ଆୟୋଜନ ହୋଇଥିବାରୁ ଖେଳାଳିଙ୍କ ମଧ୍ୟରେ ଉତ୍ସାହ ଦ୍ୱିଗୁଣିତ ହୋଇଥିଲା। ୭ଟି ଦକ୍ଷିଣ ଏସୀୟଦେଶ ଏହି ଟୁର୍ନାମେଣ୍ଟରେ ଅଂଶଗ୍ରହଣ ପାଇଁ ଆଗ୍ରହ ପ୍ରକାଶ କରିଥିଲେ ମଧ୍ୟ ଚାଇନାରେ ସାମ୍ପ୍ରତିକ କୋଭିଡ୍‌ର ସ୍ଥିତି ଦେଖି ଶେଷ ମୁହୂର୍ତ୍ତରେ ଓହରି ଯାଇଥିଲେ। କେବଳ ଅଫିସିଆଲ୍ ପ୍ରତିନିଧି ଭାବେ ତାଇୱାନର ପେଇ ତୁନ ଲିନ ଯୋଗଦେଇ ଖେଳାଳିମାନଙ୍କ ମନୋବଳ ବଢ଼ାଇବା ସହ ଭାରତରେ ଗେଟ୍‌ବଲ୍‌ର ପ୍ରଚାର ଏବଂ ପ୍ରସାର ଦିଗରେ ଇଣ୍ଡିଆନ୍ ଗେଟ୍ ବଲ୍ ୟୁନିଅନ୍ ନେଉଥିବା ପଦକ୍ଷେପ ଗୁଡ଼ିକୁ ପ୍ରଶଂସା କରିଥିଲେ।

# ନ୍ୟାଶନାଲ ହକି କନ୍‌କ୍ଲେଭ୍ ଆଜି

ଭୁବନେଶ୍ୱର, ୯।୧ (ସ୍ପୋର୍ଟ୍ସ ବ୍ୟୁରୋ)

ଓଡ଼ିଶା ଦ୍ୱିତୀୟ ଥର ପାଇଁ ଏଫ୍‌ଆଇଏଚ୍ ପୁରୁଷ ହକି ବିଶ୍ୱକପ୍ ଆୟୋଜନ କରିବାକୁ ଯାଉଛି। ଏହା ଭୁବନେଶ୍ୱର ଓ ରାଉରକେଲାରେ ଜାନୁୟାରୀ ୧୩ରୁ ୨୯ ତାରିଖ ପର୍ଯ୍ୟନ୍ତ ଖେଳାଯିବ। ଏହାକୁ ନେଇ ସମଗ୍ର ରାଜ୍ୟରେ ଲୋକଙ୍କ ମନରେ ଉତ୍ସାହ ଓ ଉଦ୍ଦିପନା ଦେଖିବାକୁ ମିଳିଲାଣି। ଗତ ସପ୍ତାହରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ରାଉରକେଲାରେ ୱାର୍ଲ୍ଡକପ୍ ଭିଲେଜ୍ ଏବଂ ବିର୍ସାମୁଣ୍ଡା ହକି ଷ୍ଟାଡିୟମ ଉଦ୍‌ଘାଟିତ ହୋଇଯାଇଛି। ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ହକି ଆସୋସିଏଶନ ଅଫ୍ ଓଡ଼ିଶା ମିଳିତ ଭାବେ ମଙ୍ଗଳବାର ମିଳିତ ଭାବେ ନ୍ୟାଶନାଲ ହକି କନକ୍ଲେଭ ୨୦୨୩ ଇକୋ ରିଟ୍ରିଟ୍ କୋଣାର୍କଠାରେ ଆୟୋଜନ କରିଛନ୍ତି। ଏହା ଦେଶର ୨୦ରୁ ଅଧିକ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ବିଭିନ୍ନ ଅଂଶୀଦାରଙ୍କ ଲାଗି ଏକ ପ୍ଲାଟଫର୍ମ। ଏଥିରେ ଖେଳାଳିଙ୍କ ପ୍ରଦର୍ଶନ, କୋଚିଂ, ତୃଣମୂଳ ପ୍ରତିଭା ଚିହ୍ନଟ, ପ୍ରଶାସନ ବ୍ୟତୀତ ଗ୍ଲୋବାଲ୍ ଇମର୍ଜିଂ ଟ୍ରେଣ୍ଡ, ସୁଯୋଗ ଓ ଚ୍ୟାଲେଞ୍ଜ ଏବଂ ଭାରତୀୟ ହକିର ବିକାଶ ଆଦି ପ୍ରସଙ୍ଗ ନେଇ ଆଲୋଚନା ହେବ। ଏହି ପରିପ୍ରେକ୍ଷୀରେ ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ କହିଛନ୍ତି, ହକି ଆସୋସିଏଶନ ଅଫ୍ ଓଡ଼ିଶା ଓ ରାଜ୍ୟ ସରକାରଙ୍କ ସହଯୋଗ କ୍ରମେ ନ୍ୟାଶନାଲ ଜାତୀୟ ହକି କନକ୍ଲେଭ୍‌ର ଆୟୋଜନ କରାଯାଇଛି। ଏଥିରେ ୫୦ରୁ ଊର୍ଦ୍ଧ୍ୱ ମାନ୍ୟଗଣ୍ୟ ପ୍ରତିନିଧି ଯୋଗଦେବେ। ସେମାନଙ୍କ ମଧ୍ୟରେ ବରିଷ୍ଠ ସରକାରୀ ଅଧିକାରୀ, ପୂର୍ବତନ ହକି କିମ୍ବଦନ୍ତୀ, ବିଭିନ୍ନ ରାଜ୍ୟ ଆସୋସିଏଶନର ସଭାପତି ଓ ସମ୍ପାଦକ ଅନ୍ୟତମ। ଏହି କନ୍‌କ୍ଲେଭରେ ଭାରତରେ ହକିର ବିକାଶ ନେଇ ଆଲୋଚନା ହେବ। ବର୍ଷ ବର୍ଷ ଧରି ଚାଲିଥିବା ଖେଳର ଷ୍ଟାଇଲ, ବର୍ତ୍ତମାନ ଏଥିରେ କି ପରିବର୍ତ୍ତନ ଘଟିଛି ଏବଂ ଖେଳରେ ମୋଟ ଉପରେ କ'ଣ ପରିବର୍ତ୍ତନ ଘଟିଛି ଆଦି ଅନ୍ୟ କେତେକ ପ୍ରସଙ୍ଗ ଆଲୋଚନା ହେବ। ଏହି ପରିପ୍ରେକ୍ଷୀରେ କ୍ରୀଡ଼ା ଓ ଯୁବସେବା ବିଭାଗ ଯୁଗ୍ମ ସମ୍ପାଦକ ଶୈଳେନ୍ଦ୍ର ଜେନା କହିଛନ୍ତି, ହକି ସମାଜକୁ ଏକାଠି କରିବା ଉଦ୍ଦେଶ୍ୟରେ କନକ୍ଲେଭର ଆୟୋଜନ କରାଯାଇଛି, ଓଡ଼ିଶାରେ ଏହା ପ୍ରଥମ।

# ହରିୟାଣାକୁ ୧୦ ଉଇକେଟରେ ହରାଇଲା ଓଡ଼ିଶା



ଫୁଲ ସୋରେନଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଉଛି।

## ଜାତୀୟ ମହିଳା ଦୃଷ୍ଟିବାଧିତ କ୍ରିକେଟ

ଭୁବନେଶ୍ୱର, ୯।୧ (ସ୍ପୋର୍ଟ୍ସ ବ୍ୟୁରୋ)

ବେଙ୍ଗାଲୁରୁରେ ଅନୁଷ୍ଠିତ ଜାତୀୟ ମହିଳା ଦୃଷ୍ଟିବାଧିତ କ୍ରିକେଟ୍‌ର ତୃତୀୟ ସଂସ୍କରଣରେ ବିଜୟ ସହିତ ଅଭିଯାନ ଆରମ୍ଭ କରିଛି ଓଡ଼ିଶା। ସୋମବାର ପ୍ରଥମ ମ୍ୟାଚ୍‌ରେ ଦଳ ହରିୟାଣାକୁ ୧୦ ଉଇକେଟରେ ପରାସ୍ତ କରିଛି। ଘନ କୁହୁଡ଼ି କାରଣରୁ ମ୍ୟାଚ୍‌କୁ ୧୭ ଓଭରବିଶିଷ୍ଟ କରାଯାଇଥିବା ବେଳେ ହରିୟାଣା ୮ ଉଇକେଟରେ ମାତ୍ର ୪୫ ରନ୍ ସଂଗ୍ରହ କରିଥିଲା। ଓଡ଼ିଶା ପକ୍ଷରୁ ଅଧିନାୟିକା ଫୁଲ ସୋରେନ୍ ସର୍ବାଧିକ ଦୁଇ ଉଇକେଟ ନେଇଥିବା ବେଳେ ପଦ୍ମିନୀ ଟୁଡୁ ଓ ପାର୍ବତୀ ମାର୍ଡି ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ପାର୍ବତୀଙ୍କ ୭ ଓ ଯମୁନାରାଣୀ ଟୁଡୁଙ୍କ ୧୩ ବଲ୍‌ରୁ ୨୮ ରନ୍ ବଳରେ ଓଡ଼ିଶା ୧୦ ଉଇକେଟରେ ମ୍ୟାଚ୍‌କୁ ଜିତିନେଇଥିଲା। ଦୁଇ ଉଇକେଟ ସହିତ ଦୁଇଟି ରନ୍‌ଆଉଟ କରିଥିବା ଫୁଲ ସୋରେନଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା। ଓଡ଼ିଶା ଦ୍ୱିତୀୟ ଲିଗ୍ ମ୍ୟାଚ୍‌ରେ ମଙ୍ଗଳବାର ଝାଡ଼ଖଣ୍ଡକୁ ଭେଟିବ।

# ୧୩୦ କୋଟିର ରିହାତି ମାଗିଲା ଷ୍ଟାର ଇଣ୍ଡିଆ

ନୂଆଦିଲ୍ଲୀ, ୯।୧ (ପି.ଟି.): ବିସିସିଆଇ ନିକଟରୁ ୧୩୦ କୋଟିର ରିହାତି ଦାବି କରିଛି ଷ୍ଟାର ଇଣ୍ଡିଆ। ଭାରତୀୟ ଦଳର ଜର୍ସି ସ୍ପନ୍‌ସର ବାଇଜୁସ୍ ମଧ୍ୟ ୧୪୦ କୋଟିର ଗ୍ୟାରେଣ୍ଟି ବଣ୍ଡ ଫେରାଇବାକୁ ଦାବି କରିଛି। ଭର୍ଚୁଆଲ ମୋଡ୍‌ରେ ବିସିସିଆଇର ଆପେକ୍ସ କାଉନ୍‌ସିଲ ବୈଠକରେ ଏହି ଦୁଇ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ନଭେମ୍ବର ମାସରେ ବାଇଜୁସ୍ ଓହରିବା ପାଇଁ ଦାବି କରିଥିଲେ ହେଁ ବିସିସିଆଇ ଅନୁରୋଧରେ ମାର୍ଚ୍ଚ ୨୦୨୩ ପର୍ଯ୍ୟନ୍ତ ଏହାର ଚୁକ୍ତିକୁ ବଳବତ୍ତର ରଖିବାକୁ କମ୍ପାନୀ ରାଜି ହୋଇଥିଲା। ୩୦୦ କୋଟି ଟଙ୍କାର ଏହି ଚୁକ୍ତି ହୋଇଥିବା ବେଳେ ଏହା ମଧ୍ୟରେ ସାମିଲ ଥିଲା ୧୪୦ କୋଟିର ବ୍ୟାଙ୍କ ଗ୍ୟାରେଣ୍ଟି ଓ ୧୬୦ କୋଟି ଟଙ୍କାର ଇନ୍‌ଷ୍ଟଲ୍‌ମେଣ୍ଟ। ତେବେ ଚୁକ୍ତି ଅଧାରୁ ବାତିଲ ହୋଇଥିବା ବେଳେ ୧୪୦ କୋଟିର ବ୍ୟାଙ୍କ ଗ୍ୟାରେଣ୍ଟି ଫେରସ୍ତ ପାଇଁ କମ୍ପାନୀ ଦାବି କରିଛି।

# ପାରା ବ୍ୟାଡମିଣ୍ଟନ ଚାମ୍ପିୟନଶିପ୍ ଉଦ୍‌ଯାପିତ



ଅତିଥିଙ୍କ ସହ କୃତୀ ପ୍ରତିଯୋଗୀ।

ଭୁବନେଶ୍ୱର, ୯।୧ (ସ୍ପୋର୍ଟ୍ସ ବ୍ୟୁରୋ)

ସମ୍ବଲପୁରର ମହାନଦୀ କ୍ଲବରେ ଅନୁଷ୍ଠିତ ରାଜ୍ୟ ପାରା ବ୍ୟାଡମିଣ୍ଟନ ଚାମ୍ପିୟନଶିପ-୨୦୨୩ ଉଦଯାପିତ ହୋଇଯାଇଛି। ୫ଟି ବର୍ଗରେ ଏହି ଟୁର୍ନାମେଣ୍ଟ ଖେଳାଯାଇଥିଲା। ହୁଇଲଚେୟାରରେ ନୁରୁଲ ହୁସେନ ଖାନ (ଅନୁଗୁଳ), ଏସ୍‌ଏଲ୍-୩ ବର୍ଗରେ ଦିଲେଶ୍ୱର୍ ରାଓ (ଖୋର୍ଦ୍ଧା), ଏସ୍‌ଏଲ୍- ୪ ବର୍ଗରେ ଦୀପ ରଞ୍ଜନ ବିଶୋଇ (ସୁନ୍ଦରଗଡ଼) ଓ ଏସ୍‌ୟୁ- ୫ ବର୍ଗରେ ଅନୁପ ରଞ୍ଜନ ବଡ଼ (ସମ୍ବଲପୁର) ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ସେହିପରି ଡବଲ୍ସ ବର୍ଗରେ ଦୀପ ରଞ୍ଜନ ବିଶୋଇ (ସୁନ୍ଦରଗଡ଼) ଓ ଅମରେନ୍ଦ୍ର ବେହେରା (ଅନୁଗୁଳ) ସ୍ୱର୍ଣ୍ଣ ବିଜୟୀ ହୋଇଛନ୍ତି। ପଦ୍ମଶ୍ରୀ ପ୍ରମୋଦ ଭଗତ ଅନ୍ତିମ ଦିବସରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ପାରା ସ୍ପୋର୍ଟ୍ସ ଆସୋସିଏଶନ୍ ସଭାପତି ମଳାକାନ୍ତ ରଥ, ମହାନଦୀ କ୍ଲବ ଯୁଗ୍ମ ସଚିବ ବିନୋଦ ବିହାରୀ ନାୟକ, ପ୍ରଥମ ପାରା ଅଲିମ୍ପିଆନ୍ ମାର୍କଣ୍ଡ ରେଡ୍ଡୀ ଓ ପାରା ବ୍ୟାଡମିଣ୍ଟନ ଓଡିଶା ଅଧ୍ୟକ୍ଷ ଶିବ ପ୍ରସାଦ ଦାସ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ବରିଷ୍ଠ ଖେଳାଳି ଅମରେନ୍ଦ୍ର ବେହେରାଙ୍କୁ ଉଦ୍‌ଯାପନୀ ଉତ୍ସବରେ ସମ୍ମାନିତ କରା ଯାଇଥିଲା ଓ ଅନ୍ୟ ସମସ୍ତ ପଦକ ବିଜେତା ଖେଳାଳିଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା।

# ଶ୍ୱେତପର୍ଣ୍ଣାଙ୍କୁ କ୍ୟାରିୟର ଶ୍ରେଷ୍ଠ ର୍‍ୟାଙ୍କିଙ୍ଗ୍

ଭୁବନେଶ୍ୱର, ୯।୧ (ସ୍ପୋର୍ଟ୍ସ ବ୍ୟୁରୋ)

ଓଡ଼ିଶା ଜୁନିୟର ବ୍ୟାଡ୍‌ମିଣ୍ଟନ ଷ୍ଟାର ଶ୍ୱେତପର୍ଣ୍ଣା ପଣ୍ଡାଙ୍କୁ ମିଳିଛି କ୍ୟାରିୟର ଶ୍ରେଷ୍ଠ ର୍‍ୟାଙ୍କିଙ୍ଗ୍। ପ୍ରଥମ ଓଡ଼ିଆ ଭାବେ ସେ ଜୁନିୟର ମହିଳା ସିଙ୍ଗଲ୍ସ ର୍‍ୟାଙ୍କିଙ୍ଗ୍‌ର ଟପ୍ ଟେନ୍‌ରେ ପ୍ରବେଶ କରିଛନ୍ତି। ବିଡବ୍ଲ୍ୟୁଏଫ୍ ବ୍ୟାଡ୍‌ମିଣ୍ଟନ ବାଳିକା ସିଙ୍ଗଲ୍ସରେ ତାଙ୍କର ର୍‍ୟାଙ୍କ୍ ୯ ରହିଥିବା ବେଳେ ବାଳିକା ଡବଲ୍ସରେ ସେ ୨୨ତମ ସ୍ଥାନରେ ଅଛନ୍ତି। ଏହାସହିତ ସେ ଏକମାତ୍ର ଭାରତୀୟ ଖେଳାଳି ଭାବେ ବାଳିକା ସିଙ୍ଗଲ୍ସ ବର୍ଗରେ ଟପ୍ ଟେନ୍‌ରେ ସାମିଲ ଅଛନ୍ତି। ଉଭୟ ସିଙ୍ଗଲ୍ସ ଓ ଡବଲ୍ସରେ ସେ ଶୀର୍ଷ ମାନ୍ୟତାପ୍ରାପ୍ତ ଭାରତୀୟ ଖେଳାଳି ରହିଛନ୍ତି।

# ଆଜିଠାରୁ ଅଖିଳ ଭାରତୀୟ ଡାକ ବ୍ୟାଡ୍‌ମିଣ୍ଟନ

ଭୁବନେଶ୍ୱର, ୯।୧ (ସ୍ପୋର୍ଟ୍ସ ବ୍ୟୁରୋ)

ସ୍ଥାନୀୟ କିଟ୍ ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ମଙ୍ଗଳବାରଠାରୁ ଅଖିଳ ଭାରତୀୟ ଡାକ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ହେବ। ଭାରତୀୟ ଡାକ ବିଭାଗ ଆନୁକୂଲ୍ୟରେ ଅନୁଷ୍ଠିତ ହେଉଥିବା ଏହି ପ୍ରତିଯୋଗିତା ଆସନ୍ତା ୧୪ ତାରିଖରେ ଶେଷ ହେବ। ଚଳିତବର୍ଷ ୯ଟି ବିଭାଗରେ ପ୍ରତିଯୋଗିତା ହେବ। ସେଗୁଡ଼ିକ ହେଲା ପୁରୁଷ ଦଳଗତ, ମହିଳା ଦଳଗତ ଇଭେଣ୍ଟ, ପୁରୁଷ ସିଙ୍ଗଲ୍ସ, ମହିଳା ସିଙ୍ଗଲ୍ସ, ପୁରୁଷ ଡବଲ୍ସ, ମହିଳା ଡବଲ୍ସ, ମିକ୍ସଡ ଡବଲ୍ସ, ଭେଟେରାନ ସିଙ୍ଗଲ୍ସ ଓ ଭେଟେରାନ ଡବଲ୍ସ। ଟୁର୍ନାମେଣ୍ଟରେ ସର୍ବଭାରତୀୟ ସ୍ତରରେ ୧୯ ଡାକମଣ୍ଡଳରୁ ଖେଳାଳି, ପ୍ରଶିକ୍ଷକ ଓ ପରିଚାଳକ ସମେତ ପ୍ରାୟ ୨୧୦ ଜଣ ପ୍ରତିଯୋଗିତା ଏଥିରେ ଅଂଶଗ୍ରହଣ କରିବେ। ଟୁର୍ନାମେଣ୍ଟର ଉଦ୍‌ଘାଟନୀ ଉତ୍ସବରେ ପାରା ଅଲିମ୍ପିକ ବ୍ୟାଡ୍‌ମିଣ୍ଟନ ସ୍ୱର୍ଣ୍ଣ ବିଜେତା ପଦ୍ମଶ୍ରୀ ପ୍ରମୋଦ ଭଗତ ମୁଖ୍ୟ ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସେହିପରି ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଭାରତ ସରକାରଙ୍କ ଡାକ ବିଭାଗ ସଚିବ ତଥା ଡାକସେବା ବୋର୍ଡ ଅଧ୍ୟକ୍ଷ ବିନୀତ ପାଣ୍ଡେଙ୍କ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଟୁର୍ନାମେଣ୍ଟ ସମୟରେ ସମ୍ବଲପୁରୀ ବସ୍ତ୍ରାଳୟ ଏଚ୍.ଏଲ୍. ସି.ଏସ୍ ଲିମିଟେଡ୍ ଦ୍ୱାରା ଏକ ବିକ୍ରୟ କେନ୍ଦ୍ର କିଟ୍ ବିଶ୍ୱବିଦ୍ୟାଳୟର କ୍ରୀଡ଼ାଭୂମି ନିକଟରେ ଖୋଲାଯିବ।

# ଅନ୍ତର୍ଜାତୀୟ କ୍ରିକେଟରୁ ପ୍ରିଟୋରିଅସ୍‌ଙ୍କ ଅବସର

ଜୋହାନ୍ସବର୍ଗ, ୯।୧




ଦକ୍ଷିଣ ଆଫ୍ରିକା ଅଲ୍‌ରାଉଣ୍ଡର ଡ୍ୱେନ୍ ପ୍ରିଟୋରିଅସ୍ ଅନ୍ତର୍ଜାତୀୟ କ୍ରିକେଟରୁ ତାଙ୍କ ଅବସର ଘୋଷଣା କରିଛନ୍ତି। ପ୍ରିଟୋରିଅସ୍ ଦକ୍ଷିଣ ଆଫ୍ରିକା ତରଫରୁ ୩୦ ଅନ୍ତର୍ଜାତୀୟ ଟି୨୦, ୨୭ ଅନ୍ତର୍ଜାତୀୟ ଦିନିକିଆ ଓ ତିନୋଟି ଟେଷ୍ଟ ମ୍ୟାଚ୍ ଖେଳିଛନ୍ତି। ସମସ୍ତ ତିନୋଟି ଫର୍ମାଟ୍‌ରେ ସେ ମୋଟ ୬୦ ଅନ୍ତର୍ଜାତୀୟ ମ୍ୟାଚ ଖେଳି ୧୮୯୫ ରନ୍ ସଂଗ୍ରହ କରିଥିବା ବେଳେ ୭୭ଟି ଉଇକେଟ ଅକ୍ତିଆର କରିଛନ୍ତି। ପ୍ରିଟୋରିଅସ୍ ୨୦୧୬ରେ ତାଙ୍କ ଅନ୍ତର୍ଜାତୀୟ ପଦାର୍ପଣ କରିବା ପରେ ଦକ୍ଷିଣ ଆଫ୍ରିକାର ସୀମିତ ଓଭର କ୍ରିକେଟ୍ ଦଳରେ ନିୟମିତ ଭାବେ ସ୍ଥାନ ପାଇଆସୁଥିଲେ। ସେ ୨୦୧୯ ଆଇସିସି ପୁରୁଷ କ୍ରିକେଟ ବିଶ୍ୱକପ୍ ଏବଂ ୨୦୨୧ ଆଇସିସି ପୁରୁଷ ଟି୨୦ ବିଶ୍ୱକପ୍‌ରେ ଦକ୍ଷିଣ ଆଫ୍ରିକା କ୍ରିକେଟ ଦଳର ଅନ୍ୟତମ ସଦସ୍ୟ ଥିଲେ। ସଂଯୁକ୍ତ ଆରବ ଏମିରେଟ୍ସ(ୟୁଏଇ)ରେ ଅନୁଷ୍ଠିତ ଟି୨୦ ବିଶ୍ୱକପ୍‌ରେ ୫ ମ୍ୟାଚ୍ ଖେଳି ୯ଟି ଉଇକେଟ ନେବା ପରେ ଦକ୍ଷିଣ ଆଫ୍ରିକାର ଜଣେ ଖେଳାଳି ହିସାବରେ ସେ ମିଳିତ ସର୍ବାଧିକ ଉଇକେଟ ହାସଲକାରୀ ବୋଲର ହୋଇପାରିଥିଲେ। ୨୦୧୯ରେ ୫୦ ଓଭର ଫର୍ମାଟ୍ ଟୁର୍ନାମେଣ୍ଟରେ ସେ ଶ୍ରୀଲଙ୍କା ବିପକ୍ଷ ମ୍ୟାଚ୍‌ରେ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଏହି ମ୍ୟାଚ୍‌ରେ ସେ ୨୫ ରନ୍ ବିନିମୟରେ ୩ ଉଇକେଟ ଅକ୍ତିଆର କରିଥିଲେ। କ୍ରିକେଟ୍‌ର କ୍ଷୁଦ୍ରତମ ଫର୍ମାଟ୍‌ରେ ସେ ତାଙ୍କର ଶ୍ରେଷ୍ଠ ପ୍ରଦର୍ଶନ ୨୦୨୧ରେ ଲାହୋରରେ ପାକିସ୍ତାନ ବିପକ୍ଷରେ କରିଥିଲେ। ମ୍ୟାଚ୍‌ରେ ସେ ପ୍ରଥମ ତଥା ଏକମାତ୍ର ୫ ଉଇକେଟ ସଫଳତା ପାଇଥିଲେ। ପୁରୁଷ ଟି୨୦ କ୍ରିକେଟ୍‌ରେ ଦକ୍ଷିଣ ଆଫ୍ରିକାର ଜଣେ ଖେଳାଳି ହିସାବରେ ସେ ଶ୍ରେଷ୍ଠ ବୋଲିଂ ପ୍ରଦର୍ଶନ କରିଥିଲେ। ସେ ମାତ୍ର ୧୭ ରନ୍ ବିନିମୟରେ ୫ ଉଇକେଟ ଅକ୍ତିଆର କରିଥିଲେ। ଅବସର ଘୋଷଣା କରିବା ପରେ ଏହି ୩୩ ବର୍ଷୀୟ କ୍ରିକେଟର କହିଛନ୍ତି, ବର୍ତ୍ତମାନ ସେ ବିଶ୍ୱସାରା ଅଧିକ ଫ୍ରାଞ୍ଚାଇଜ୍ କ୍ରିକେଟ ଖେଳିବେ। ଏହାଦ୍ୱାରା ତାଙ୍କ କ୍ୟାରିୟର ଓ ପାରିବାରିକ ଜୀବନ ମଧ୍ୟରେ ସନ୍ତୁଳନ ରକ୍ଷା କରାଯାଇପାରିବ।

# ଘରେ ବସି ଷ୍ଟାଡିୟମ ଅନୁଭୂତି

ଭୁବନେଶ୍ୱର, ୯।୧ (ସ୍ପୋର୍ଟ୍ସ ବ୍ୟୁରୋ)

## ହକି ଇଣ୍ଡିଆର ମେଟାଭର୍ସ

ହକି ବିଶ୍ୱକପ୍-୨୦୨୩ ଆସନ୍ତା ୧୩ରୁ ଆରମ୍ଭ ହେବ। ଏହା ପୂର୍ବରୁ ହକି ଫ୍ୟାନ୍‌ଙ୍କ ପାଇଁ ଏକ ମେଟାଭର୍ସ ଲଞ୍ଚ୍ କରିଛି ହକି ଇଣ୍ଡିଆ। ପ୍ରଥମ କ୍ରୀଡ଼ା ଫେଡେରେଶନ ଭାବେ ବିଶ୍ୱକପ୍‌ର କିଛିଦିନ ପୂର୍ବରୁ ହକି ଇଣ୍ଡିଆ ମେଟାଭର୍ସକୁ ଲଞ୍ଚ୍ କରିଛି। ସୋମବାର ରାଉରକେଲାରେ ହକି ଇଣ୍ଡିଆ ପକ୍ଷରୁ ହକିଭର୍ସ ନାମରେ ଏହାର ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଲଞ୍ଚ୍ କରାଯାଇଛି। ଏହା ସମଗ୍ର ବିଶ୍ୱରେ ଦର୍ଶକମାନଙ୍କୁ ଘରେ ବସି ମଧ୍ୟ ଭର୍ଚୁଆଲ ମୋଡ୍‌ରେ ଷ୍ଟାଡିୟମର ଅନୁଭବ ଦେବାରେ ସମର୍ଥ ହେବ। ନାମ, ଇମେଲ୍ ଆଇଡି ସହିତ ନିଜର ଲିଙ୍ଗ ଓ ଆଭାଟର ଚୟନ କରିବା ପରେ ହକିଭର୍ସର ଦୁନିଆରେ ପ୍ରବେଶ କରିପାରିବେ ଦର୍ଶକ। କି'ବୋର୍ଡ ଓ ମାଉସ୍ ମାଧ୍ୟମରେ ଷ୍ଟାଡିୟମର ଅନୁଭୂତି ନେଇ ପାରିବେ ଦର୍ଶକ। ହକିଭର୍ସ ଫିଚରରେ ଅବିକଳ ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମ ରହିଛି। ଏହା ଏପରି ଡିଜାଇନ୍ ହୋଇଛି କି ଦର୍ଶକଙ୍କୁ ଘରେ ଷ୍ଟାଡିୟମରେ ବସି ଖେଳ ଉପଭୋଗ କରୁଥିବା ପରି ଅନୁଭବ ହେବ। ଏହାସହିତ ଏକ ଫଟୋ ବୁଥ୍ ରହିଥିବା ବେଳେ ଖେଳାଳିଙ୍କ ସହିତ ଭର୍ଚୁଆଲ ମୋଡ୍‌ରେ ସେଲ୍‌ଫି ମଧ୍ୟ ଉତ୍ତୋଳନ କରିହେବ। ଏଥିସହିତ ହକି ଉପକରଣ କିଣିବା ପାଇଁ ମଧ୍ୟ ଏଥିରେ ବିକଳ୍ପ ବ୍ୟବସ୍ଥା କରାଯାଇଛି। ଏହା ହକିର ଭବିଷ୍ୟତ ବୋଲି ହକି ଇଣ୍ଡିଆ ସାଧାରଣ ସମ୍ପାଦକ ଭୋଳାନାଥ ସିଂ କହିଛନ୍ତି। ଯୁବବର୍ଗଙ୍କୁ ହକି ପ୍ରତି ଆକୃଷ୍ଟ କରିବା ପାଇଁ ଏହା ଶ୍ରେଷ୍ଠ ମାଧ୍ୟମ। ସେହିପରି ଯେଉଁମାନେ ଭୁବନେଶ୍ୱର କିମ୍ବା ରାଉରକେଲାରେ ପହଞ୍ଚି ପାରିବେନାହିଁ ସେମାନେ ହକିଭର୍ସ ଜରିଆରେ ଷ୍ଟାଡିୟମର ମଜା ଉଠାଇପାରିବେ।

# ଜାତୀୟ ଜୁନିୟର ବାଳିକା ହ୍ୟାଣ୍ଡବଲ ପାଇଁ ଓଡ଼ିଶା ଦଳ

ଭୁବନେଶ୍ୱର, ୯।୧ (ସ୍ପୋର୍ଟ୍ସ ବ୍ୟୁରୋ)

ମଙ୍ଗଳବାର ଠାରୁ ରାଜସ୍ଥାନର ଦିଦୱାନାରେ ଅନୁଷ୍ଠିତ ହେବ ୪୪ ତମ ଜାତୀୟ ଜୁନିୟର ବାଳିକା ହ୍ୟାଣ୍ଡବଲ ପ୍ରତିଯୋଗିତା। ଏହି ପ୍ରତିଯୋଗିତା ପାଇଁ ଓଡ଼ିଶା ପକ୍ଷରୁ ୧୬ ଜଣିଆ ଦଳ ଘୋଷଣା କରାଯାଇଛି। ଅର୍ଣ୍ଣବ ସିହ୍ନାଙ୍କୁ ପ୍ରଶିକ୍ଷକ, ମନୋଜ କୁମାର ନିଶଙ୍କ ପରିଚାଳକ ଭାବରେ ନିଯୁକ୍ତ ହୋଇଛନ୍ତି। ଓଡ଼ିଶା ଦଳକୁ ରାଜ୍ୟ ହ୍ୟାଣ୍ଡବଲ ସଙ୍ଗଠନ ସମ୍ପାଦକ ବୀରେନ୍ଦ୍ର କୁମାର ବେହେରା, ବରିଷ୍ଠ ସଭାପତି ପ୍ରେମାନନ୍ଦ ବିହାରୀ, ସଭ୍ୟ ଗୋପୀନାଥ ସାହୁ, ଯଶୋବନ୍ତ ପରମଗୁରୁ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି।

**ଓଡ଼ିଶା ଦଳ:** ଲୋମା ଦାସ, ମୋନାଲିସା ଦାସ, ଅନ୍ନପୂର୍ଣ୍ଣା ସେଠୀ, ଗଙ୍ଗା ସାମଲ, ପ୍ରିୟଙ୍କା ମୁଣ୍ଡା, ଶ୍ୱେତପଦ୍ମା ସାହୁ, ପ୍ରିତୀମୟୀ ବିଶ୍ୱାଳ, ପ୍ରିୟଦର୍ଶିନୀ ଶତପଥି, ସୁଶୀଳା ମାଝୀ, ସଲମା ମୁର୍ମୁ, ଟିଙ୍କିରି ଭୋଇ, ସ୍ୱର୍ଣ୍ଣଲତା ବୀରେନ୍ଦ୍ର, ଝରଣା ସାହୁ, ପାୟଲ ବିଶ୍ୱାଳ, ମୋନାଲିସା ବେହେରା ଓ ବିନୋଦିନୀ ମଲ୍ଲିକ୍।


ଓଡ଼ିଶା ଜୁନିୟର ବାଳିକା ହ୍ୟାଣ୍ଡବଲ ଦଳ।

# ଫୁଟ୍‌ବଲରୁ ଗାରେଥ୍ ବାଲେଙ୍କ ଅବସର

ଲସ୍‌ଆଞ୍ଜେଲ୍ସ, ୯।୧ (ଏପି)




ୱେଲ୍ସ ତରଫରୁ ରେକର୍ଡ ୪୧ ଅନ୍ତର୍ଜାତୀୟ ଗୋଲ୍ ସ୍କୋର କରିଥିବା ଗାରେଥ୍ ବାଲେ ସୋମବାର ଫୁଟ୍‌ବଲରୁ ଅବସର ନେଇଛନ୍ତି। ୩୩ ବର୍ଷୀୟ ବାଲେ ନଭେମ୍ବର ୨୯ରେ ତାଙ୍କ ଶେଷ ମ୍ୟାଚ୍ ବିଶ୍ୱକପ୍‌ରେ ଇଂଲଣ୍ଡ ବିପକ୍ଷରେ ଖେଳିଥିଲେ। ଏହା ଥିଲା ତାଙ୍କର ୧୧୧ତମ ଅନ୍ତର୍ଜାତୀୟ ମ୍ୟାଚ୍। ସେ କହିଛନ୍ତି, ଫୁଟ୍‌ବଲରୁ ଅବସର ତାଙ୍କ କ୍ୟାରିୟରର ସବୁଠାରୁ କଠିନ ନିଷ୍ପତ୍ତି ଥିଲା। ବାଲେ ଆହୁରି ମଧ୍ୟ କ୍ଲବ ଫୁଟ୍‌ବଲରୁ ଅବସର ନେଇଛନ୍ତି। ସେ ପ୍ରିମିୟର ଲିଗ୍‌ରେ ୫୩ ଏବଂ ଲା' ଲିଗାରେ ୮୧ ଗୋଲ୍ ସ୍କୋର କରିଛନ୍ତି। ସେ ତାଙ୍କ କ୍ୟାରିୟରରେ ୫ ଚାମ୍ପିୟନଶିପ୍ ଟାଇଟଲ, ୩ ସ୍ପାନିଶ୍ ଲିଗ୍ ଟାଇଟଲ, ଥରେ କୋପା ଡେଲ୍ ରେ' ଏବଂ ଥରେ ଲିଗ୍ କପ୍ ଜିତିଛନ୍ତି। ବାଲେ ୨୦୦୬ ମେ' ୨୭ରେ ୱେଲ୍ସ ତରଫରୁ ତାଙ୍କ ପଦାର୍ପଣ ମ୍ୟାଚ୍ ତ୍ରିନିଦାଦ୍ ଟବାଗୋ ବିପକ୍ଷ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳିଥିଲେ। ଏହି ଦ୍ରୁତଗାମୀ ୱିଙ୍ଗରଙ୍କ ପ୍ରଭାବୀ ପ୍ରଦର୍ଶନ ସହାୟତାରେ ୱେଲ୍ସ ୨୦୧୬ ୟୁରୋପିଆନ୍ ଚାମ୍ପିୟନଶିପ୍ ସେମିଫାଇନାଲରେ ପ୍ରବେଶ କରିଥିଲା। ଏହି ପର୍ଯ୍ୟାୟରେ ଦଳ ପର୍ତ୍ତୁଗାଲ ନିକଟରୁ ୨-୦ ଗୋଲ୍‌ରେ ହାରିଯାଇଥିଲା। ୱେଲ୍ସ ୨୦୨୦ ୟୁରୋ ପାଇଁ ଯୋଗ୍ୟତା ଅର୍ଜନ କରି ରାଉଣ୍ଡ ଅଫ୍-୧୬ରେ ଡେନ୍‌ମାର୍କଠାରୁ ହାରିଯାଇଥିଲା। ପୁଣି ଏହି ଦେଶ ୧୯୫୮ ପରେ ଦ୍ୱିତୀୟଥର ବିଶ୍ୱକପ୍ ପାଇଁ ଯୋଗ୍ୟତା ଅର୍ଜନ କରିଥିଲା। ଦଳ ଗ୍ରୁପ୍ ପର୍ଯ୍ୟାୟରେ ଯୁକ୍ତରାଷ୍ଟ୍ର ଆମେରିକା ବିପକ୍ଷ ମ୍ୟାଚ୍ ୧-୧ରେ ଡ୍ର ରଖିଥିଲା ଏବଂ ପରେ ଦ୍ୱିତୀୟାର୍ଦ୍ଧ ଖେଳ ଷ୍ଟପେଜ୍ ସମୟରେ ୨-୦ ଗୋଲରେ ଇରାନ ନିକଟରୁ ହାରିଯାଇଥିଲା। ୱେଲ୍ସ ତରଫରୁ ସର୍ବାଧିକ ଗୋଲ୍ ସ୍କୋର କରିବାରେ ଇଆନ ରସ୍ (୨୮ଗୋଲ୍)ଙ୍କ ରେକର୍ଡକୁ ଭାଙ୍ଗି ଦେଇଥିଲେ। କେବଳ ସେତିକି ନୁହେଁ, ବାଲେ ୱେଲ୍ସ ତରଫରୁ ସବୁଠାରୁ ଅଧିକ ମ୍ୟାଚ୍ ଖେଳି ରେକର୍ଡ କରିଛନ୍ତି। ସେ ୬ଥର ୱେଲ୍ସ ପ୍ଲେୟର ଅଫ୍ ଦି ଇୟର ପୁରସ୍କାର ଜିତିଛନ୍ତି।







ରାଉରକେଲାର ବିର୍ସାମୁଣ୍ଡା ଷ୍ଟାଡିୟମରେ ସୋମବାର ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଅନୁଷ୍ଠିତ ଅଭ୍ୟାସ ମ୍ୟାଚ।

ହକି ବିଶ୍ୱକପ ପୂର୍ବରୁ କଳିଙ୍ଗ ଷ୍ଟାଡିୟମରେ ଜର୍ମାନୀ ଓ ଫ୍ରାନ୍ସ ଦଳର ଅଭ୍ୟାସ।

# ପୂର୍ବ ଅଭିଜ୍ଞତାରୁ ଫାଇଦା ଉଠାଇବ ଜାପାନ



ସୋମବାର ଭୁବନେଶ୍ୱରରେ ପହଞ୍ଚିଥିବା ଜାପାନ ଦଳ।

ଭୁବନେଶ୍ୱର,୯।୧
(ସ୍ପୋର୍ଟ୍ସ ବ୍ୟୁରୋ)

ହକି ବିଶ୍ୱକପ ୨୦୨୩ ପାଇଁ ସୋମବାର ଓଡ଼ିଶାରେ ପହଞ୍ଚିଛି ଜାପାନ ହକି ଦଳ। ବିଜୁ ପଟ୍ଟନାୟକ ବିମାନବନ୍ଦରରେ ଦଳ ପହଞ୍ଚିବା ପରେ ଭବ୍ୟ ସ୍ୱାଗତ କରାଯାଇଛି। ଏହି ଟୁର୍ନାମେଣ୍ଟରେ ଦଳ ନିଜର ଶତ ପ୍ରତିଶତ ଦେବ ବୋଲି କହିଛନ୍ତି ଜାପାନ ମୁଖ୍ୟ କୋଚ୍ ଆକିରା ଟାକାହାଶି। ଦଳ ଭାରତୀୟ ପରିବେଶରେ ପୂର୍ବରୁ ଖେଳିଛି। ଏହି ଅଭିଜ୍ଞତାରୁ ଦଳ ଫାଇଦା ଉଠାଇବାକୁ ଚେଷ୍ଟା କରିବ ବୋଲି କହିଛନ୍ତି କୋଚ୍। ଜାପାନ୍ ପୁଲ୍ ବିରେ ଡିଫେଣ୍ଡିଂ ଚାମ୍ପିୟନ୍ ବେଲଜିୟମ, ଜର୍ମାନୀ ଓ ଦକ୍ଷିଣ କୋରିଆ ସହିତ ସ୍ଥାନ ପାଇଛି। ଜର୍ମାନୀ ବିପକ୍ଷରୁ ଦଳ ଜାନୁୟାରୀ ୧୪ ତାରିଖରେ ଏହାର ଅଭିଯାନ ଆରମ୍ଭ କରିବ। ଆମ ଦଳରେ ଅନେକ ଭଲ ଖେଳାଳି ରହିଛନ୍ତି ଓ ଆମେ ବିଶ୍ୱର ଯେ କୌଣସି ଟପ୍ ଟିମ୍‌କୁ ଚ୍ୟାଲେଞ୍ଜ ଦେବାରେ ସମର୍ଥ ବୋଲି କହିଛନ୍ତି ଟାକାହାଶି। ଓଡ଼ିଶାର ଦର୍ଶକଙ୍କ ସମ୍ମୁଖରେ ଖେଳିବା ଆମକୁ ସର୍ବଦା ଖୁସି ଦେଇଥାଏ ବୋଲି ସେ କହିଛନ୍ତି। କଷ୍ଟସାଧ୍ୟ ଗ୍ରୁପରେ ସ୍ଥାନ ପାଇଥିଲେ ହେଁ ଆମେ ଅନ୍ୟ ଦଳକୁ କଡା ଚ୍ୟାଲେଞ୍ଜ ଦେବୁ ବୋଲି ସେ କହିଛନ୍ତି।

ଟୁର୍ନାମେଣ୍ଟ ପୂର୍ବରୁ ଦଳର ପ୍ରସ୍ତୁତି ଉଚ୍ଚକୋଟୀର ରହିଛି। ଡିଫେଣ୍ଡିଂ ଚାମ୍ପିୟନ ବେଲଜିୟମ ଓ ଜର୍ମାନୀ ପରି ଶକ୍ତିଶାଳୀ ଦଳ ବିପକ୍ଷରେ କଡା ଟକ୍କର ଦେବା ପାଇଁ ଖେଳାଳି ମାନେ ଉଭୟ ମାନସିକ ଓ ଶାରୀରିକ ସ୍ତରରେ ପ୍ରସ୍ତୁତ ବୋଲି ସେ କହିଛନ୍ତି। ଖେଳାଳି ମାନଙ୍କ ନିଜ ଦକ୍ଷତା ଉପରେ ପୂର୍ଣ୍ଣ ଭରସା ରହିଛି ଏବଂ ଏହି ମ୍ୟାଚ ଗୁଡିକ ଜିତିବା ପାଇଁ ଦଳ ସମ୍ପୂର୍ଣ୍ଣ ପ୍ରୟାସ କରିବ। ଓଡ଼ିଶାରେ ହକି ବିଶ୍ୱକପ ଖେଳିବାକୁ ନେଇ ବେଶ ଉତ୍ସାହିତ ଥିବା ପ୍ରକାଶ କରିଛନ୍ତି ଦଳର ଅଧିନାୟକ ସେରେନ୍ ଟାନାକା। ବଡ ଟିମ୍ ଗୁଡିକୁ ଚ୍ୟାଲେଞ୍ଜ କରିବା ନେଇ ସମ୍ପୂର୍ଣ୍ଣ ଦଳ ପ୍ରସ୍ତୁତ ବୋଲି ସେ କହିଛନ୍ତି। ଅନେକ ବୃହତ୍ତର ଲକ୍ଷ୍ୟ ସହିତ ଆମେ ଏହି ଟୁର୍ନାମେଣ୍ଟରେ ପ୍ରବେଶ କରିଛୁ। ଦଳଗତ ଭାବରେ ଆମେ ଶ୍ରେଷ୍ଠ ପ୍ରଦର୍ଶନର ପ୍ରୟାସ ସହିତ ଅଭିଜ୍ଞତା ହାସଲ କରିବୁ ବୋଲି ସେ କହିଛନ୍ତି।

## ଫ୍ରାନ୍ସ ଦଳର ଅଭ୍ୟାସ

ହକି ବିଶ୍ୱକପ ପାଇଁ ରବିବାର ଭୁବନେଶ୍ୱରରେ ପହଞ୍ଚିଥିବା ଫ୍ରାନ୍ସ ଦଳ ସୋମବାର କଳିଙ୍ଗ ଷ୍ଟାଡିୟମରେ ଅଭ୍ୟାସ କରିଛି। ୨୦୧୮ ସଂସ୍କରଣରେ ନିଜ ପ୍ରଦର୍ଶନ ଜରିଆରେ କ୍ୱାର୍ଟର ଫାଇନାଲରେ ପହଞ୍ଚି ଏହି ଦଳ ସମସ୍ତଙ୍କୁ ପ୍ରଭାବିତ କରିଥିଲା। ଉକ୍ତ ମ୍ୟାଚରେ ଅଷ୍ଟ୍ରେଲିଆ ନିକଟରୁ ହାରିଥିବା ବେଳେ ଦଳ ଚଳିତ ବର୍ଷ ଅଷ୍ଟ୍ରେଲିଆ ବିପକ୍ଷରୁ ନିଜର ଅଭିଯାନ ଆରମ୍ଭ କରିବ। ପୁଲ୍ ଏରେ ଅଷ୍ଟ୍ରେଲିଆ, ଆର୍ଜେଣ୍ଟିନା ଓ ଦକ୍ଷିଣ ଆଫ୍ରିକା ସହିତ ସ୍ଥାନ ପାଇଛି ଫ୍ରାନ୍ସ। ବର୍ତ୍ତମାନ ଦଳ ଟାଇଟଲ ଜିତିବା ଲକ୍ଷ୍ୟରେ ନାହିଁ ବୋଲି କୋଚ୍ ଫ୍ରେଡେରିକ୍ ସୋୟେଜ ପ୍ରକାଶ କରିଛନ୍ତି। ଦଳର ସମସ୍ତ ଫୋକସ୍ ପ୍ରଥମ ମ୍ୟାଚ ଉପରେ ରହିଛି। ଗତବର୍ଷ ତୁଳନାରେ ଭଲ ପ୍ରଦର୍ଶନ କରିବା ଆମର ଏକମାତ୍ର ଲକ୍ଷ୍ୟ ବୋଲି ସେ କହିଛନ୍ତି। ଅନ୍ୟ ପକ୍ଷରେ ଜୁନିୟର ବିଶ୍ୱକପର ହିରୋ ଟିମୋଥି କ୍ଲିମେଣ୍ଟଙ୍କ ଉପରେ ସଭିଙ୍କ ନଜର ରହିଛି। କ୍ଲିମେଣ୍ଟ ଦଳର ଷ୍ଟାର ଖେଳାଳି ମାତ୍ର ଦଳର ସମସ୍ତ ଖେଳାଳିଙ୍କ ପ୍ରଦର୍ଶନ ସମାନ ଭାବରେ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଛନ୍ତି। ଦଳରେ ଏକାଧିକ ଦକ୍ଷ ଖେଳାଳି ଅଛନ୍ତି ଯେଉଁମାନେ ଓଡ଼ିଶାରେ ଶକ୍ତିଶାଳୀ ପ୍ରଦର୍ଶନ ପାଇଁ ବ୍ୟଗ୍ର। ଅଧିନାୟକ ଭିକ୍ଟର ଚାର୍ଲେଟ୍ କିନ୍ତୁ ଟ୍ରଫି ହାସଲ ତାଙ୍କର ଲକ୍ଷ୍ୟ ବୋଲି କହିଛନ୍ତି। ଶକ୍ତି ଅନୁସାରେ ପ୍ରଦର୍ଶନ କରି ଇତିହାସ ସୃଷ୍ଟି କରିବା ତାଙ୍କ ଦଳର ଲକ୍ଷ୍ୟ ବୋଲି ସେ କହିଛନ୍ତି।

**ହକି ବିଶ୍ୱକପ୍**




**ଆଉ ୩ ଦିନ**

## ଭାରତର ସଫଳତା ନେଇ ଆଶାବାଦୀ ଅଭିଷେକ

ଭୁବନେଶ୍ୱର,୯।୧
(ସ୍ପୋର୍ଟ୍ସ ବ୍ୟୁରୋ)

ଚଳିତ ବିଶ୍ୱକପରେ ଭାରତର ସଫଳତା ନେଇ ଆଶାବାଦୀ ଅଛନ୍ତି ଏହି ୨୩ ବର୍ଷୀୟ ଫରୱାର୍ଡ। ବିଶ୍ୱକପକୁ ନେଇ ଉତ୍ସାହିତ ରହିଥିବା ବେଳେ ସମାନ ସମୟରେ ସାମାନ୍ୟ ନର୍ଭସ ମଧ୍ୟ ରହିଛନ୍ତି। ଘରୋଇ ମାଟିରେ ବିଶ୍ୱକପ ଖେଳିବା ମୋ ପାଇଁ ସର୍ବଦା ସ୍ୱପ୍ନ ରହିଥିଲା। ଏକ ବୃହତ୍ତର ଦର୍ଶକଙ୍କ ଆଗରେ ଖେଳିବାର ଏହା ମୋର ପ୍ରଥମ ଅଭିଜ୍ଞତା। ଅଭିଷେକ ଭାରତୀୟ ଦଳ ପାଇଁ ୨୮ ଅନ୍ତର୍ଜାତୀୟ ମୁକାବିଲାରେ ୧୧ ଗୋଲ ସ୍କୋର କରିଛନ୍ତି। ବିଗତ ବର୍ଷ ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ଭାରତୀୟ ପୁରୁଷ ହକି ଦଳ ପାଇଁ ପଦାର୍ପଣ କରିଥିଲେ ଫରୱାର୍ଡ ଖେଳାଳି ଅଭିଷେକ। ମନଦୀପ ସିଂ, ଲଳିତ କୁମାର ଉପାଧ୍ୟାୟ ଓ ସୁଖଜିତ ସିଂଙ୍କ ସହିତ ଭାରତୀୟ ଫରୱାର୍ଡର ଏକ ଅବିଚ୍ଛେଦ୍ୟ ଅଙ୍ଗ ପାଲଟିଥିବା ବେଳେ ଚଳିତ ବିଶ୍ୱକପରେ ପ୍ରଥମ ଥର ପାଇଁ ଭାରତୀୟ ଦଳରେ ସାମିଲ ଅଛନ୍ତି। ହରିୟାଣାର ସୋନେପତରେ ୧୧ ବର୍ଷ ବୟସରେ ସାଙ୍ଗ ଦ୍ୱାରା ଅନୁପ୍ରାଣିତ ହୋଇ ଅଭିଷେକ ହକି ଖେଳ ପ୍ରତି ଆକୃଷ୍ଟ ହୋଇଥିଲେ। ପରବର୍ତ୍ତୀ ସମୟରେ ସାଙ୍ଗ ହକି ଖେଳିବା ଛାଡି ଦେଇଥିଲେ ମଧ୍ୟ ଅଭିଷେକଙ୍କ ଖେଳ ପ୍ରତି ଥିବା ଭଲପାଇବା ତାଙ୍କୁ ଆଗକୁ ବଢିବାରେ ସାହାଯ୍ୟ କରିଥିଲା। ପିଲାଦିନେ ଅଭିଷେକ ଅତ୍ୟନ୍ତ ଦୁଷ୍ଟ ସ୍ୱଭାବର ଥିଲେ। ଥରେ ହକି କୋଚ ନଥିବା ବେଳେ ଜାମୁ କୋଳି ଗଛ ଉପରୁ ପଡି ନିଜ ହାତ ଭାଙ୍ଗି ଦେଇଥିଲେ। ଏହା ପରେ ପରିବାର ଲୋକଙ୍କ ପକ୍ଷରୁ ହକି ଛାଡିବା ପାଇଁ ଅଭିଷେକଙ୍କ ଉପରେ ରହିଥିଲା ପ୍ରବଳ ଚାପ। ତେବେ କୋଚ୍ ସମଶେରଙ୍କ ହସ୍ତକ୍ଷେପ ପରେ ପରିବାର ଲୋକ ହକି ଖେଳିବାକୁ ଅନୁମତି ଦେଇଥିଲେ ଯାହା ପରବର୍ତ୍ତୀ ସମୟରେ ପାଲଟିଥିଲା ଇତିହାସ। ରାଜ୍ୟଗୋଷ୍ଠୀ କ୍ରୀଡା ୨୦୨୨ରେ ରୌପ୍ୟ ପଦକ ପ୍ରାପ୍ତ ଭାରତୀୟ ଦଳର ସଦସ୍ୟ ରହିଥିବା ଅଭିଷେକ ଚଳିତ ବିଶ୍ୱକପରେ ଭଲ ପ୍ରଦର୍ଶନ କରିବା ନେଇ ସମ୍‌ଶେର ଆଶାବାଦୀ ଅଛନ୍ତି। ସିନିୟର ଦଳରେ ସ୍ଥାନ ପାଇବା ପୂର୍ବରୁ ଅଭିଷେକ ୧୮ ବର୍ଷରୁ କମ୍ ଏସିଆନ୍ କପ ଦଳରେ ସାମିଲ ଥିଲେ। ୩ ବର୍ଷ ଧରି ଜାତୀୟ ଦଳରୁ ଦୂରେଇ ରହିଥିଲେ ମଧ୍ୟ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ଟିମ୍ ପକ୍ଷରୁ ନେହେରୁ କପରେ ଭଲ ଖେଳିଥିଲେ।



ହକି ବିଶ୍ୱକପର ଉଦ୍‌ଘାଟନୀ ସମାରୋହ ପାଇଁ କଳାକାରଙ୍କ ଅଭ୍ୟାସ ଅବସରରେ ସୋମବାର ଆଲୋକରେ ଉଦ୍‌ଭାସିତ କଟକର ବାରବାଟୀ ଷ୍ଟାଡିୟମ। (ଫଟୋ: ରାଜକିଶୋର ମହାନ୍ତି)।

# ଆଜି ପ୍ରଥମ ଦିନିକିଆ: ଦଳକୁ ଫେରିଲେ କୋହଲି, ରୋହିତ

ଗୁଆହାଟୀ,୯।୧(ପି.ଟି.)

ଶ୍ରୀଲଙ୍କା ବିପକ୍ଷ ଦିନିକିଆ ସିରିଜ୍ ପୂର୍ବରୁ ଭାରତୀୟ ଦଳକୁ ଲାଗିଛି ବଡ଼ ଝଟକା। ମଙ୍ଗଳବାର ବର୍ଷାପଡ଼ା କ୍ରିକେଟ ଷ୍ଟାଡିୟମରେ ଉଭୟ ଦଳ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍‌ର ପ୍ରଥମ ମ୍ୟାଚ୍ ଖେଳିବେ। ଏହି ମ୍ୟାଚ୍ ପାଇଁ ଅଧିନାୟକ ରୋହିତ ଶର୍ମା ଓ ବିରାଟ କୋହଲି ଭାରତୀୟ ଦଳକୁ ଫେରିଥିବା ବେଳେ ପୁଣି ଥରେ ପଡ଼ିଆରୁ ଦୂରେଇ ରହିବେ ପେସ୍ ବୋଲର ଯଶ୍‌ପ୍ରୀତ ବୁମ୍‌ରା। ପୂର୍ବରୁ ବୁମ୍‌ରାଙ୍କୁ ଦିନିକିଆ ଦଳ ପାଇଁ ଫିଟ୍ ଘୋଷଣା କରାଯାଇଥିବା ବେଳେ ସେ ସମ୍ପୂର୍ଣ୍ଣ ଫିଟ୍ ନ ଥିବା କାରଣରୁ ବାଦ୍ ପଡ଼ିଛନ୍ତି। ଏହାସହିତ ସେ ଜାନୁୟାରୀ ୧୮ରୁ ଖେଳାଯିବାକୁ ଥିବା ନ୍ୟୁଜିଲାଣ୍ଡ ସିରିଜ ପାଇଁ ଉପଲବ୍ଧ ହେବେ କି ନା ତାହା ସ୍ପଷ୍ଟ ହୋଇନାହିଁ। ଦିନିକିଆ ବିଶ୍ୱକପ୍ ଭାରତୀୟ ଦଳର ପ୍ରାଥମିକତା ରହିଥିବା ବେଳେ ରୋହିତ ଓ କୋହଲିଙ୍କ ବ୍ୟତୀତ ଶ୍ରେୟାସ ଆୟର ଓ ଲୋକେଶ ରାହୁଲଙ୍କ ଉପରେ ମଧ୍ୟ ସମସ୍ତଙ୍କ ନଜର ରହିବ। ଦିନିକିଆ ବିଶ୍ୱକପ୍‌କୁ ୯ରୁ ୧୦ ମାସ ବାକି ରହିଥିବା ବେଳେ ଏହି ସମୟରେ ଭାରତ ଏସିଆ କପ୍‌କୁ ବାଦ୍ ଦେଇ ୧୫ଟି ଦିନିକିଆ ମ୍ୟାଚ୍ ଖେଳିବ। ଏହି ମ୍ୟାଚ୍‌ଗୁଡ଼ିକ ମାଧ୍ୟମରେ ନିଜର ଶ୍ରେଷ୍ଠ ଏକାଦଶ ଚୟନ କରିବା ସହିତ ଖେଳାଳିଙ୍କ ଉପରେ କାର୍ଯ୍ୟଭାରକୁ ମଧ୍ୟ ଧ୍ୟାନରେ ରଖିବ ବିସିସିଆଇ। ରୋହିତ ଶର୍ମା ଓପନର ଭାବେ ଫେରିଥିବା ବେଳେ ଶୁବମନ ଗିଲ୍ ଏବଂ ଇଶାନ କିଶନଙ୍କ ମଧ୍ୟରୁ ଜଣଙ୍କୁ ସୁଯୋଗ ମିଳିବ। ନିକଟରେ ବାଂଲାଦେଶ ସିରିଜରେ ଦ୍ୱିଶତକ ହାସଲ କରିଥିବା ଇଶାନ କିଶନଙ୍କୁ ସୁଯୋଗ ମିଳିବାର ସମ୍ଭାବନା ଅଧିକ। ୩ ନମ୍ବରରେ କୋହଲି ଖେଳିବା ନିଶ୍ଚିତ ଥିବା ବେଳେ ୪ର୍ଥ ଓ ୫ମ ସ୍ଥାନକୁ ନେଇ ଭାରତୀୟ ମ୍ୟାନେଜ୍‌ମେଣ୍ଟର ଚିନ୍ତା ବଢ଼ିଛି। ବିଗତ ୧୫ ଇନିଂସ୍‌ରେ ୫୫ ଆଭରେଜ୍ ସହିତ ୭୨୪ ରନ୍ କରିଥିବା ଶ୍ରେୟସ୍ ଆୟାର ଏବଂ ନିଜ କ୍ୟାରିୟରର ଶ୍ରେଷ୍ଠ ଫର୍ମରେ ଥିବା ସୂର୍ଯ୍ୟକୁମାର ଯାଦବଙ୍କୁ ସୁଯୋଗ ମିଳିଲେ ରାହୁଲ ଦଳରୁ ବାଦ୍ ପଡ଼ିପାରନ୍ତି। ଭାରତୀୟ ଦଳର ଉପଅଧିନାୟକ ହାର୍ଦ୍ଦିକ୍ ପାଣ୍ଡ୍ୟା ୬ ନମ୍ବର ସ୍ଥାନରେ ଖେଳିବେ। ସେହିପରି ଟି୨୦ ସିରିଜ୍‌ର ପ୍ଲେୟର ଅଫ୍ ଦ ସିରିଜ୍ ରହିଥିବା ଅକ୍ଷର ପଟେଲଙ୍କୁ ମଧ୍ୟ ଆଉ ଏକ ସୁଯୋଗ ମିଳିବ। ଦ୍ୱିତୀୟ ସ୍ପିନର ଭାବେ କୁଲ୍‌ଦୀପ ଯାଦବ ଏବଂ ଯୁଜ୍‌ବେନ୍ଦ୍ର ଚହଲଙ୍କ ମଧ୍ୟରୁ ଜଣେ ଖେଳିପାରନ୍ତି। ଅଭିଜ୍ଞ ପେସ୍ ବୋଲର ମହମ୍ମଦ ଶାମି ଦଳକୁ ଫେରିଥିବା ବେଳେ ସେ ପେସ୍ ବୋଲିଂର ନେତୃତ୍ୱ ନେବେ। ଅନ୍ୟ ଦୁଇ ସ୍ଥାନରେ ମହମ୍ମଦ ସିରାଜ, ଅର୍ଶଦୀପ ସିଂ ଓ ଉମ୍ରାନ୍ ମଲିକଙ୍କୁ ସୁଯୋଗ ମିଳିବ। ଅପରପକ୍ଷରେ ଶ୍ରୀଲଙ୍କା ଦଳ ଅଧିନାୟକ ଦାସୁନ ସନକାଙ୍କ ଉପରେ ଅଧିକ ନିର୍ଭର କରିବ। ଏହା ବ୍ୟତୀତ ଟପ୍ ଅର୍ଡର ବ୍ୟାଟର ପାଥୁମ ନିଶଙ୍କା ଓ ଚରିଥ ଅସଲଙ୍କାଙ୍କଠାରୁ ଏକ ଭଲ ଇନିଂସ୍ ଆଶା କରିବ। ଭାରତୀୟ ପିଚ୍‌କୁ ଦୃଷ୍ଟିରେ ରଖି ଦ୍ୱିତୀୟ ସ୍ପିନର ଭାବେ ଜେଫେରୀ ଭାଣ୍ଡରସେଙ୍କୁ ଦଳ ଖେଳାଇପାରେ।

**ମ୍ୟାଚ୍ : ବର୍ଷାପଡ଼ା ଷ୍ଟାଡିୟମ**
**ସମୟ : ଅପରାହ୍ନ ୧.୩୦**
**ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ**

## ଦିନିକିଆ ସିରିଜ୍‌ରୁ ବାଦ୍ ପଡ଼ିଲେ ବୁମ୍‌ରା

ଗୁଆହାଟୀ,୯।୧(ପି.ଟି.)

ଭାରତୀୟ ପେସ୍ ବୋଲର ଯଶ୍‌ପ୍ରୀତ ବୁମ୍‌ରା ଶ୍ରୀଲଙ୍କା ବିପକ୍ଷ ଦିନିକିଆ ସିରିଜରୁ ବାଦ୍ ପଡିଛନ୍ତି। ଲୋୟର ବ୍ୟାକ୍ ଷ୍ଟ୍ରେସ୍ ଫ୍ରାକ୍ଚରରୁ ବୁମ୍‌ରା ସମ୍ପୂର୍ଣ୍ଣ ସୁସ୍ଥ ହୋଇ ନ ଥିବା ବେଳେ ପ୍ରତିଷେଧକ ବ୍ୟବସ୍ଥାସ୍ୱରୂପ ତାଙ୍କୁ ଦିନିକିଆ ସିରିଜରୁ ବାଦ୍ ଦିଆଯାଇଛି। ପୂର୍ବରୁ ୩ ମ୍ୟାଚ୍‌ବିଶିଷ୍ଟ ଦିନିକିଆ ସିରିଜ୍ ପାଇଁ ବୁମ୍‌ରାଙ୍କ ନାମ ଘୋଷଣା କରାଯାଇଥିଲା। ଫେବୃୟାରୀରେ ଅଷ୍ଟ୍ରେଲିଆ ବିପକ୍ଷ ବର୍ଡର ଗାଭାସ୍କର ଟ୍ରଫି ଆରମ୍ଭ ହେବାକୁ ଥିବାରୁ ଏହା ପୂର୍ବରୁ ଭାରତୀୟ ମ୍ୟାନେଜ୍‌ମେଣ୍ଟ କୌଣସି ରିସ୍କ ନେଇନାହିଁ। ଏସିଆ କପ୍ ପୂର୍ବରୁ ବୁମ୍‌ରା ଆହତ ହୋଇଥିଲେ। ବିସିସିଆଇ ପକ୍ଷରୁ ତରବରିଆ ଭାବେ ବୁମ୍‌ରାଙ୍କୁ ଅଷ୍ଟ୍ରେଲିଆ ବିପକ୍ଷ ଟି୨୦ ସିରିଜ ପାଇଁ ଦଳରେ ସାମିଲ କରାଯାଇଥଲା। ତେବେ ମାତ୍ର ଗୋଟିଏ ଟି୨୦ ମ୍ୟାଚ ଖେଳି ସେ ପୁନର୍ବାର ଆହତ ହୋଇ ବିଶ୍ୱକପ୍‌ରୁ ବାଦ୍ ପଡ଼ିଥିଲେ। ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ସିରିଜ୍ ସହିତ ଦିନିକିଆ ବିଶ୍ୱକପ୍‌କୁ ମାତ୍ର ୯ ମାସ ସମୟ ରହିଥିବା ବେଳେ ବୁମ୍‌ରାଙ୍କୁ ବାଦ୍ ଦେବାକୁ ନିଷ୍ପତ୍ତି ନେଇଛି ସର୍ବଭାରତୀୟ ଚୟନ କମିଟି। ବୁମ୍‌ରାଙ୍କ ବଦଳ ଖେଳାଳି ଘୋଷଣା କରାଯାଇ ନ ଥିବା ବେଳେ ଜାନୁୟାରୀ ୧୮ରୁ ଖେଳାଯିବାକୁ ଥିବା ନ୍ୟୁଜିଲାଣ୍ଡ ସିରିଜ ପାଇଁ ସେ ଉପଲବ୍ଧ ହେବେ କି ନା ତାହା ସ୍ପଷ୍ଟ ହୋଇନାହିଁ। ପୂର୍ବରୁ ଏମ୍‌ଏସ୍‌କେ ପ୍ରସାଦଙ୍କ ନେତୃତ୍ୱାଧୀନ ଚୟନ କମିଟି ଆଘାତ ସମସ୍ୟାରୁ ଫେରିଥିବା ଖେଳାଳିଙ୍କ ପାଇଁ ୧-୨ ଘରୋଇ ମ୍ୟାଚ୍ ବାଧ୍ୟତାମୂଳକ କରିଥିଲା। ବୁମ୍‌ରା ମଧ୍ୟ ଫେରିବା ପାଇଁ କିଛି ଘରୋଇ ମ୍ୟାଚ୍ ଖେଳିପାରନ୍ତି। ଅନ୍ୟପକ୍ଷରେ ବର୍ଡର ଗାଭାସ୍କର ଟ୍ରଫିର ସମସ୍ତ ମ୍ୟାଚ୍ ଖେଳି ନ ପାରନ୍ତି ବୁମ୍‌ରା।

# ସୁପର ମମ୍‌ଙ୍କ ସ୍ୱପ୍ନ

**ପଢାଲେଖା, ନାଚଗୀତ, ଖେଳକୁଦ ସବୁଥିରେ ପିଲାଙ୍କୁ ନମ୍ବର ୱାନ୍ କରିବାକୁ ସ୍ୱପ୍ନ ଦେଖନ୍ତି ଆଜିର ସୁପର ମମ୍। ଯେଉଁଥିପାଇଁ ସମୟ ପୂର୍ବରୁ ସବୁ ସୁଯୋଗ ଦେବା ନାଁରେ ଅଜାଣତରେ ପିଲାଙ୍କ ଉପରେ ଲଦି ଦିଅନ୍ତି ବୋଝ। ଯାହାଫଳରେ ଅନେକ ସମୟରେ ଦିଅଁ ଗଢୁ ଗଢୁ ମାଙ୍କଡ ଭଳି ଦିଗହରା ହୋଇଯାଏ ସେମାନଙ୍କ ଭବିଷ୍ୟତ...**





ଖେଳ ହେଉ କି ନାଚ, ଗୀତ ଅବା ପାଠ ହେଉ ଅଭିଭାବକଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ନିଜ ଆଉ ଅନ୍ୟ ପିଲାଙ୍କୁ ନେଇ। ତା' ପିଲା ପାଠରେ ଭଲ କଲା, ମୋ ପିଲା କାହିଁକି ନୁହେଁ। ତା' ପିଲା ଚିତ୍ରକଳାରେ ଅଗ୍ରଣୀ ମୋ ପିଲା କାହିଁକି ନୁହେଁ। ଯଦି କେଉଁଠି ପ୍ରତିଦ୍ୱନ୍ଦ୍ୱିତା ନାହିଁ ତେବେ ବି ପରଫେକ୍ଟ ବା ଅଲରାଉଣ୍ଡର ହେବା ଦରକାର। ଅଭିଭାବକଙ୍କ ଏଭଳି ମାନସିକତା ପାଇଁ ଅଣନିଃଶ୍ୱାସୀ ହୋଇ ପଡୁଛନ୍ତି ପିଲାମାନେ। ସକାଳୁ ଟାଏକୋଣ୍ଡୋ କ୍ଲାସରୁ ଆରମ୍ଭ କରି ସ୍କୁଲ, ଟ୍ୟୁଶନ, ବ୍ୟାଡ୍‌ମିଣ୍ଟନ, ନାଚ, ଗୀତ, ବାଦ୍ୟ ଇତ୍ୟାଦି ପୁଣି ସବୁ ବିଷୟରେ ଅଲଗା ଟ୍ୟୁଶନ, ସ୍କୁଲ ହୋମ୍‌ୱର୍କ, ଟ୍ୟୁଶନ ଟାସ୍କ, ଅଲିମ୍ପିଆଡ୍ ଆଉ କମ୍ପିଟେଟିଭ, ଏସବୁ ଭିତରେ ପିଲାଟି ଭାରାକ୍ରାନ୍ତ ହୋଇପଡୁଛି।

**ଆବଶ୍ୟକତାରୁ ଅଧିକ:** ପୁଅର ପରୀକ୍ଷା ଅଛି ବୋଲି ଏବେ ଅପରେଶନ ହେବନାହିଁ କି କୁଆଡ଼େ କାହା ଘରକୁ ଯାଇ ହେବନାହିଁ। ଅନେକ ସମୟରେ ମା'ମାନେ ଏମିତି କୁହନ୍ତି। ଏମିତିକି ପିଲାଙ୍କ ପରୀକ୍ଷା ପାଇଁ ସେମାନଙ୍କୁ ଘରକାମ କରିବାକୁ ବି ସମୟ ହେଉନାହିଁ। କିନ୍ତୁ ଭିନ୍ନ କଥା ହେଉଛି, ପିଲାଙ୍କର ମାସିକ ପରୀକ୍ଷା ପାଇଁ ବି ଅନେକେ ଏପରି ଅତ୍ୟଧିକ ଚିନ୍ତାଶୀଳ ହୋଇପଡୁଛନ୍ତି। ଏମିତିକି ନମ୍ବର ୱାନ୍ କରାଇବା ପାଇଁ ଆଜିକାଲି ମା'ମାନେ ଅହେତୁକଭାବେ ଚିନ୍ତାଶୀଳ ହୋଇପଡୁଛନ୍ତି। ଏଥିପାଇଁ କେହି କେହି ପାଠ ବି ପଢୁଛନ୍ତି ତ କିଏ ନାଚ ଶିଖୁଛନ୍ତି। ଏହାର ଏକମାତ୍ର କାରଣ ହେଉଛି ସେମାନେ ଠିକ୍ ଭାବେ ପିଲାଙ୍କୁ ଗାଇଡ୍ କରିପାରିବେ।

**ସ୍କୁଲ ଯିବା ଆଗରୁ:** ଏପରି ମାଆ ଅଛନ୍ତି ଯେଉଁମାନେ ସ୍କୁଲ ଯିବା ଆଗରୁ ପିଲାଙ୍କୁ ପ୍ରସ୍ତୁତ କରୁଛନ୍ତି। ସେମାନେ କେମିତି ଭଲ ଇଂଲିଶ କି ହିନ୍ଦୀ ଭାଷା କହିବେ ଆଉ ନାଚଗୀତରେ ବି ସ୍ମାର୍ଟ ଲାଗିବେ, ସେଥିପାଇଁ ସେମାନଙ୍କୁ ଅଭ୍ୟାସ କରାଇବାରେ ଢେର୍ ସମୟ ଦେଉଛନ୍ତି। ଘଣ୍ଟା ଘଣ୍ଟା ୟୁଟ୍ୟୁବ୍ ମାଧ୍ୟମରେ ବିଭିନ୍ନ କାର୍ଯ୍ୟକ୍ରମ ଦେଖାଉଛନ୍ତି। ଫଳରେ ଚପଳାମି ବୟସରୁ ପିଲାଟି ଭାରାକ୍ରାନ୍ତ ହୋଇ ନିଜର ସୃଜନାତ୍ମକ ଶକ୍ତି ହରାଇ ବସୁଛି।

## ଏମାନେ କଣ କହନ୍ତି

**ବାଧହୋଇ ଟ୍ୟୁଶନ ଦେଉଛି:** ପ୍ରଚଳିତ ଶିକ୍ଷାବ୍ୟବସ୍ଥା ଦ୍ୱାରା ଯେ ଜଣେ ଠିକ୍ ଅର୍ଥରେ ଶିକ୍ଷିତ ହୋଇପାରିବ ସେ କଥାକୁ ମୁଁ ବିଶ୍ୱାସ କରେନାହିଁ। ପିଲାର ସ୍କୁଲ ଶିକ୍ଷାଠାରୁ ନେଇ ତା'ର ବୌଦ୍ଧିକ ଓ ଶାରୀରିକ ବିକାଶ ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ଆଜିର ପ୍ରତିଯୋଗିତାପୂର୍ଣ୍ଣ ପାଠ୍ୟକ୍ରମ ପାଇଁ ବାଧହୋଇ ବିଭିନ୍ନ ଟ୍ୟୁଶନ ଦେଉଛି। ନିରୁପାୟ ମା' ପାଖରେ ଓଧ ପଛରେ ଭୁଆଁ ବିଲେଇ ବାଇ ପରି ପ୍ରଚଳିତ ଶିକ୍ଷା ବ୍ୟବସ୍ଥାର ଶଗଡ଼ଗୁଳାର ଅବାଞ୍ଛିତ ଦୌଡ଼ର ମୂକସାକ୍ଷୀ ହେବା ଛଡ଼ା ଅନ୍ୟ କିଛି ଉପାୟ ନାହିଁ।

*– ବବିତା ସାହୁ, ଅଭିଭାବକ, କଟକ*



ବବିତା

**ଶିକ୍ଷାବ୍ୟବସ୍ଥା ସେମିତି:** ଆଜିକାଲିକା ପାଠ ଯାହା ନିଜେ ସେତିକି ନ ପଢ଼ିଥିଲେ ପିଲାଙ୍କୁ ପଢ଼େଇ ହେବନାହିଁ। ଯଦି ସ୍କୁଲରେ ଭଲ ପଢ଼ା ହେଉଥାନ୍ତା ଆମେ ପୁଣି ଅଧିକ ପଇସା ଖର୍ଚ୍ଚ କରି ଟ୍ୟୁଶନ ଖୋଜନ୍ତୁ କାହିଁକି? ପିଲା ନିଜେ କହୁଛି ତା'ର କେଉଁ କେଉଁ ବିଷୟ ହେଉନାହିଁ। ଆମକୁ କ'ଣ ଭଲ ଲାଗୁଛି ନିଜ ଛୁଆ ସ୍କୁଲ ଟ୍ୟୁଶନ ହୋଇ ଆମ ପାଖରୁ ଦୂରେଇ ରହୁ! କିନ୍ତୁ ଆମେ ବାଧ ହେଉଛୁ।

*– ଲକ୍ଷ୍ମୀପ୍ରିୟା ମହାପାତ୍ର, ଅଭିଭାବକ, ବ୍ରାହ୍ମଣପଡ଼ା, ସାକ୍ଷିଗୋପାଳ*



ଲକ୍ଷ୍ମୀପ୍ରିୟା

**ସଚେତନ ହୁଅନ୍ତୁ:** ଆଜିର ସମୟ କେବଳ ପ୍ରତିଯୋଗିତାର ବେଳ। ଛାତ୍ରୀଛାତ୍ର ଅଧିକ ଜ୍ଞାନ ଆହରଣ ପାଇଁ ଟ୍ୟୁଶନ ହେଉଛନ୍ତି। ପିତାମାତା ତତୋଧିକ ଉତ୍ସୁକ। ଏଥିପାଇଁ ସ୍କୁଲରୁ ଫେରିବା ପରେ ପିଲାଙ୍କ ପାଖରେ ସମୟ ନଥାଏ। ତେଣୁ ସାମଗ୍ରିକ ଭାବେ ଅଭିଭାବକ ଓ ଶିକ୍ଷକ ସଚେତନ ହେବା ଉଚିତ୍।

*– ବନ୍ଦିତା ଦାଶ, ଅଭିଭାବକ, ରାଉରକେଲା*



ବନ୍ଦିତା



**ଉତ୍ସାହିତ କରନ୍ତୁ:** ପିଲାଙ୍କ ଲାଗି ଶୃଙ୍ଖଳା ଦରକାର, ତା'ମାନେ ନୁହେଁ ଯେ ତାଙ୍କୁ ଚାପଗ୍ରସ୍ତକରି କୌଣସି କାର୍ଯ୍ୟ ପାଇଁ ବାଧ କରିବା। ଏହାଦ୍ୱାରା ପିଲାଙ୍କ ଭିତରେ ଥିବା ସ୍ୱାଭାବିକତା ଏବଂ ସ୍ୱାଧୀନତା ବ୍ୟାହତ ହୁଏ। ପିଲାଟିଏ ଭଲ ମଣିଷ ହେବା ଲାଗି ତା'ର ଚାରିପାଖକୁ ଦେଖିବା ଲାଗି, ଜାଣିବା ଲାଗି ତାକୁ ଅଭିଭାବକ ଏବଂ ଶିକ୍ଷକ ପରିବେଶ ଯୋଗାଇଦେବା ଉଚିତ। ନିର୍ଘଣ୍ଟ ଅନୁଯାୟୀ ବିଭିନ୍ନ ଟ୍ୟୁଶନ ତା' ସାମଗ୍ରିକ ବିକାଶ ପାଇଁ କେବେ ହେଁ ସହାୟକ ହୁଏନାହିଁ। ଆମେ ସବୁବେଳେ ଚାହୁଁ ପିଲାଟି ସମ୍ବେଦନଶୀଳ ହେଉ। ତେଣୁ ତା' ଭିତରେ ମାନବୀୟ ମୂଲ୍ୟବୋଧ ତିଆରି କରିବା ପାଇଁ ତାକୁ ପରିବାର, ସମାଜର ଛୋଟ ବଡ଼ କାର୍ଯ୍ୟରେ ସାମିଲ କରାଯାଉ। ବରଂ ତା' ଭିତରେ ସେହି ସବୁ ପାଠ ପାଇଁ ଆଗ୍ରହ ତିଆରି କରାଯାଉ। ସେ ପାଠପଢ଼ା ହେଉ କି ନାଚ, ଗୀତ, ଚିତ୍ର ଅବା କ୍ରୀଡ଼ା ସବୁ କାମ ପାଇଁ ଉତ୍ସାହିତ କରାଯାଉ, କିନ୍ତୁ ବାଧ କରା ନ ଯାଉ।

*– ଶୁଭ୍ରା ନାୟକ, ପ୍ରାଧ୍ୟାପିକା, ପ୍ରିୟଦର୍ଶିନୀ ମହିଳା ମହାବିଦ୍ୟାଳୟ, ଜଲ୍‌ଦା, ରାଉରକେଲା*



**ଆମେ ସବୁ ବଗିଚାର ମାଳି:** ବନ୍ଦ ପିଞ୍ଜରାରୁ ପକ୍ଷୀ ମୁକୁଳିଗଲା ପରେ ଆକାଶର ପରିସୀମା ବି ଛୋଟ ପଡ଼େ। ଠିକ୍ ସେମିତି ସୃଜନାତ୍ମକ ଶକ୍ତି ବଳରେ ପିଲାଟିଏ ବହୁତ କିଛି କରିପାରିବ। କିନ୍ତୁ ଛୋଟବେଳରୁ ପିଲାଙ୍କ ଉପରେ ସବୁ କରିବାର ବୋଝ ଲଦିଦେଲେ ସେ ଦିଗହରା ହୋଇଯାଏ ନଚେତ୍ ମାନସିକ ଚାପର ଶିକାର ହୁଏ। ଫଳରେ ବଡ଼ ହେବା ପରେ ପିଲାଟି କିଛି କରିବାର ସାମର୍ଥ୍ୟ ହରାଇଥାଏ। କିଛି ପିଲାଙ୍କ ଭିତରେ ସାମର୍ଥ୍ୟ ଅଭାବ ଯୋଗୁ ଚେଷ୍ଟା କରି ବି ସବୁ ଚ୍ୟାଲେଞ୍ଜକୁ ସାମ୍ନା କରିପାରନ୍ତି ନାହିଁ ଅବା ପ୍ରତ୍ୟେକ ଦିନ ଏମିତି ଟାଇଟ୍ ସିଡ୍ୟୁଲକୁ ସାମ୍ନା କରି କରି ଚିଡ଼ି ଚିଡ଼ା, ପ୍ରତିକ୍ରିୟାଶୀଳ ଓ ଗୁମ୍‌ସୁମ୍ ଆଉ ଛାନିଆ ବି ହୋଇଯାଆନ୍ତି। ଅନେକ ସମୟରେ ମାନସିକ ଚାପ ଶାରୀରିକ ଅସୁସ୍ଥତାର କାରଣ ବି ହୋଇଯାଏ। ତେଣୁ ସମସ୍ୟାର ସମାଧାନ ପାଇଁ ପିଲାର ଶକ୍ତି, ସାମର୍ଥ୍ୟ, ଆଗ୍ରହ, ଖୁସି ଓ ଆବଶ୍ୟକତାକୁ ଜାଣିବା ଦରକାର। ନିଜ ଇଚ୍ଛାକୁ ନ ଲଦି ତାକୁ ତା'ର ଲକ୍ଷ୍ୟ ନିଜେ ନିର୍ଦ୍ଧାରଣ କରିବାରେ ସାହାଯ୍ୟ କରନ୍ତୁ। କିଛି ସମୟ ପ୍ରକୃତି ଓ ପରିବାର ସହ ବିତେଇବା ନିହାତି ଦରକାର। ଘରର କାମ ବା ଛୋଟ ଛୋଟ ଦାୟିତ୍ୱରେ ପିଲାକୁ ସାମିଲ କରିବା ଦ୍ୱାରା ସେମାନଙ୍କର ଆତ୍ମବିଶ୍ୱାସ ଓ ଦକ୍ଷତା ବୃଦ୍ଧି ହେବ। ପିଲା କୌଣସି ସକାରାତ୍ମକ କାମ କରୁଥିଲେ ପ୍ରୋତ୍ସାହନ ଦିଅନ୍ତୁ। ବଗିଚାର ମାଳୀ ଭଳି ପିଲାର ଅଭିବୃଦ୍ଧିରେ ସାହାଯ୍ୟ କରିବା ଆମ କାମ, କିନ୍ତୁ ସମୟୋପଯୋଗୀ ହେବାପାଇଁ ତାକୁ ବୋନ୍‌ସାଇ କରି ଦେବା ଠିକ୍ ନୁହେଁ।

*–ଡ. ବିଜୟଲକ୍ଷ୍ମୀ ଦାଶ, ମନସ୍ତତ୍ତ୍ୱବିତ୍, ମାନସିକ ସ୍ୱାସ୍ଥ୍ୟ ବିଭାଗ, ଯାଜପୁର ସରକାରୀ ହସ୍ପିଟାଲ*





ଫ୍ୟାଶନ

# ଷ୍ଟାଇଲିଶ୍ ଗ୍ଲୋଭ୍ସ

**ଶୀତଦିନେ ଷ୍ଟାଇଲିଶ୍ ଓ ଟ୍ରେଣ୍ଡି ଦେଖାଯିବା ପାଇଁ ସେହି ଅନୁସାରେ ହିଁ ପୋଷାକ ପିନ୍ଧିବାକୁ ହୁଏ। ଏଥିପାଇଁ ଫ୍ୟାଶନ ଦୁନିଆରେ ଅପ୍‌ଡେଟ୍ ରହିବାକୁ ହେବ। ଶୀତରୁ ରକ୍ଷା ପାଇବା ପାଇଁ ଆପଣ ଯଦି ଗ୍ଲୋଭ୍ସ ପିନ୍ଧୁଥାନ୍ତି ତେବେ ଫ୍ୟାଶନ ଟ୍ରେଣ୍ଡ୍ସ ସମ୍ପର୍କରେ ଜାଣିରଖନ୍ତୁ...**

– ହାତକୁ ଅଧିକ ଆକର୍ଷଣୀୟ କରିବା ସହ ଶୀତର ପ୍ରକୋପରୁ ରକ୍ଷା ପାଇବା ପାଇଁ ଫିଙ୍ଗରଲେସ୍ ଗ୍ଲୋଭ୍ସ ବ୍ୟବହାର କରନ୍ତୁ। ଏହି ଗ୍ଲୋଭ୍ସରେ ଆଙ୍ଗୁଳି ସବୁ ଖୋଲା ରହିବ କିନ୍ତୁ ହାତର ଅନ୍ୟ ସବୁ ଅଂଶ ଘୋଡ଼ାଇ ହୋଇ ରହିବ। ଏଭଳି ଗ୍ଲୋଭ୍ସ ପିନ୍ଧିଲେ ଶୀତରୁ ରକ୍ଷା ମିଳିବା ସହ ଗାଡ଼ି ଚଲାଇବା, ମୋବାଇଲ ଚଲାଇବା କିମ୍ବା ଲେଖାଲେଖି କରିବାରେ କୌଣସି ଅସୁବିଧା ହୋଇ ନ ଥାଏ।

– ଶୀତ ଅଧିକ ଥିଲେ ପ୍ରିଣ୍ଟେଡ୍ ଉଲେନ୍ ଗ୍ଲୋଭ୍ସ ପିନ୍ଧନ୍ତୁ। ଉଲ୍‌ରେ ତିଆରି ଗ୍ଲୋଭ୍ସ ହାତକୁ ପୂରା ଘୋଡ଼ାଇ ରଖିବା ସହ ସୁନ୍ଦର ଦେଖାଯିବ। ଏବେ ବଜାରରେ ବେଶ୍ ସୁନ୍ଦର ପ୍ରିଣ୍ଟେଡ୍ ଗ୍ଲୋଭ୍ସ ମିଳୁଛି। ତେଣୁ ନିଜ ପସନ୍ଦର ଯେକୌଣସି ରଙ୍ଗର ପୋଷାକକୁ ମ୍ୟାଚ୍ କଲାଭଳି ପିନ୍ଧିପାରିବେ।

– ଲେଦର ଗ୍ଲୋଭ୍ସ ମଧ୍ୟ ବେଶ୍ ଆକର୍ଷଣୀୟ ଦେଖାଯାଏ। ତେଣୁ ଏହାକୁ ମଧ୍ୟ ଆପଣ ପିନ୍ଧିପାରିବେ। ଷ୍ଟାଇଲିଶ୍ ଦେଖାଯିବା ପାଇଁ ଲେଦର ଗ୍ଲୋଭ୍ସ ଯେମିତି ଆକର୍ଷଣୀୟ ଲାଗିବ ସେମିତି ମଧ୍ୟ ଆରାମଦାୟକ।

– କୌଣସି ପାର୍ଟି କିମ୍ବା ବିଶେଷ କାର୍ଯ୍ୟକ୍ରମରେ ଯୋଗଦେବାକୁ ଯାଉଥିଲେ ବିଭିନ୍ନ କାମ ହୋଇଥିବା ଗ୍ଲୋଭ୍ସ ପିନ୍ଧିପାରିବେ। ଷ୍ଟାଇଲିଶ୍ ଲୁକ୍ ଦେବା ପାଇଁ ଗ୍ଲୋଭ୍ସରେ ଏମ୍ବ୍ରୋଡେରି କାମ କିମ୍ବା ଷ୍ଟୋନ୍ ଲଗାଯାଉଛି।



# ପୋଟ୍‌ଲି ମସାଜ୍ ଥେରାପି

**ଆୟୁର୍ବେଦ ଚିକିତ୍ସା ପଦ୍ଧତିରେ ପୋଟଲି ମସାଜ୍ ଥେରାପିର ଢେର୍ ଗୁରୁତ୍ୱ ଅଛି। ମାଂସପେଶୀ ଦରଜ କିମ୍ବା ଅନ୍ୟାନ୍ୟ ସମସ୍ୟା ପାଇଁ ଏହାର ଅନେକ ଫାଇଦା ରହିଛି...**

ପୋଟଲି ମସାଜ୍ ପାଇଁ ପ୍ରଥମେ ଏକ ସୂତା କପଡ଼ା ମଧ୍ୟରେ ଗରମ କରି କିଛି ଲୁଣ କିମ୍ବା ବାଲିକୁ ଭଲଭାବେ ଗୁଡ଼ାଇ ରଖାଯାଏ। ଏହାପରେ ତାକୁ ଶରୀରର ବିଭିନ୍ନ ଅଙ୍ଗ ଉପରେ ଧୀରେ ଧୀରେ ମସାଜ୍ କରାଯାଏ।

➤ଗୋଡ଼ ହାତ ମୋଡ଼ି ହୋଇଗଲେ କିମ୍ବା କୌଣସି ସ୍ଥାନରେ ପବନ ଅଟକିବା ଭଳି ଅନୁଭବ କଲେ ସେହି ସ୍ଥାନରେ ପୋଟଲି ମସାଜ୍ ବେଶ୍ ଫଳପ୍ରଦ ହୋଇଥାଏ।

➤ଆର୍ଥ୍ରାଇଟିସ୍, ସାଇଟିକା ଆଦି ଯୋଗୁ ଦରଜ ସମସ୍ୟା ହେଉଥିଲେ ଏହି ମସାଜ୍ ଦ୍ୱାରା ଅନେକାଂଶରେ ଆରାମ ମିଳିଥାଏ।

➤ବେକ, କାନ୍ଧ, ଅଣ୍ଟା ଆଦି ବିଭିନ୍ନ ସ୍ଥାନରେ ମାଂସପେଶୀ ଦରଜ ହେଉଥିଲେ ପୋଟଲି ମସାଜ୍ ଆରାମ ଅନୁଭବ କରାଇଥାଏ।

➤ଶରୀରର କୌଣସି ସ୍ଥାନରେ ଅତ୍ୟଧିକ ପାଣି ଜମା ହୋଇଥିଲେ ବି ପୋଟଲି ମସାଜ୍ କରିପାରିବେ।



ଖାଦ୍ୟରୁଚି

# ସୋୟା କଟ୍‌ଲେଟ୍

**ଆବଶ୍ୟକ ସାମଗ୍ରୀ:** ସୋୟାବିନ୍– ୫୦ ଗ୍ରାମ୍, ଆଳୁ– ୫୦ ଗ୍ରାମ୍ (ସିଝା), ଗରମ ମସଲା– ଅଧା ଚାମଚ, ଧନିଆପତ୍ର– ଅଳ୍ପ, ଗୋଲମରିଚ ଗୁଣ୍ଡ– ଅଳ୍ପ, ଗାଜର– ୨ ବଡ଼ ଚାମଚ (କଟା), ବ୍ରେଡ୍ ଗୁଣ୍ଡ– ଅଳ୍ପ, ବେସନ– ୨ ବଡ ଚାମଚ, ରସୁଣ– ୧ ଚାମଚ (କଟା), ଆବଶ୍ୟକ ଅନୁସାରେ ଲୁଣ, ହଳଦୀ ଓ ତେଲ।



**ପ୍ରଣାଳୀ:** ପ୍ରଥମେ ସୋୟାବିନ୍‌କୁ ଗରମପାଣିରେ କିଛି ସମୟ ଭିଜାଇ କାଢ଼ି ରଖନ୍ତୁ। ଆଳୁକୁ ସିଝାଇ ସେଥିରୁ ଚୋପା ବାହାର କରନ୍ତୁ। ଗାଜରକୁ ଛୋଟ ଛୋଟ କାଟି ରଖନ୍ତୁ। ଏକ ପାତ୍ରରେ ପ୍ରଥମେ ବେସନରେ ଲୁଣ ଓ ପାଣି ମିଶାଇ ଏକ ଗାଢ଼ ଘୋଳ ପ୍ରସ୍ତୁତ କରନ୍ତୁ। ଏହାପରେ ଅନ୍ୟ ଏକ ପାତ୍ରରେ ସିଝା ଆଳୁ ସହ କଟା ଗାଜର ଓ ଅନ୍ୟ ସମସ୍ତ ମସଲାଗୁଣ୍ଡ, ଲୁଣ, ହଳଦୀ ଆଦି ପକାନ୍ତୁ। ସୋୟାବିନ୍‌କୁ ଛୋଟ ଛୋଟ କରି ଏଥିରେ ପକାଇ ଭଲଭାବେ ଚକଟି ନିଅନ୍ତୁ। ଏହି ମିଶ୍ରଣକୁ ହାତରେ ଛୋଟ ଛୋଟ ଗୋଲ କରି ରଖନ୍ତୁ। ଏହାପରେ ଛାଣିବା ପାଇଁ କଡ଼େଇରେ ତେଲ ଗରମ କରନ୍ତୁ। ତେଲ ଭଲଭାବେ ଗରମ ହୋଇଗଲେ ପ୍ରସ୍ତୁତ ହୋଇଥିବା ମିଶ୍ରଣକୁ ପ୍ରଥମେ ବେସନ ଘୋଳରେ ବୁଡ଼ାଇ ତା'ପରେ ବ୍ରେଡ୍ ଗୁଣ୍ଡରେ ଗଡ଼ାଇ ଛାଣି ନିଅନ୍ତୁ। ଏବେ ଏହି କଟ୍‌ଲେଟ୍‌ଗୁଡ଼ିକୁ ଚଟଣି କିମ୍ବା ସସ୍ ସହ ଖାଆନ୍ତୁ।

ସୌନ୍ଦର୍ଯ୍ୟ

# କେଶ ପାଇଁ ଅଁଳା

**କେଶର ପ୍ରାୟ ସବୁ ସମସ୍ୟା ଦୂରକରିଥାଏ ଅଁଳା ଓ ଫିଟିକିରି। ଅଁଳାରେ ଭିଟାମିନ୍ ସି ଏବଂ ଫିଟିକିରିରେ କେଶକୁ ରଙ୍ଗ କରିବାର ଗୁଣ ରହିଛି। ତେଣୁ ଏହାର ବ୍ୟବହାର କରିବା ଫଳରେ କେଶ ମଜଭୁତ ହେବା ସହ ଘନ ଓ କଳା ହୋଇଥାଏ...**



❖କେଶକୁ ସୁନ୍ଦର ଓ ମଜଭୁତ କରିବା ପାଇଁ ଅଁଳା ଓ ଫିଟିକିରିର ଏକ ପ୍ୟାକ୍ ତିଆରି କରନ୍ତୁ। ଏଥିପାଇଁ ପ୍ରଥମେ କିଛି ଅଁଳା ଗୁଣ୍ଡ ସହ ଫିଟିକିରି ପାଣି ମିଶାଇ ପ୍ୟାକ୍ ତିଆରି କରନ୍ତୁ। ଅଁଳାଗୁଣ୍ଡ ବଦଳରେ କଞ୍ଚା ଅଁଳା ମଧ୍ୟ ବ୍ୟବହାର କରିପାରିବେ। ଏଥିପାଇଁ ଅଁଳାରୁ ମଞ୍ଜି ବାହାରକରି ଭଲଭାବେ ଗ୍ରାଇଣ୍ଡିଂ କରି ସେଥିରେ ଫିଟିକିରି ପାଣି ମିଶାନ୍ତୁ। ଏହି ମିଶ୍ରଣକୁ କେଶରେ ଲଗାଇ କିଛି ସମୟ ରଖିବା ପରେ ଧୋଇ ଦିଅନ୍ତୁ।

❖ଅଁଳା ଓ ଫିଟିକିରିର ଏହି ପେଷ୍ଟ ଧଳା କେଶ ସମସ୍ୟା ଦୂର କରିବା ପାଇଁ ଅତ୍ୟନ୍ତ ଫାଇଦା ଆଣିଥାଏ। ଫିଟିକିରି କେଶମୂଳର ରକ୍ତ ସଞ୍ଚାଳନକୁ ଅଧିକ କରିଥାଏ। ଅଁଳାରେ ଭିଟାମିନ୍ ସି ଓ ଜିଙ୍କ୍‌ର ଗୁଣ ଥିବାରୁ ଏହା କେଶକୁ ମଜଭୁତ କରିଥାଏ। ତେଣୁ କେଶ ଝଡ଼ିବା କମ୍ ହୋଇଥାଏ ଓ କେଶ ମଧ୍ୟ କଳା ହୋଇଥାଏ।

❖କେଶ ଝଡ଼ିବାର ସମସ୍ୟା ଥିଲେ ଏହି ହେୟାର ପ୍ୟାକ୍ ଲଗାନ୍ତୁ। ନିୟମିତ ବ୍ୟବଧାନରେ ଏହି ପ୍ୟାକ୍ ଲଗାଇଲେ ଧୀରେ ଧୀରେ କେଶ ଝଡ଼ିବା ସମସ୍ୟା ଦୂର ହେବା ସହ କେଶ ଅଧିକ ମଜଭୁତ ହେବ।

❖କେଶରେ ଯଦି ରୂପି ସମସ୍ୟା ଥାଏ ତେବେ ଅଁଳା ଓ ଫିଟିକିରିର ପେଷ୍ଟ ବହୁତ ଫଳପ୍ରଦ ହୋଇପାରିବ। ଫିଟିକିରିରେ ଆଣ୍ଟି ବ୍ୟାକ୍ଟେରିଆଲ ଗୁଣ ରହିଥିବାରୁ ରୂପି ସମସ୍ୟା ଦୂର ହୋଇଥାଏ।



1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

DSPL-407

FIH ODISHA HOCKEY MEN'S WORLD CUP 2023
BHUBANESWAR - ROURKELA
13 - 29 JANUARY 2023




# ଉଲ୍ଲାସ...ଉତ୍ସାହ...ଉତ୍ସବ ର ମହାପର୍ବ

## ଓଲି ରାଇଜକୁ ଆସନ୍ତୁ
## ପୁରୁଷ ହକି ବିଶ୍ୱକପ୍ ର ମଜା ନିଅନ୍ତୁ

**କଳିଙ୍ଗ ଷ୍ଟାଡ଼ିୟମ୍, ଭୁବନେଶ୍ୱର**
୧୦-୨୯ ଜାନୁଆରୀ, ୨୦୨୩
ଅପରାହ୍ନ ୩ଟା ରୁ ରାତ୍ରି ୧୦ଟା ପର୍ଯ୍ୟନ୍ତ

**ବିର୍ସା ମୁଣ୍ଡା ହକି ଷ୍ଟାଡ଼ିୟମ୍, ରାଉରକେଲା**
୧୩-୨୯ ଜାନୁଆରୀ, ୨୦୨୩
ଅପରାହ୍ନ ୩ଟା ରୁ ରାତ୍ରି ୧୦ଟା ପର୍ଯ୍ୟନ୍ତ

ହକି ମ୍ୟାଚ୍ ଦିବସ: କେବଳ ଟିକେଟଧାରୀଙ୍କ ପାଇଁ | ଅନ୍ୟ ଦିବସ ମାନଙ୍କରେ: ସର୍ବସାଧାରଣ ପ୍ରବେଶ

**ପୁରୀ ବେଳାଭୂମି**
୧୩-୨୯ ଜାନୁଆରୀ, ୨୦୨୩
ଅପରାହ୍ନ ୩ଟା ରୁ ରାତ୍ରି ୧୦ଟା ପର୍ଯ୍ୟନ୍ତ

ସର୍ବସାଧାରଣ ପ୍ରବେଶ

ସ୍ୱାଦିଷ୍ଟ ଖାଦ୍ୟ ମେଳା
ଭରପୂର ମନୋରଞ୍ଜନ
ଚିତ୍ତାକର୍ଷକ ଆଲୋକ ସଜ୍ଜା
ଏବଂ ଅନେକ ଅଭୁଲା ଅନୁଭୂତି!







ଶ୍ରୀ ନବୀନ ପଟ୍ଟନାୟକ
ମାନନୀୟ ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-29001/13/0045/2223

**ଅନ୍ୟ ଦିବସ ମାନଙ୍କରେ: ଭୁବନେଶ୍ୱର**
୧୦ | ୧୨ | ୧୫ | ୧୮ | ୨୦ | ୨୧ | ୨୬ | ୨୮ |
ଜାନୁଆରୀ, ୨୦୨୩

**ଅନ୍ୟ ଦିବସ ମାନଙ୍କରେ: ରାଉରକେଲା**
୧୭ | ୧୯ | ୨୧ | ୨୫ | ୨୭ | ୨୯
ଜାନୁଆରୀ, ୨୦୨୩

## ସଂକ୍ଷେପରେ

### ଶିକ୍ଷା ହିଁ ବିକାଶର ମୂଳମନ୍ତ୍ର

ସାଲେପୁର,୯।୧(ଡି.ଏନ୍.ଏ.): ସାଲେପୁର ଫ୍ରିଡମ୍ ଇଣ୍ଟର ନ୍ୟାଶନାଲ ସ୍କୁଲର ଦଶମ ବାର୍ଷିକ ଉତ୍ସବ ୨ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମର ପ୍ରଥମ ଦିବସରେ ସାଲେପୁର ବିଧାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିକ୍ଷା ହିଁ ବିକାଶର ମୂଳମନ୍ତ୍ର, ଶିକ୍ଷା ବିନା ମଣିଷ ସମାଜର ବିକାଶ ଅସମ୍ଭବ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ନାସାର ବୈଜ୍ଞାନିକ ଡ. ଦେବେନ୍ଦ୍ର କୁମାର ଦାସ ଯୋଗଦେଇ ବିଜ୍ଞାନ ବିନା ସମାଜର ଉନ୍ନତି ଅସମ୍ଭବ ବୋଲି କହିଥିଲେ। ସେହିପରି ଉଦ୍ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଫିଜିକ୍ସ ଭୁବନେଶ୍ୱରର ନିର୍ଦ୍ଦେଶକ ଡ. କରୁଣାକର ନନ୍ଦ, ମୁଖ୍ୟବକ୍ତା ଭାବେ ଇସ୍ରୋର ଅବସରପ୍ରାପ୍ତ ବୈଜ୍ଞାନିକ ଡ. ଅଶୋକ କୁମାର ରଥ ଯୋଗଦେଇ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରିଥିଲେ। ବିଦ୍ୟାଳୟର ଅଧକ୍ଷ ସୁଦାମ ଚରଣ ଶତପଥୀ ଏଥିରେ ସଭାପତିତ୍ୱରେ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ ପ୍ରତିଷ୍ଠାତା ସେକ୍ ଅଜଗର ଅଲ୍ଲୀ, ଅଧକ୍ଷ ସେକ୍ ଜାହାଙ୍ଗିର ଅଲ୍ଲୀ, ସମ୍ପାଦକ ସେକ୍ ରିଆଜୁର ଅହେମ୍ମଦ, କ୍ୟାମ୍ପସ୍-୨ର ପ୍ରିନ୍ସିପାଲ ପ୍ରଭାସିନୀ ଷଡ଼ଙ୍ଗୀ ପମୁଖ ଉପସ୍ଥିତ ଥିଲେ।

### ମହିଳା ଫୁଟବଲ ସପ୍ତାହ ପାଳିତ

ଖୁଣ୍ଟୁଣୀ, ୯।୧(ଡି.ଏନ୍.ଏ.) ଓଡ଼ିଶାର ମହିଳା ଫୁଟବଲ ଖେଳାଳିମାନଙ୍କୁ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦେବାକୁ ଖୁଣ୍ଟୁଣୀ ରାଧାଦାମୋଦରପୁରସ୍ଥିତ ଧବଳେଶ୍ୱର ବୈଷୟିକ ପ୍ରତିଷ୍ଠାନରେ ନିତା ଫୁଟବଲ ଏକାଡେମୀ ଏବଂ ଓଡ଼ିଶା ଫୁଟବଲ ଆସୋସିଏଶନର ମିଳିତ ସହଯୋଗରେ ଏକ ମହିଳା ଫୁଟବଲ ତାଲିମ କେନ୍ଦ୍ର ଗତ ଦୁଇମାସ ହେଲା କାର୍ଯ୍ୟରମ୍ଭ କରିଛି। ଏଥିପାଇଁ ଗତ ୧ ଠାରୁ ୬ ତାରିଖ ପର୍ଯ୍ୟନ୍ତ ନିଟ୍ ଏକାଡେମୀ ପକ୍ଷରୁ ମହିଳା ଫୁଟବଲ ସପ୍ତାହ ପାଳନ କରିଛି। ଏହି ଉପଲକ୍ଷେ ଆୟୋଜିତ ଶିବିରରେ ତାଲିମ କେନ୍ଦ୍ର ତଥା ପଲିଟେକ୍ନିକ ଅଧକ୍ଷ ସୁବ୍ରତ କୁମାର ଦାସ ଅଧକ୍ଷତା କରିଥିଲେ। ନିତାର ସମ୍ପାଦକ ଅରୁଣ ପରିଡା ଶିବିରରେ ଥିବା ଭାରତୀୟ ମହିଳା ଫୁଟବଲ ଦଳ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଶ୍ରଦ୍ଧାଞ୍ଜଳି ସାମନ୍ତରାୟ, ପ୍ରଶାନ୍ତି ପ୍ରଧାନ, ଗାୟତ୍ରୀ ମଲ୍ଲିକ, ପ୍ୟାରୀ ଖାକା, ରଶ୍ମିତା ପାତ୍ର, ଓ ଆଲୋଚନା ସେନାପତି ଏବଂ ମଣିପୁରର ସୁଇଟି ଦେବୀଙ୍କ ସମେତ ପ୍ରଶିକ୍ଷଣ ନେଉଥିବା ସମସ୍ତ ଛାତ୍ରୀଙ୍କୁ ପ୍ରୋତ୍ସାହିତ କରିଥିଲେ। ଏଥିରେ ସର୍ବଭାରତୀୟ ଫୁଟବଲ ସଙ୍ଘର ଅଭିବୃଦ୍ଧି କମିଟି ଅଧକ୍ଷ ଅଭିଜିତ ପାଲ, ଓଡ଼ିଶା ମହିଳା ଫୁଟବଲ ଦଳର ମୁଖ୍ୟ ରଣଦୀପ ବରୁଆ, ନିତା ଏକାଡେମୀର ପ୍ରଶିକ୍ଷକ ସମନ୍ୱୟ ବସୁ, କୋଷାଧକ୍ଷ ଦେବକୀ ନନ୍ଦନ ମହାନ୍ତି ଏବଂ କଲେଜର ପ୍ରଶାସନିକ ଅଧିକାରୀ ତଥା ନିତା ଉପଦେଷ୍ଟା ରମଣି ରଞ୍ଜନ ନାୟକ ପ୍ରମୁଖ ଶିବିର ପରିଚାଳନା କରିଥିଲେ। ଆନ୍ତର୍ଜାତିକ ସ୍ତରରେ ସୁନାମ ଅର୍ଜନ କରିଥିବା ମହିଳା ଫୁଟବଲର ଓ ପ୍ରଶିକ୍ଷକଙ୍କୁ ଅଧକ୍ଷ ଦାସ ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ଏକ କୁଇଜ ପ୍ରତିଯୋଗିତା ହୋଇ କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ପ୍ରାଚୀଧାରା ପୋତି ରାସ୍ତା ସମ୍ପ୍ରସାରଣକୁ ବିରୋଧ

■ କାର୍ଯ୍ୟ ତଦାରଖ କଲେ କଟକ ଡ୍ରେନେଜ ବିଭାଗ କନିଷ୍ଠ ଯନ୍ତ୍ରୀ
■ ସୀମା ଭିତରେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ

କଣ୍ଟାପଡା,୯।୧(ଡି.ଏନ୍.ଏ.)

କେନ୍ଦ୍ର ସରକାରଙ୍କ ଅଧୀନରେ ଓଲଟପୁରସ୍ଥିତ ଏସ୍‌ଭି ନିର୍‌ତାର ଦିବ୍ୟାଙ୍ଗ ସ୍ୱାସ୍ଥ୍ୟ ଓ ଗବେଷଣା କେନ୍ଦ୍ରକୁ ଯାତାୟାତ ପାଇଁ ପ୍ରାଚୀ ନଦୀର ଧାରାକୁ ପୋତି ରାସ୍ତା ସମ୍ପ୍ରସାରଣ କାର୍ଯ୍ୟକୁ ପ୍ରାଚୀ ନଦୀର ସୁରକ୍ଷାପାଇଁ ଆନ୍ଦୋଳନ ଚଳାଇ ଆସିଥିବା ପ୍ରାଚୀ ପ୍ରଜ୍ଞା ପରିଷଦ ପକ୍ଷରୁ ବିରୋଧ କରାଯାଇଛି। ଖବର ଅନୁଯାୟୀ, ବାଇରୋଇ ଛକରୁ ନିର୍‌ତାରକୁ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗ ରାସ୍ତାଟି ଅଣଓସାରିଆ ହୋଇଥିବାବେଳେ ନିର୍‌ତାର ସମ୍ମୁଖ ଭାଗ ଦେଇଯାଇଥିବା ବ୍ୟକ୍ତିଗତ ମାଲିକାନା ରାସ୍ତାଟି ଯାତାୟାତ ପାଇଁ ସମ୍ପୂର୍ଣ୍ଣ ଅନୁପଯୋଗୀ ହୋଇପଡିଥିଲା। ଗତବର୍ଷ ବ୍ୟକ୍ତିଗତ ମାଲିକାନାରେ ଥିବା ରାସ୍ତାକୁ ସମ୍ପୃକ୍ତ ଜମିମାଲିକ ରାଜ୍ୟ ସରକାରଙ୍କୁ ହସ୍ତାନ୍ତର କରିବା ପରେ ରାସ୍ତାର ଉନ୍ନତୀକରଣ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଗତବର୍ଷ ଜୁନରେ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭି.କେ. ପାଣ୍ଡିଆନ୍, ସ୍ୱତନ୍ତ୍ର ରିଲିଫ କମିଶନର ପ୍ରଦୀପ ଜେନା, ପୂର୍ତ୍ତ ବିଭାଗ ସଚିବ ଭି.ଭି. ଯାଦବ, କେନ୍ଦ୍ରାଞ୍ଚଳ ଆର୍‌ଡିସି ସୁରେଶ କୁମାର ଦଳେଇ, ଜିଲାପାଳ ଭବାନୀ ଶଙ୍କର ଚୟନୀ ପ୍ରମୁଖ ନିର୍‌ତାରକୁ ଗସ୍ତକରି ରାସ୍ତାର ସ୍ଥିତି ପରଖିଥିଲେ। ପରେ ୩ କୋଟି ବ୍ୟୟରେ ରାସ୍ତାର ଉନ୍ନତୀକରଣ ଓ ସମ୍ପ୍ରସାରଣ ପାଇଁ ଜଣେ ଠିକାଦାରଙ୍କୁ କାର୍ଯ୍ୟାଦେଶ ଦିଆଯାଇଥିଲା। ହେଲେ ଗତ ୨ଦିନଧରି ଠିକାଦାର ପ୍ରାଚୀ ଧାରା ପୋତି କାମ କରୁଥିବା ଖବରପାଇ ସୋମବାର ପ୍ରାଚୀପ୍ରଜ୍ଞା ପରିଷଦର ସଭାପତି ଅଶ୍ୱିନୀ କୁମାର ମହାପାତ୍ର, ରମେଶ ଚନ୍ଦ୍ର ପ୍ରଧାନ, ବିଷ୍ଣୁଚରଣ ନାୟକ, ପ୍ରକାଶ ନନ୍ଦ ପ୍ରମୁଖ ସଦସ୍ୟମାନେ ରାସ୍ତାକାମ ଚାଲୁଥିବା ସ୍ଥାନରେ ପହଞ୍ଚି କାମ ବନ୍ଦ କରିବାକୁ କହିଥିଲେ। ଖବରପାଇ କଟକ ଡ୍ରେନେଜ ବିଭାଗ କନିଷ୍ଠଯନ୍ତ୍ରୀ ଗୀତାଞ୍ଜଳି ବେହେରା ଘଟଣାସ୍ଥଳରେ ପହଞ୍ଚି କାର୍ଯ୍ୟର ତଦାରଖ କରିଥିଲେ। ଏହି ସମୟରେ ସେ କାର୍ଯ୍ୟ କରୁଥିବା ଠିକାଦାରଙ୍କୁ ତାଗିଦା କରି ପ୍ରାଚୀଧାରା ନ ଖୋଳିବା ପାଇଁ କହିଥିଲେ। ଅପରପକ୍ଷେ କଣ୍ଟାପଡା ପୂର୍ତ୍ତ ବିଭାଗ କନିଷ୍ଠଯନ୍ତ୍ରୀ ପ୍ରେମଲତା ଦାସ ବିଭାଗ ପକ୍ଷରୁ ଦିଆଯାଇଥିବା ସୀମା ଭିତରେ କାମ କରିବାକୁ ଠିକାଦାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏ ସମ୍ପର୍କରେ କନିଷ୍ଠଯନ୍ତ୍ରୀ ଗୀତାଞ୍ଜଳି କୁହନ୍ତି, ସମ୍ପୃକ୍ତ ଠିକାଦାର ବିଭାଗ ପକ୍ଷରୁ ନିର୍ଦ୍ଧାରଣ କରାଯାଇଥିବା ସୀମା ଭିତରେ ରହି କାମ କରିସାରିବା ପରେ ପ୍ରାଚୀଧାରା ଭିତରେ ଜମା ହୋଇଥିବା ମାଟିକୁ ସଫା କରିବାକୁ ନିର୍ଦ୍ଦେଶ ରହିଛି।



ଖୁଣ୍ଟୁଣୀ ରାଧାଦାମୋଦରପୁରସ୍ଥିତ ଧବଳେଶ୍ୱର ବୈଷୟିକ ପ୍ରତିଷ୍ଠାନରେ ଚାଲିଥିବା ମହିଳା ଫୁଟବଲ ସପ୍ତାହ ପାଳନ ଅବସରରେ ଉପସ୍ଥିତ ଅତିଥିଙ୍କ ସହ ଖେଳାଳି।

# ମାଣିଆବନ୍ଧ, ଭଦ୍ରେଶ୍ୱର ଫାଣ୍ଡି ହେଲା ଥାନା




ଭଦ୍ରେଶ୍ୱର ଥାନାର ଉଦ୍‌ଘାଟନୀ ଉତ୍ସବରେ ବିଧାୟକ ପ୍ରତାପ ଜେନା ଓ ଅନ୍ୟମାନେ।

ବଡ଼ମ୍ବା/ମାହାଙ୍ଗା, ୯।୧ (ଡି.ଏନ.ଏ/ସ୍ୱ.ପ୍ର.)

କଟକ ଜିଲା ବଡ଼ମ୍ବା ବ୍ଲକ ଅନ୍ତର୍ଗତ ମାଣିଆବନ୍ଧ ଓ ମାହାଙ୍ଗା ବ୍ଲକ ଅନ୍ତର୍ଗତ ଭଦ୍ରେଶ୍ୱର ଫାଣ୍ଡି ଥାନାର ମାନ୍ୟତା ପାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଭର୍ଚ୍ଚୁଆଲ ମାଧ୍ୟମରେ ଉଭୟ ଥାନାକୁ ଉଦ୍‌ଘାଟନ କରିଛନ୍ତି। ବଡ଼ମ୍ବା ଥାନା ପରିସରରେ ଆୟୋଜିତ ଉତ୍ସବରେ ଅତିଥିଭାବେ ବ୍ଲକ ଅଧକ୍ଷ ରଘୁପତି ମହାନ୍ତି, ଜିଲା ପରିଷଦ ସଭ୍ୟ ରବୀନ୍ଦ୍ର କୁମାର ସାହୁ, କଟକ ଜିଲା ଆରକ୍ଷୀ ଅଧୀକ୍ଷକ (ଗ୍ରାମାଞ୍ଚଳ )ପି. ଯୁଗଳ କିଶୋର, ଆଠଗଡ଼ ଏସଡିପିଓ ବିଜୟ କୁମାର ବିଶି ପ୍ରମୁଖ ଯୋଗଦେଇଥିଲେ। ବିଧାୟକ ଦେବୀ ପ୍ରସାଦ ମିଶ୍ର ଉପସ୍ଥିତ ରହି ଶୁଭେଚ୍ଛା ବାର୍ତ୍ତା ଦେଇଥିଲେ। ସୂଚନାଯୋଗ୍ୟ, ଏହି ଫାଣ୍ଡିକୁ ଥାନାର ମାନ୍ୟତା ଦେବା ପାଇଁ ବଡ଼ମ୍ବା ଓକିଲ ସଂଘ ପକ୍ଷରୁ ଆନ୍ଦୋଳନ କରାଯାଇଥିଲା। ପରବର୍ତ୍ତୀ ସମୟରେ ଏହା ଜନ ଆନ୍ଦୋଳନରେ ପରିଣତ ହୋଇଥିଲା। ସେହିପରି ଭଦ୍ରେଶ୍ୱର ଥାନାର ଉଦ୍‌ଘାଟନୀ ଉତ୍ସବରେ ମାହାଙ୍ଗା ଥାନା ଆଇଆଇସି ବିଜୟ କୁମାର ମଲିକ ସଭାପତିତ୍ୱ କରିଥିଲେ। ଏଥିରେ ମାହାଙ୍ଗା ବିଧାୟକ ପ୍ରତାପ ଜେନା ଯୋଗଦେଇ ଏହି ଥାନା ପ୍ରତିଷ୍ଠା ହେବା ଦ୍ୱାରା ୧୦ ପଞ୍ଚାୟତର ଜନସାଧାରଣ ଆଇନସେବା ପାଇପାରିବେ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ଅତିରିକ୍ତ ଜିଲା ଏସ୍‌ପି କୃଷ୍ଣପ୍ରସାଦ ପଟ୍ଟନାୟକ,ଏସ୍‌ଡିପିଓ ବିମଳ ବାରିକ, ବ୍ଲକ ଅଧକ୍ଷା ଦୀପା ମଲିକ, ଉପାଧକ୍ଷ ସତ୍ୟ ନାରାୟଣ ମହାନ୍ତି, ବିଡିଓ ନିହାର ରଞ୍ଜନ ମଲିକ, ପୂର୍ବତନ ବ୍ଲକ ଅଧକ୍ଷ ରାଜକିଶୋର ଜେନା, ଶରତ ନାୟକ ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭଦ୍ରେଶ୍ୱର ଥାନା ଭାରପ୍ରାପ୍ତ ଅଧିକାରୀ ତପନ ନାୟକ,ଏସ୍‌ଆଇ ପ୍ରିୟଦର୍ଶନୀ ଇପ୍ସିତା,ଏଏସ୍‌ଆଇ ପ୍ରିତିରଞ୍ଜନ ରାୟ ପ୍ରମୁଖ ଉପସ୍ଥିତ ଥିଲେ।

## ଗନ୍ଧନଦୀର ହେବ ଉନ୍ନତୀକରଣ

ଚୌଦ୍ୱାର,୯।୧(ଡି.ଏନ୍.ଏ.)

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଆଗ୍ରାହାଟ ପଞ୍ଚାୟତ ଅନ୍ତର୍ଗତ କୁଜିବର ନିକଟ ଗନ୍ଧନଦୀର ଉନ୍ନତୀକରଣ କାର୍ଯ୍ୟ ପାଇଁ ଶିଳାନ୍ୟାସ ସୋମବାର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ ଜଳସମ୍ପଦ ବିଭାଗ, ଜଳ ନିକାଶ ବିଭାଜନ କଟକଙ୍କ ଦ୍ୱାରା ଅନୁଷ୍ଠିତ ଶିଳାନ୍ୟାସ ଉତ୍ସବରେ ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ ଯୋଗଦେଇ ପ୍ରାୟ ୬୪ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଗନ୍ଧନଦୀର ଉନ୍ନତୀକରଣ କରାଯିବ। ଏହାଦ୍ୱାରା ଆଖପାଖରେ ଥିବା ଚାଷଜମିଗୁଡିକ ଜଳସେଚିତ ହୋଇପାରିବା ସହିତ ଚାଷୀ ବହୁମାତ୍ରାରେ ଉପକୃତ ହେବେ ବୋଲି ପ୍ରକାଶ କରିଥିଲେ। ଜିଲା ପରିଷଦ ସଦସ୍ୟ ଜ୍ୟୋତ୍ସ୍ନାରାଣୀ ସୁବୁଦ୍ଧିରାୟ, ବ୍ଲକ ଉପାଧକ୍ଷା ସୁପ୍ରିୟା ଜେଠୀ, ଆଗ୍ରାହାଟ ସରପଞ୍ଚ ସନ୍ଧ୍ୟାରାଣୀ ରାଉତ, ସମିତିସଭ୍ୟ ରୀତା ରାଉତ, ଜଳସମ୍ପଦ ବିଭାଗ ଏସ୍‌ଡିଓ ଏସ୍.ଏନ୍. ନନ୍ଦ ଓ ଯନ୍ତ୍ରୀ ସୌମେନ୍ଦ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ଗ୍ରାମ ମୁରବୀ କରୁଣାକର ବେହେରା, ଲିଟୁ ଜି, ମୁନା ରାଉତ, ରଞ୍ଜନ ଦାସ, ଜୟୀରାମ ଦାସ, ଆଦିକନ୍ଦ ସେଠୀଙ୍କ ସମେତ ଗ୍ରାମବାସୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ଜିଲାପାଳଙ୍କ ଜନଶୁଣାଣିରେ ୧୪୧ ଅଭିଯୋଗ

ଆଠଗଡ଼, ୯।୧(ସ୍ୱ.ପ୍ର.)

କଟକ ଜିଲାପାଳଙ୍କ ଜନଶୁଣାଣି ଶିବିର ଆଠଗଡ ପଞ୍ଚାୟତ ସମିତି ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଜନଶୁଣାଣୀ ଶିବିରରେ୧୪୧ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିରୁ ୧୩୫ ବ୍ୟକ୍ତିଗତ ଓ ୬ଟି ସାମୂହିକ ଅଭିଯୋଗ ଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରେ ଭତ୍ତା, ବାସଗୃହ, ପାନୀୟ ଜଳ ସମାସ୍ୟା ପ୍ରମୁଖ ଥଲା। ସେହିପରି ଦୁଃସାଧ ରୋଗରେ ପୀଡ଼ିତ ଆଠଗଡ଼ ବ୍ଲକ ଲିଙ୍ଗାପଦା ଗ୍ରାମର ମାଧବ ଚନ୍ଦ୍ର ସୁବୁଦ୍ଧିରାୟ, ଏନଏସିର ହୁସେନ ଖାଁ, ଗ୍ରାମରକ୍ଷୀ ସଞ୍ଜୁ ଘଟୁଆଳଙ୍କୁ ଜିଲା ରେଡ୍‌କ୍ରସ ଫଣ୍ଡରୁ ଯଥାକ୍ରମେ ୧୦ହଜାର, ୫ହଜାର ଓ ୨୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ସେହିପରି ୧୨ଟି ପରିବାରକୁ ଜାତୀୟ ପରିବାର କଲ୍ୟାଣ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ଆର୍ଥିକ ସହାୟତା ପାଇଁ ଦରଖାସ୍ତ ଗ୍ରହଣ କରାଯାଇଥିଲା। ସାମୂହିକ ଅଭିଯୋଗ ମଧ୍ୟରେ ବ୍ରାହ୍ମଣବସ୍ତ ଗ୍ରାମର ଅଙ୍ଗନୱାଡ଼ି କେନ୍ଦ୍ର, ତୋଟାପଡା ଗ୍ରାମର ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ତରଡିଙ୍ଗର ଗ୍ରାମ ରାସ୍ତା,ମଞ୍ଜେଶର ଗ୍ରାମ ପଞ୍ଚାୟତ ପାଇକେରା ପୁର ଗ୍ରାମ ପାଇଁ ସ୍ୱତନ୍ତ୍ର ଆର୍ଥିକ ସହାୟତା, ଭୋଗରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ର ବିକାଶ ଓ ରାଜନଗର ଗ୍ରାମରେ ଏସ୍‌ଏଚ୍‌ଜିକୁ ମତ୍ସ୍ୟଚାଷରେ ସଂଶ୍ଳିଷ୍ଟ କରିବା ଆଦି ପ୍ରଧାନ ଥିଲା। ଶିବିରରେ ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କ ସମେତ କଟକ ଗ୍ରାମାଞ୍ଚଳ ଏସ୍‌ପି ପି.ଯୁଗଳ କିଶୋର, ଅତିରିକ୍ତ ଜିଲାପାଳ ଶିବ ଟୋପ୍ପୋ, ଉପଜିଲାପାଳ ହେମନ୍ତ ସ୍ୱାଇଁ, ଜିଲା ଚିକିତ୍ସାଧିକାରୀ ସତ୍ୟବ୍ରତ ଛୋଟରାୟ, ଆଠଗଡ ଉପଖଣ୍ଡ ଚିକିତ୍ସାଳୟ ଅଧୀକ୍ଷକ ଡା.ବିଜୟ ମିଶ୍ର, ବ୍ରହ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡା. ଦିଲୀପ ଦାସ, ବିଡିଓ ଅରୁଣ ଦାସ, ତହସିଲଦାର ପ୍ରିୟବ୍ରତ ଦାସ, ବିଇଓ ବିଜୟଲକ୍ଷ୍ମୀ ସାମଲ ପ୍ରମୁଖ ଯୋଗଦେଇଥିଲେ।



ଶିବିରରେ ଜିଲାପାଳ ଭବାନୀଶଙ୍କର ଚୟନୀ ଓ ଅନ୍ୟ ଅଧିକାରୀମାନେ।

## ଅଡ଼ାଳିଆରେ ଧାନମଣ୍ଡି ଉଦ୍‌ଘାଟିତ

ଫୁଲନଖରା,୯।୧(ଡି.ଏନ୍.ଏ.): କଟକ ସଦର ବ୍ଲକ ଆମଣ ପଞ୍ଚାୟତସ୍ଥିତ ଅଡ଼ାଳିଆ ସେବା ସମବାୟ ସମିତି ପକ୍ଷରୁ ଚଳିତବର୍ଷ ଖରିଫ ଧାନମଣ୍ଡି ଆରମ୍ଭ ହୋଇଛି। କଟକ ସହକାରୀ ସମବାୟ ସମିତି ନିବନ୍ଧକ ଅନିମା ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇ ମଣ୍ଡିକୁ ଉଦ୍‌ଘାଟନ କରିଥିଲେ। ଏହି ମଣ୍ଡିଟି ସପ୍ତାହର ସୋମବାର ଖୋଲା ହେବ। ସମବାୟ ସମିତିରେ ସମୁଦାୟ ୧୬୦ଜଣ ଚାଷୀ ଧାନ ଦେବା ପାଇଁ ପଞ୍ଜୀକରଣ କରିଥିବା ବେଳେ ପ୍ରଥମ ଦିନରେ ୧୯ଜଣ ଚାଷୀଙ୍କଠାରୁ ୮୫୦ କୁଇଣ୍ଟାଲ ଧାନ କ୍ରୟ ହୋଇଛି। ଅଡାଳିଆ, ଆମଣ, ଶାସୋଳ, ଆମଣପଡା, ସବଳପୁର, କାଚରା ମାଳ, ନୟାହାଟ, ମୁଗଭଙ୍ଗା ପ୍ରଭୃତି ଗ୍ରାମର ଚାଷୀମାନେ ମଣ୍ଡିରେ ଧାନ ବିକ୍ରି କରିପାରିବେ ବୋଲି ସମବାୟ ସମିତି ସମ୍ପାଦକ ବାସୁଦେବ ବେହେରା କହିଥିଲେ।

## ଫୁଟ୍‌ବଲ ଖେଳାଳିଙ୍କୁ ଶ୍ରଦ୍ଧାଞ୍ଜଳି

ବାଙ୍କୀ,୯।୧(ସ୍ୱ.ପ୍ର.)

ବାଙ୍କୀର ଜଣାଶୁଣା ଫୁଟ୍‌ବଲ ଖେଳାଳୀ ତଥା ସ୍ୱୟଂଶାସିତ ମହାବିଦ୍ୟାଳୟର କର୍ମଚାରୀ ସ୍ୱର୍ଗତ ଅନିରୁଦ୍ଧ ପଲେଇଙ୍କ ଏକାଦଶାହରେ ଡମପଡ଼ା ବ୍ଲକ ବିଲିମନ୍ତ୍ରୀ ସାହିସ୍ଥିତ ବାସଭବନରେ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ଏନେଇ ଆୟୋଜିତ ସଭାରେ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଉପାଧକ୍ଷ ମନୋଜ କୁମାର ମହାପାତ୍ର, ପଦାର୍ଥ ବିଜ୍ଞାନ ବିଭାଗ ଡ.ସରୋଜ କୁମାର ସାହୁ, ପ୍ରଶାସନିକ ଅଧିକାରୀ ଶୈଳେନ୍ଦ୍ର ନାରାୟଣ ଦେଓ, ଅଧାପକ ନିରାକାର ପ୍ରସାଦ ସାମନ୍ତରାୟ, ଅଧାପକ ଯୋଗୀନାଥ ମଲ୍ଲିକ, ବୃନ୍ଦାବନ ପ୍ରଧାନ, ପ୍ରଶାନ୍ତ କୁମାର ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ।

# ବିପର୍ଯ୍ୟୟ ପରିଚାଳନା ଶିବିର ଉଦ୍‌ଯାପିତ

ତିଗିରିଆ, ୯।୧(ଡି.ଏନ.ଏ)

ତିଗିରିଆ ବ୍ଲକ ଅନ୍ତର୍ଗତ ଗଦାଧରପୁରସ୍ଥିତ ବନ୍ୟା ଆଶ୍ରୟସ୍ଥଳରେ ବୁଧବାରଠାରୁ ଚାଲିଥିବା ବିପର୍ଯ୍ୟୟ ପରିଚାଳନା ଶିବିର ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୧୮ରୁ ୩୫ ବର୍ଷର ୧୫୦ ଜଣ ଯୁବତୀ ଓ ଯୁବକଙ୍କୁ ତାଲିମ ଦିଆଯାଇଥିଲା। ବନ୍ୟା ଓ ବାତ୍ୟା ସମୟରେ ଲୋକଙ୍କୁ ଓ ନିଜକୁ କିପରି ସୁରକ୍ଷିତ କରିପାରିବ ସେସମ୍ପର୍କରେ ଶିବିରରେ ପ୍ରଶିକ୍ଷଣ ଦିଆଯାଇଥିଲା। ଏଥିରେ ପ୍ରଶିକ୍ଷକଭାବେ ଅସିତ୍ କୁମାର ସାହୁ, ପୂର୍ଣଚନ୍ଦ୍ର ବେହେରା ଓ ବିଭୁତି ଭୂଷଣ ପରିଡା ଯୋଗଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ତିଗିରିଆ ପଞ୍ଚାୟତ ସମିତି ଅଧକ୍ଷା ସନ୍ଧ୍ୟାରାଣୀ ନାୟକ, ସମ୍ମାନିତ ଅତିଥିଭାବେ ଜିଲାପରିଷଦ ସଭ୍ୟା ସସ୍ମିତା ରାଉତ ଯୋଗଦେଇଥିଲେ। ସରପଞ୍ଚ ତଥା ବନ୍ୟା ଆଶ୍ରୟ ସ୍ଥଳର ସଭାନେତ୍ରୀ ପୁଷ୍ପିତା ସ୍ୱାଇଁ ଏଥିରେ ସଭାପତିତ୍ୱ କରିଥିଲେ। ଏହି ଅବସରରେ ପ୍ରଶିକ୍ଷଣ ନେଇଥିବା ସମସ୍ତ ଯୁବତୀ, ଯୁବକଙ୍କୁ ଅତିଥିମାନେ ପ୍ରମାଣପତ୍ର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଗଦାଧରପୁର ପଞ୍ଚାୟତର ସିଆରପି, ଏମବିକେ, ଗଦାଧରପୁର ଗ୍ରାମକମିଟି ସଭାପତି ଧନେଶ୍ୱର ସ୍ୱାଇଁ, ଶରତ ସ୍ୱାଇଁ, ଶାନ୍ତନୁ ଖଟୁଆ, ମାନସ ବାରିକ, ସୁରେନ୍ଦ୍ର ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ।



ବିପର୍ଯ୍ୟୟ ପ୍ରଶମନ ପରିଚାଳନା ଶିବିରରେ ଯୋଗ ଦେଇଥିବା ଯୁବତୀ ଓ ଯୁବକମାନେ।

# ବିଶ୍ୱକୁ ଯୋଡ଼ିବା ପାଇଁ ଶିକ୍ଷା ହିଁ ସର୍ବୋତ୍କୃଷ୍ଟ ମାଧ୍ୟମ




ରାଧାନାଥ ବିଦ୍ୟାପୀଠର ପୁରାତନ ଛାତ୍ର ସଂସଦର ପ୍ଲାଟିନମ୍ ଜୁବ୍‌ଲି ଉତ୍ସବରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଓ ଅନ୍ୟ ଅତିଥିମାନେ।

ମାହାଙ୍ଗା,୯।୧(ସ୍ୱ.ପ୍ର.)

ମାହାଙ୍ଗା ବ୍ଲକ ଅନ୍ତର୍ଗତ ଭେଡା ପଞ୍ଚାୟତର ଚୌଧୁରୀ ରାଧାନାଥ ବିଦ୍ୟାପୀଠର ପୁରାତନ ଛାତ୍ର ସଂସଦର ପ୍ଲାଟିନମ୍ ଜୁବ୍‌ଲି ଉତ୍ସବରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଯୋଗଦେଇ ବିଶ୍ୱକୁ ଯୋଡ଼ିବା ପାଇଁ ଶିକ୍ଷା ହିଁ ସର୍ବୋତ୍କୃଷ୍ଟ ମାଧ୍ୟମ ବୋଲି କହିଥିଲେ। ଶିକ୍ଷା ମଣିଷ ହୃଦୟରେ ନିର୍ମଳ ଓ ସରଳତା ଭରିଥାଏ ବୋଲି ସେ ପ୍ରକାଶ କରିଥିଲେ। ଉତ୍ସବରେ ପୁରାତନ ଛାତ୍ର ସଂସଦର ସଭାପତି ଭାସ୍କର ଚନ୍ଦ୍ର ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ବକ୍ତାଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାସ ଯୋଗଦେଇ ଶିକ୍ଷାକ୍ଷେତ୍ରରେ ରାଜ୍ୟ ବେଶ ବିକଶିତ ହୋଇପାରିଛି ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ପୂର୍ବତନ ମନ୍ତ୍ରୀ ତଥା ମାହାଙ୍ଗା ବିଧାୟକ ପ୍ରତାପ ଜେନା ଯୋଗଦେଇ ମାହାଙ୍ଗା ହେଉଛି ଭାଇଚାରା ଓ ସଦ୍‌ଭାବନର ମାଟି ବୋଲି ପ୍ରକାଶ କରିଥିଲେ। ଅନ୍ୟତମ ଅତିଥିଭାବେ ଅବସରପ୍ରାପ୍ତ ବିଚାରପତି ଚୌଧୁରୀ ପ୍ରତାପ କେଶରୀ ମିଶ୍ର ଯୋଗଦେଇ ଭେଡାର ଐତିହ୍ୟ ଅନନ୍ୟ ବୋଲି କହିଥିଲେ। ଏହି ଅବସରରେ ପ୍ରଧାନଶିକ୍ଷକ ନିବାସ କର, ଛାତ୍ର ସଂସଦର ସମ୍ପାଦକ ମନୋରଞ୍ଜନ ବାରିକ ପ୍ରମୁଖ ମଞ୍ଚାସୀନ ଥିବାବେଳେ କବି ବିଶ୍ୱେଶ୍ୱର ମହାନ୍ତି ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ।

ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ରାଜ୍ୟ ସୂଚନା କମିଶନର ଜଳଦ କୁମାର ତ୍ରିପାଠୀ, ମୃତ୍ୟୁଞ୍ଜୟ ସାହୁ, ଅନନ୍ୟା ମିଶ୍ର ଓ ନିରଞ୍ଜନ ସେଣ୍ଠଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧନା କରାଯାଇଥିଲା। ପରେ ରାଜ୍ୟପାଳଙ୍କ ଦ୍ୱାରା ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଓ ଉଦୟଭାନୁ ସ୍ମରଣିକା ଉନ୍ମୋଚନ କରାଯାଇଥିଲା।

# ବଜାର ଦରଠାରୁ ମଣ୍ଡି ଦର ଅଧିକ

ନିଶ୍ଚିନ୍ତକୋଇଲି,୯।୧(ସ୍ୱ.ପ୍ର.)

ଚଳିତ ବର୍ଷ ବଜାର ଦରଠାରୁ ମଣ୍ଡିରେ ସରକାରୀ ଧାର୍ଯ୍ୟମୂଲ୍ୟ ଅଧିକ ଥିବାରୁ ଉଦ୍‌ଘାଟନୀ ଦିବସରେ ମଧ ଧାନ ଦେବାକୁ ଚାଷୀଙ୍କ ଭିଡ଼ ଦେଖିବାକୁ ମିଳୁଛି। କର୍ମକର୍ତ୍ତାମାନେ ମଣ୍ଡିରେ ଉପସ୍ଥିତ ରହି ଚାଷୀ କିପରି ନିଜ ଟାର୍ଗେଟ ଅନୁଯାୟୀ ଧାନ ବିକ୍ରୟ କରିବେ ସେନେଇ ପ୍ରେରଣା ଦେଉଛନ୍ତି। କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ସୁକରପଡା ସେବା ସମବାୟ ପକ୍ଷରୁ ଧାନ ମଣ୍ଡିର ଶୁଭ ଉଦ୍‌ଘାଟନ ହୋଇଛି। ଉଦଘାଟନୀ ଉତ୍ସବରେ ୨୫ ଜଣ ଚାଷୀ ୭୫୦ କୁଇଣ୍ଟାଲ ଧାନ ବିକ୍ରି କରିଥିବା ସମବାୟ ସମିତିର ସମ୍ପାଦକ ଜିତେନ୍ଦ୍ରନାଥ ଘଡାଇ ପ୍ରକାଶ କରିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ସମବାୟ ସମିତି ସଭାପତି ସେକ ସଲାଉଦ୍ଦିନ ପୌରୋହିତ୍ୟ କରିଥିଲେ। ମୁଖ୍ୟ ଅତିଥିଭାବେ ସୁକରପଡା ସରପଞ୍ଚ ମନୋଜ କୁମାର ମଲିକ ଧାନ ମଣ୍ଡିକୁ ଉଦ୍‌ଘାଟନ କରିଥିଲେ।

ଏହି ଉତ୍ସବରେ ପୂର୍ବତନ ସମିତି ସଭ୍ୟ କଲାମଉଦ୍ଦିନ ଖାଁ, କମିଟିର ଉପସଭାପତି କନକଲତା ଷଡ଼ଙ୍ଗୀ, ଧାନ କ୍ରୟ କମିଟି ସଭ୍ୟ ମୃତ୍ୟୁଞ୍ଜୟ ସ୍ୱାଇଁ, ଭାଗବତ ଷଡ଼ଙ୍ଗୀ,ଜ୍ୟୋତି ପ୍ରକାଶ ସ୍ୱାଇଁ, ଅଜୟ କୁମାର ପଣ୍ଡା,ନାରାୟଣ ବେହେରା,ସଞ୍ଜୟ କୁମାର ନାୟକ, ପୂର୍ବତନ ସମ୍ପାଦକ ଅକ୍ଷୟ କୁମାର ଘଡାଇ ପ୍ରମୁଖ ଉପସ୍ଥିତ ଥିଲେ।

## ଧାନ ମଣ୍ଡିରେ ଚାଷୀଙ୍କ ଭିଡ଼

ମଣ୍ଡିରେ ସୁକରପଡା, କଟରପଡା, କଟିକଟା, କେଣ୍ଟାଳୋ ପଞ୍ଚାୟତର ୫୦୦ ଚାଷୀ ଧାନ ବିକ୍ରି ପାଇଁ ଅନ୍‌ଲାଇନ ମାଧ୍ୟମରେ ପଞ୍ଜୀକୃତ କରିଥିବା ବେଳେ ୨୬ ହଜାର କୁଇଣ୍ଟାଲ ଧାନ କ୍ରୟ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ସେହିପରି ଅସୁରେଶ୍ୱର ସେବା ସମିତିର ସଭାପତି ମନୋରଞ୍ଜନ ଭୂୟାଁ ଏବଂ ସମ୍ପାଦକ କୈଳାସ ଚନ୍ଦ୍ର ବାରିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସୋମବାର ମଣ୍ଡି ଉଦ୍‌ଘାଟନ କରାଯାଇ ଧାନକ୍ରୟ କରାଯାଇଛି। ପ୍ରଥମ ଦିନ ୬ ଜଣ ଚାଷୀଙ୍କ ଠାରୁ ୨୦୫ କୁଇଣ୍ଟାଲ ଧାନ କ୍ରୟ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସମବାୟବିତ ଅନନ୍ତ କୁମାର ଦାସ, କଟିକଟା ସରପଞ୍ଚ ଚିତରଞ୍ଜନ ମଲିକ ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ଭାବେ ବଳଦେବ ଜୀଉ ସେବା ସମବାୟ ସମିତି ପକ୍ଷରୁ ଧାନମଣ୍ଡି ଉଦଘାଟନ କରାଯାଇଛି। ଉଦଘାଟନୀ ଦିବସରେ ୮ ଜଣ ଚାଷୀଙ୍କ ଠାରୁ ୪୧୬ କୁଇଣ୍ଟାଲ ଧାନ କ୍ରୟ କରାଯାଇଥିବା ସମ୍ପାଦକ ବିଶ୍ୱଭୂଷଣ ସ୍ୱାଇଁ ପ୍ରକାଶ କରିଛନ୍ତି। ଉଦଘାଟକ ଭାବେ ସଭାପତି ତଥା ସମବାୟବିତ ଧିରେନ୍ଦ୍ରନାଥ ବେହେରା ଯୋଗଦେଇ ଚାଷୀମାନଙ୍କୁ ଉଦବୋଧନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମିର ତାହେଲ ଅଲ୍ଲୀ ସମେତ ଆରଏମ୍‌ସିର କର୍ମକର୍ତ୍ତା ଓ ସମିତିର କାର୍ଯ୍ୟକର୍ତ୍ତାମାନେ ଯୋଗ ଦେଇଥିଲେ।



ବଳଦେବ ଜୀଉ ସେବା ସମବାୟ ସମିତି ପକ୍ଷରୁ ଧାନମଣ୍ଡି ଉଦ୍‌ଘାଟନ କରାଯାଇଛି।